# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 22 | ଭାଗ ୩୪ | ସଂଖ୍ୟା ୨୨ Bhubaneswar | Monday 14 April 2025 | Page 8 Rs. 4.00 ● ଭୁବନେଶ୍ୱର ସୋମବାର ୧୪ ଏପ୍ରିଲ୍ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା





‘ଶତ୍ରୁ’ଙ୍କ ପ୍ରେମରେ ପ୍ରୀତି ପୃଷ୍ଠା ୬





## ଚିଲ ଚଞ୍ଚୁରେ ବାନା

ପୁରୀ,୧୩।୪(ସଂଚାର ବ୍ୟୁରୋ): ଆଜି ପୁରୀ ଶ୍ରୀମନ୍ଦିର ଚୂଡ଼ା ନିକଟରେ ଏକ ଭିନ୍ନ ଦୃଶ୍ୟ ଦେଖିବାକୁ ମିଳିଛି। ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଏକ ଚିଲ ତା’ର ଥଣ୍ଟରେ ପତିତପାବନ ବାନା ଧରି ଉଡୁଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏହି ଭିଡିଓ ଦେଖିବା ପରେ ଭକ୍ତମାନେ ଭୟଭୀତ ହୋଇଯାଇଛନ୍ତି। ଏପରି ଏକ ଦୃଶ୍ୟ ରାଜ୍ୟ ପାଇଁ ଶୁଭ କି ଅଶୁଭ, ତାକୁ ନେଇ ତର୍ଜମା ଆରମ୍ଭ ହୋଇଯାଇଛି। କିଛି ସମୟ ଶ୍ରୀମନ୍ଦିର ଉପରେ ଉଡିବା ପରେ ଚିଲଟି ମହୋଦଧି ଆଡ଼କୁ ଚାଲିଯାଇଥିଲା। ଆଉ ତା’ପରେ ଅଳ୍ପ କିଛି ସମୟ ପାଇଁ କାଳବୈଶାଖୀ ବର୍ଷା ହୋଇଥିଲା।

ଶନିବାର ସନ୍ଧ୍ୟାରେ ଶ୍ରୀମନ୍ଦିର ଉପରେ ଚୂନରା ସେବକମାନେ ନେତଲଗା କାର୍ଯ୍ୟ କରୁଥିବା ସମୟରେ ଏକ ଚିଲ ଶ୍ରୀମନ୍ଦିର ନିକଟରେ ନେତ ପରି ଦେଖାଯାଉଥିବା କପଡ଼ା ଧରି ଉଡ଼ିଥିଲା। ଚିଲଟି କିଛି ସମୟ ମନ୍ଦିର ଚାରିପଟେ ଏପଟ ସେପଟ ହେବା ପରେ ସେଠାରୁ ଦୂରକୁ ଉଡ଼ିଯାଇଥିଲା। ତେବେ ଏପରି ଏକ ଦୃଶ୍ୟ ଦେଖି ଶ୍ରଦ୍ଧାଳୁମାନେ ଭୟଭୀତ ହୋଇପଡ଼ିଛନ୍ତି। କାରଣ ଚିଲ ଏକ ଅଶୁଭ ସଙ୍କେତ ହୋଇଥିବାରୁ ଲୋକେ କୌଣସି ଅଜଣା ଆଶଙ୍କା କରୁଛନ୍ତି। କିଛି ଲୋକ ଏହାକୁ ମହାବିପତ୍ତି ଆସୁଛି ବୋଲି ମଧ ଭିଡିଓ କମେଣ୍ଟ ସେକ୍ସନ୍‌ରେ ମତ ଦେଇଛନ୍ତି।

ଆଉ କିଛି ଲୋକ କହିଛନ୍ତି ଯେ ରାଜ୍ୟରେ ଯେବେ ବି ମହାବିପତ୍ତି ଆସେ କାଳିଆ ସାଆନ୍ତେ କିଛି ନା କିଛି ସତର୍କ ସଙ୍କେତ ଦେଇଥାନ୍ତି। କିନ୍ତୁ ଶ୍ରୀମନ୍ଦିରର ଜଣେ ଚୂନରା ସେବାୟତ ଏହା କୌଣସି ଅଶୁଭ ସଙ୍କେତ ନୁହେଁ ବୋଲି କହିଛନ୍ତି। ବରଂ ଏହି ବାନାଟି ଯେଉଁ ସ୍ଥାନରେ ପଡ଼ିଥିବ, ସେ ସ୍ଥାନ ସକାଶେ ଏହା କିଛି ନା କିଛି ଶୁଭ ସୂଚନା ଆଣିବ ବୋଲି ଉକ୍ତ ସେବକ ଜଣଙ୍କ କହିଛନ୍ତି। ତେବେ ସେ ଯାହା ବି ହୋଇ ଥାଉନା କାହିଁକି ଏପରି ସଙ୍କେତ ବିଶ୍ୱ ପାଇଁ ଆଦୌ ଶୁଭଙ୍କର ନୁହେଁ ବୋଲି ଶ୍ରଦ୍ଧାଳୁମାନେ କହିଛନ୍ତି। ଅନ୍ୟପକ୍ଷରେ ଚିଲ ନେଇଯାଇଥିବା ବାନାଟି ସୁନା ଗୋସେଇଁଙ୍କ ଛାତ ଉପରେ ପଡ଼ିଥିବା ସୂଚନା ମିଳିଛି।

# ଶକ୍ତିଶାଳୀ ଲେଜର୍‌ଭିତ୍ତିକ ଅସ୍ତ୍ରର ସଫଳ ପରୀକ୍ଷଣ



- ଆଖି ପିଛୁଳାକେ ଧ୍ୱଂସ ହେବ ଡ୍ରୋନ୍
- ହାତଗଣତି ଦେଶ ତାଲିକାରେ ସାମିଲ୍

ନୂଆଦିଲ୍ଲୀ,୧୩।୪: ଭାରତ ଆଜି ଏକ ଶକ୍ତିଶାଳୀ ଲେଜର୍‌ଭିତ୍ତିକ ଅସ୍ତ୍ରର ସଫଳ ପରୀକ୍ଷଣ କରି ନିଜକୁ ହାତଗଣତି ସାମରିକ ଶକ୍ତିସମ୍ପନ୍ନ ରାଷ୍ଟ୍ର ମଧ୍ୟରେ ସାମିଲ୍ କରିଛି। ପ୍ରଥମ ଥର ପାଇଁ ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ (ଡିଆର୍‌ଡିଏଓ) ପକ୍ଷରୁ ଏକ ଡ୍ରୋନକୁ ଖସାଇ ଦେବା ପରେ ଏହି ପରୀକ୍ଷଣ ସଫଳ ହୋଇଛି। ଡିଆର୍‌ଡିଓ ପକ୍ଷରୁ ନିର୍ମିତ ଏକ ସିଷ୍ଟମ୍ ଡ୍ରୋନ୍‌କୁ ଏହି ଲେଜର୍‌ଭିତ୍ତିକ ଅସ୍ତ୍ର ଧ୍ୱଂସ କରିବାରେ ସକ୍ଷମ ହୋଇଛି। ପୂର୍ବରୁ ବିଶ୍ୱରେ କେବଳ ଚୀନ୍, ଆମେରିକା ଓ ରୁଷିଆ ପାଖରେ ଏହି ସାମରିକ ଦକ୍ଷତା ଥିବା ବେଳେ ଆଜି ଭାରତ ସେମାନଙ୍କ କାନ୍ଧରେ କାନ୍ଧ ମିଶାଇପାରିଛି। ଏହି ଲେଜର୍ ଭିତ୍ତିକ ଅସ୍ତ୍ର ଆକାଶ ମାର୍ଗରେ ନିର୍ଦ୍ଧାରିତ ଦୂରତାରୁ ଡ୍ରୋନ୍ ସହ ମିସାଇଲ୍ ଓ ଛୋଟ ଆକାରର ପ୍ରୋଜେକ୍ଟାଇଲ୍ ଆଦିକୁ ମଧ ଧ୍ୱଂସ କରିପାରିବ। ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏହି ଏମ୍‌କେ-୨(ଏ) ଲେଜର୍ ଭିତ୍ତିକ ଏନର୍ଜି ୱିପନ୍ (ଡିଇଡବ୍ଲ୍ୟୁ)ର କ୍ଷମତା ୩୦ କିଲୋୱାଟ୍ ହୋଇଥିବା ବେଳେ କୁର୍ନୁଲ୍‌ସ୍ଥିତ ନ୍ୟାସନାଲ୍ ଓପନ୍ ଏୟାର୍ ରେଞ୍ଜ୍ (ଏନ୍‌ଓଏଆର୍)ଠାରେ ଏହାର ସଫଳ ପରୀକ୍ଷଣ ସମ୍ପନ୍ନ ହୋଇଛି। ଏହି ଶକ୍ତିଶାଳୀର ଅସ୍ତ୍ରର ଡିଜାଇନ୍ ଓ ବିକାଶ ଡିଆର୍‌ଡିଓର ହାଇ ⮚ପୃଷ୍ଠା-୬

## ଧର୍ମଶାଳାରେ ବିହାର ଷ୍ଟାଇଲ୍

# ଛି ଛି ଛିରେ ଲିକୁ ଛି...

- ପ୍ରଣବଙ୍କ ଗାଡ଼ି ଉପରେ ସମର୍ଥକଙ୍କ ମରଣାନ୍ତକ ଆକ୍ରମଣ
- ଆକ୍ରମଣକୁ ସମାଲୋଚନା କଲେ ନବୀନ
- ବଢ଼ିଲା ବିଜେପି ନେତାଙ୍କ ଟେନ୍‌ସନ୍



ଧର୍ମଶାଳା, ୧୩।୪(ସଂଚାର ବ୍ୟୁରୋ): ଧର୍ମଶାଳାରେ ଭାଇରାଲ ହେଉଛି ଛି ଛି ଛିରେ ନନୀ ଛି...ଗୀତର ତାଳରେ ଛି ଛି ଛିରେ ଲିକୁ ଛି...। ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଉପରେ ସ୍ପଷ୍ଟ ଦିବାଲୋକରେ ଲିକୁଙ୍କ ସମର୍ଥକ ଓ ଖଣି ମାଫିଆ ମାରଣାସ୍ତ୍ରରେ ଆକ୍ରମଣ କରିବା ପରେ ଏବେ ଏହି ଗୀତଟି ଧର୍ମଶାଳାର ବିଭିନ୍ନ ସ୍ଥାନରେ ଘୂରି ବୁଲୁଛି। ବିଜେଡି ସମର୍ଥକଙ୍କ ସହିତ ଶାସକ ଦଳର କର୍ମୀଙ୍କ ମୁହଁରୁ ବି ଛି ଛି ଛିରେ ଲିକୁ ...ଗୀତ ଶୁଣିବାକୁ ମିଳୁଛି। ତେବେ ବର୍ତ୍ତମାନ ସମୟର ଏହି ଲୋକପ୍ରିୟ ଟ୍ରେଣ୍ଡିଂ ଗୀତ ସହ ତାଳ ଦେଇ ଯାଜପୁର ରାଜନୀତି ବି ତେଜିବାରେ ଲାଗିଛି ।

ଆକ୍ରମଣର ଶିକାର ହୋଇଥିବା ଶ୍ରୀ ବଳବନ୍ତରାୟ କହିଛନ୍ତି ଯେ ଏହି ଆକ୍ରମଣ ପଛରେ ରହିଛି ଡଙ୍କାରୀ ଖଣି ମାଫିଆ ମନୋଜ ସାମଲ ଓ ସରୋଜ ଜେନାଙ୍କ ହାତ। ଏମାନେ ହେଉଛନ୍ତି ଧର୍ମଶାଳା ବିଧାୟକ ଲିକୁ ସାହୁଙ୍କ ଲୋକ। ଗତ ମାର୍ଚ୍ଚ ୧୧ ତାରିଖରୁ ଆରୁହା ଖଣି ବନ୍ଦ ହୋଇଯିବା ପରେ ଏମାନେ ରକ୍ତମୁଖା ହୋଇଛନ୍ତି। ତେବେ ଆଜି ଆରୁହା ଗ୍ରାମବାସୀ ଶ୍ରୀ ବଳବନ୍ତରାୟଙ୍କୁ ତାଙ୍କ ଗ୍ରାମରେ ଚାଲିଥିବା ହିଙ୍ଗୁଳା ଯାତ୍ରାକୁ ଆସିବାକୁ ଅନୁରୋଧ କରିଥିଲେ। କିନ୍ତୁ ଶ୍ରୀ ବଳବନ୍ତରାୟଙ୍କୁ ଏଠାକୁ ଆସିବାରେ ରୋକିବାକୁ ଲିକୁ ସାହୁ ଦୁଇ ଖଣି ମାଫିଆଙ୍କୁ ଦାୟିତ୍ୱ ଦେଇଥିଲେ। ତଦନୁଯାୟୀ ଦୁଇ ଦିନ ଧରି ଗୁଣ୍ଡାମାନଙ୍କୁ ନିୟୋଜିତ କରାଯିବା ସହିତ ସେମାନଙ୍କୁ ⮚ପୃଷ୍ଠା-୬

## ବିଜେଡିର ଦୃଢ଼ ନିନ୍ଦା




ଭୁବନେଶ୍ୱର: ଆଜି ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଉପରେ ହୋଇଥିବା ସଂଘବଦ୍ଧ ଆକ୍ରମଣକୁ ବିଜେଡି ପକ୍ଷରୁ ଦୃଢ଼ ଭାବେ ନିନ୍ଦା କରାଯାଇଛି। ସ୍ଥାନୀୟ ବିଧାୟକ ହିମାଂଶୁ ସାହୁଙ୍କ ସହଯୋଗୀ ତଥା ଖଣି ମାଫିଆଙ୍କ ଏହି ସଂଘବଦ୍ଧ ଆକ୍ରମଣ କରିଥିବା ବେଳେ ସ୍ଥାନୀୟ ପୁଲିସ୍ ପ୍ରଶାସନ ଓ ଜେନାପୁର ଆଇଆଇସି ଉପସ୍ଥିତ ଥିଲେ ହେଁ ଆଶ୍ଚର୍ଯ୍ୟଜନକ ଭାବେ ଆକ୍ରମଣକାରୀଙ୍କୁ ଗିରଫ ନ କରି ସେମାନଙ୍କଠାରୁ ଭୁଜାଲି, ଖଣ୍ଡା, ଠେଙ୍ଗା ଓ ବାଡ଼ି ଆଦି ପୁଲିସ୍ ଜବତ କରିଛି ବୋଲି କହିଛନ୍ତି ଦଳର ମୁଖପାତ୍ର ଭୃଗୁ ବକ୍ସିପାତ୍ର। ସେ ଆଜି ସ୍ଥାନୀୟ ଶଙ୍ଖ ଭବନର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଶ୍ରୀ ବଳବନ୍ତରାୟଙ୍କ ଉପରେ ଘଟଣା ଘଟୁଥିବା ସମୟରେ ସେ ଯାଜପୁର ଏସ୍‌ପିଙ୍କୁ ଭିଡିଓ କଲ କଲା ପରେ ବି କୌଣସି ଉତ୍ତର ⮚ପୃଷ୍ଠା-୬

## ବିଜେପି ନେତା ଶିଖିଲେ ନୀତି ନୈତିକତାର ପାଠ

# ମାସରେ ସପ୍ତାହେ ଗାଁରେ ରୁହ



- ୟୁପି ଢାଞ୍ଚାରେ ବିକାଶ ପ୍ଲାନ୍ ପ୍ରସ୍ତୁତ କରିବାକୁ ପରାମର୍ଶ
- ତୁମେ କ୍ଷମତାରେ ରୁହ ନରୁହ, ଦଳ କ୍ଷମତାରେ ରହିବା ଦରକାର
- ବିଧାୟକ ଓ ସାଂସଦ ଅଫିସ ଚଳାଇବାକୁ ଦେଲେ ମନ୍ତ୍ର

ପୁରୀ,୧୩।୪(ସଂଚାର ବ୍ୟୁରୋ): ପୁରୀଠାରେ ଆଜି ଉଦ୍‌ଯାପିତ ହୋଇଥିବା ବିଜେପି ବିଧାୟକ, ସାଂସଦଙ୍କ ତିନିଦିନିଆ ପ୍ରଶିକ୍ଷଣ ଶିବିରରେ ସୁଶାସନ, ସଙ୍ଗଠନ ଓ ଜନ ସମ୍ପର୍କର ପାଠ ପଢିଲେ ଜନ ପ୍ରତିନିଧି। ୨୦୩୬ ପାଇଁ ବିଜେପି ଯେଉଁ ଭିଜନ ଡକ୍ୟୁମେଣ୍ଟ ତିଆରି କରିଛି, ତାକୁ ସଫଳ କରିବା ପାଇଁ କ୍ଷମତାରେ ରହିବାକୁ ପଡିବ। ତେଣୁ ତୁମେ କ୍ଷମତାରେ ରୁହ କି ନ ରୁହ, ଦଳ କ୍ଷମତାରେ ରହିବା ଦରକାର। ନିଜ ନିଜ ନିର୍ବାଚନମଣ୍ଡଳୀରେ କେମିତି ବିକାଶ ହେବ, ତା’ ଉପରେ ଗୁରୁତ୍ୱ ଦିଅ। ଶେଷ ଦିନରେ କେନ୍ଦ୍ରୀୟ ନେତାମାନେ ଦଳର ସବୁ ନେତାଙ୍କୁ ଏଭଳି ମନ୍ତ୍ର ଦେଇଛନ୍ତି।

ଉତ୍ତର ପ୍ରଦେଶ ଢାଞ୍ଚାରେ ନିର୍ବାଚନ ମଣ୍ଡଳୀୱାରୀ ପ୍ରଗତିର ଷ୍ଟାଟିଷ୍ଟିକାଲ ରିପୋର୍ଟ ତିଆରି କର। ନିର୍ବାଚନମଣ୍ଡଳୀରେ କ’ଣ ସବୁ ବିକାଶ ହେଉଛି, ତା’ ଉପରେ ପ୍ରତି ୩ ମାସରେ ଥରେ ରିପୋର୍ଟ ପ୍ରସ୍ତୁତ ପାଇଁ ପରାମର୍ଶ ଦେଇଛନ୍ତି କେନ୍ଦ୍ରୀୟ ନେତା। ବିଧାୟକ ଓ ସାଂସଦଙ୍କୁ ନୀତି, ନୈତିକତା ଏବଂ ଆଚରଣ ଉଚ୍ଚାରଣର ପାଠ ପଢାଇଲେ ବିଜେପି ସଂଗଠନର ଟପ୍ ଥ୍ରୀ ନେତୃତ୍ୱ। ୨୦୩୬ ଯାଏଁ ପାର୍ଟିକୁ କ୍ଷମତାରେ ରଖିବାକୁ ଦେଇଛନ୍ତି ଆହ୍ୱାନ। ଏଥିସହ ସାଂସଦ ଓ ବିଧାୟକମାନେ କିପରି ନିଜ ଅଫିସ୍ ଚଳାଇବେ ଆଉ କଥାବାର୍ତ୍ତା ବେଳେ କେମିତି ସଞ୍ଜମତା ରକ୍ଷା କରିବେ, ସେନେଇ ମନ୍ତ୍ର ଦେବା ସହ ଅତି କମରେ ମାସକୁ ଗାଁରେ ୭ ଦିନ ରହିବାକୁ ପରାମର୍ଶ ଦିଆଯାଇଛି।

ଲୋକଙ୍କ ସହ କଥା ହେଲା ବେଳେ ନମ୍ରତା ଓ ଶାଳୀନତା ରଖ। ପ୍ରଶିକ୍ଷଣ ଶିବିରର ଶେଷ ଦିନରେ ବିଜେପି ନେତାଙ୍କୁ ଏମିତି ଟିପ୍ସ ⮚ପୃଷ୍ଠା-୬



ଆରଏସଏସ୍ ବିଚାର ପରିବାରର ବରିଷ୍ଠ କାର୍ଯ୍ୟକର୍ତ୍ତା, ପୂର୍ବତନ ଜିଲ୍ଲା ପ୍ରଚାରକ, ବନବାସୀ କଲ୍ୟାଣ ଆଶ୍ରମର ପୂର୍ବତନ ରାଜ୍ୟ ସାଧାରଣ ସମ୍ପାଦକ ତଥା ପୂର୍ବକ୍ଷେତ୍ର ହିତରକ୍ଷା ପ୍ରମୁଖ ସ୍ୱର୍ଗତଃ ଡକ୍ଟର ଲକ୍ଷ୍ମୀକାନ୍ତ ଦାଶଙ୍କ ପୁରୀସ୍ଥିତ ବାସଭବନରେ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କୁ ଭେଟି ସମବେଦନା ଜଣାଉଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

# ଆଶା ଦିଦି ବାଣ୍ଟିବେ ଆୟୁଷ୍ମାନ କାର୍ଡ



ୀମାସରେ ସବୁ ହିତାଧିକାରୀ ପାଇବେ କାର୍ଡ

ଭୁବନେଶ୍ୱର, ୧୩।୪ (ସଂଚାର ବ୍ୟୁରୋ): ଗତ ୧୧ ତାରିଖରେ ରାଜ୍ୟରେ ଆୟୁଷ୍ମାନ ଯୋଜନା ଆରମ୍ଭ ହୋଇଥିବା ବେଳେ ଆଶା ଦିଦିଙ୍କୁ କାର୍ଡ ବାଣ୍ଟିବାର ଦାୟିତ୍ୱ ଦିଆଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ଜନସେବା କେନ୍ଦ୍ର ଓ ୪୮ ହଜାର ଆଶାକର୍ମୀଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ପ୍ରତି ବ୍ୟକ୍ତି ପିଛା କାର୍ଡ ଆଧାରରେ ଆଶାକର୍ମୀମାନେ ଘରକୁ ଘର ଯାଇ ଇ-କେୱାଇସି ମାଧମରେ କାର୍ଡ ବଣ୍ଟନ କରିବେ। ସମସ୍ତେ ନୂଆ ସ୍ୱାସ୍ଥ୍ୟ କାର୍ଡ ପାଇବା ପୂର୍ବରୁ ଯଦି କେହି ଜରୁରୀ ଚିକିତ୍ସା ସେବା ଆବଶ୍ୟକ କରନ୍ତି, ତା’ହେଲେ ସେମାନେ ନିଜ ଆଧାର କାର୍ଡ ମାଧମରେ ନିର୍ଦ୍ୱନ୍ଦ୍ୱରେ ଚିକିତ୍ସା ⮚ପୃଷ୍ଠା-୬

# ରାସ୍ତା ଉପରେ ମିନି ହୋଟେଲ !



ଟ୍ରାଫିକ ସମସ୍ୟା ପାଇଁ ଦାୟୀ କିଏ ?

କଟକ,୧୩।୪(ସଂଚାର ବ୍ୟୁରୋ): ଜନଗହଳିପୂର୍ଣ୍ଣ କଟକ ସହରର କଲେଜ ଛକ-ଜୁନୁଷପାଟଣା ଅଞ୍ଚଳରେ ଥିବା ହୋଟେଲ ଓ ଫାଷ୍ଟଫୁଡ ଦୋକାନଗୁଡ଼ିକ ଦିନକୁ ଦିନ ବ୍ୟବସାୟ ନିମନ୍ତେ ରାସ୍ତା ଉପରେ ଟେବୁଲ, ବେଞ୍ଚ ରଖି ଅତ୍ୟାଧୁନିକ ଢଙ୍ଗରେ ବ୍ୟବସାୟ କରୁଥିବା ଦେଖାଯାଉଛି। ଏହି ଦୋକାନ ରାସ୍ତା ଉପରେ ବେଆଇନ ଭାବେ ଜବରଦଖଲ କରି ଘରୋଇ ଗ୍ୟାସ ସିଲିଣ୍ଡର ଅପରାହ୍ନ ୫ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ଖାଦ୍ୟ ପ୍ରସ୍ତୁତ କରିବା ସହ ରାସ୍ତା ଉପରେ ଗ୍ରାହକଙ୍କ ପାଇଁ ଟେବୁଲ ବେଞ୍ଚ ପକାଇ ଖାଦ୍ୟ ପରଷୁଥିବା ⮚ପୃଷ୍ଠା-୬

# ଆଉ ଏ ଦଦରା ପ୍ଲେନ୍‌ରେ ଯିବିନି...

- ମଝି ଆକାଶରେ ଯାତ୍ରୀ ଛାନିଆ
- ହନୁମାନ ଚାଲିସା ପଢ଼ିଲେ
- ଜଣେ ଯାତ୍ରୀଙ୍କ ଚେତା ବୁଡ଼ିଲା
- ଓହ୍ଲାଇଲା ପରେ ବିଜେପି ନେତାଙ୍କ କାନଫଟା ଶୋଧା

ଭୁବନେଶ୍ୱରରୁ ରାଉରକେଲା ଯାଉଥିବା ବିମାନରେ ମଝି ଆକାଶରେ ଗୁରୁତର ଯାନ୍ତ୍ରିକ ତ୍ରୁଟି ଦେଖାଦେବାରୁ ଯାତ୍ରୀମାନେ ଛାନିଆ ହୋଇପଡ଼ିଥିଲେ। ଏପରିକି ଜଣେ ଯାତ୍ରୀ ନିଜ ଲୁଗାରେ ଝାଡ଼ାପରିସ୍ରା କରିଦେଇଥିବା ବେଳେ ଆଉ ଜଣଙ୍କର ଚେତା ବୁଡିଯାଇଥିଲା। ଜୀବନ ବଞ୍ଚାଇବା ପାଇଁ ମଝି ଆକାଶରେ କେତେକ ଯାତ୍ରୀ ସଙ୍କଟମୋଚକ ହନୁମାନଙ୍କୁ ଧାନ କରି ହନୁମାନ ଚାଳିଶା ବି ପାଠ କରିଥିଲେ। ଶେଷରେ ହନୁମାନଙ୍କ କୃପାରୁ ମଝି ଆକାଶରୁ ଆସି ବିମାନଟି ସୁରୁଖୁରୁରେ ଭୁବନେଶ୍ୱର ବିମାନବନ୍ଦରରେ



ପହଞ୍ଚିଥିଲା। କିନ୍ତୁ ବିମାନରୁ ଓହ୍ଲାଇବା ପରେ ଜଣେ ବିଜେପି ନେତା ବିମାନ ପରିଚାଳନା କମ୍ପାନୀକୁ ଶୁଦ୍ଧ ଓଡ଼ିଆ ଭାଷାରେ ଗାଳିଗୁଲଜ କରିବା ସହ ଆଉ ଜୀବନରେ କଦାପି ଏପରି ଦଦରା ପ୍ଲେନ୍‌ରେ ବସିବେ ନାହିଁ ବୋଲି ଏକରକମ ପ୍ରତିଜ୍ଞା କରିଥିଲେ। ଘଟଣାଟି ଘଟିଛି ଶନିବାର ଦିନ। ଭୁବନେଶ୍ୱରରୁ ରାଉରକେଲା ଯାଉଥିବା ୧୬ ସିଟ୍ ବିଶିଷ୍ଟ ବିମାନରେ ଜଣେ ବରିଷ୍ଠ ବିଜେପି ନେତା, ଶିକ୍ଷା ଓ ରିଅଲ୍ ଇଷ୍ଟେଟ୍ ବ୍ୟବସାୟ ସହିତ ଜଡିତ ଜଣେ ବିଜେଡି ନେତା ଓ ଆଉ କିଛି ଯାତ୍ରୀ ଯାଉଥିଲେ। କିନ୍ତୁ ଅଧା ବାଟ ଯିବା ପରେ ବିମାନଟି ହଠାତ୍ ମଝି ଆକାଶରେ ବାଦଲ ଭିତରେ ଫସିଯାଇଥିଲା। କିଛି କ୍ଷଣ ପାଇଁ ବିମାନଟି ଦୋହଲିବା ସହ ଅଟକିଯାଇଥିଲା। ⮚ପୃଷ୍ଠା-୬



## କାନ ଡେରିଥା

ଭଲ କାମ କଲେ ପ୍ରଶଂସା
ମିଳିବ
ଖରାପ କାମକୁ ବିରୋଧ
ନେତା ଥିଲାବେଳେ ଧମକ
ଦେଲ
ଏବେ ବାଜିଗଲା ବାଇଦ
କାମ ଯେ କରୁନି ଗଦ...
ବାଳ ଉପାଖ୍ୟାନ ସଭିଙ୍କ
ମନରେ
ପଢ଼ ରାଜନୀତି ବେଦ।

■ ଦେବାଶିଷ

# ବଦଳିବ ବିଜେଡିର ସାଙ୍ଗଠନିକ ରୂପରେଖ

- ନବୀନଙ୍କ ପରେ ଦ୍ୱିତୀୟ କ୍ଷମତା କେନ୍ଦ୍ରକୁ ନେଇ ଚର୍ଚ୍ଚା
- ବିଦ୍ରୋହ ଯୋଗୁଁ ଚୂଡ଼ାନ୍ତ ହୋଇପାରୁନି ଜିଲ୍ଲା ସଭାପତି
- ୧୯ରେ ଆନୁଷ୍ଠାନିକ ଭାବେ ସଭାପତି ହେବେ ନବୀନ
- ଆଉ ରହିବନି ସାଙ୍ଗଠନିକ ସମ୍ପାଦକ ପଦ




ଭୁବନେଶ୍ୱର,୧୩।୪(ସଂଚାର ବ୍ୟୁରୋ): ୧୬ ଜିଲ୍ଲାରେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି ବିଜେଡି ଜିଲ୍ଲା ସଭାପତି। ଏହିସବୁ ଜିଲ୍ଲାରୁ ଜଣେ ଲେଖାଏଁ ସଦସ୍ୟ ନାମାଙ୍କନପତ୍ର ଦାଖଲ କରିଥିବାରୁ ସେମାନେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ହେଲେ ଅନ୍ୟ ଜିଲ୍ଲାରେ ଏକାଧିକ ଆଶାୟୀଙ୍କ ପାଇଁ ବିବାଦ ଦୁଟୁନଥିବାରୁ ସଭାପତି ଚୟନ ହୋଇପାରୁନାହିଁ। ଆସନ୍ତା ୧୯ ତାରିଖରେ ସଭାପତି ନିର୍ବାଚନ ଥିବାରୁ ତା’ ପୂର୍ବରୁ ଜିଲ୍ଲା ସବୁ ଜିଲ୍ଲା ସଭାପତି, ଷ୍ଟେଟ କାଉନସିଲ ଓ ଷ୍ଟେଟ ଏକଜିକ୍ୟୁଟିଭ ନିର୍ବାଚନ ସରିବାକୁ ଲକ୍ଷ୍ୟ ରଖାଯାଇଛି। ଏ ଭିତରେ ନବୀନ ପଟ୍ଟନାୟକ ତାଙ୍କ ପରେ କିଏ ଦ୍ୱିତୀୟ କ୍ଷମତା କେନ୍ଦ୍ର ହୋଇ ଦଳରେ ରହିବେ ତାକୁ ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଯାଇଛି।

୨୦୦୦ ମସିହା ପରେ ପ୍ରଥମ ଥର ପାଇଁ ବିଜେଡି ବିରୋଧୀ ଦଳରେ ଥାଇ ସାଙ୍ଗଠନିକ ପୁନର୍ବିନ୍ୟାସ କରିବାକୁ ଯାଉଛି। ନବୀନ ପଟ୍ଟନାୟକ ଯେହେତୁ ଦୈନନ୍ଦିନ ବିଜେଡିର ରାଜନୈତିକ କାର୍ଯ୍ୟକ୍ରମର ପରିଚାଳନା କରିପାରିବେ ନାହିଁ, ଏହାକୁ ଦୃଷ୍ଟିରେ ରଖି କାହାକୁ ସେକେଣ୍ଡ-ଇନ-କମାଣ୍ଡ ରଖିବେ, ତା ଉପରେ ସମସ୍ତଙ୍କ ନଜର। କାରଣ ବିଜେଡି ସୂତ୍ରରୁ ମିଳୁଥିବା ସୂଚନାନୁଯାୟୀ, ପୂର୍ବରୁ ନବୀନ ପ୍ରଣବ ପ୍ରକାଶ ଦାସ ଓରଫ ବବିଙ୍କୁ ସାଙ୍ଗଠନିକ ସମ୍ପାଦକ କରି ତାଙ୍କ ପରେ ଦଳର ମୋଷ୍ଟ ପାୱାରଫୁଲ ଲିଡର ବନାଇଥିଲେ।

ହେଲେ ତାଙ୍କ ନେତୃତ୍ୱରେ ଦଳ ଗତ ନିର୍ବାଚନ ହାରିବା ସହ ଦଳରେ ବିଭାଜନ ସାଙ୍ଗକୁ ଏକାଧିକ ଅସନ୍ତୁଷ୍ଟ ଗୋଷ୍ଠୀ ଛିଡା ହୋଇଛନ୍ତି। ତେଣୁ ୱାକଫ ବିଲ ପରେ ବିଜେଡିରେ ସୃଷ୍ଟି ହୋଇଥିବା ଅସନ୍ତୋଷକୁ ପ୍ରଶମିତ କରିବା ସହ ସଂଗଠନ ଦାୟିତ୍ୱ କେଉଁ ସୂତ୍ରରେ ବାଣ୍ଟିବେ, ⮚ପୃଷ୍ଠା-୬



## ନୀଳନଈ

**ଡ. ଶୁଭେନ୍ଦୁ ମେହେର**

ପ୍ରତି ମୁହୂର୍ତ୍ତରେ
କୂଳ ଖାଉଥିବା
ଧାରେ ଝର୍ଝର ପାଣି ହିଁ ନୀଳନଈ !

ସର୍ତ୍ତ କି' ସ୍ୱାର୍ଥ ନଥିବା
ହଳେ ସଲ୍ଲଜ ସ୍ୱପ୍ନିଳ ଆଖିର
ଚଗଲି ପଣରେ
ନିଜକୁ ନିଜ ଭିତରୁ
ନିଖୋଜ କରି ପାରୁଥିବା
ସେ' ଘନ ଜଳରାଶି ହିଁ ନୀଳନଈ !

ତା'ର ସ୍ପର୍ଶ ବାଜିଲେ,
ଦୁଇପହରିଆ ଝାଉ ଅପସରି ଯାଏ,
ଧୁନ୍ଦି ନୀରବିଯାଏ
ତା' ଖୁଲ୍ ଖୁଲ୍ ଶବ୍ଦରେ
ପାହାଡ଼, ଗଛ, ଘାସ ଲହ
ଜୀବନ୍ୟାସ ପାଆନ୍ତି,
ଗଜାବଇସିଆ ଅଣ୍ଡିରା ପୁଅର
ନିଶ ପାଉଁଲେ
ନଇଁ ପଡ଼ିଥିବା ବୁଢ଼ା ବି ଭେଣ୍ଡା ହୁଏ।

ସେ.....
ଦିନର ଆଲୁଅରେ ହସେନି,
ରାତିର କଳା କିଟ୍‌କିଟ୍ ଅନ୍ଧାରରେ
ଭୟ ବି କରେନି।

ସେ' ସୁର ତୋଳିଲେ
ବୈଶାଖୀ ଝାଞ୍ଜି ଲାଗେ
ଶରତର କୁଆଁର ପୁନେଇଁ,
ସତେ ଯେମିତି ପଥର ଦେହରେ
ଫୁଟିଛି ସଦ୍ୟ କଇଁ।

ସେ' ବସନ୍ତର ବାସନ୍ତୀ ସନ୍ଧ୍ୟାରେ
କୋଇଲି ପରି ସୁର ତୋଳେ।
ନୀଳ ଆକାଶର ରଙ୍ଗ ଚୋରେଇ
ନୀଳ ପାଲଟେ
ସିନ୍ଦୂରା ଫାଟିଲେ।

ତା'ର ମଧୁର ରାଗରେ
କୁଆଁରୀ ଆମ୍ବ ବଉଳ
ଗର୍ଭିଣୀ ହୁଏ,
ଘାସ କଅଁଳେ, ପତ୍ର ପାଉଁଳେ
ଫୁଲ ବି ଫୁଟେ,
କୁଳୁ କୁଳୁ ସଙ୍ଗୀତରେ
ଜୁଆନ୍ ଛାତି ଥରାଇ ଦିଏ।

ଜ୍ଞାନଦେଈ ମାଲୁଣୀ ଠୁ
ଗାଙ୍ଗୀ ଗଉଡୁଣୀ ପର୍ଯ୍ୟନ୍ତ
ତା' କଥାରେ ଥାଏ ସମସ୍ତ କୁହୁକ,
ସେ' ଜାଳି ପାରେ,
ସେ' ଜଳି ବି ପାରେ !
ତେଣୁ ମୁଁ ବୁଝିନିଏ
ସିଏ ହିଁ ମୋ' ଏକାନ୍ତ ସନ୍ତକ।

ତା' ଦେହରେ ଥାଏ,
କୋରାପୁଟିଆ ଧାଙ୍ଗଡ଼ି ନନୀର
ପାହାଡ଼ି କହଁର।
ତା' ସ୍ୱରରେ ମୁଁ ପାଏ
ଘୁଡ୍‌କି ଓ କେନ୍ଦରାର ମିଶ୍ରିତ
ଝଙ୍କାର।

**ଯାଲୋଏ, ସୁବର୍ଣ୍ଣପୁର**
**ମୋବାଇଲ:**
**୯୯୩୮୪୩୩୬୭୪**

# ଆଶୀର୍ବାଦ



**ପବିତ୍ର ବେହେରା**



ଆରିଆନ୍, ଜଣେ ଧନୀ ବ୍ୟବସାୟୀ, ତାଙ୍କ ପତ୍ନୀ ମନସ୍ୱିତାଙ୍କ ସହ ଆମେରିକାରେ ରୁହନ୍ତି। ଓଡ଼ିଶାର ପୁରୀରେ ଜନ୍ମିତ ଓ ଲାଳିତପାଳିତ ମନସ୍ୱିତା ପ୍ରଭୁ ଜଗନ୍ନାଥଙ୍କ ଜଣେ ବଡ ଭକ୍ତ ଏବଂ ପ୍ରଭୁଙ୍କର ଅନୁଗାମୀ ଥିଲେ। ଅପରପକ୍ଷରେ, ଆରିଆନ୍ ଜଣେ ସନ୍ଦିଗ୍ଧ ବ୍ୟକ୍ତି ଥିଲେ, ଯିଏ ବିଶ୍ୱାସ କରୁଥିଲେ ଯେ ଅର୍ଥ ହିଁ ହେଉଛି ଚୂଡ଼ାନ୍ତ ଶକ୍ତି। ଆରିଆନ୍ ତାଙ୍କ ଜୀବନ ତାଙ୍କ ଅଫିସ୍‌ର ଚାରିପାଖେ ଦୌଡ଼ିବା ଏବଂ ସମ୍ପତ୍ତି ସଂଗ୍ରହ କରିବାରେ ବିତାନ୍ତି। ଏବେ, ସବୁକିଛି ଓଲଟପାଲଟ ହୋଇଗଲା, ଯେତେବେଳେ, ଦିନେ କୌଣସି ଅଜଣା ରୋଗ ତାଙ୍କୁ ଅସ୍ୱାଭାବିକ ଭାବରେ ଧରିନେଲା। ସହରର ସର୍ବୋତ୍ତମ ଚିକିତ୍ସକଙ୍କ ମାଧ୍ୟମରେ ମଧ୍ୟ ସେ ସଠିକ୍ ଭାବରେ ରୋଗ ନିର୍ଣ୍ଣୟ କରିବାରେ ବିଫଳ ହୁଅନ୍ତି। ମନସ୍ୱିତା ଭାଙ୍ଗି ପଡ଼ିଥିଲେ, କିନ୍ତୁ ସେ ଆଶା ହରାଇ ନଥିଲେ। ସେ ପ୍ରଭୁ ଜଗନ୍ନାଥଙ୍କୁ ତାଙ୍କ ସ୍ୱାମୀଙ୍କ ସୁସ୍ଥତା ପାଇଁ ଆଶୀର୍ବାଦ ମାଗି ଆନ୍ତରିକତାର ସହ ପ୍ରାର୍ଥନା କରୁଥାନ୍ତି। ଏପରିକି ସେ ଆରିଆନ୍ ଙ୍କୁ ମନ୍ଦିର ପରିଦର୍ଶନ କରିବାକୁ ରାଜି କରାଇଥିଲେ, ଏହି ଆଶାରେ ଯେ ଦିବ୍ୟ ଶକ୍ତି ତାଙ୍କୁ ନିଶ୍ଚେ ସୁସ୍ଥ କରିବ। ହଠାତ୍ ଦିନେ, ଗୋଟିଏ ଏଗାର ବର୍ଷର ବାଳକ ସେମାନଙ୍କ ଦ୍ୱାରଦେଶରେ ଆସି ପହଁଚିଲା। ସେ ନିଜକୁ ଜଣେ ଯୋଗୀ ବାବା, ଭାରତର ଜଣେ ଯୁବ ଆଧାତ୍ମିକ ଗୁରୁ ଭାବରେ ପରିଚୟ ଦିଅନ୍ତି। ମନସ୍ୱିତା ତାଙ୍କୁ ଭବ୍ୟ ସ୍ୱାଗତ କଲେ ଏବଂ ତାଙ୍କୁ ରାତ୍ରି ଭୋଜନ ପ୍ରଦାନ କଲେ। ଯେତେବେଳେ ସେମାନେ ଖାଇବାକୁ ବସିଲେ, ପଚାରିଲେ, "ତୁମର ପରିବାରର ଅନ୍ୟ ସଦସ୍ୟମାନେ କେଉଁଠି ଅଛନ୍ତି?" ସେ କାନ୍ଦି କାନ୍ଦି ତାଙ୍କୁ କହିଥିଲେ ଯେ ତାଙ୍କ ସ୍ୱାମୀ ଅସୁସ୍ଥତା କାରଣରୁ ଶଯ୍ୟାଶାୟୀ ଅଛନ୍ତି। ସେ ଶୁଣିଲେ ଏବଂ ଆରିଆନ୍ ଙ୍କୁ ଦେଖିବାକୁ କହିଲେ। ମନସ୍ୱିତା ତାଙ୍କୁ ଆରିଆନ୍ ଙ୍କ କୋଠରୀକୁ ନେଇଗଲେ, ଯେଉଁଠାରେ ବାଳକ ତାଙ୍କୁ ଧୀରେ ଧୀରେ ଉଠେଇଲେ ଏବଂ ତାଙ୍କୁ ଖାଇବାକୁ ଉତ୍ସାହିତ କଲେ। ଆରିଆନ୍ ପ୍ରଥମେ ଦ୍ୱିଧାଗ୍ରସ୍ତ ଥିଲେ, କିନ୍ତୁ ପୁଅର ଦୟାଳୁ ଆଚରଣ ତାଙ୍କୁ ଶାନ୍ତ କରିଥିଲା।ମନସ୍ୱିତାଙ୍କୁ ଆଶ୍ଚର୍ଯ୍ୟ କରି ଆରିଆନ୍ ଦ୍ରୁତ ଗତିରେ ସୁସ୍ଥ ହେବାକୁ ଲାଗିଲେ। ସେ ଚାଲିବା ଆରମ୍ଭ କଲେ ଏବଂ ଶୀଘ୍ର ନିଜର ଶକ୍ତି ଫେରି ପାଇଲେ। ମନସ୍ୱିତା ଅତ୍ୟନ୍ତ ଆନନ୍ଦିତ ହୋଇଥିଲେ ଏବଂ ଭଗବାନ ଜଗନ୍ନାଥଙ୍କୁ ତାଙ୍କ ଆଶୀର୍ବାଦ ପାଇଁ ଧନ୍ୟବାଦ ଜଣାଇଥିଲେ। ଆରିଆନ୍ ମଧ୍ୟ ଏକ ପରିବର୍ତ୍ତନର ସମ୍ମୁଖୀନ ହୋଇଥିଲେ। ସେ ହୃଦୟଙ୍ଗମ କଲେ ଯେ ଜୀବନରେ କେବଳ ଧନ ଏବଂ ଭୌତିକ ସମ୍ପତ୍ତି ବ୍ୟତୀତ ଆହୁରି ଅନେକ କିଛି ଅଛି। ସେ ବିଶ୍ୱାସ ଏବଂ ଆଧାତ୍ମିକତାର ଶକ୍ତି ଉପରେ ବିଶ୍ୱାସ କରିବାକୁ ଲାଗିଲେ। ଆରିଆନ୍ ଏବଂ ମନସ୍ୱିତା ମିଶି ଆମେରିକାରେ ଭଗବାନ ଜଗନ୍ନାଥଙ୍କୁ ଉତ୍ସର୍ଗୀକୃତ ଏକ ମନ୍ଦିର ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଥିଲେ। ସେମାନେ ସେମାନଙ୍କର ଧନକୁ ଦାତବ୍ୟ କାର୍ଯ୍ୟରେ ଖର୍ଚ୍ଚ କରିଥିଲେ, ଆବଶ୍ୟକ କରୁଥିବା ଲୋକଙ୍କୁ ସାହାଯ୍ୟ କରିଥିଲେ ଏବଂ ପ୍ରେମ ଏବଂ କରୁଣାର ବାର୍ତ୍ତା ପ୍ରଚାର କରିଥିଲେ। ଆରିଆନ୍ ଙ୍କ ଯାତ୍ରା ବିଶ୍ୱାସର ଶକ୍ତି ଏବଂ ଆଧାତ୍ମିକ ଅଭିବୃଦ୍ଧି ସହିତ ଭୌତିକ ସମ୍ପଦକୁ ସନ୍ତୁଳିତ କରିବାର ଗୁରୁତ୍ୱର ଏକ ପ୍ରମାଣ ଥିଲା। ସେ ଜାଣିବାକୁ ପାଇଲେ ଯେ ପ୍ରକୃତ ସୁଖ ଏବଂ ପୂର୍ଣ୍ଣତା ଭିତରୁ ଆସିଥାଏ, ଏବଂ ବେଳେବେଳେ, ଜଣଙ୍କ ଜୀବନକୁ ସବୁଦିନ ପାଇଁ ବଦଳାଇବା ପାଇଁ କେବଳ ଟିକିଏ ବିଶ୍ୱାସ ଆବଶ୍ୟକ।

**ସମ୍ବଲପୁର, ମୋବାଇଲ୍: ୭୭୫୧୦୭୫୨୫୦**

## ମହା ବିଷୁବ ସଂକ୍ରାନ୍ତି



**ସ୍ୱାଗତିକା ସାହୁ**

ବିଶ୍ୱ ସର୍ଜନାର ଦିବ୍ୟ ତୂଳୀ ସ୍ପର୍ଶ
ପ୍ରତ୍ୟୟ ଉପସ୍ଥିତି ବାରି ହୁଏ...
ପ୍ରତିଟି ମଧୁ ପାର୍ବଣର ମହୋଧିରେ
କ୍ରାନ୍ତି ରେଖାରେ ସୂର୍ଯ୍ୟଙ୍କ ଆଗମନ
ଦଗ୍ଧ ବୈଶାଖୀକୁ କରେ ନିମନ୍ତ୍ରଣ...!
ପବିତ୍ର ମହା ବିଷୁବ ସଂକ୍ରାନ୍ତିକୁ
ନେଇ ଶୁଷ୍କ ଦୁର୍ବାଦଳ ସତେ
ବାଣ୍ଟେ ପ୍ରୀତିର ମହକ...!
ଏଇ ତ ବସନ୍ତ ଋତୁ ନିଏ ବିଦାୟ
ଗାଥା,କିମ୍ବଦନ୍ତୀ ବଖାଣୀ କହେ
ଏ ପଣା ସଂକ୍ରାନ୍ତିର ମହତ୍ତ୍ୱ...!
ବୈଶାଖୀ ମାସ ଆଦ୍ୟ ଦିବସ
ହିନ୍ଦୁ ପାଳେ ପବିତ୍ର ନବବର୍ଷ
ନୂତନ ପାଞ୍ଜିକା ହୁଏ ଉନ୍ମୋଚନ...
ଓଡ଼ିଆ ପ୍ରାଣେ ଭରେ ହର୍ଷ ଉଲ୍ଲାସ।
ହସିଥିଲା ନବ ପ୍ରସୂତି ନେଇ ଧରା
ବୀର ହନୁମାନଙ୍କ ଜନ୍ମ ଜୟନ୍ତୀରେ...
ରକ୍ଷକ ସାଜିବେ ଆଜି
ଅଗ୍ନି ବାୟୁ ପ୍ରକୋପରୁ....!
ତ୍ରସ୍ତ, ବ୍ୟାକୁଳ ଜନ ଜୀବନ ପାଇଁ
ପରମ ସର୍ବୌଷଧି ପଣା ଭୋଗ ବିଧି
ଛତୁଆ,ଦହି,ଗୁଡ଼,କଦଳୀ,ନଡ଼ିଆ
ଆଉ ବେଲ ପଣାର ନିଆର ମହକ...!
ଓଡ଼ିଆ ଦେବଦେବୀଙ୍କ ସ୍ୱତନ୍ତ୍ର ପୂଜା, ଭୋଗ
ପବିତ୍ର ଝାମୁ ଯାତ୍ରା ହୁଏ ପାଳିତ
ଚଣ୍ଡୀ, ସାରଳା, ବିରଜା, ଠାକୁରାଣୀ ପିଠେ
ଅନ୍ତ ହୁଏ ପ୍ରସିଦ୍ଧ ଦଣ୍ଡକାଳୀ ଯାତ୍ରା...
ଉତ୍ତର ଓଡ଼ିଶାର ଚଡକ ପର୍ବ ଏ
ଓଡ଼ିଆଣୀ ସିଞ୍ଚେ ଜଳ ବାନ୍ଧି ଠେକି...
ପବିତ୍ର ଚଉରା ତୁଳସୀ ମୂଳେ ।
ସୂର୍ଯ୍ୟଙ୍କ ଉତ୍ତାପ ବୃଦ୍ଧି ସହ
ହୁଏ ହଜମ ଶକ୍ତିର ବୃଦ୍ଧି...!
ସଂସ୍କୃତି, ପରମ୍ପରାର ନିଆରା ପର୍ବ
ବୁଣୀ ପରସ୍ପରେ ଐକ ସମ୍ପର୍କ
ବାନ୍ଧେ ଏକ ସୂତ୍ରେ ଭାତୃତ୍ୱ ପଣେ
ଉଜ୍ଜିବୀତ ରହୁ ପ୍ରଚଳିତ ପ୍ରଥା...
ଭାବନାଶିକ୍ତ ହେଉ ଭକ୍ତି ଭାବ
ସ୍ୱର୍ଗଠୁ ସୁନ୍ଦର ସ୍ୱର୍ଗଟେ ପାଲଟୁ ଏ ଧରା ।

**ନବରଙ୍ଗପୁର, ଉମରକୋଟ**

# ଗାଁ ଧାନକ୍ଷେତ 'ମୋ ପିଲାଦିନ'



**ପୁଷ୍ପଲତା ମିଶ୍ର**



ମୋ ବାପା ପ୍ରାଇମେରୀ ସ୍କୁଲର ପ୍ରଧାନ ଶିକ୍ଷକ। ମୋ ବାପା ବଡି ସକାଳରୁ ଉଠି ଧାନ କ୍ଷେତ କୁ ଯାଇ କିଛି କାମ କରି ଆସି ସ୍କୁଲ ଗଲା ବେଳେ ବୋଉକୁ କୁହନ୍ତି, ଜାଣିଲ ବାସନ୍ତୀ ତଳ କିଆରୀରେ ଯୋଉ ବସୁମତୀ ଧାନ ହେଇଛି, ଧାନ କେଣ୍ଡା ଯାହା ହେଇଛି ଲୋଭ ଲାଗୁଛି। ଚାଷବେଳରେ ମନୁଆକୁ ମାଗିଲି ବିହନ କିଛି ଦେ, ସେ କିନ୍ତୁ ଦେଲେନି ଆମରି ତ ବସୁମତୀ ଧାନ ନାହିଁ। ବିହନ କିଛି ଆଣି ଥିଲେ ମୋ ପିଲା ଖିରି ଚାଉଳ ଖାଇ ଥାନ୍ତେ। ଏହି ଧାନ କ୍ଷେତ ରୁ ଦୁଆଳି ଆସି ଧାନ କାଟିଲା ବେଳେ ମୁଁ ମଧ ତଙ୍କ ସହ ଧାନ କାଟି ହଳା କିଛି ପାଇଲେ ଆର ସନ କୁ ବିହନ ରଖି ପାରିବି କିନ୍ତୁ ମୁଁ ତ ସ୍କୁଲ ପଳାଉଛି କେତେବେଳେ ଧାନ କାଟିବେ ଜାଣି ପାରିଲେ ତ??

ବାପାଙ୍କର ଏହି ପଦକ କଥା ମୁଁ ଶୁଣି ଦେଇଥିଲି। ସେଦିନ ବାପା ସ୍କୁଲ ପଳାଇ ଥିଲେ ଏହି ସମୟ ରେ ଲୁଙ୍ଗିଆ ଦାଦି, ହରି ଭାଇ ଆସିଲେ ଧାନ କାଟିବାକୁ,ତାଙ୍କୁ ଦେଖି ବାପାଙ୍କ କଥା ମନେ ପଡିଗଲା। ମୁଁ ଘରକୁ ଦଉଡ଼ି ଗଲି ଘରୁ ଦା ଆଣି ତାଙ୍କ ସହ ମିଶି ଧାନ କାଟିଲି ,ସେମାନେ ଆଶ୍ଚର୍ଯ୍ୟ ହୋଇଗଲେ କହିଲେ ଏ ଝିଅ ତୁ କାହିଁକି କାଟୁଛୁ ? ମୁଁ ଖାଲି ଆବୁରା ପକେଇ କହୁଥାଏ ତୁମେ କେହି ଏ ସବୁ କାଟନା।ମୁଁ ଏ ସବୁ କାଟିବି ଚାରଣ୍ଡା ହଳା ହେଲେ ଦୁଇଟା ହଳା ମୁଁ ପାଇବି ମୋ ବାପା ବିହନ ରଖିବେ। କାଟି ପାରୁ ନ ଥାଏ ତଥାପି କଷ୍ଟେ ମଷ୍ଟେ କାଟିଲି ଲୁଙ୍ଗିଆ ଦାଦି ଓ ହରି ଭାଇ ବି ମୋ ପାଇଁ କିଛି ଧାନ କାଟି ଦେଲେ ପ୍ରଥମେ ବୁଝି ପାରିଲିନି।

କାନ୍ଦିଲି ଆଉ କହିଲି ତୁମେ ଏ ସବୁ କାଟନା ମୁଁ ସବୁ କାଟିବି ସେମାନେ କହିଲେ ହୁଣ୍ଡି ଝିଅ ଟା କି ଆମେ ତୋ ପାଇଁ କାଟି ଦଉଛୁ। ବାପା ସ୍କୁଲ ରୁ ଆସି ଦେଖିଲେ ଧାନ କଟା ସରିଛି ,ମନ ଦୁଃଖ ରେ ବାଡି ପଟ କୂଅ ପାଖରେ ଥକା ମାରି ବସିଥାନ୍ତି। ବୋଉ ଆସି ପଚାରିଲା କଣ ହେଲା ଏମିତି କାହିଁକି ବସିଛ? ବାପା ଥରିଲା କଣ୍ଠ ରେ କହିଲେ ମୁଁ ସ୍କୁଲ ଗଲା ପରେ ମନୁଆ ଦୁଆଳି ପକାଇ ଧାନ କାଟି ସାରିଛି। କେତେ ଆଶା କରିଥିଲି ଧାନ କାଟି ହଳା ଆଣିଲେ ମୋର କିଛି ବିହନ ହେଇଯିବ। ବୋଉ ହସିଲା ଆଉ କହିଲା ତୁମ ଆଦର୍ଶ ରେ ଗଢ଼ି ହୋଇଥିବା ପିଲା ମନେ ତୁମର ମାନ ସମ୍ମାନ ରଖି ଦେଇଛନ୍ତି। କଣ ତୁ କହୁଛୁ ମୋ ପିଲା ମନେ କଣ କରିଛନ୍ତି ?

ପାକି ଯାଇ ଦୁଆଳି ଙ୍କ ସହ ମିଶି ଧାନ କାଟିଛି ,କାଲି ବନ୍ଧା ହବ ଗଣିକି ହଳା ଆଣିବ। ବାପା ଖୁସି ହେଇ ଗଲେ,ତା ପର ଦିନ ହଳା ବାନ୍ଧି ମନୁଆ କକେଇଙ୍କ ଖଳାକୁ ନେଇ ଗଣିଲେ କେତେ ବିଡା ହେଇଛି ଆଠ ଗଣ୍ଡାରେ ଦୁଇଟି ହଳା ହୁଏ। ମୋର ଧାନ ବିଡା ହେଇ ଥିଲା ଷୋହଳ ଗଣ୍ଡା। ବାପା ଚାରିଟି ହଳା ଆଣି ଧାନ ବିହନ ରଖିଲେ। ବାପା ଖୁସି ହୋଇ ପିଠି ଆଉଁସି କହିଲେ ମୋ ପିଲା କେଉଁଠି ହାରିବନି। ମୁଁ ଆତ୍ମ ତୃପ୍ତି ର ହସ ହସୁ ଥିଲି,ସ୍ମୃତି ଅନୁଭୂତିର ହସ !!

**ଭୁବନେଶ୍ୱର**
**ମୋବାଇଲ୍: ୯୩୩୮୨୯୪୬୫୭**

## କେମିତି ରହିଛ ଦୂରେ



**ଡଃ ନାରାୟଣ ଚନ୍ଦ୍ର ସେନାପତି**

ବାଦଲ ସିନା ଢାଙ୍କି ଦିଏ ସୂର୍ଯ୍ୟଙ୍କୁ
କିଛି କ୍ଷଣ ପାଇଁ
ପାହାଡ ସିନା ଛେକି ଦିଏ ପବନକୁ
ଅଳ୍ପ ମୁହୂର୍ତ୍ତ ପାଇଁ
ହେଲେ ପାରିବ କି ତୁମ ପ୍ରେମର
ସୁଅକୁ ଅଟକାଇ
ରାଗ ଅଭିମାନର ଶକ୍ତ ସେତୁ ବାନ୍ଧି
ମୋ ଠୁଁ ଦୂରେଇ ରହି।
ତୁମେ କହିଥିଲ
ମୁଁ ଜନ୍ମ ତୁମେ ମୋ କଇଁ
ମୁଁ ଖରା ହେଲେ ତୁମେ ମୋ ଛାଇ
ସାତ ଜନ୍ମ ପାଇଁ ଆମ ଏ ପବିତ୍ର ବନ୍ଧନ
ରହିଛି ରହିବ ଯୁଗ ଯୁଗକୁ
ଜଗତ ହୋଇ ପାରେ ମିଥ୍ୟା
କିନ୍ତୁ ଆମେ ଦୁହେଁ କେହି କାହାକୁ
କେବେବି ଦୂରେଇ ଦେବା ନାହିଁ ?
ମୋ କଣ୍ଠସ୍ୱର ନ ଶୁଣିଲେ
ହେଉଥିଲ ଅସ୍ତ ବ୍ୟସ୍ତ
କାନ୍ଦୁଥିଲ ପାଗଳିନୀ ସାଜି,
ମୋ ପ୍ରତିବିମ୍ବ ତୁମ ଆଖି ନ ଚୁମିଲେ
ସବୁ କିଛି କରୁଥିଲ ଭୁଲ
ଭିତରେ ଗରଜି ଗରଜି,
ହେଲେ ଏବେ ତୁମ ନୀରବ ନିଶ୍ଚଳ ରୂପ
ଲାଗୁଛି ଏକ କୃତ୍ରିମ ଗିରି
କେମିତି ରହିଛ ଦୁରେ ଶୁଖାଇ ତୁମ
ପ୍ରୀତି ମନ୍ଦାକିନୀ
ପରୋକ୍ଷରେ ମୋ ବୁକୁ ଚିରି।
ତୁମେ ପରା ଥିଲ ଏକ ଅମାନିଆ ଝରଣା
ବହୁଥିଲ ମୋ ନିଦାଘ ଛାତି ଉପରେ
ସାଜି ହସ କିଲେଇ,
କେବେ ମୋ ଆଖିର ବର୍ଷାକୁ ପୋଛୁଥିଲ
ତୁମ ପ୍ରେମର ପଣତ କାନିରେ
ମୋତେ ବୁଝେଇ ଶୁଝେଇ,
ତୁମ ଆଖିରେ ଦେଖୁଥିଲି ବିମୁଗ୍ଧ
ପୁନେଇଁ ଜହ୍ନ
ମଧୁ ପିଇ ପିଇ
ଦେଖୁନ ମୋ ଅନିଦ୍ରା ଦେଖି କାନ୍ଦୁଛି
ବିଚାରି ରାତ୍ରୀ
ଧକେଇ ଧକେଇ
କେମିତି ରହିଛ ଦୁରେ ସାଜି ହୃଦୟ
ହୀନା
ପଡୁନି କି ମନେ ଆମ ଅଲିଭା
ଅଭୁଲା ସ୍ମୃତି
ଯିଏ ପ୍ରତି ମୁହୂର୍ତ୍ତରେ ମୋ ଛାତିକୁ
ଦେଉଛି ଶିହରାଇ।

**ଜମ୍ବିରା, କେନ୍ଦୁଝର**

## ପ୍ରେମିକାର ପ୍ରଶ୍ନ

**ତୃଷ୍ଣା ପ୍ରିୟଦର୍ଶିନୀ**



ଲେଖିବି କବିତା ତୁମରି ନାଁରେ
ସବୁର ଶୀର୍ଷକ ତମେ ସାଜିବ,
ମନ ମନ୍ଦିରରେ ପୂଜିବି ତମକୁ
ଆଶା ଭରସାର ଲଗେଇ ଭୋଗ।।।
ପାରିବ ତ ହୋଇ ମନର ମଣିଷ
ପାରିବ ତ ପଢ଼ି ଆଖିର ଭାଷା,
ରଖି ପାରିବ ତ ବିଶ୍ୱାସର ଲାଜ
ହୋଇପାରିବ ତ ମୋର ପ୍ରେମିକ ???
ଠକି ଯିବନି ତ ବାଟ ମଝିଟାରୁ
ଛାଡ଼ି ଦେବନି ତ ଅଧାରୁ ହାତ
କହିବନି ଆଉ ପାରୁନି ସମ୍ଭାଳି
ଦେଇ ଦେବନି ତ ଭାଗ୍ୟର ଦୋଷ !!!

**ଭିଆଇପି ରୋଡ୍, ପୁରୀ**



## ପ୍ରେମିକାର ପ୍ରଶ୍ନ

**ତୃଷ୍ଣା ପ୍ରିୟଦର୍ଶିନୀ**

ଲେଖିବି କବିତା ତୁମରି ନାଁରେ
ସବୁର ଶୀର୍ଷକ ତମେ ସାଜିବ,
ମନ ମନ୍ଦିରରେ ପୂଜିବି ତମକୁ
ଆଶା ଭରସାର ଲଗେଇ ଭୋଗ।।।

ପାରିବ ତ ହୋଇ ମନର ମଣିଷ
ପାରିବ ତ ପଢ଼ି ଆଖିର ଭାଷା,
ରଖି ପାରିବ ତ ବିଶ୍ୱାସର ଲାଜ
ହୋଇପାରିବ ତ ମୋର ପ୍ରେମିକ ?

ଠକି ଯିବନି ତ ବାଟ ମଝିଟାରୁ
ଛାଡ଼ି ଦେବନି ତ ଅଧାରୁ ହାତ
କହିବନି ଆଉ ପାରୁନି ସମ୍ଭାଳି
ଦେଇ ଦେବନି ତ ଭାଗ୍ୟର ଦୋଷ !

**|| ପ୍ରେମିକର ଉତ୍ତର ||**

ଭାବିବନି କେବେ ଛାଡ଼ିଦେବି ହାତ
ଆଣିବନି ମନେ ଟୋପେ ସନ୍ଦେହ,
ସମ୍ପର୍କ ଆମର ଏ ଜନ୍ମର ନୁହେଁ



ଚାହିବା ପାଇବା, ଜିତିବା ହାରିବା
ଖେଳ ଏ ସମୟ ଆଉ ଭାଗ୍ୟର,
ଶେଷ ଯାଏ କିନ୍ତୁ ଅପେକ୍ଷା କରିବି
ରହିବି ମୁଁ ହୋଇ ଖାଲି ତୁମର।।

**ଭିଆଇପି ରୋଡ୍, ପୁରୀ**

# ଇତିହାସ ପଢ଼ିବା କାହିଁକି



**ଡ. ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ**

ଦିନେ ଇଂରାଜୀ ସମ୍ମାନ ଶ୍ରେଣୀରେ କ୍ଲାସ୍ ନେଲା ବେଳେ ଭାରତୀୟ ଇଂରାଜୀ ସାହିତ୍ୟର ଅଭ୍ୟୁଦୟ ପଢେଇବାର ଥିଲା। ଏହା ଭାରତରେ ଇଷ୍ଟ ଇଣ୍ଡିଆ କମ୍ପାନୀର ପ୍ରବେଶ ଠାରୁ ଆରମ୍ଭ ହେଇଛି। ଧିରେ ଧିରେ ଇଂରାଜୀ ଭାଷାର ଶିକ୍ଷା, ଏଥିରେ ଲେଖା ହୋଇ ଥିବା ପ୍ରାରମ୍ଭିକ ରଚନାକୁ ଆସିବାକୁ ହେବ। ପଢା ଭିତରେ ଜଣେ ଝିଅର ଆଖି ବନ୍ଦ ହେଇ ଯାଉଥାଏ। କଣ ନିଦ ଆସୁଚି? ପଚାରିବାରୁ ଆଉ ଜଣେ କହିଲା ମାମ୍, ଇତିହାସ ପଢେଇଲେ ନିଦ ହିଁ ଆସିବ ନା? ଏସବୁ କାହିଁକି ଦେଇଚି କୋର୍ସ ରେ? ଆମ ଇତିହାସ ବିଭାଗର ମୁଖ୍ୟ କହିଲେ ଆପଣ ପଢ଼େଇଲେ ନିଦ ଆସିବ, ଆମେ ପଢେଇଲେ ଆସିବନି। ଆଚ୍ଛା, ଏମିତି କାହିଁକି? ବୋଧେ ଆମେ ଇତିହାସ କୁ ଗୋଟେ ଅଲଗା ବିଷୟ ଭାବରେ ଦେଖୁ। ଏହା ଆମର ସାମାଜିକ, ଅର୍ଥନୈତିକ ଜୀବନକୁ କିପରି ବଦଳାଇଚି ଆମକୁ ମାଲୁମ ନାହିଁ । ମାକ୍ କାଉଲେ ମିନିଟସ୍ ଅଫ ଏଜୁକେସନ ଆଣିଲେ। ତାଙ୍କ ମତରେ ଇଂଲଣ୍ଡର ଯେ କୌଣସି ଲାଇବ୍ରେରୀର ଗୋଟିଏ ବହି ଥାକ ସମଗ୍ର ଏସିଆ ଓ ଆରବର ସମଗ୍ର ସାହିତ୍ୟ ସହ ସମକକ୍ଷ। ଏହି ପ୍ରକାରେ ଇଂରାଜୀ ଶ୍ରେଷ୍ଠ ଭାଷା ଏବଂ ଏହି ଭାଷାରେ ହିଁ ଶିକ୍ଷା ଲାଭ କରିବା ଉଚିତ୍। ସେ ପ୍ରୟୋଗ କଲେ ଅଧୋମୁଖୀ ନିସ୍ପନ୍ଦନ ସିଦ୍ଧାନ୍ତ।କିଛି ଯୋଗ୍ୟ ଲୋକଙ୍କୁ ଇଂରାଜୀ ଶିକ୍ଷା ଦିଆ ଯିବ, ସେମାନେ ଅନ୍ୟମାନଙ୍କୁ ଶିଖାଇବେ। ଆମ ଲୋକମାନେ ଏଥିରେ ପ୍ରଭାବିତ ହୋଇ ଇଂରାଜୀ ଭାଷା ଶିଖିଥିବେ। ପରେ ଲେଖିବାକୁ ଚେଷ୍ଟା କରି ଥିବେ। ସେମାନେ ଇଂରାଜୀରେ ଲେଖି ପାରନ୍ତି, ଏ ଅହଙ୍କାର ନେଇ ଲେଖି ଥିବେ ନା ପ୍ରକୃତରେ ଆମ ସଂସ୍କୃତି ଓ କଥାକୁ ବାହାରେ ଲୋକ ପଢନ୍ତୁ ବୋଲି ଇଂରାଜୀରେ ଲେଖିଥିବେ? ସେ ଯାହହେଉ ଆମ ଭାରତୀୟ ଇଂରାଜୀ ସାହିତ୍ୟ ମୂଳ ଇଂରାଜୀ ସାହିତ୍ୟର ସମକକ୍ଷ ନୁହେଁ। ମୂଳ ଭାରତୀୟ ସାହିତ୍ୟର ମଧ ସମକକ୍ଷ ନୁହେଁ। ବିଖ୍ୟାତ ସ୍ପାନିସ ଲେଖକ ମାର୍କ୍ୱେଜ୍ ଙ୍କ ମୂଳ ସ୍ପାନିଶ ଲେଖା ବା କାର୍ପେଣ୍ଟିଆର ଙ୍କ ଫ୍ରେଞ୍ଚ୍ ଲେଖା ବା ଓକ୍ରିଙ୍କ ନାଇଜେରିଆନ ଲେଖାରେ ତାଙ୍କ ଦେଶର ଜାତି ଓ ଇତିହାସ ଯେପରି ଭାବରେ ଫୁଟି ଉଠିଛି ତାହା କଣ ଇଂରାଜୀ ଭାଷାରେ ହେଇ ପାରି ଥାଆନ୍ତା? ତାର ଆବେଗ, ତାର କାରୁଣ୍ୟ, ତାର ହାହାକାର ସେଇ ଭାଷାରେ ଲେଖି ହୁଅନ୍ତା ସିନା! ସେସବୁକୁ ପରେ ଇଂରାଜୀ କୁ ଅନୁବାଦ କରାଗଲା ଓ ସାରା ବିଶ୍ୱ ଏହାକୁ ଆଦର କଲା। ଆମେ ଭାରତରେ ଥାଇ ବା ଅନ୍ୟ ଦେଶରେ ମଧ ତାକୁ ପଢୁଛୁ ଓ ଗବେଷଣା କରୁଚୁ। କିନ୍ତୁ ଆମ ପ୍ରାନ୍ତୀୟ ଭାଷାରେ ଲେଖା ଯାଇଥିବା କ୍ଲାସିକ ଗୁଡ଼ିକ ଅନୁବାଦ ହୋଇ ସେପରି ଆଦୃତ ହୋଇ ପାରୁ ନାହିଁ କାହିଁକି? ଆମର ଜଣେ ଛାତ୍ରୀ ବିଶ୍ୱବିଦ୍ୟାଳୟ ରେ ଛ ମାଣ ଆଠଗୁଣ୍ଠ ର ଇଂରାଜୀ ଅନୁବାଦ ପଢ଼ି ବଡ ଅସୁବିଧାର ସମ୍ମୁଖୀନ ହେଲା। ଅଥଚ ସେ ଗୁଡ଼ିଏ ଇଂରାଜୀ ପୁସ୍ତକ ପଢ଼ି ଭଲ ନମ୍ବର ରଖିଥିବା ଛାତ୍ରୀ। ଏହାର ଅର୍ଥ ଆମେ ନିଜେ ନିଜର ଇତିହାସ ଜାଣି ନାହୁଁ। ଇତିହାସ କେବଳ ପାଠ୍ୟ ପୁସ୍ତକରେ ସୀମିତ ରହି ଯାଇଚି। ଆମେ ବିତାଉ ଥିବା ଆଜିର ସମୟ ବି ଦିନେ ଇତିହାସ ପାଲଟି ଯିବ ଓ କେହି ମନେ ରଖିବେ ନାହିଁ । ଏହାର କାରଣ ମତେ ଲାଗେ ଯେ ପିଲାମାନଙ୍କୁ ବିଦ୍ୟାଳୟରେ ପଢା ଯାଉଥିବା ଏତେ ଗୁଡିଏ ତଥ୍ୟ ଭିତ୍ତିକ ଇତିହାସ, ବିଷୟଟିକୁ ବୋଧଗମ୍ୟତାରୁ ଦୂରକୁ ନେଇ ଯାଉଛି।




ମୂଳ ତତ୍ତ୍ୱ ପାଖରେ ପିଲା ପହଞ୍ଚି ପାରୁନାହିଁ। ଆମେ ବର୍ତ୍ତମାନରେ ହିଁ ବଞ୍ଚି ଚାଲୁଛୁ, ଯାହା ବି ଦିନେ ଇତିହାସ ପାଲଟି ଯିବ। ଆମେ ଏହି ପରି ଅନ୍ୟ ଭାଷାର ସାହିତ୍ୟ ଇତିହାସ ପଢୁଥିବା ନିଜକୁ ପାଶୋରି ପକାଇ। ବର୍ତ୍ତମାନ ସରକାରଂକ ପକ୍ଷରୁ ଓଡ଼ିଆ ପକ୍ଷ ପାଳନ ହେଉଛି। ଏହାର ଆଭିମୁଖ୍ୟ ଥିଲା ଓଡିଶାର ବରପୁତ୍ର ମାନଙ୍କ ଉପରେ ଆଲୋଚନା କରିବା ଓ ନୂତନ ପିଢ଼ିକୁ ଓଡିଶାର ସମୃଦ୍ଧ ଇତିହାସ ବିଷୟରେ ଅବଗତ କରାଇବା। ମାତ୍ର ଜାଗା ଜାଗାରେ ସେହି କବିତା ପାଠୋତ୍ସବ ଆୟୋଜନ କରି କବି ମାନଙ୍କୁ ତୁଷ୍ଟି କରଣ କରାଯିବାର ଦେଖା ଯାଉଛି। ଓଡିଶାର ଇତିହାସ ବୋଧେ କେବଳ ଉତ୍କଳ ଦିବସ ଦିନ ହିଁ ଆଲୋଚନା ହୁଏ, ତାହା ମଧ୍ଯ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଉପରେ ବିଶେଷ ଆଲୋକପାତ କରାଯାଏ। ମାତ୍ର ତା ପରର ଅନେକ ଘଟଣା ମଧ୍ଯ ଇତିହାସ ପାଲଟି ଗଲାଣି। ଓଡ଼ିଆ ଲୋକେ ପଖାଳ କଂସାର ଅସ୍ମିତା ରୁ ଆଗକୁ ଯାଇ ଲଢୁଆ ବିମାନ ଚଳାଇଲେଣି। ଆମେ କେତେ ପ୍ରକାର ପିଠା ପଣା ଜାଣିଛେ ବା କେତେ ଶୁଦ୍ଧ ଓଡ଼ିଆ ଲେଖୁଚେ ଏହାକୁ କେଉଁ ଦିନ ଇତିହାସରେ ଗଣା ଯିବ ନାହିଁ। ଗୋଟେ ଜାତିର ଇତିହାସ ତାର ଲୋକମାନଙ୍କର ସ୍ୱଚ୍ଛଳତା, ତାଙ୍କର କୃତିତ୍ୱ, ରାଜ୍ୟରେ ଥିବା କଳା କୃତି, ଶିକ୍ଷା, ସ୍ୱାସ୍ଥ୍ୟ ସେବା ଏବଂ ବୈଷୟିକ ଦକ୍ଷତା ଉପରେ ନିର୍ଭରଶୀଳ। ଶିକ୍ଷା ଓ ବୈଷୟିକ ଜ୍ଞାନ ପାଇଁ ଆମ ବିଦ୍ୟାର୍ଥୀ ମାନେ ବିଦେଶ ଉପରେ ନିର୍ଭରଶୀଳ ଓ ଆମ ପିଲାଟି ବିଦେଶରେ ଚାକିରି ଖଣ୍ଡେ ପାଇ ଗଲେ ଆମେ ନିଜକୁ ଗୌରବାନ୍ୱିତ ମନେ କରୁ। ସେ ଆମର କୌଣସି ଇତିହାସ ଜାଣେ ନାହିଁ କିନ୍ତୁ କିଛି ଦିନ ମଧରେ ସେଇ ଦେଶର ଇତିହାସକୁ ସୁନ୍ଦର ଭାବରେ ବ୍ୟାଖ୍ୟା କରି ପାରେ। ତେବେ କଣ ଆମ ଲୋକେ ଆମ ଇତିହାସ କୁ ନେଇ ଗର୍ବିତ ନୁହନ୍ତି ବୋଲି ଧରାଯିବ? ଗୋଟିଏ ଗୌରବମୟ ଇତିହାସ ଯଦି ଉଜ୍ଜ୍ୱଳ ବର୍ତ୍ତମାନକୁ ଜନ୍ମ ଦେଇ ନପାରେ ତେବେ ଏଥିପାଇଁ ସେହି ଦେଶ ବା ରାଜ୍ୟର ଲୋକମାନେ ଦାୟୀ। ଯେପରି ଅତୀତର ଗ୍ରୀକ୍ ଦେଶ ଗୋଟିଏ ସ୍ୱର୍ଣ୍ଣାଭ ଇତିହାସର ଅଧିକାରୀ ହେଲେ ମଧ ଏକ ସମୟରେ ଦେବାଳିଆ ହୋଇଯିବା ସେମାନଙ୍କର ଦେଶବାସୀଙ୍କ ଅଦୂରଦର୍ଶିତାର ପରିଣାମ। ସେହି ଦୈନ ପଡ଼ି ଯାଇଥିବା ଗୌରବ ବିଷୟରେ ମଧ ଜାଣିବା ଆବଶ୍ୟକ। ଆଞ୍ଚଳିକ ଭିତ୍ତିରେ ଇତିହାସକୁ ମଧ୍ଯ ଜାଣିବା ଆବଶ୍ୟକ। ଏହା ଏକ ପରିପୂର୍ଣ୍ଣ ପରିଚୟ ପ୍ରଦାନ କରେ। ପୁରାତନ ମୋଗଲ୍ ସାମ୍ରାଜ୍ୟ, ବଂଶବାଦ ଓ ଶାସନ ବଦଳରେ ନିଜସ୍ୱ ରାଜବଂଶ, ସେମାନଙ୍କ କଳା କୌଶଳ ଓ ନୂତନ ସମୟର ପ୍ରଗତିକୁ ମଧ୍ଯ ସାମିଲ୍ କରାଯିବା ଉଚିତ୍। ତେବେ ଆଉ ଇତିହାସ କେବଳ ବିଷୟଟିଏ ନୁହେଁ ବରଂ ଅସ୍ତିତ୍ୱର ଏକ ଅଂଶ ଭାବରେ ପ୍ରକାଶିତ ହେବ।

**ବ୍ୟାସନଗର, ମୋବାଇଲ୍: ୯୪୩୮୦୬୪୪୬୪**

## ୭୭ତମ ରାଜଧାନୀ ପ୍ରତିଷ୍ଠା ଦିବସ ପାଳିତ

# ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ପାଇଁ ବାଚସ୍ପତିଙ୍କ ଆହ୍ୱାନ



## ରାଜଧାନୀର କ୍ରମବର୍ଦ୍ଧିଷ୍ଣୁ ବିକାଶ ଉପରେ ଫଟୋ ପ୍ରଦର୍ଶନୀ

**ଭୁବନେଶ୍ୱର,୧୩।୪(ସଂଚାର ବ୍ୟୁରୋ):** ୭୭ତମ ରାଜଧାନୀ ପ୍ରତିଷ୍ଠା ଦିବସ ଧୁମଧାମରେ ଆରମ୍ଭ ହୋଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ଭୁବନେଶ୍ୱର-କଟକ ପୁଲିସ କମିଶନର ଏସ ଦେବଦତ୍ତ ସିଂହ, ବିଏମସି କମିଶନର ରାଜେଶ ପ୍ରଭାକର ପାଟିଲ, ବିଡିଏ ଭାଇସ-ଚେୟାରମ୍ୟାନ ଏନ ତିରୁମାଲ୍ଲା ନାଏକ, ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରାଣା, ବିଏମସି ଅତିରିକ୍ତ କମିଶନର ଶୁଭେନ୍ଦୁ ସାହୁ, ଉପଜିଲ୍ଲାପାଳ ମନୋରଞ୍ଜନ ସାହୁ, ଖୋର୍ଦ୍ଧା ଅତିରିକ୍ତ ଶିକ୍ଷାଧିକାରୀ ଡଃ ପ୍ରଜ୍ଞା ପାରମିତା ଜେନା, ସମସ୍ତ କର୍ପୋରେଟର, ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ସଭାପତି ପ୍ରଦୋଷ ପଟ୍ଟନାୟକ, ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି, ସାଧାରଣ ସମ୍ପାଦକ ସନତ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

ସୂଚନା ଓ ଲୋକସମ୍ପର୍କ ବିଭାଗ, ଭୁବନେଶ୍ୱର ମହାନଗର ନିଗମ ଓ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ମିଳିତ ଆନୁକୁଲ୍ୟରେ ଅନୁଷ୍ଠିତ ଏହି କାଯ୍ୟକ୍ରମ ଅବସରରେ ଅତିଥିଗଣ ବିଧାନ ସୌଧ ସମ୍ମୁଖରେ ଥିବା ରାଜଧାନୀ ପ୍ରତିଷ୍ଠା ଫଳକରେ ମାଲ୍ୟାର୍ପଣ କରିଥିଲେ। ପରେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟ ଅତିଥି ଶ୍ରୀମତୀ ପାଢ଼ୀ ପତାକା ଉତ୍ତୋଳନ କରି ବେସାମରିକ ସମ୍ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ପ୍ୟାରେଡରେ ମୋଟ ୨୧ଟି ଦଳ ଭାଗ ନେଇଥିବା ବେଳେ ସୈନିକ ସ୍କୁଲ ପ୍ରଥମ, ଏନ୍‌ସିସିଆରଆଣ୍ଡଭି ସ୍କ୍ୱାଡ୍ରନ୍ ଦ୍ୱିତୀୟ, ଡିଏଭି ପବ୍ଲିକ ସ୍କୁଲ, ୟୁନିଟ୍ ୮ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହାଛଡ଼ା ସିଆରପିଏଫ୍ ବ୍ୟାଣ୍ଡ ଓ ଆର୍ମି ଏୟାର ଡିଫେନ୍ସ ବ୍ୟାଣ୍ଡକୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା।

୧୯୪୮ ଏପ୍ରିଲ ୧୩ ତାରିଖରେ ଭୁବନେଶ୍ୱରରେ ପ୍ରତିଷ୍ଠା ହୋଇଥିଲା ରାଜଧାନୀ। ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁ ରାଜଧାନୀ ଫଳକର ଉନ୍ମୋଚନ କରିଥିଲେ । ସେତେବେଳେ ମାତ୍ର ୪୦ ହଜାର ଲୋକଙ୍କ ପାଇଁ ପରିକଳ୍ପନା କରାଯାଇଥିଲା ରାଜଧାନୀ । ମାତ୍ର ଆଜି ତା'ର କଳେବର ବୃଦ୍ଧି ପାଇଛି ଓ ସମ୍ପ୍ରତି ୧୩ ଲକ୍ଷରୁ ଅଧିକ ଲୋକ ଏଠାରେ ବସବାସ କରୁଛନ୍ତି। ଆମ ରାଜଧାନୀ ଭୁବନେଶ୍ୱର ଆଜି ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଆଦି ସବୁ କ୍ଷେତ୍ରରେ ଦେଶର ଯେକୌଣସି ରାଜଧାନୀଠାରୁ ବହୁ ଆଗରେ ରହିଛି। ଆମ ରାଜଧାନୀର କଳା, ସଂସ୍କୃତି ଐତିହ୍ୟର ସୁରକ୍ଷା କରିବା ସହ ସହରକୁ ସ୍ୱଚ୍ଛ, ସବୁଜ ଓ ସୁନ୍ଦର କରି ଗଢ଼ିତୋଳିବା ପାଇଁ ମେୟର ଶ୍ରୀମତୀ ଦାସ ଭୁବନେଶ୍ୱରବାସୀଙ୍କୁ ଆହ୍ୱାନ ଦେଇଛନ୍ତି। ଅନ୍ୟ ଅତିଥିମାନେ ସେମାନଙ୍କ ବକ୍ତବ୍ୟରେ ଭୁବନେଶ୍ୱରକୁ ଆହୁରି ଉନ୍ନତ କରିବା ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ। ଶେଷରେ ଶ୍ରୀ ପ୍ରଟ୍ଟନାୟକ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ ଉପଲକ୍ଷେ ସ୍ଥାନୀୟ ଜୟଦେବ ଭବନରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଏକ ଫଟୋଚିତ୍ର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି। ବାଚସ୍ପତି ଶ୍ରୀମତୀ ପାଢ଼ୀ ଏହି ଫଟୋଚିତ୍ର ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବା ସହ ଏହାକୁ ବୁଲି ଦେଖିଥିଲେ। ବିଭାଗ ପକ୍ଷରୁ ଏହି ପ୍ରଦର୍ଶନୀରେ ଭୁବନେଶ୍ୱରର ଐତିହ୍ୟ, କଳା, ସ୍ଥାପତ୍ୟ, ରାଜନୈତିକ ପୃଷ୍ଠଭୂମି, ସାମାଜିକ ରୂପାନ୍ତରଣ, ଆଧ୍ୟାତ୍ମିକ ପରିଦୃଶ୍ୟ, ସ୍ମାର୍ଟ ସିଟି ହେବା ପର୍ଯ୍ୟନ୍ତ ଭୁବନେଶ୍ୱରର କ୍ରମବର୍ଦ୍ଧିଷ୍ଣୁ ବିକାଶ ଆଦି ଉପରେ ପର୍ଯ୍ୟବେସିତ ଫଟୋଚିତ୍ର ପ୍ରଦର୍ଶିତ ହେଉଛି। ଏହି ଅବସରରେ ବିଭାଗୀୟ ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଉପନିର୍ଦ୍ଦେଶକ ଦୀପ୍ତିମୟୀ ମହାପାତ୍ର, ସୁଚେତା ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଦର୍ଶନୀ ଅଧିକାରୀ ଦୀପକ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଦୁଇଦିନିଆ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି। ସନ୍ଧ୍ୟାରେ ଉତ୍କଳ ମଣ୍ଡପଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୧୩ ଜଣଙ୍କୁ ରାଜଧାନୀ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଛି। ସେମାନେ ହେଲେ ପଦ୍ମଚରଣ ନାୟକ (ସମାଜସେବା), ଡଃ ପ୍ରଦୀପ କୁମାର ରଥ (ଡାକ୍ତରୀ ସେବା), ପ୍ରତ୍ୟାଶ୍ୟା ରାୟ (କ୍ରୀଡ଼ା), ଡଃ ଜୟ ଶଙ୍କର ଦାସ (ଶିଳ୍ପ), ଡଃ ଶଶାଙ୍କ ଶେଖର ସ୍ୱାଇଁ (ବିଜ୍ଞାନ), ଧନେଶ୍ୱର ସ୍ୱାଇଁ (ସଙ୍ଗୀତ), ପ୍ରଜ୍ଞାନ ରଞ୍ଜନ ଖଟୁଆ ଓ ସୁମନ ପଟ୍ଟନାୟକ (ଅଭିନୟ), କାର୍ତ୍ତିକ ଚନ୍ଦ୍ର ବେହେରା (ଶିକ୍ଷାଦାନ), ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ମାମାଲି ଜେନା, ସେବିକା ଭାବେ ଅମିତା ପାତ୍ର, ଅଙ୍ଗନୱାଡ଼ି କର୍ମୀ ଶକୁନ୍ତଳା ସାହୁ ଓ ସଫେଇ କର୍ମୀ ଜାକବ ପ୍ରଧାନ। ଏହାଛଡ଼ା ସାଂସ୍କୃତିକ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ମଧ୍ୟ ପୁରସ୍କୃତ କରାଯାଇଛି।

● ସାଂସଦଙ୍କୁ ଟାର୍ଗେଟ୍ କଲେ ମେୟର୍

## ଦଳ ବଡ଼, ସହର ନୁହେଁ

ଅପରାଜିତାଙ୍କ ପାଇଁ ଦଳ ବଡ, ସହର ବଡ ନୁହେଁ । ଆଜି ୭୭ ତମ ରାଜଧାନୀ ପ୍ରତିଷ୍ଠା ଦିବସ ଭୁବନେଶ୍ୱରରେ ଆୟୋଜିତ ହୋଇଥିବା ବେଳେ ଏଥିରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ଅନୁପସ୍ଥିତକୁ ନେଇ କିଛି ଏପରି ବୟାନ ରଖିଛନ୍ତି ଭୁବନେଶ୍ୱର ମେୟର ତଥା ବିଜେଡି ନେତ୍ରୀ ସୁଲୋଚନା ଦାସ। ସିଧା ସାଂସଦଙ୍କୁ ଟାର୍ଗେଟ କରି ମେୟର କହିଛନ୍ତି, ତାଙ୍କ ଦଳର ପ୍ରଶିକ୍ଷଣ ଚାଲିଛି, ତେଣୁ ସେମାନେ ଆସିଲେ ନାହିଁ। ଅପରାଜିତା ଷଡ଼ଙ୍ଗୀଙ୍କ ଅଭିଯୋଗ ଥାଏ ଯେ ତାଙ୍କୁ ଡାକୁନାହାନ୍ତି। ହେଲେ ସାଂସଦଙ୍କୁ ଯେତେବେଳେ ନିମନ୍ତ୍ରଣ କରାଯାଏ ସେ ଆସନ୍ତି ନାହିଁ, ଆଜି ମଧ୍ୟ ପ୍ରମାଣିତ କରିଛନ୍ତି। ଆଜି ମଧ୍ୟ ଡକାଯାଇଥିଲା, ହେଲେ ତାଙ୍କ ପାଇଁ ଦଳ ବଡ ହେଲା, ସହର କି ସଂସଦୀୟ କ୍ଷେତ୍ର ବଡ ହେଲା ନାହିଁ, ଭୁବନେଶ୍ୱରବାସୀ ବଡ ହେଲେ ନାହିଁ । ସେ କାହିଁକି ଆସିଲେନି ତାଙ୍କୁ ପଚାରିବେ, କିନ୍ତୁ ତାଙ୍କୁ ନିମନ୍ତ୍ରଣ କରାଯାଇଥିଲା । ଏଥିରେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ ମଧ୍ୟ ଅନୁପସ୍ଥିତ ରହିଥିଲେ। ଆଜିର ଦିନରେ ସେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ପୁରୀ ଯାଇପାରିଥାନ୍ତେ। କିନ୍ତୁ ସେ ଏହି କାର୍ଯ୍ୟକ୍ରମକୁ ବଡ ବୋଲି ଭାବିଲେ ନାହିଁ କି ଗୁରୁତ୍ୱ ଦେଲେ ନାହିଁ ବୋଲି ଅଭିଯୋଗ କରିଛନ୍ତି ସୁଲୋଚନା । ତେବେ ଏନେଇ ଅପରାଜିତାଙ୍କ କୌଣସି ପ୍ରତିକ୍ରିୟା ମିଳିନଥିବା ବେଳେ ମେୟରଙ୍କୁ କଡ଼ା ଜବାବ ଦେଇଛନ୍ତି ବିଧାୟକ ସିଂ। ସେ କହିଛନ୍ତି, ମେୟର ହେଉଛନ୍ତି ଭୁବନେଶ୍ୱରର ୧ ନଂ ନାଗରିକ । ତେଣୁ ସେ ରାଜନୀତିରୁ ଉର୍ଦ୍ଧ୍ୱରେ ରହି ବକ୍ତବ୍ୟ ଦେବା ଉଚିତ୍ । ପୂର୍ବରୁ ମୁଁ ଉପସ୍ଥିତ ରହିବି ନାହିଁ ବୋଲି ଜଣାଇଥିଲି । ଅନ୍ୟମାନଙ୍କୁ ନେଇ କାର୍ଯ୍ୟକ୍ରମ ଚଳାଇବାକୁ ଅନୁରୋଧ କରିଥିଲି।



### ଓଡ଼ିଆ ପକ୍ଷର ୧୩ଶ ଦିବସ

## 'ଆମ ରୁଚି ଆମ ଖାଦ୍ୟ' କାର୍ଯ୍ୟକ୍ରମ

**ଭୁବନେଶ୍ୱର,୧୩।୪(ସଂଚାର ବ୍ୟୁରୋ):** ଓଡ଼ିଆ ହାଣ୍ଡିଶାଳର ବିଭିନ୍ନ ବ୍ୟଞ୍ଜନ ଯଥା ପିଠାପଣା, ପଖାଳ ଭାତ, ବେସର-ମହୁର, ନଅ ତିଅଣ ଛଅ ଭଜା ଆଦି ପାରମ୍ପରିକ ଖାଦ୍ୟର ବହୁଳ ପ୍ରଚାର ଓ ପ୍ରସାର ସହ ଯୁବପିଢ଼ିଙ୍କ ମଧ୍ୟରେ ଏହାକୁ ଆଦୃତ କରିବା ଲକ୍ଷ୍ୟ ନେଇ 'ଆମ ରୁଚି ଆମ ଖାଦ୍ୟ' କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ବିଭିନ୍ନ ଜିଲ୍ଲା, ବ୍ଲକ, ପୌରାଞ୍ଚଳ, ପୌର ପରିଷଦ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ଜନସାଧାରଣ, ଜନପ୍ରତିନିଧି, ଜିଲ୍ଲା ଓ ବ୍ଲକ ପ୍ରଶାସନର ଅଧିକାରୀ ଓ କର୍ମଚାରୀ, ଯୁବବର୍ଗ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଯୋଗଦେଇ ଓଡ଼ିଆ ବ୍ୟଞ୍ଜନର ଭରପୂର ମଜା ନେଇଛନ୍ତି। ଏଥିସହ ସମସ୍ତେ ଓଡ଼ିଆ ବ୍ୟଞ୍ଜନର ମଜା ନେବା ସମୟର ଫଟୋ ମଧ୍ୟ ଓଡ଼ିଆ ପକ୍ଷ ୱେବସାଇଟ୍‌ରେ ଅପଲୋଡ୍ କରିଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ କନକ ବର୍ଦ୍ଧନ ସିଂହଦେଓ, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହ ଓଡ଼ିଆ ଘରର ପାରମ୍ପରିକ ଖାଦ୍ୟକୁ ବିଶ୍ୱବିଦିତ କରିବା ଦିଗରେ ଉଦ୍ୟମ ସକାଶେ ଆହ୍ୱାନ ଦେଇଛନ୍ତି।

## ଆମ୍ବେଦକର ଜୟନ୍ତୀରେ ଯୁବସେବା ବିଭାଗର ପଦଯାତ୍ରା



**ଭୁବନେଶ୍ୱର,୧୩।୪(ସଂଚାର ବ୍ୟୁରୋ):** ଭାରତୀୟ ସମ୍ବିଧାନର ପ୍ରମୁଖ ବିନ୍ଧାଣୀ ଡ଼. ଭୀମରାଓ ଆମ୍ବେଦକରଙ୍କ ଜନ୍ମଜୟନ୍ତୀ ପାଳନ ପରିପ୍ରେକ୍ଷୀରେ ଆଜି ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଏକ ପଦଯାତ୍ରାର ଆୟୋଜନ କରାଯାଇଥିଲା। କ୍ରୀଡ଼ା ଓ ଯୁବସେବା ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, ବିଭାଗର ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଅତିରିକ୍ତ ଶାସନ ସଚିବ ଅଶୋକ ପଣ୍ଡା, ଅତିରିକ୍ତ ଶାସନ ସଚିବ ବିଜୟ କୁମାର ସ୍ୱାଇଁ ଏବଂ ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ଏହି ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଶତାଧିକ ଯୁବକଯୁବତୀ ଓ ସ୍ୱେଚ୍ଛାସେବୀ ଉତ୍ସାହର ସହ ଏହି ପଦଯାତ୍ରାରେ ସାମିଲ୍ ହୋଇଥିଲେ। ଏହି ଅବସରରେ ଯୁବ ଏନଏସଏସ ସ୍ୱେଚ୍ଛାସେବୀ, କ୍ରୀଡ଼ାବିତ ଓ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ପଦଯାତ୍ରା ମାଧ୍ୟମରେ ସାମାଜିକ ସମତା ଓ ମୂଲ୍ୟବୋଧ ଏବଂ ସମ୍ବିଧାନର ଆଦର୍ଶକୁ ପ୍ରଚାର-ପ୍ରସାର କରିବା ସହିତ ଯୁବପିଢ଼ି ମଧ୍ୟରେ ସାମ୍ବିଧାନିକ ଅଧିକାର ଓ କର୍ତ୍ତବ୍ୟ ସମ୍ପର୍କରେ ସଚେତନତାର ବାର୍ତ୍ତା ପ୍ରେରଣ କରାଯାଇଥିଲା।

## ଆରୋହଣ ଟ୍ରଷ୍ଟର ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର




**ଭୁବନେଶ୍ୱର,୧୩।୪(ସଂଚାର ବ୍ୟୁରୋ):** ଆଜି ଭୁବନେଶ୍ୱର ନଗରର ୱାର୍ଡ ନଂ ୨୭ ଜୟଦେବ ବିହାର ଆଇଆରସି ଭିଲେଜ୍ ଅଞ୍ଚଳସ୍ଥ ହୋଟେଲ୍ ଲାଭେଣ୍ଡରରେ ଆରୋହଣ ଟ୍ରଷ୍ଟ ପକ୍ଷରୁ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର ଆୟୋଜିତ ହୋଇଛି। ଏହି ଶିବିର ସହିଦ୍ ଭଗତ ସିଂ ଯୁବ ପରିଷଦ ଓ ନିଗମ ହେଲ୍ଥ କେଆର ହସ୍ପିଟାଲର ସହଯୋଗରେ ଆୟୋଜିତ ହୋଇଛି। ଏହି ଶିବିରରେ ୮ ଟି ବିଭିନ୍ନ ବିଭାଗର ଅଭିଜ୍ଞ ଡାକ୍ତର ରୋଗୀଙ୍କ ଯାଞ୍ଚ କରିଥିଲେ। ଏଥିସହ ରକ୍ତପରୀକ୍ଷା, ରକ୍ତଚାପ ଓ ଇସିଜି ପରୀକ୍ଷା ମଧ୍ୟ କରାଯାଇଛି। ପ୍ରାୟ ୨୦୦ ରୋଗୀଙ୍କ ଚିକିତ୍ସା ସହିତ ନିଃଶୁଳ୍କ ଔଷଧ ବଣ୍ଟନ କରାଯାଇଛି। ଏହି ଅବସରରେ ବିଜେପିର ପୂର୍ବତନ ସାଂସଦ ଓ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ରାଜ୍ୟ ଉପସଭାପତି ଗୋଲଖ ମହାପାତ୍ର, ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଓ ରମାଦେବୀ ମହିଳା ମହାବିଦ୍ୟାଳୟ (ଏମଆରଡିସି)ର ପ୍ରଫେସର ଡା. ସୁଚେତା ପ୍ରିୟବାଦିନୀ। ଆରୋହଣ ଟ୍ରଷ୍ଟର ଅଧ୍ୟକ୍ଷ ଓ ସହିଦ ଭଗତ ସିଂ ଯୁବ ପରିଷଦର ସମ୍ପାଦକ ସ୍ୱପ୍ନେନ୍ଦୁ ମହାନ୍ତି ଓ ସଭାପତି ରଶ୍ମିରଞ୍ଜନ କାନୁନଗୋ କହିଛନ୍ତି ଯେ ଏହା ତାଙ୍କର ୫୧ତମ ସ୍ୱାସ୍ଥ୍ୟ ଶିବିର ଓ ସେମାନେ ପ୍ରତି ଗଳିକନ୍ଦିରେ ଏହିପରି ସେବା ଜନସାଧାରଣ ମଧ୍ୟରେ ପହଞ୍ଚାଇବା ପାଇଁ ସଂକଳ୍ପବଦ୍ଧ। ଆରୋହଣ ଟ୍ରଷ୍ଟ ନିୟମିତ ଭାବେ ଏପରି କାର୍ଯ୍ୟକ୍ରମ ଆୟୋଜନ କରି ସମାଜର ଅବହେଳିତ ବର୍ଗ ନିମନ୍ତେ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଆସିଛି। ଏ ସମ୍ପର୍କରେ ଟ୍ରଷ୍ଟର ଅଧ୍ୟକ୍ଷ ଶ୍ରୀ ମହାନ୍ତି କହିଛନ୍ତି ଯେ ଆମର ଲକ୍ଷ୍ୟ ଏକ ସ୍ୱସ୍ଥ ଓ ସଚେତନ ସମୁଦାୟ ଗଠନ କରିବା, ଯେଉଁଠାରେ ପ୍ରତ୍ୟେକ ଲୋକ ପାଇଁ ମୌଳିକ ସ୍ୱାସ୍ଥ୍ୟସେବା ସୁବିଧା ଉପଲବ୍ଧ ହେବା ସହିତ ସେମାନଙ୍କ ସମ୍ପୂର୍ଣ୍ଣ ମାନବିକ ବିକାଶ ସୁନିଶ୍ଚିତ ହେବ। ଏହିପରି ଶିବିର ଆୟୋଜନ ମାଧ୍ୟମରେ ସମାଜସେବା ଦିଗରେ ଟ୍ରଷ୍ଟ ତା'ର କାର୍ଯ୍ୟକ୍ରମକୁ ଆଗେଇନେବ ବୋଲି ଶ୍ରୀ ମହାନ୍ତି କହିଛନ୍ତି।

## ରାଜ୍ୟରେ ଲାଗି ରହିବ କାଳବୈଶାଖୀ ବର୍ଷା

**ଭୁବନେଶ୍ୱର,୧୩।୪:** ଆହୁରି ୫ ଦିନ ବର୍ଷିବ କାଳବୈଶାଖୀ ଜନିତ ବର୍ଷା । ବିଜୁଳି ଘଡଘଡି ସହିତ ବର୍ଷା ସମ୍ଭାବନା । କାଳବୈଶାଖୀ ବର୍ଷା ସହ କିଛି ସ୍ଥାନରେ ପ୍ରବଳ ବର୍ଷା ନେଇ ମଧ୍ୟ ସତର୍କତା ଜାରି କରିଛି ପାଣିପାଗ ବିଭାଗ । ଆଗାମୀ ୨୪ ଘଣ୍ଟାରେ ଝାରସୁଗୁଡା, ସମ୍ବଲପୁର, ସୁନ୍ଦରଗଡ଼, ଦେବଗଡ଼, ଅନୁଗୁଳ, କେନ୍ଦୁଝର, ମୟୂରଭଞ୍ଜ ଓ ବାଲେଶ୍ୱର ପରି ୮ ଜିଲ୍ଲାକୁ କିଛି କିଛି ସ୍ଥାନରେ ବିଜୁଳି ଘଡଘଡି ସହ ବର୍ଷା ସହ କୁଆ ପଥର ବର୍ଷା ଦେଇଛି ବିଭାଗ। ଏଥିସହ ଘଣ୍ଟା ପ୍ରତି ୫୦ରୁ ୬୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି। ତେଣୁ ଏହିସବୁ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି ବିଭାଗ। ସେହିପରି ବରଗଡ଼, ସୋନପୁର, ବୌଦ୍ଧ ଢେଙ୍କାନାଳ, ରାୟଗଡା, କନ୍ଧମାଳ, କୋରାପୁଟ, ମାଲକାନଗିରି, ବାଲେଶ୍ୱର, ଯାଜପୁର, ଭଦ୍ରକ, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ ଓ ଗଜପତି ଜିଲ୍ଲାକୁ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସହ ୪୦ରୁ ୫୦ କିମି ବେଗରେ ପବନ ବହିବାର ସମ୍ଭାବନା ଥିବାରୁ ଏହିସବୁ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ଏହାଛଡ଼ା ଉପକୂଳର ୧୪ ଜିଲ୍ଲାକୁ ମଧ୍ୟ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ଆସନ୍ତା ୧୯ ତାରିଖ ଯାଏ ଦିନରେ ଖରା ଓ ଅପରାହ୍ନରେ କାଳବୈଶାଖୀ ବର୍ଷା ଜାରି ରହିବ ବୋଲି ବିଭାଗ ପୂର୍ବାନୁମାନ କରିଛି। ଅନ୍ୟପକ୍ଷରେ ଆଗାମୀ ୪ରୁ ୫ ଦିନ ଯାଏ ତାପମାତ୍ରାରେ କୌଣସି ପରିବର୍ତ୍ତନ ହେବାର ନାହିଁ ବୋଲି ପାଣିପାଗ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ଗତ ୨୪ ଘଣ୍ଟାରେ କେତେକ ସ୍ଥାନରେ ବର୍ଷା ହୋଇଥିବା ହୋଇଥିବା ବେଳେ ମୟୂରଭଞ୍ଜର ନୱାଣଠାରେ ୫୮.୬ ମିମି ସର୍ବାଧିକ ବର୍ଷା ରେକର୍ଡ ହୋଇଛି। ସେହିପରି ସର୍ବାଧିକ ତାପମାତ୍ରା ଝାରସୁଗୁଡାରେ ୪୦.୬ ଡିଗ୍ରୀ ରେକର୍ଡ କରାଯାଇଛି।

## ମହାବିଷୁବ ସଂକ୍ରାନ୍ତ ପାଇଁ ପୁଲିସ୍‌ର ସମୀକ୍ଷା ବୈଠକ

● ଶାନ୍ତିଶୃଙ୍ଖଳାରେ ପାଳନ ପାଇଁ ଜନସାଧାରଣଙ୍କୁ ନିବେଦନ

**ଭୁବନେଶ୍ୱର,୧୩।୪(ସଂଚାର ବ୍ୟୁରୋ):** ଆସନ୍ତାକାଲି ସାରା ରାଜ୍ୟରେ ମହାବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ପାଳିତ ହେବାକୁ ଯାଉଛି। ଏହି ପର୍ବର ଶୃଙ୍ଖଳିତ ଭାବେ ପାଳନ ଉପଲକ୍ଷେ ଡିଜିପିଙ୍କ କ୍ୟାମ୍ପ କାର୍ଯ୍ୟାଳୟଠାରେ ମୁଖ୍ୟ ଶାସନ ସଚିବ ମନୋଜ କୁମାର ଆହୁଜାଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ସହ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ଆଇଜି (ଗୁଇନ୍ଦା) ଜୟ ନାରାୟଣ ପଙ୍କଜଙ୍କ ସମେତ ରାଜ୍ୟ ଗୁଇନ୍ଦା ନିର୍ଦ୍ଦେଶକ ଆର୍‌ପି କୋଚେ, ସମସ୍ତ ରେଞ୍ଜର୍ ଆଇଜି, ଡିଆଇଜି, ସମସ୍ତ ଜିଲ୍ଲାର ଜିଲ୍ଲାପାଳ ଓ ଏସପି ପ୍ରମୁଖ ଆଭାସୀ ମାଧ୍ୟମରେ ଉପସ୍ଥିତ ଥିଲେ। ସର୍ବପ୍ରଥମେ ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା ବିଗତ ଦିନରେ ଶ୍ରୀରାମ ନବମୀକୁ ସାରା ରାଜ୍ୟରେ ଶୃଙ୍ଖଳିତ ଭାବେ ପାଳନ କରାଯାଇଥିବାରୁ ପୁଲିସ ବିଭାଗକୁ ସାଧୁବାଦ ଜଣାଇଥିଲେ। ସମ୍ବେଦନଶୀଳ ସ୍ଥାନରେ ପୁଲିସ



ମୁତୟନ ଓ ସଠିକ କାର୍ଯ୍ୟାନୁଷ୍ଠାନ ଫଳରେ ନିର୍ବିଘ୍ନରେ ଶ୍ରୀରାମ ନବମୀ ପାଳିତ ହୋଇଥିବାରୁ ଏନେଇ ଶ୍ରୀ ଆହୁଜା ଖୁସି ବ୍ୟକ୍ତ କରିଥିଲେ। ସେହିପରି ଆସନ୍ତାକାଲି ପାଳନ ହେବାକୁ ଥିବା ହନୁମାନ ଜୟନ୍ତୀକୁ ମଧ୍ୟ ଶୃଙ୍ଖଳିତ ଭାବେ ପାଳନ କରାଯିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଡିଜିପି ଶ୍ରୀ ଖୁରାନିଆ ସମ୍ବେଦନଶୀଳ ଜିଲ୍ଲାଗୁଡ଼ିକରେ ପୁଲିସ ପକ୍ଷରୁ ବ୍ୟାପକ ଫୋର୍ସ ମୁତୟନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସଦାସର୍ବଦା ସତର୍କତା ଓ କୌଣସି ପ୍ରକାର ଅଘଟଣ ସମ୍ପର୍କରେ ଆଗୁଆ ସୂଚନା ପାଇବା ନିମନ୍ତେ ଉପଯୁକ୍ତ ପଦକ୍ଷେପ ନେବା ସହ ଏଥିନିମନ୍ତେ ତୁରନ୍ତ ଯୋଜନାବଦ୍ଧ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ପରାମର୍ଶ ଦେଇଥିଲେ।

## ସାମ୍ବାଦିକଙ୍କ ସ୍ୱାର୍ଥ ପାଇଁ ସଂଗ୍ରାମ ଜାରି ରହିବ: ପ୍ରସନ୍ନ




### ଓୟୁଜେର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଓ କଳାହାଣ୍ଡି ଜିଲ୍ଲା ସାମ୍ବାଦିକ ୟୁନିଅନର ବାର୍ଷିକ ଉତ୍ସବ

**ଭବାନୀପାଟଣା,୧୩।୪(ସଂଚାର ବ୍ୟୁରୋ):** ରାଜ୍ୟରେ କ୍ଷମତାରେ ଯେଉଁ ଦଳ ବି ରହୁ ନା କାହିଁକି ସାମ୍ବାଦିକମାନଙ୍କ ସ୍ୱାର୍ଥ ପାଇଁ ଓଡ଼ିଶା ସାମ୍ବାଦିକ ୟୁନିଅନ (ଓୟୁଜେ) ତା'ର ସଂଗ୍ରାମ ଜାରି ରଖିବ ବୋଲି ଭବାନୀପାଟଣା ଟାଉନ ହଲ୍‌ଠାରେ ଅନୁଷ୍ଠିତ ୟୁନିଅନ୍‌ର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ତଥା କଳାହାଣ୍ଡି ଜିଲ୍ଲା ସାମ୍ବାଦିକ ୟୁନିଅନର ୨୦ତମ ବାର୍ଷିକ ଉତ୍ସବରେ ରାଜ୍ୟ ସଭାପତି ପ୍ରସନ୍ନ ମହାନ୍ତି କହିଛନ୍ତି।

ପ୍ରଥମ ପର୍ଯ୍ୟାୟରେ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା। ସାମ୍ବାଦିକଙ୍କ ବୀମା ରାଶିକୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି, ସାମ୍ବାଦିକଙ୍କ ପେନସନ ଲାଗୁ, ଏକ୍ରିଡିଏସନ୍ କମିଟି ଗଂନ ପାଇଁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ, ସାମ୍ବାଦିକଙ୍କ ସୁରକ୍ଷା ଆଦି ଦାବି ନେଇ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହାପରେ ଦ୍ୱିତୀୟ ପର୍ଯ୍ୟାୟରେ ୨୦ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସମ୍ପାଦକ କମ୍ବୁପାଣି ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ, ସ୍ୱତନ୍ତ୍ର ଅତିଥି ଭାବେ ରାଜ୍ୟ ସଭାପତି ପ୍ରସନ୍ନ ମହାନ୍ତି, ମୁଖ୍ୟ ବକ୍ତା ଭାବେ ଓଟିଭିର ପଶ୍ଚିମ ଓଡ଼ିଶା ବ୍ୟୁରୋ ଚିଫ୍ ମନୋରଞ୍ଜନ ଯୋଷୀ, ସମ୍ମାନିତ ଅତିଥି ଭାବେ କଳାହାଣ୍ଡି ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ତଥା ଗୋଲାମୁଣ୍ଡା ସମାଜ ପ୍ରତିନିଧି ବିନ୍ଦୁ ମହାନନ୍ଦ, ରାଜ୍ୟ ଉପସଭାପତି ରାଜେଶ ପଟ୍ଟନାୟକ, ଉପସଭାପତି ରାଜୀବ ମହାନ୍ତି, କଳାହାଣ୍ଡି ଜିଲ୍ଲା ସାମ୍ବାଦିକ ୟୁନିଅନର କାର୍ଯ୍ୟକାରୀ ସଭାପତି ବିରଞ୍ଚି ନାରାୟଣ ଜାଲ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନଙ୍କୁ ସଂଘ ପକ୍ଷରୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ୍ୟ ସମ୍ପାଦକ ଶ୍ରୀ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଜିଲ୍ଲା ସମ୍ପାଦକ ସନ୍ତୋଷ କୁମାର ସିଂଦେଓ ବିବରଣୀ ପଠନ କରିଥିଲେ। ଇତ୍ୟବସରରେ କଳାହାଣ୍ଡି ଜିଲ୍ଲାର ସଂସ୍କୃତିକୁ ଓ ସାମ୍ବାଦିକଙ୍କ ସ୍ୱାଭିମାନ ବହନ କରୁଥିବା ବାର୍ଷିକ ପତ୍ରିକା 'କାରୁଣ୍ଡ'କୁ ଅତିଥିବୃନ୍ଦ ଉନ୍ମୋଚନ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ସାମ୍ବାଦିକ ହେମନ୍ତ ସାହୁ।

### ବଢ଼ୁଛି ଓଡ଼ିଶା ପୁଲିସର ବଳ

## ୬ ମାସରେ ୧୬ ହଜାର ୫୯ ପଦବୀ ସୃଷ୍ଟି

**ଭୁବନେଶ୍ୱର,୧୩।୪(ସଂଚାର ବ୍ୟୁରୋ):** ଆଇନ ଶୃଙ୍ଖଳା ବଜାୟ ରଖିବା, ଅପରାଧ ରୋକିବା ଏବଂ ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ରାଜ୍ୟ ସରକାର ଓଡ଼ିଶା ପୁଲିସରେ ଗତ ୬ ମାସରେ ୧୬ ହଜାର ୫୯ଟି ନୂଆ ପଦବୀ ସୃଷ୍ଟି କରିଛନ୍ତି। ଅପରାଧର ତଦନ୍ତ, ଅପରାଧୀଙ୍କୁ ଧରିବା ଓ ଆଇନଶୃଙ୍ଖଳାକୁ ବଜାୟ ରଖିବାରେ ଏହା ବେଶ୍ ସହାୟକ ହେବ।

ପୁଲିସ ବାହିନୀର ବିଭିନ୍ନ ବିଭାଗକୁ ସୁଦୃଢ଼ କରିବା, ନୂତନ କ୍ରମବର୍ଦ୍ଧିଷ୍ଣୁ ସୁରକ୍ଷା ଆହ୍ୱାନର ମୁକାବିଲା କରିବା ଏବଂ ରାଜ୍ୟରେ ସାମଗ୍ରିକ ଆଇନ ଶୃଙ୍ଖଳାରେ ଉନ୍ନତି ଆଣିବା ଏହି ପଦବୀ ବୃଦ୍ଧିର ଲକ୍ଷ୍ୟ ବୋଲି ଗୃହ ବିଭାଗ ପକ୍ଷରୁ କୁହାଯାଇଛି। ପୁଲିସ ବିଭାଗର ୯ଟି କ୍ଷେତ୍ରରେ ଏହି ନୂତନ ପଦବୀଗୁଡ଼ିକ ସୃଷ୍ଟି କରାଯାଇଛି । ଓଡ଼ିଶା ସ୍ପେଶାଲ ଷ୍ଟ୍ରାଇକିଂ ଫୋର୍ସ (ଓଏସ୍‌ଏସ୍‌ଏଫ୍): ୨୦୨୪ ଅକ୍ଟୋବରରେ ୩୦୦୯ଟି ପଦବୀ ସୃଷ୍ଟି ହୋଇଛି। ରାଜ୍ୟରେ ଚାଲିଥିବା ନକ୍ସଲ ବିରୋଧୀ ଅଭିଯାନକୁ ସୁଦୃଢ଼ କରିବା ଏବଂ କେତେକ ଅଞ୍ଚଳରୁ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀ (ସିଏପିଏଫ୍) ପ୍ରତ୍ୟାହାର ଦ୍ୱାରା ସୃଷ୍ଟି ହୋଇଥିବା ଶୂନ୍ୟସ୍ଥାନ ପୂରଣ କରିବା ଉଦ୍ଦେଶ୍ୟରେ ଏହି ସମ୍ପ୍ରସାରଣ କରାଯାଇଛି। ବାମପନ୍ଥୀ ଉଗ୍ରବାଦର ମୁକାବିଲା ପାଇଁ ଓଏସଏସଏଫ ହେଉଛି ଏକ ସ୍ୱତନ୍ତ୍ର ୟୁନିଟ୍ ।

ସ୍ୱତନ୍ତ୍ର ଶ୍ରୀମନ୍ଦିର ସୁରକ୍ଷା ବାହିନୀ (ଏସଏସଏମଏସଭି) ପାଇଁ ୨୦୨୪ ଅକ୍ଟୋବରରେ ଅତିରିକ୍ତ ୧୦୮୩ଟି ପଦବୀ ସୃଷ୍ଟି କରାଯାଇଥିଲା। ଏସଏସଏମଏସଭି ହେଉଛି ପୁରୀର ଶ୍ରୀଜଗନ୍ନାଥ ମନ୍ଦିରର ସୁରକ୍ଷା ପାଇଁ ସ୍ୱତନ୍ତ୍ର ଭାବେ ଗଠିତ ଏକ ସ୍ୱତନ୍ତ୍ର ସୁରକ୍ଷା ବାଟାଲିୟନ । ଏହି ପଦକ୍ଷେପ ରାଜ୍ୟର ପ୍ରମୁଖ ଧାର୍ମିକ ଓ ଆଧ୍ୟାତ୍ମିକ ପୀଠସ୍ଥଳୀର ସୁରକ୍ଷା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି। ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣରେ ମୁତୟନ ପାଇଁ ୨୦୨୪ ନଭେମ୍ବରରେ ୧୩୧ଟି ପଦବୀକୁ ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ସଶସ୍ତ୍ର ପୁଲିସ କନଷ୍ଟେବୁଲାରି ନାମରେ ଏକ କମ୍ପାନୀ ଗଠନ କରାଯାଇଥିଲା। ବ୍ୟାଘ୍ର ସଂରକ୍ଷଣ ଓ ଏହାର ଆଖପାଖ ଅଞ୍ଚଳର ସୁରକ୍ଷା ବଢ଼ାଇବା ପାଇଁ ଏହି ପଦକ୍ଷେପ ନିଆଯାଇଛି।

ସାଇବର ଅପରାଧ ଏବଂ ଅର୍ଥନୈତିକ ଅପରାଧର ବଢୁଥିବା ବିପଦକୁ ଦୃଷ୍ଟିରେ ରଖି ୨୦୨୫ ମାର୍ଚ୍ଚରେ ସାରା ରାଜ୍ୟରେ ସାଇବର କ୍ରାଇମ ଆଣ୍ଡ ଇକୋନୋମିକ ଅଫେନ୍ସ (ସିସିଓଇଓ) ଶାଖା ପାଇଁ ୧୦୬୭ଟି ପଦବୀ ସୃଷ୍ଟି କରାଯାଇଥିଲା। ସରକାର ବର୍ତ୍ତମାନର ସମସ୍ତ ୧୪ଟି ସାଇବର କ୍ରାଇମ ଆଣ୍ଡ ଇକୋନୋମିକ ଅଫେନ୍ସ ଥାନାକୁ ସୁଦୃଢ଼ କରିଛନ୍ତି ଏବଂ ୨୦ଟି ନୂତନ ଥାନା ପ୍ରତିଷ୍ଠା କରିଛନ୍ତି, ଯାହାଦ୍ୱାରା ପ୍ରତ୍ୟେକ ପୁଲିସ ଜିଲ୍ଲାରେ ବର୍ତ୍ତମାନ ଏକ ଉତ୍ସର୍ଗୀକୃତ ସାଇବର କ୍ରାଇମ ୟୁନିଟ୍ ରହିଛି ।

୨୦୨୫ ଏପ୍ରିଲରେ ଟ୍ରାଫିକ୍ ଓ ସଡ଼କ ସୁରକ୍ଷା ଶାଖାରେ ୨୦୦୦ ନୂତନ ପଦବୀ ସୃଷ୍ଟି କରାଯାଇଛି। ସାରା ରାଜ୍ୟରେ ଟ୍ରାଫିକ୍ ପରିଚାଳନାକୁ ସୁଦୃଢ଼ ଓ ପ୍ରଭାବଶାଳୀ କରିବା ପାଇଁ ବିଭିନ୍ନ ଜିଲ୍ଲାରେ ଏହି ପଦବୀ ବଣ୍ଟନ କରାଯିବ। ସଡ଼କ ଦୁର୍ଘଟଣା ହ୍ରାସ, ଟ୍ରାଫିକ୍ ପ୍ରବାହରେ ଉନ୍ନତି ଆଣିବା ଏବଂ ଟ୍ରାଫିକ୍ ନିୟମ ଲାଗୁ କରିବା ଉପରେ ଏହି ପଦକ୍ଷେପ ଗୁରୁତ୍ୱାରୋପ କରିବା ସହ ବେଶ ପ୍ରଭାବୀ ହୋଇପାରିବ । ସେହିଭଳି ନିକଟରେ ୫,୧୨୬ଟି ହୋମଗାର୍ଡ ପଦବୀ ସୃଷ୍ଟି କରାଯାଇଛି। ହୋମଗାର୍ଡ ହେଉଛି ସ୍ୱେଚ୍ଛାସେବୀ ସହାୟକ ବାହିନୀ ଯାହା ନିୟମିତ ପୁଲିସକୁ ବିଭିନ୍ନ ଆଇନଶୃଙ୍ଖଳା ଦାୟିତ୍ୱ, ଭିଡ଼ ନିୟନ୍ତ୍ରଣ ଏବଂ କମ୍ୟୁନିଟି ପୁଲିସିଂ ପଦକ୍ଷେପରେ ସାହାଯ୍ୟ କରିଥାଏ । ଏହି ବୃହତ ଧରଣର ପଦବୀ ସୃଷ୍ଟି ସ୍ଥଳସ୍ତରୀୟ ପୁଲିସ କ୍ଷମତାକୁ ଯଥେଷ୍ଟ ବୃଦ୍ଧି କରିବ।

ଓଡ଼ିଶା ଶିଳ୍ପ ସୁରକ୍ଷା ବାହିନୀ (ଓଆଇଏସ୍‌ଏଫ୍) ପାଇଁ ୩୧୨୦ଟି ନୂଆ ପଦବୀ ମଞ୍ଜୁର ହୋଇଛି। ଏହି ପଦବୀଗୁଡ଼ିକ ୩ଟି ନୂଆ ବାଟାଲିୟନ ଗଠନ କରିବ। ମହାନଦୀ କୋଲ୍ ଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ୍) ସହ ବୁଝାମଣାପତ୍ର ସ୍ୱାକ୍ଷରିତ ହେବା ପରେ ଏହି ଦୁଇଟି ବାଟାଲିୟନ ଗଠନ କରାଯିବ, ଯେଉଁଥିରେ ଏହି ଦୁଇଟି ଓଆଇଏସ୍‌ଏଫ୍ ବାଟାଲିୟନକୁ ସେମାନଙ୍କ ଶିଳ୍ପ କାର୍ଯ୍ୟକୁ ସୁରକ୍ଷିତ ରଖିବା ପାଇଁ ସର୍ବନିମ୍ନ ୨୦ ବର୍ଷ ପାଇଁ ନିୟୋଜିତ କରିବାକୁ ପ୍ରତିଶ୍ରୁତି ଦିଆଯାଇଛି। ସୂଚନାଯୋଗ୍ୟ ଯେ ୩୧୨୦ଟି ନୂଆ ପଦବୀ ମଧ୍ୟରେ ୨୦୪ଟି ପଦବୀ ରହିଛି, ଯାହାକୁ ଆଉଟସୋର୍ସିଂ ଭିତ୍ତିରେ ପୂରଣ କରାଯିବ। ୨୦୨୫ ଏପ୍ରିଲ ୮ ତାରିଖରେ ରାଜ୍ୟ ଫରେନସିକ୍ ସାଇନ୍ସ ସର୍ଭିସେସରେ ୨୫୬ଟି ନୂଆ ପଦବୀ ସୃଷ୍ଟି କରାଯାଇଛି । ବୈଜ୍ଞାନିକ ପ୍ରମାଣ ବିଶ୍ଳେଷଣ ପ୍ରଦାନ କରି ଅପରାଧିକ ତଦନ୍ତର ଗୁଣବତ୍ତା ଏବଂ ଗତିରେ ଉନ୍ନତି ଆଣିବା ପାଇଁ ଫରେନସିକ୍ କ୍ଷମତାର ଏହି ସୁଦୃଢ଼ୀକରଣ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇପାରିବ।

# ବିଜେପିର ବିହାର ଯୋଜନା

ଦିଲ୍ଲୀ ପରେ ଏବେ ବିହାର ବିଧାନସଭା ନିର୍ବାଚନ ଉପରେ ଫୋକସ। ଚଳିତ ବର୍ଷ ଶେଷ ଭାଗରେ ବିହାର ବିଧାନସଭା ପାଇଁ ନିର୍ବାଚନ ହେବ। ବିହାରରେ ବିଜେପି-ଜେଡିୟୁ-ଏଲଜେପି ମେଣ୍ଟ ବା ଏନଡିଏ ଏବଂ କଂଗ୍ରେସ-ଆରଜେଡି-ବାମପନ୍ଥୀ ମେଣ୍ଟ ବା ଇଣ୍ଡିଆ ବ୍ଲକ ମଧ୍ୟରେ ମୁକାବିଲା ହେଉଛି। ଏହି ଦୁଇ ମେଣ୍ଟ ବାହାରେ ମଧ୍ୟ ଆଉ କିଛି ଦଳ ଅଛନ୍ତି ଯେଉଁମାନେ କିଛି ଆସନରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିପାରନ୍ତି। ଉଦାହରଣ ସ୍ୱରୂପ ଗତ ଥର ଅସାଦୁଦ୍ଦିନ ଓୱେସିଙ୍କ ନେତୃତ୍ୱାଧିନ ଏଆଇଏମଆଇଏମ ବିହାରର ୧୫ଟି ଆସନରେ ପ୍ରାର୍ଥୀ ଦେଇଥିଲା। ସେଥିରୁ ୫ଜଣ ଆସନରେ ଦଳ ବିଜୟୀ ହୋଇଥିଲା। କିନ୍ତୁ ଏଆଇଏମଆଇଏମର ପ୍ରାର୍ଥିତ୍ୱ ଯୋଗୁ କଂଗ୍ରେସ ଏବଂ ଆରଜେଡି ଅନେକ ଆସନରେ ପରାଜିତ ହୋଇଥିଲା। ନିର୍ବାଚନ ପରେ ଏକ ଗଣମାଧ୍ୟମ ପକ୍ଷରୁ ଅସାଦୁଦ୍ଦିନଙ୍କୁ ଆରଜେଡି-କଂଗ୍ରେସ ମେଣ୍ଟର ପରାଜୟ ନିମନ୍ତେ ସେ ଦାୟୀ କି ବୋଲି ପ୍ରଶ୍ନ ପଚାରିଥିଲେ। ଏଥିରେ ଅସାଦୁଦ୍ଦିନ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ ଏବଂ ତାଙ୍କ ଦଳର ବିହାର ସବୁ ଆସନରେ ପ୍ରାର୍ଥୀ ଦେବାର ଅଧିକାର ଅଛି ବୋଲି କହିଥିଲେ। କଂଗ୍ରେସ-ଆରଜେଡିର ପରାଜୟ ନିମନ୍ତେ ସେ ଉତ୍ତରଦାୟୀ କାହିଁକି ହେବ ଏବଂ ସେ କାହିଁକି ବିଜେପିକୁ ରୋକିବା ଲାଗି ନିର୍ବାଚନରେ ପ୍ରାର୍ଥୀ ଦେବେ ନାହିଁ ବୋଲିସ ପ୍ରଶ୍ନ କରିଥିଲେ। ତାଙ୍କ ପ୍ରଶ୍ନ ମଧ୍ୟ ଯଥାର୍ଥ। ଆରଜେଡିର ବିଜୟ ନିମନ୍ତେ ଏଆଇଏମଆଇଏମ ପ୍ରାର୍ଥୀ ଦେବନି ଏଭଳି ଆଶା କରିବା ଅନୁଚିତ ବୋଲି ସେ କହିଥିଲେ। ଏଥର ମଧ୍ୟ ଏଆଇଏମଆଇଏମ ବିହାର ନିର୍ବାଚନରେ ପ୍ରାର୍ଥୀ ଦେବ। ଆଉ କିଛି ଛୋଟ ଛୋଟ ଦଳ ମଧ୍ୟ ବିହାର ନିର୍ବାଚନରେ ନିଜର ସ୍ଥିତି ଜାହିର କରିବାକୁ ପ୍ରୟାସ କରିବେ। ପ୍ରଶାନ୍ତ କୁମାର ବିହାରରେ ତାଙ୍କ ଦଳ ପୁରା ଦମ ଲଗାଇ ଲଢ଼ିବ ଏବଂ ନିଜକୁ ତୃତୀୟ ଶକ୍ତି ଭାବେ ପ୍ରମାଣିତ କରିବ ବୋଲି କହିଛନ୍ତି। ଆଉ ଦୁଇଟି ଛୋଟ ଦଳ ମଧ୍ୟ ଏନଡିଏର ଅଂଶୀଦାର ଦଳ ଭାବେ ରହିଛନ୍ତି। ତେବେ ମୋଟାମୋଟି ଭାବେ ବିହାରରେ ଏନଡିଏ ବନାମ ଇଣ୍ଡିଆ ମଧ୍ୟରେ ମୁକାବିଲା ହେବାକୁ ଯାଉଛି। ଗତ ଥର ବିହାରରେ ଚିରାଗ ପାଶ୍ୱାନଙ୍କ ଏଲଜେପି ଜେଡିୟୁ ବିରୋଧରେ ବିଦ୍ରୋହ କରି ଏହା ବିରୋଧରେ ପ୍ରାର୍ଥୀ ଦେଇଥିଲା। "ଫଳରେ ଜେଡିୟୁ ଅତି କମରେ ୧୫ଟି ଆସନ ହରାଇଥିଲା। ଏହା ସତ୍ତ୍ୱେ ୨୦୨୦ରେ ବିହାରରେ ଏନଡିଏ ବିଜୟୀ ହୋଇଥିଲା ଏବଂ ନୀତିଶ କୁମାର ମୁଖ୍ୟମନ୍ତ୍ରୀ ପଦ ବଜାୟ ରଖିଥିଲେ। ଏଥର କିନ୍ତୁ ଏଲଜେପି ସେଭଳି ଭୁଲ କରିବ ନାହିଁ। ଏନଡିଏର ସବୁ ଅଂଶୀଦାର ଦଳ ପରସ୍ପର ମଧ୍ୟରେ ଉତ୍ତମ ବୁଝାମଣା ସହ ଲଢ଼ିବେ ବୋଲି କହିଛନ୍ତି। ତେବେ ବାସ୍ତବ କ୍ଷେତ୍ରରେ ଆସନ ବୁଝାମଣା କେତେଦୂର ସମ୍ଭବ ହେଉଛି ତାହା ଦେଖିବାର କଥା। ସେହିପରି ଇଣ୍ଡିଆ ବ୍ଲକରେ ଆରଜେଡି ଏବଂ କଂଗ୍ରେସ ମଧ୍ୟରେ ବୁଝାମଣା କେତେଦୂର ସଫଳ ହେବ ତହା ବି ଏକ ପ୍ରଶ୍ନ। ଆରଜେଡି ସୁପ୍ରିମୋ ଲାଲୁ ପ୍ରସାଦ ଯାଦବ କଂଗ୍ରେସ ସହ ବୁଝାମଣା ତାଙ୍କ ଦଳ ପାଇଁ ମହଙ୍ଗା ସାବ୍ୟସ୍ତ ହେଉଛି ବୋଲି ବାରମ୍ବାର ଅଭିଯୋଗ କରି ଆସୁଛନ୍ତି। ତେଣୁ ଏଥର ଆରଜେଡି ସହଯୋଗୀ କଂଗ୍ରେସକୁ କମ ଆସନ ଛାଡ଼ିପାରେ। ଏହାକୁ କଂଗ୍ରେସ କେତେଦୂର ଗ୍ରହଣ କରିବ ତାହା ଦେଖିବାର କଥା। ଦିଲ୍ଲୀ ବିଧାନସଭା ନିର୍ବାଚନରେ ବିଜୟ ପରେ ଏନଡିଏ ଶାସିତ ରାଜ୍ୟ ମୁଖ୍ୟମନ୍ତ୍ରୀ ଏବଂ ଉପ-ମୁଖ୍ୟମନ୍ତ୍ରୀମାନଙ୍କ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଗକୁ ବିହାର ଏବଂ ବେଙ୍ଗଲ ବିଧାନସଭା ନିର୍ବାଚନ ଉପରେ ଫୋକସ କରିବାକୁ ଆହ୍ୱାନ କରିଛନ୍ତି। ହରିୟାନା, ମହାରାଷ୍ଟ୍ର ଏବଂ ଦିଲ୍ଲୀ ଭଳି ବିହାର ଓ ପଶ୍ଚିମବଙ୍ଗରେ ମଧକ୍ଷ୍ୟ ଏନଡିଏ ସଫଳ ହେବ ବୋଲି ସେ ଦୃଢ଼ ଆଶା ବ୍ୟକ୍ତ କରିଛନ୍ତି। ବିହାର ନିର୍ବାଚନକୁ ଦୃଷ୍ଟିରେ ରଖି କେନ୍ଦ୍ରୀୟ ବଜେଟରେ ବିହାର ଲାଗି ସ୍ୱତନ୍ତ୍ର ଅନୁଦାନ ବ୍ୟବସ୍ଥା କରାଯାଇଛି। ପିଏମ କିଷାନ ଯୋଜନାର ୧୯ତମ କିସ୍ତି ପ୍ରଦାନ ଅବସରରେ ବିହାରର ଭାଗଲପୁରରେ ଆୟୋଜିତ ସମାବେଶରେ ଉଦବୋଧନ ଦେଇ ପ୍ରଧାନମନ୍ତ୍ରୀ ମୋଦି ଆରଜେଡିକୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି ଯେ, ଯିଏ ଗୋଖାଦ୍ୟ ଚୋରୀ କରୁଛି ସେ କୃଷକଙ୍କ କଲ୍ୟାଣ କଥା ଚିନ୍ତା କରିନପାରେ। ମହାକୁମ୍ଭକୁ ଲାଲୁଙ୍କ ସମାଲୋଚନା ଏବଂ ଫାଲତୁ ଶବ୍ଦ ବ୍ୟବହାରକୁ ସମାଲୋଚନା କରି ମୋଦିଜୀ କହିଛନ୍ତି ଯେ, ଯେଉଁମାନେ ଜଙ୍ଗଲ ରାଜରେ ସମ୍ପୃକ୍ତ ସେମାନେ ଭାରତୀୟ ସଂସ୍କୃତି ଏବଂ ପରମ୍ପରାକୁ ସମାଲୋଚନା କରୁଛନ୍ତି। ସେମାନଙ୍କର ଭାରତୀୟ ଧର୍ମ, ସଂସ୍କୃତି ଉପରେ ବିଶ୍ୱାସ ନାହିଁ। ଆଗାମୀ ବିଧାନସଭା ନିର୍ବାଚନରେ ବିହାରବାସୀ ଏହାର ଜବାବ ଦେବେ ବୋଲି ପ୍ରଧାନମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି। ଏହିଠାରୁ ହିଁ ବିହାର ବିଧାନସଭା ନିର୍ବାଚନ ଲାଗି ବିଜେପିର ପ୍ରସ୍ତୁତି ଏବଂ ପ୍ରଚାର ଆରମ୍ଭ ହୋଇଛି। ଏଥିରୁ ଗୋଟିଏ କଥା ସ୍ପଷ୍ଟ ଯେ, ବିହାର ବିଧାନସଭା ନିର୍ବାଚନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହିଁ ଏନଡିଏର ପ୍ରଚାର ଅଭିଯାନର ନେତୃତ୍ୱ ନେବେ ଏବଂ ବିହାର ଲାଗି କେନ୍ଦ୍ରର ସହାୟତା ଏବଂ ସ୍ୱତନ୍ତ୍ର ଅନୁଦାନକୁ ପ୍ରଧାନମନ୍ତ୍ରୀ ଉଠାଇବେ। ବିଜେପି ଏବେ ସବୁ ରାଜ୍ୟରେ ଦୁଇଟି ଗୋଷ୍ଠୀକୁ ବିଶେଷ ଗୁରୁତ୍ୱ ଦେଉଛି। ଏହି ଦୁଇଟି ଗୋଷ୍ଠୀ ହେଲେ ମହିଳା ଏବଂ କୃଷକ। ଏହା ବ୍ୟତିତ ଯୁବ ଗୋଷ୍ଠୀର ସମର୍ଥନ ପାଇଁ ବିଜେପି ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିଛି। ମହାରାଷ୍ଟ୍ରରେ ଏହା ସଫଳ ହେଲା। କିନ୍ତୁ ବିହାରରେ ଏହି ରଣନୀତି କେତେଦୂର ସଫଳ ହେବ ତାହା ଦେଖିବାର କଥା। ବିହାରରେ ନୀତିଶ କୁମାର ଦୀର୍ଘ ବର୍ଷ ହେବ କ୍ଷମତାରେ ରହିଛି। ତାଙ୍କ ବିରୋଧରେ କିଛିଟା ଜନଅସନ୍ତୋଷ ରହିଛି ଏବଂ ରାଜ୍ୟରେ ପରବର୍ତ୍ତନର ହାୱା ସୃଷ୍ଟି ହୋଇପାରେ। ତେବେ ଏନଡିଏର ଅଂଶୀଦାର ଦଳମାନେ ଯଦି ଏକତାବଦ୍ଧ ଭାବେ ଲଢ଼େଇ କରନ୍ତି ତେବେ ବିଜୟ ସୁନିଶ୍ଚିତ। ଆରଜେଡି ଏବଂ କଂଗ୍ରେସକୁ ପୁନର୍ବାର ବିଫଳତାର ସ୍ୱାଦ ଚାଖିବାକୁ ପଡ଼ିପାରେ। ଯଦି ସଂଖ୍ୟାଲଘୁ ଶତ ପ୍ରତିଶତ ଇଣ୍ଡିଆ ବ୍ଲକ ସପକ୍ଷରେ ଯିବ ତେବେ ଭିନ୍ନ କଥା। ଅନ୍ୟ ପକ୍ଷରେ ଦଳିତ ଭୋଟ ବ୍ୟାଙ୍କ ସମ୍ପୂର୍ଣ୍ଣ ଭାବେ ଆରଜେଡି ସପକ୍ଷରେ ଯିବ ବୋଲି କୁହାଯାଇପାରିବ ନାହିଁ। ଆମ୍ବେଦକର ପ୍ରସଙ୍ଗ ଉଠାଇ ବିରୋଧୀ ବିଜେପି ବିରୋଧରେ ଦଳିତଙ୍କୁ ଉସୁକାଉଛନ୍ତି। କିନ୍ତୁ ବିଜେପି ମଧ୍ୟ ଏହାର କୁମାବିଲା ଲାଗି କାଉଣ୍ଟର ଆଟାକ କରୁଛି। ଦେଖିବାର କଥା ବିହାରବାସୀ ଏହା ଦ୍ୱାରା କେତେଦୂର ପ୍ରଭାବିତ ହେଉଛନ୍ତି। ଏବେ ୱାକଫ ସଂଶୋଧନ ବିଲକୁ ନେଇ ବିହାର ରାଜନୀତିରେ ବେଶ ଆରୋପ-ପ୍ରତ୍ୟାରୋପ ଚାଲିଛି। ଏହାକୁ ନେଇ ମୁସଲମାନ ଭୋଟରଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ବାସ୍ତବରେ ୱାକଫ ଆଇନ ମୁସଲମାନ ଧର୍ମ ବିରୋଧୀ ନୁହେଁ କିମ୍ବା ଏହା ପଛରେ କିଛି ସାମ୍ପ୍ରଦାୟିକ ଅଭିପ୍ରାୟ ନାହିଁ। ଏଥିରେ ମୁସଲମାନ ଧର୍ମାବଲମ୍ବୀଙ୍କର କିଛି କ୍ଷତି ବା ସ୍ୱାର୍ଥହାନୀ ହେବନାହିଁ। କିନ୍ତୁ ବିରୋଧୀ ଦଳମାନେ ଏହାକୁ ନେଇ ବିଭ୍ରାନ୍ତି ସୃଷ୍ଟି କରୁଛନ୍ତି। ପଶ୍ଚିମବଙ୍ଗରେ ଏଥିନେଇ ହିଂସାର ବାତାବରଣ ସୃଷ୍ଟି ହୋଇଛି। ସଂଖ୍ୟାଲଘୁ ସମ୍ପ୍ରଦାୟକୁ ବୁଝାଇବାରେ ବିଜେପି ସଫଳ ହୋଇନାହିଁ। ତେଣୁ ବିହାର ବିଧାନସଭା ନିର୍ବାଚନରେ ସଂଖ୍ୟାଲଘୁ ଭୋଟ ସମ୍ମିଳିତ ଭାବେ ଏନଡିଏ ବିରୋଧରେ ଯାଇପାରେ। ଏଥିରେ ନୀତିଶଙ୍କ ଦଳ ଜେଡିୟୁ ଅଧିକ କ୍ଷତିଗ୍ରସ୍ତ ହେବ। ବିଜେପି ସହ ମେଣ୍ଟ କରିଥିଲେ ମଧ୍ୟ ନୀତିଶ ଜଣେ ତଥାକଥିତ ଧର୍ମନିରପେକ୍ଷ ନେତାଭାବେ ପରିଗଣିତ ହୁଅନ୍ତି। କିନ୍ତୁ ଏଥର ସଂଖ୍ୟାଲଘୁ ଭୋଟ ସାମଗ୍ରୀକ ଭାବେ ଏନଡିଏ ବିରୋଧରେ ବା ଆରଜେଡି-କଂଗ୍ରେସ ସମର୍ଥନରେ ଯାଇପାରେ। ଏହାକୁ ନୀତିଶ କିପରି ରକ୍ଷା କରିବେ ତାହା ବଡ଼ ପ୍ରଶ୍ନ। ଯଦି ନୀତିଶ କୁମାର ସଂଖ୍ୟାଲଘୁ ସମ୍ପ୍ରଦାୟକୁ ମନାଇବାରେ ସଫଳ ନହୁଅନ୍ତି ତେବେ ଏହା ତାଙ୍କ ପରାଜୟର ଏକ ପ୍ରମୁଖ କାରଣ ହୋଇପାରେ। ଯଦି ବିହାରରେ ଏନଡିଏ କ୍ଷମତାଚ୍ୟୁତ ହୁଏ ତେବେ ନୀତିଶଙ୍କୁ କେନ୍ଦ୍ରରେ ମନ୍ତ୍ରୀ ପଦ ଏପରିକି ଉପ-ପ୍ରଧାନମନ୍ତ୍ରୀ ପଦ ମିଳିପାରେ ବୋଲି ଚର୍ଚ୍ଚା ଚାଲିଛି। ବିଜେପିର ଜଣେ ବରିଷ୍ଠ ନେତା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ଚୌବେ ଏହା କହିଛନ୍ତି। କାରଣ ବିହାରରେ ବିଜେପି ଏବେ ମୁଖ୍ୟମନ୍ତ୍ରୀ ପଦ ଉପରେ ଆଖି ରଖିଛି। ଯଦି ନୀତିଶଙ୍କ ନେତୃତ୍ୱରେ ବିଜାର ବିଧାନସଭା ନିର୍ବାଚନରେ ଏନଡିଏ ବିଜୟୀ ହୁଏ ତେବେ ବିଜେପିର ଏହି ଯୋଜନା କିନ୍ତୁ ପଣ୍ଡ ହୋଇଯିବ।

# ପୌରୁଷ, ସଞ୍ଜମ ଓ ବଳର ପ୍ରତୀକ ମହାବୀର ହନୁମାନ




**ଗୋପାଳ ମହାପାତ୍ର**


ହିନ୍ଦୁ ଉପାସନା ପଦ୍ଧତିରେ ମୂର୍ତ୍ତୀ ପୂଜାର ବିଶେଷ ମହତ୍ୱ ରହିଛି। ବିଧି ଅନୁସାରେ ପ୍ରତିଷ୍ଠାପିତ ବିଗ୍ରହରେ ସାକ୍ଷାତ ଈଶ୍ୱରୀୟ ଅଂଶ ଅବତରିତ ହୋଇ ସାଧକ, ଭକ୍ତଙ୍କୁ ଅଭିଷ୍ଟ ସିଦ୍ଧି ପ୍ରଦାନ କରିଥାନ୍ତି। ଏହି କ୍ରମରେ ପୌରୁଷ ପ୍ରତୀକ ସୁତ୍ର ଅଞ୍ଜନୀ ପୁତ୍ର ମାରୁତି ନନ୍ଦନଙ୍କ ପୂଜାର୍ଚ୍ଚନା ମଧ୍ୟ କରାଯାଏ। ହିନ୍ଦୁ ଧର୍ମ ଗ୍ରନ୍ଥରେ ମର୍ଯ୍ୟାଦା ପୁରୁଷୋତ୍ତମ ରାମ ସୀତା ଏବଂ ଲକ୍ଷ୍ମଣଙ୍କ ସହ ମାରୁତି ନନ୍ଦନ ହନୁମାନଙ୍କ ସମ୍ପର୍କରେ ଅନେକ ବର୍ଣ୍ଣନା ରହିଛି। ହନୁମାନଙ୍କୁ ଶ୍ରୀରାମଙ୍କ ପରମ ସେବକ ବୋଲି କୁହାଯାଇଛି। ଚୈତ୍ର ପୂର୍ଣ୍ଣିମା ଦିନ ହନୁମାନଙ୍କର ଜନ୍ମ ବୋଲି କୁହାଯାଉଥିଲେ ମଧ୍ୟ ଓଡ଼ିଶାରେ ବିଷୁବ ସଂକ୍ରାନ୍ତି ଦିନଟିକୁ ହନୁମାନ ଜୟନ୍ତୀ ଭାବରେ ପାଳନ କରାଯାଇଥାଏ। ହିନ୍ଦୁ ଧର୍ମରେ ବାଳ ବ୍ରହ୍ମ•ରୀ, ସଂଯମ ଏବଂ ପୌରୁଷର ପ୍ରତୀକ ମହାବଳୀ ହନୁମାନଙ୍କୁ ଈଶ୍ୱରୀୟ ସ୍ଥାନ ପ୍ରଦାନ କରାଯାଇଛି। ହନୁମାନଙ୍କ ହୃଦୟରୂପୀ ମନ୍ଦିରରେ ଧନୁଷ ବାଣ ଧାରଣ କରି ଶ୍ରୀରାମ ଓ ମାତାସୀତା ନିବାସ କରି ଥାନ୍ତି। ସୀତାଙ୍କ ହରଣ ପରେ ଲଙ୍କାପତି ରାବଣର ବଧ କରିବା ଓ ଲଙ୍କା ବିଜୟରେ ହନୁମାନଙ୍କ ଯୋଗଦାନ ଅତୁଳନୀୟ ବୋଲି ବର୍ଣ୍ଣନା କରାଯାଇଛି। ଯୁଦ୍ଧ ଭୂମିରେ ଲକ୍ଷ୍ମଣ ମୁର୍ଚ୍ଛିତ ହୋଇଥିଲେ ଓ ତାଙ୍କୁ ସଚେତ ଅବସ୍ଥାକୁ ଆଣିବା ପାଇଁ ସଂଜ୍ଞିବନୀ ବୁଟି ଆଣିବାକୁ ଯାଇ ମହାବଳୀ ହନୁମାନ ପୁରା ପର୍ବତକୁ ଉଠାଇ ଆଣିଥିଲେ।

ମହାବଳୀ ହନୁମାନଙ୍କ ଜନ୍ମ ବଡ଼ ବିଚିତ୍ର। ପୁରାଣ ଅନୁସାରେ ହିମାଳୟ ପର୍ବତ ଉପରେ ଥିବା ଆଶ୍ରମରେ କଶ୍ୟପ ମୁନୀ ଅନ୍ୟ ଋଷି ମୁନୀ ମାନଙ୍କ ସହ ତପସ୍ୟା କରୁଥିଲେ। ଦିନେ ଏକ ମତୁଆଲ ହାତୀ ଅଚାନକ ଆଶ୍ରମ ଭିତରୁ ପଶି ଆସିଥିଲା। ହାତୀର ଡ଼ରରେ ଋଷିମୁନୀ ମାନେ ଦୌଡିବାକୁ ଲାଗିଲେ। ସେହି ସମୟରେ ସେ ଅଞ୍ଚଳରେ ବାନର ରାଜା କେଶରୀଙ୍କ ରାଜତ୍ୱ ଥିଲା। ବାନର ରାଜା କେଶରୀ ମତୁଆଲ ହାତୀକୁ ବଧ କରି ଋଷିମୁନୀ ମାନଙ୍କୁ ରକ୍ଷା କରିଥିଲେ। ଏଣୁ ଏଥିରେ ପ୍ରସନ୍ନ ହୋଇ ଋଷିମାନେ କେଶରୀଙ୍କୁ ବର ମାଗିବା ପାଇଁ କହିଥିଲେ। ବରଦାନ ସ୍ୱରୂପ କେଶରୀ ପବନ ଭଳି ଗତିଶୀଳ, ବୁଦ୍ଧିମାନ, ଚାତୁର୍ଯ୍ୟ ଏବଂ ରୂପବାନ ପୁତ୍ରର କାମନା କରିଥିଲେ ଓ ଋଷିମାନେ ଏହି ବରଦାନ ଦେଇଥିଲେ। କେଶରୀଙ୍କ ପତ୍ନୀ ଅଞ୍ଜନୀ ଦିନେ ଶୃଙ୍ଗାର କରି ପର୍ବତ ଉପରେ ବସିଥିବା ବେଳେ ତାଙ୍କୁ ରୂପକୁ ଦେଖି ପବନ ମୁଗ୍ଧ ହୋଇଯାଇଥିଲେ। ଏକଥା ଦେଖି ଅଞ୍ଜନୀ କ୍ରୋଧିତ ହୋଇ ପବନଙ୍କୁ ଅଭିଶାପ ଦେବା ପାଇଁ ଯିବାବେଳେ ପବନ ଅଞ୍ଜନୀଙ୍କୁ ତାଙ୍କ ଅପରାଧ ପାଇଁ କ୍ଷମା ମାଗିବା ସହ କହିଥିଲେ ଯେ ତୁମ ସ୍ୱାମୀ କେଶରୀ ଋଷି ମାନଙ୍କୁ ଯେଉଁ ବର ମାଗିଛନ୍ତି ତାହା କେବେ ଅନ୍ୟଥା ହେବ ନାହିଁ। ଏଣୁ ତୁମ୍ଭେ ଆମ୍ଭ କାରଣରୁ ପୁତ୍ର ପ୍ରାପ୍ତ କର। ଏଭଳି ଏକ ମୁହୂର୍ତ୍ତରେ ହନୁମାନଙ୍କ ଜନ୍ମ ହୋଇଥିଲା।



ହନୁମାନଙ୍କ ନାମକରଣ ମଧ୍ୟ ବିଚିତ୍ର। ଦିନେ ମାତା ଅଞ୍ଜନୀ ଶିଶୁପୁତ୍ର ହନୁମାନଙ୍କୁ ଖେଳାଉଥିବା ବେଳେ ଆକାଶରେ ସୂର୍ଯ୍ୟଙ୍କ ଉଦୟ ଦେଖିଥିଲେ ହନୁମାନ ଓ ସୂର୍ଯ୍ୟଙ୍କୁ ଏକ ଖେଳନା ଭାବି ସୂର୍ଯ୍ୟଙ୍କୁ ଧରିବା ପାଇଁ ଆକାଶକୁ ଉଠିଥିଲେ, ଯେତେବେଳେ ହନୁମାନ ସୂର୍ଯ୍ୟଙ୍କୁ ଧରିବା ପାଇଁ ଯାଆନ୍ତି ସେତେବେଳେ ଦେବରାଜ ଇନ୍ଦ୍ର ହନୁମାନଙ୍କ ଉପରେ ବଜ୍ରପ୍ରହାର କରିଥିଲେ, ବାଳକ ହନୁମାନ ଇନ୍ଦ୍ରଦେବଙ୍କ ବଜ୍ର ପ୍ରହାରରେ ମୁର୍ଚ୍ଛିତ ହୋଇ ଯାଇଥିଲେ ଓ ହନୁମାନଙ୍କ ମୁହଁରେ ବଜ୍ରପ୍ରହାରର ଚିହ୍ନ ରହିଗଲା। ଏହି କାରଣରୁ ତାଙ୍କ ନାମ ହନୁମାନ ରଖାଯାଇଥିଲା। ହନୁମାନଙ୍କ ମୁର୍ଚ୍ଛା ଭଙ୍ଗ ପରେ ସେ ଉଦୀୟମାନ ସୂର୍ଯ୍ୟଙ୍କୁ ଗିଳି ଦେଇଥିଲେ ଯେଉଁଥିପାଇଁ ସାରା ସଂସାର ଅନ୍ଧକାରାଛନ୍ନ ହୋଇଯାଇଥିଲା। ଏଭଳି ସଙ୍କଟ ସମୟରେ ଦେବତାମାନେ ମହାଦେବଙ୍କ ଶ୍ରୀ ଶଙ୍କରଙ୍କ ପାଖରେ ପହଞ୍ଚି ସୂର୍ଯ୍ୟଙ୍କୁ ହନୁମାନଙ୍କ ଠାରୁ ମୁକ୍ତ କରିବା ପାଇଁ ନିବେଦନ କରିଥିଲେ। ମହାଦେବ ପରାମର୍ଶ କ୍ରମେ ଦେବତା ମାନେ ବାନର ରାଜା କେଶରୀଙ୍କ ନିକଟକୁ ଗଲେ। ସେପଟେ ପବନଦେବ କ୍ରୋଧିତ ହୋଇ ଶ୍ୱାସ ବନ୍ଦ କରିଦେଲେ ଫଳରେ ସାରା ସଂସାର ବାୟୁବିହୀନ ହୋଇଗଲା। ଦେବତାଗଣ କେଶରୀ ଓ ପବନଙ୍କୁ କ୍ଷମା ମାଗିବା ସହ ସୂର୍ଯ୍ୟଙ୍କୁ ହନୁମାନଙ୍କଠାରୁ ମୁକ୍ତ କରିବା ପାଇଁ ନିବେଦନ କରିଥିଲେ ଓ ହନୁମାନ ସୂର୍ଯ୍ୟଙ୍କୁ ତାଙ୍କ ମୁହଁରୁ ବାହାର କରିଥିଲେ। ସୂର୍ଯ୍ୟଙ୍କ ମୁକ୍ତି ପରେ ଦେବତା ମାନେ ପ୍ରସନ୍ନହୋଇ କେଶରୀଙ୍କୁ ବର ପ୍ରଦାନ ପାଇଁ ଇଛା ପ୍ରକଟ କରିବାରୁ କେଶରୀ ବରସ୍ୱରୂପ ହନୁମାନଙ୍କୁ ଅଜର ଅମର କରିବା ପାଇଁ ବର ମାଗିଥିଲେ।

ପ୍ରଭୁ ଶ୍ରୀରାମଙ୍କ ୧୪ ବର୍ଷ ବନବାସ କାଳରେ ରାବଣ ସୀତାଙ୍କୁ ହରଣ କରିଥିଲା। ଶ୍ରୀରାମ ସୀତାଙ୍କୁ ଖୋଜିବା ସମୟରେ କିଷ୍କିନ୍ଧ୍ୟା ପର୍ବତରେ ପହଞ୍ଚôଚଥିଲେ। ସେଠାରେ ଶ୍ରୀରାମଙ୍କ ସହ ହନୁମାନଙ୍କ ଭେଟ ହୋଇଥିଲା ଓ ଲଙ୍କା ବିଜୟ ଅଭିଯାନରେ ହନୁମାନଙ୍କ ସମେତ ବାନର ସେନା ରାମଙ୍କ ସହଯୋଗ କରିଥିଲେ। ଅତୁଳିତ ବଳଶାଳୀ ହନୁମାନଙ୍କୁ, ସଙ୍କଟ ମୋଚନ ବୋଲି ମଧ୍ୟ କୁହାଯାଏ। ପୌରୁଷ ସଞ୍ଜମ ଏବଂ ବଳର ପ୍ରତୀକ ହନୁମାନ ଅଦ୍ୟାବଧି ଜୀବିତ ଏବଂ କଳିଯୁଗର ପ୍ରମୁଖ ଦେବତା ଭାବେ ଗଣ୍ୟ। ହନୁମାନଙ୍କୁ ମଧ୍ୟ ରୁଦ୍ର ବା ମହାଦେବଙ୍କ ଏକାଦଶ ଅବତାର ଭାବେ ଅନେକ ପୁରାଣରେ ବର୍ଣ୍ଣନା କରାଯାଇଛି।


**ରାମଚନ୍ଦ୍ରପୁର, ରଣପୁର**
**ମୋବାଇଲ୍: ୯୪୩୮୪୮୫୦୯୪**


# ମହାବିଷୁବ ସଂକ୍ରାନ୍ତି




**ସତ୍ୟ ମହାପାତ୍ର**


ମହାନ୍ ଉତ୍କଳ ସଂସ୍କୃତିର ବର୍ଷ ଆରମ୍ଭ ହୁଏ ମହାବିଷୁବ ସଂକ୍ରାନ୍ତିରୁ। ତେଣୁ ଏହି ଦିନକୁ ସମଗ୍ର ଓଡ଼ିଶାର ପୁରପଲ୍ଲୀରେ ଓଡ଼ିଆ ନବବର୍ଷ ଭାବେ ପାଳନ କରାଯାଏ। ମହାବିଷୁବ ସଂକ୍ରାନ୍ତି ଠାରୁ ଆରମ୍ଭ ହୁଏ ମେଷ ମାସ ବା ସୌର ବୈଶାଖ ମାସ। ଗଣନା ଅନୁସାରେ ଚଳିତ ବର୍ଷ ପାରମ୍ପରିକ ୧୯୩୭ ଶକାବ୍ଦର ପ୍ରଥମ ଦିବସକୁ ଓଡ଼ିଆ ନବବର୍ଷ ତଥା ମହାବିଷୁବ ସଂକ୍ରାନ୍ତି ଭାବେ ପାଳନ କରାଯିବ। ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଏହା ସବୁଠାରୁ ବଡ଼ଦିନ। ଏହି ଦିନ ବସନ୍ତ ଋତୁ ବିଦାୟ ନେବା ସହ ଗ୍ରୀଷ୍ମଋତୁର ଆଗମନ ହୋଇଥାଏ। ମହାବିଷୁବ ସଂକ୍ରାନ୍ତିରେ ପ୍ରତ୍ୟେକ ଓଡ଼ିଆ ପଣା ପାନ କରିବାର ପରମ୍ପରା ରହିଛି। ତେଣୁ ଏହାକୁ ପଣା ସଂକ୍ରାନ୍ତି ବୋଲି ମଧ୍ୟ କୁହାଯାଏ।

ମହାବିଷୁବ ସଂକ୍ରାନ୍ତି କେବଳ ଓଡ଼ିଶାର ଜନଜୀବନ ମଧ୍ୟରେ ସୀମିତ ନାହିଁ, ଦେଶବିଦେଶରେ ଏହା ଭିନ୍ନ ଭିନ୍ନ ନାମରେ ପାଳନ କରାଯାଏ। ପଞ୍ଜାବରେ ବୈଶାଖୀ, ଆସାମରେ ବିହୁ, ମିଥିଳାରେ ଜୁଇର ଶିତଲ, ବଙ୍ଗଳାରେ ନବବର୍ଷ, କର୍ଣ୍ଣାଟକରେ ବିଷୁ ପର୍ବ, କେରଳରେ ବିଷୁ ଏବଂ ତାମିଲନାଡୁରେ ପୁଥାଣ୍ଡୁ ନାମରେ ଏହି ଦିନଟିକୁ ପାଳନ କରାଯାଏ। ଓଡ଼ିଶାରେ ଏହି ଦିନଟିକୁ ଲୋକମାନେ ଧୁମ୍‌ଦାମ ସହକାରେ ପାଳନ କରିଥାନ୍ତି। ବ୍ରାହ୍ମଣ, ଗରିବ ଲୋକମାନଙ୍କୁ ଏହିଦିନ ଛତୁଆ, ପଣା, ଛତା ଓ ତାଳପତ୍ରରେ ପ୍ରସ୍ତୁତ ପଙ୍ଖା ଦାନ କରିବାର ପରମ୍ପରା ରହିଛି। ପ୍ରତ୍ୟେକ ହିନ୍ଦୁ ପରିବାରରେ ଏହି ଦିନ ତୁଳସୀ ଚଉରାରେ ମାଟିରେ ତିଆରି ଠେକି ବସାହୁଏ। ଠେକିରେ ସରୁ କଣା କରି ଦୁବ ଲଗାଯାଇଥାଏ। ଚୈତ୍ର ପର୍ବ ନାମରେ ପରିଚିତ ଝାମୁଝାତ୍ରା, ହିଙ୍ଗୁଳା ଯାତ୍ରା ବା ପଟୁଆ ଯାତ୍ରା, ଦଣ୍ଡଯାତ୍ରା, ଉଡା ଯାତ୍ରା ଆଦି ମହାବିଷୁବ ସଂକ୍ରାନ୍ତି ପୂର୍ବରୁ ଶେଷ ହୋଇଥାଏ। ଏହି ଅବସରରେ ଓଡ଼ିଶାର ଛୋଟବଡ଼ ଦେବାଳୟଗୁଡ଼ିକ ଉତ୍ସବମୁଖର ହୋଇଉଠେ। ବିଭିନ୍ନ ସ୍ଥାନରେ ମେଳା, ମହୋତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥାଏ। କଟକର କଟକ ଚଣ୍ଡୀ, ଯାଜପୁରର ବିରଜା, ଝଙ୍କଡ଼ର ଶାରଳା, କାକଟପୁରର ମଙ୍ଗଳା, ସମ୍ବଲପୁରର ସମଲେଶ୍ୱରୀଙ୍କ ପୀଠରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ପାଇଁ ବହୁ ଜନସମାଗମ ହୁଏ। ସେଠାରେ ଝାମୁଯାତ୍ରା ଅନୁଷ୍ଠିତ ହୁଏ। ଉତ୍ତର ଓଡ଼ିଶାରେ ଏହାକୁ ଚଡ଼କ ପର୍ବ ଏବଂ ଦକ୍ଷିଣ ଓଡ଼ିଶାରେ ମେରୁଯାତ୍ରା ବୋଲି କୁହାଯାଏ।



ନବବର୍ଷକୁ ସ୍ୱାଗତ ଜଣାଇବା ପାଇଁ ବିଭିନ୍ନ ସ୍ଥାନରେ ଦଣ୍ଡନାଚ ଅନୁଷ୍ଠିତ ହୋଇଥାଏ। ପୃଥିବୀର ବିଭିନ୍ନ ସଂସ୍କୃତି ଏବଂ ପରମ୍ପରାଗୁଡ଼ିକ ମଧ୍ୟରେ ଭାରତୀୟ ହିନ୍ଦୁଧର୍ମ, ସଂସ୍କୃତି ଓ ପରମ୍ପରାର ସ୍ଥାନ ସ୍ୱତନ୍ତ୍ର। ସନାତନ ଧର୍ମର ଅବଶିଷ୍ଟାଂଶ ହିଁ ପରବର୍ତ୍ତୀ ସମୟରେ ବା ଆଧୁନିକ ସମାଜରେ ହିନ୍ଦୁଧର୍ମ ନାମ ବହନ କରିଛି। ଏହି ଧର୍ମ ଯାହା କହେ, ତାହା ହିଁ କାର୍ଯ୍ୟରେ ପରିଣତ କରେ। ଏହା ବିଜ୍ଞାନସମ୍ମତ ଭିତ୍ତିଭୂମି ଉପରେ ଆଧାରିତ। ହିନ୍ଦୁ ଧର୍ମରେ ସମସ୍ତ କଳ୍ପନା ହିଁ ବାସ୍ତବ ରୂପ ବହନ କରିଛି। ତେଣୁ କୁହାଯାଇଛି ଯାହା ନାହିଁ ଭାରତେ, ତାହା ନାହିଁ ଜଗତେ। କାଳ୍ପନିକ ମୂର୍ତ୍ତି, ଚିତ୍ରକଳା ଓ ଭାବନା ହିଁ ଈଶ୍ୱର ସତ୍ତାର ଅନୁଭବ ପ୍ରଦାନ କରିଥାଏ। କଳ୍ପନା ବିନା ବାସ୍ତବତା ପ୍ରାପ୍ତି ଅସମ୍ଭବ। ମାଧ୍ୟମ ବିନା ଈଶ୍ୱର ସତ୍ତାକୁ ଅନୁଭବ କରିବା ମଧ୍ୟ ଅସମ୍ଭବ। ଏହି ମୂର୍ତ୍ତି ପୂଜା, ଗୁରୁପୂଜା ଇତ୍ୟାଦି ମାଧ୍ୟମ ଆମ ଧର୍ମ ପରମ୍ପରାରେ ରହିଛି। ପୃଥିବୀ କମଳା ବା ଲେମ୍ବୁ ପରି ଗୋଲ। ଏହା ଭାରତୀୟ ବୈଜ୍ଞାନିକ ଓ ମୁନିଋଷିମାନେ କଳ୍ପନା କରିଥିଲେ ଓ ତାହାକୁ ବାସ୍ତବ ରୂପ ମଧ୍ୟ ଦେଇଥିଲେ। ଦଶାବତାର ପାରମ୍ପରିକ କଳାକାରମାନେ ବହୁ ବର୍ଷ ପୂର୍ବରୁ ବରାହଙ୍କ ଦୁଇ ଦାନ୍ତ ଉପରେ ପୃଥିବୀର ଗୋଲାକାର ରୂପକୁ ସ୍ଥାପନ କରିଛନ୍ତି। ଏହାକୁ ମଧ୍ୟ ଆଧୁନିକ ବୈଜ୍ଞାନିକମାନେ ଗ୍ରହଣ କରିଛନ୍ତି। ପୂର୍ବରୁ ମୁନିଋଷିମାନେ କଳ୍ପନା କରିଥିବା କାଳ୍ପନିକ ରେଖା ଅକ୍ଷାଂଶ, ଦ୍ରାଘିମା, ସୁମେରୁ, କୁମେରୁ, ବିଷୁବରେଖା ଇତ୍ୟାଦିକୁ ମଧ୍ୟ ବାସ୍ତବରେ ପ୍ରମାଣିତ କରାଯାଇଥିବାରୁ ଆଧୁନିକ ବୈଜ୍ଞାନିକମାନେ ମଧ୍ୟ ଏହା ଉପରେ ଭିତ୍ତିକରି ବାସ୍ତବ ନମୁନା ପାଇପାରୁଛନ୍ତି। ଏହି କାଳ୍ପନିକ ରେଖା ମଧ୍ୟରେ ବିଷୁବରେଖା ଅନ୍ୟତମ।

ହିନ୍ଦୁ ଧର୍ମରେ ଥିବା ବାର ରାଶିକୁ ଭିତ୍ତି କରି ଇଂରେଜମାନେ ୧୨ମାସ ଜାନୁୟାରୀ, ଫେବୃଆରୀ ଇତ୍ୟାଦି ନାମକରଣ କରିଛନ୍ତି। ଯେଉଁ ରାଶି ସହିତ ମଧ୍ୟ ରେଖା ଅର୍ଥାତ୍ ବିଷୁବ ରେଖା ସଂଯୁକ୍ତ ହୋଇଥିଲା ସେହି ମାସକୁ ରାଶି ଅନୁସାରେ ନାମିତ କରାଯାଉଥିଲା ଓ ସେହି ରେଖାଯୁକ୍ତ ଦିନଟିକୁ ସଂକ୍ରାନ୍ତି ବା ମାସର ପହିଲା ତଥା ତା'ର ପୂର୍ବଦିନକୁ ମାସନ୍ତ ବା ଗତ ମାସର ଶେଷଦିନ କୁହାଯାଉଥିଲା। ମେଶ ରାଶିରେ ବିଷୁବ ରେଖାର ସଂଯୁକ୍ତ ହେତୁ ବୈଶାଖ ମାସର ସଂକ୍ରାନ୍ତି ଠାରୁ ମେଷ ମାସର ଆରମ୍ଭ ଘଟେ। ଏଣୁ ଏହି ଦିନଟି ବର୍ଷର ପ୍ରଥମ ମାସର ପହିଲା ହୋଇଥିବାରୁ ହିନ୍ଦୁମାନେ ଏହାକୁ ନବବର୍ଷ ଭାବେ ପାଳନ କରନ୍ତି। ବିଦେଶୀମାନେ ଜାନୁଆରୀ ମାସର ପହିଲାକୁ ନବବର୍ଷ ଭାବେ ଗ୍ରହଣ କରି ମଦ, ମାଂସ ଭଳି ତାମସିକ ଖାଦ୍ୟ ଖାଇ ପାଳନ କରୁଥିବା ବେଳେ ହିନ୍ଦୁ ଧର୍ମାବଲମ୍ବୀମାନେ ମେଷ ମାସକୁ ବର୍ଷର ପ୍ରଥମ ମାସ ଓ ବିଷୁବ ସଂକ୍ରାନ୍ତି ଦିନଟିକୁ ପହିଲା ବୋଲି ଭାବି ସାତ୍ତ୍ୱିକତାର ସହିତ ପଣା ସଂକ୍ରାନ୍ତି ନାମରେ ପାଳନ କରିଥାଆନ୍ତି। ଏହି ସଂକ୍ରାନ୍ତି ଦିନ ମେଷ ରାଶିରେ ରବି ଅବସ୍ଥାନ କରୁଥିବାରୁ ଏହାକୁ ମଧ୍ୟ ମେଷ ସଂକ୍ରାନ୍ତି, ମହାବିଷୁବ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତି ବୋଲି କୁହାଯାଏ।


**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, "ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ**
**ମୋବାଇଲ୍: ୯୬୫୮୧୦୫୫୩୨**


# ପଞ୍ଚ ବଦନାୟ ନମୋ ନମଃ




**ପୁଷ୍ପମିତ୍ର ମହାପାତ୍ର**


"ଓଁ ନମୋ ହନୁମତେ ରୁଦ୍ରାବତାରାୟ, ପଞ୍ଚ ବଦନାୟ ନମୋ ନମଃ....' କଳି ଯୁଗରେ ମହାପ୍ରଭୁ ଶ୍ରୀ ଶ୍ରୀ ବୀର ହନୁମାନଙ୍କ କୃପା ଓ ଆଶୀର୍ବାଦ ସମସ୍ତେ ଅଳ୍ପ ବହୁତେ ପ୍ରତ୍ୟକ୍ଷ ଲାଭ କରିଥାନ୍ତି। ଯୁଗେ ଯୁଗେ ପାପର ବିନାଶ କରି ଧର୍ମର ପ୍ରତିଷ୍ଠା ପାଇଁ ମର୍ତ୍ତ୍ୟ ମଣ୍ଡଳରେ ଭଗବାନ ମାନବ ଦେହରେ ଲୀଳାଖେଳା କରି ଅଧର୍ମ, ଅସତ୍ୟ ଓ ଅନ୍ୟାୟର ସଂହାର ସହ ସତ୍ୟ, ଧର୍ମ ଓ ନ୍ୟାୟକୁ ପ୍ରତିଷ୍ଠା କରି ଆସିଛନ୍ତି। ସେହିପରି ଶ୍ରୀବିଷ୍ଣୁ ତାଙ୍କର ନଅଟି ଅବତାର ଯଥା - ମତ୍ସ୍ୟ, କଚ୍ଛପ, ବରାହ, ନୃସିଂହ, ବାମନ, ପର୍ଶୁରାମ, ରାମ, ବଳରାମ ଓ ବୌଦ୍ଧ ଅବତାର ଗ୍ରହଣ କରିଛନ୍ତି। ସେହିପରି କଳ୍‌କୀ ରୂପ ନେଇ କଳିଯୁଗରେ ଧର୍ମ ପ୍ରତିଷ୍ଠା ପାଇଁ ସଂକଳ୍ପସିଦ୍ଧ ବୋଲି ଆମେ ବିଭିନ୍ନ ଧର୍ମଶାସ୍ତ୍ରରେ ଜାଣିଛୁ। ଶ୍ରୀମଦ୍ ରାମାୟଣରେ ଭଗବାନ ମର୍ଯ୍ୟାଦାପୁରୁଷୋତ୍ତମ ଶ୍ରୀରାମ ଓ ମା' ସୀତାଙ୍କ ପରେ ହନୁମାନଙ୍କର ସ୍ଥାନ ରହିଛି ତୃତୀୟରେ। ସେହିପରି କୁହାଯାଏ ହନୁମାନ ଶିବଙ୍କ ଅଂଶରୁ ଜନ୍ମ ବା ଶିବ ହିଁ ହନୁମାନ ରୂପରେ ବିଷ୍ଣୁ ଅବତାରରେ ଆସିଥିଲେ। ଶିବଙ୍କର ଅନ୍ୟଗୋଟି ନାମ ହେଉଛି ପଞ୍ଚାନନ କାରଣ ତାଙ୍କର ପାଞ୍ଚଟି ମୁଖ ରହିଛି। ସେହିପରି ହନୁମାନଙ୍କୁ ସେ ରୁଦ୍ର ସ୍ୱରୂପ ପଞ୍ଚମୁଖ ଥିବାର ବର୍ଣ୍ଣନା କରାଯାଇଛି। ଶାସ୍ତ୍ରରେ ପଞ୍ଚମୁଖୀ ହନୁମାନ ହେଉଛନ୍ତି ମହାରୁଦ୍ରଙ୍କ ସ୍ୱରୂପ ଓ ସେ ପ୍ରତ୍ୟକ୍ଷ ସର୍ବଶକ୍ତିମାନ। ରାମାୟଣରେ ବର୍ଣ୍ଣିତ ରହିଛି ଯେ, ଅହି ରାବଣ ସମ୍ମୁଖରେ ବୀର ଶ୍ରୀ ହନୁମାନ ରୁଦ୍ରଙ୍କର ଭୟଙ୍କର ପ୍ରଳୟ ରୂପ ପଞ୍ଚମୁଖ ନେଇ ଆର୍ବିଭୂତ ହୋଇଥିଲେ ଓ ତା'ର ବିନାଶ କରି ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ପାତଳପୁରରୁ ଉଦ୍ଧାର କରିଥିଲେ। କଳିଯୁଗରେ ଅନେକ ଲୋକ ନିଜର ଶୁଭଫଳ ପ୍ରାପ୍ତ ପାଇଁ ବୀର ହନୁମାନଙ୍କର ପୂଜା, ସଂକଳ୍ପ ଓ ଆରଧାନା କରିଥାନ୍ତି। ହନୁମାନଙ୍କର ପଞ୍ଚମୁଖ ହେଉଛି କପିମୁଖ, ନରସିଂହମୁଖ, ଗରୁଡ଼ ମୁଖ, ବରାହମୁଖ, ଅଶ୍ୱ ବା ହୟଗ୍ରୀବମୁଖ। ଲୋକବିଶ୍ୱାସ ରହିଛି ଯେ, ଜଣେ ଗୃହସ୍ଥ ତା'ର ଗୃହର ପ୍ରବେଶ ପଥରେ ପଞ୍ଚମୁଖୀ ହନୁମାନଙ୍କ ବିଗ୍ରହ ରଖିଲେ ବାସ୍ତୁଦୋଷ ଖଣ୍ଡନ ହୋଇଥାଏ। କେବଳ ସେତିକି ନୁହେଁ ପରିବାରରେ ସୁଖଶାନ୍ତି ନିତ୍ୟ ବିରାଜମାନ କରିବା ସହିତ ଧନସମ୍ପତ୍ତି ବଢ଼ିଥାଏ। ଗୃହର ପ୍ରତିକୂଳ ବା ଅଶୁଭଫଳ ଲାଘବ ହେବାସହ ସର୍ବଶାନ୍ତି ବିରାଜମାନ କରିଥାଏ।

ବୀର ହନୁମାନଙ୍କର ପଞ୍ଚମୁଖର ପ୍ରଥମଟି ହେଉଛି କପିମୁଖ। କପିର ଅର୍ଥ ହେଉଛି ମର୍କଟ ବା ମାଙ୍କଡ। ବୀର ହନୁମାନଙ୍କର ଏହି ସକଳ ଶତ୍ରୁ ସଂହାରକ କପିମୁଖ ବିଷ୍ଣୁ ଅବତାରରେ ବିଷଦଭାବରେ ବର୍ଣ୍ଣନା କରାଯାଇଛି। ତେଣୁ କପିମୁଖ ବୀର ହନୁମାନଙ୍କୁ ବିଜୟ ପ୍ରଦାୟକ ବୋଲି କୁହାଯାଏ। ରାମାୟଣରେ ବର୍ଣ୍ଣିତ ମର୍ଯ୍ୟାଦା ପୁରୁଷ ଶ୍ରୀରାମଙ୍କ ସହ ସୁଗ୍ରୀବଙ୍କ ସାକ୍ଷାତ ଓ ବନ୍ଧୁତାର ସୂତ୍ରଧର ଥିଲେ ବୀର ହନୁମାନ। ସର୍ବପ୍ରଥମେ ଲଙ୍କାରେ ସେ ହିଁ ପ୍ରବେଶ କରିଥିଲେ। ଅସୁରମାନଙ୍କୁ ଭୟ ଦେଖାଇ ଅଶୋକ ବନରେ ମା'ସୀତାଙ୍କ ସନ୍ଧାନ ପାଇଥିଲେ। କେବଳ ସେତିକି ନୁହେଁ ବିଭୀଷଣଙ୍କ ସହ ମିତ୍ରତାର ସୂତ୍ରଧର ସହ ମାୟାପୁରୀ ଲଙ୍କାକୁ ଜାଳିପୋଡ଼ି ଧ୍ୱଂସ କରିଦେଇଥିଲେ। ନାଗଫାସରେ ବନ୍ଧା ରାମ ଓ ଲକ୍ଷ୍ମଣଙ୍କୁ ବନ୍ଧନମୁକ୍ତ ପାଇଁ ଗରୁଡ଼ଙ୍କୁ ଆଣିବା ସହ ଲକ୍ଷ୍ମଣଙ୍କ ଶକ୍ତିଭେଦ ବେଳେ ଗନ୍ଧମାର୍ଦ୍ଦନଙ୍କୁ ଉଠାଇ ଆଣିଥିଲେ ତେଣୁ ଶାସ୍ତ୍ରରେ ଶ୍ରୀରାମଙ୍କ ଶ୍ରେଷ୍ଠ ସେବକ ଭାବେ ହନୁମାନଙ୍କ ସ୍ଥାନ ବର୍ଣ୍ଣନା ରହିଛି। କପିମୁଖୀ ହନୁମାନଙ୍କ ପୂଜା ଆରଧାନା ଦ୍ୱାରା ଜଣଙ୍କ ସମସ୍ତ ଦୁଃଖ, କ୍ଲେଶ, ଚିନ୍ତା, ଅଭାବ ଓ ସମସ୍ତ ସଙ୍କଟ ଦୂର ହୋଇଥାଏ। ନରସିଂହ ମୁଖ ହେଉଛି କରାଳ ବଦନ ବା ମୁଖ। ଏହା ସାଧାରଣରେ ବିଶ୍ୱାସ ରହିଥିବା ଭୂତପ୍ରେତଙ୍କୁ ଦମନ କରିଥାଏ। ନରସିଂହମୁଖୀ ହନୁମାନ ହେଉଛନ୍ତି ସମସ୍ତ ଅଶୁଭ ଓ ଅସୁଖ ଶକ୍ତିର ବିନାଶକାରୀ। ସମସ୍ତ ପ୍ରକାର ଭୟ, ଜଣଙ୍କ ଉପରେ ପଡ଼ିଥିବା କୁଶକ୍ତି ଓ ସବୁ ବିପଦରୁ କେବଳ ଜଣକୁ ନୁହେଁ ତା'ର ପରିବାରକୁ ମୁକ୍ତ କରି ଘରର ଅଶୁଭ ଦୋଷ ଖଣ୍ଡନ କରିଥାଏ। ଗରୁଡ଼ମୁଖ ହେଉଛି ସବୁବେଳେ ବିଜୟ ପ୍ରାପ୍ତିର ସୂଚକ। ଏହା ସକଳ ବିଘ୍ନ ନିବାରକ ମଧ୍ୟ। ଏହି ଗରୁଡ଼ମୁଖଙ୍କୁ ପୂଜା କଲେ ବ୍ୟକ୍ତି ଓ ପରିବାରର ସମସ୍ତ ବିଘ୍ନ ଦୂର ହୋଇଥାଏ। ବରାହ ମୁଖ ହେଉଛି ବୀର ହନୁମାନଙ୍କର ସର୍ବଗ୍ରହ ଶାନ୍ତି କାରକ ଶକ୍ତି।



କୁହାଯାଏ ଯେ, ସମସ୍ତ ଗ୍ରହର ପ୍ରତିନିଧି ହେଉଛନ୍ତି ବୀର ହନୁମାନ। ତେଣୁ ନବଗ୍ରହଙ୍କ ପ୍ରତିନିଧି ଦେବତା ଭାବେ ହନୁମାନଙ୍କୁ ବିଶ୍ୱାସ କରାଯାଏ। ବୀର ହନୁମାନ ହେଉଛନ୍ତି ରବିଙ୍କର ତେଜ ଓ ନେତୃତ୍ୱର ପ୍ରତୀକ, ସେହିପରି ଚନ୍ଦ୍ରଙ୍କ ସୌନ୍ଦର୍ଯ୍ୟ, ନିର୍ମଳ ମନ ଓ ଭକ୍ତିର ପ୍ରତୀକ। ମଙ୍ଗଳଙ୍କ ବୀରତ୍ୱ ଓ ଉଗ୍ରତ୍ୱର ପ୍ରତୀକ, ବୁଦ୍ଧଙ୍କ ବୁଦ୍ଧି ଓ ପାଣ୍ଡିତ୍ୟର ପ୍ରତୀକ। ବୃହସ୍ପତିଙ୍କ ବିଦ୍ୟା, ସମ୍ମାନ ଓ ଯଶର ପ୍ରତୀକ। ଶୁକ୍ରଙ୍କର ଐଶ୍ୱର୍ଯ୍ୟ ଓ କଳାର ପ୍ରତୀକ। ଶନିଙ୍କର କଠୋରତାର ପ୍ରତୀକ, ରାହୁଙ୍କ ପ୍ରଚଣ୍ଡତ୍ୱର ପ୍ରତୀକ ଓ କେତୁଙ୍କ ମାୟାର ପ୍ରତୀକ। ତେଣୁ ବୀର ହନୁମାନ ହେଉଛନ୍ତି ନବଗ୍ରହ ସ୍ୱରୂପ। ଏଣୁ ବିଶ୍ୱାସ ରହିଛି ଗରୁଡ଼ ମୁଖ ହନୁମାନଙ୍କୁ ପୂଜାକଲେ ନବଗ୍ରହଙ୍କ ବର, ଆଶୀର୍ବାଦ ଓ ଶୁଭଫଳ ନିଶ୍ଚିନ୍ତ ଭାବରେ ପ୍ରାପ୍ତ ହୋଇଥାଏ। ଅଶ୍ୱ ବା ହୟଗ୍ରୀବ ମୁଖ ହେଉଛି ଅନୁକୂଳ ପରିସ୍ଥିତି ସୃଷ୍ଟିକାରୀ କୃପା ଆଶୀର୍ବାଦର ପ୍ରତୀକ। ଜଣେ ଏହି କୃପାପ୍ରାପ୍ତ ହୋଇ ବୀର ହନୁମାନଙ୍କ ଆଶୀର୍ବାଦରେ ସହଜରେ ସମସ୍ତ କାର୍ଯ୍ୟ ସମ୍ପାଦନ କରି ଅନ୍ୟମାନଙ୍କ ପ୍ରିୟପାତ୍ର ହୋଇଥାଏ। ଲୋକବିଶ୍ୱାସ ରହିଛି ପଞ୍ଚମୁଖୀ ହନୁମାନଙ୍କୁ ଗୃହ ସମ୍ମୁଖରେ ରଖି ଭକ୍ତି ଓ ପୂଜା ବିଶ୍ୱାସର ସହ ତାଙ୍କ ଆରଧାନ କଲେ ଗୃହକର୍ତ୍ତା ବା ଘରର ମୁରବୀ ସମସ୍ତ ଶୁଭଫଳ ପ୍ରାପ୍ତ ହେବା ସହ ଘରର ପ୍ରତିକୂଳ ପ୍ରଭାବ ହ୍ରାସ ହୋଇ ସବୁକ୍ଷେତ୍ରରେ ଅନୁକୂଳ ପରିସ୍ଥିତି ସୃଷ୍ଟି କରିଥାଏ। କେବଳ ସେତିକି ନୁହେଁ ଗୃହଦୋଷ ଓ ଗ୍ରହ ଦୋଷ ଖଣ୍ଡନ ହୋଇଥାଏ। ସେହିପରି ଘରର ସମସ୍ତ ବାସ୍ତୁଦୋଷ, ପ୍ରତିକୂଳ ପରିସ୍ଥିତିରୁ ଭଲ ସ୍ଥିତିକୁ ରୂପାନ୍ତରିତ କରିଥିବା ସର୍ବଶକ୍ତିମାନ ହେଉଛନ୍ତି ଏହି ପଞ୍ଚମୁଖୀ ହନୁମାନ। ଆସନ୍ତୁ ଏହି କଳିଯୁଗରେ ସଦାସର୍ବଦା ବୀର ହନୁମାନଙ୍କ ନାମ ସ୍ମରଣ କରି ସବୁବେଳେ ସତ୍ୟ ଓ ଧର୍ମ ପଥରେ ଚାଲି ନିଜ ଜୀବନକୁ ଜଗତର କଲ୍ୟାଣ ପାଇଁ ଉତ୍ସର୍ଗ କରିବା। ଜୟ ବୀର ହନୁମାନ।


**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ସେକ୍ଟର-୬, ସିଡିଏ, କଟକ, ମୋବାଇଲ୍: ୯୪୩୭୨୨୫୬୮୯**

# 'ନମସ୍ତେ ଯୋଜନା'ରେ ସେପ୍ଟିକ ଟ୍ୟାଙ୍କ କର୍ମଚାରୀଙ୍କୁ ମାଗଣା ଚିକିତ୍ସା



ଫରିଦାବାଦ,୧୩।୪: ସଫେଇ କର୍ମଚାରୀମାନଙ୍କୁ ସ୍ୱେରେଜ ମ୍ୟାନହାଲ କିମ୍ବା ସେପ୍ଟିକ ଟ୍ୟାଙ୍କ ସଫା କରିବା ସମୟରେ ଦୁର୍ଘଟଣାଜନିତ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। ସେମାନେ ନମସ୍ତେ ଯୋଜନାରେ ସ୍ୱାସ୍ଥ୍ୟ ସୁବିଧା ପାଇପାରିବେ। ଏଥିପାଇଁ କର୍ମଚାରୀମାନଙ୍କୁ ମ୍ୟୁନିସିପାଲ କର୍ପୋରେସନରେ ପଞ୍ଜୀକୃତ କରାଯାଇଛି। ନମସ୍କାର, ଏହା କେନ୍ଦ୍ର ସରକାରଙ୍କ ଏକ ଯୋଜନା। ଏହାର ପୂର୍ଣ୍ଣ ନାମ ହେଉଛି ନ୍ୟାସନାଲ ଆକ୍ସନ ଫର ମେକାନାଇଜଡ ସାନିଟେସନ ଇକୋସିଷ୍ଟମ। ଏହାର ଉଦ୍ଦେଶ୍ୟ ହେଉଛି ସ୍ୱେରେଜ ଏବଂ ସେପ୍ଟିକ ଟ୍ୟାଙ୍କ ସଫା କରିବାରେ ନିୟୋଜିତ କର୍ମଚାରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା। ସ୍ୱେରେଜ ମ୍ୟାନହୋଲ ସଫା କରିବା ସମୟରେ, ଗ୍ୟାସ ଯୋଗୁଁ ଶ୍ରମିକମାନେ ପ୍ରାୟତଃ ମୃତ୍ୟୁବରଣ କରନ୍ତି କିମ୍ବା ଚେତାଶୂନ୍ୟ ହୋଇ ପଡ଼ିଯାଆନ୍ତି। ଏପରି ଅନେକ ମାମଲା ସାମ୍ନାକୁ ଆସିଛି ଯେଉଁଠାରେ ଜଣେ କର୍ମଚାରୀଙ୍କ ମୃତ୍ୟୁ ପରେ, ପୀଡିତଙ୍କ ପରିବାରରେ କୌଣସି ରୋଜଗାରକ୍ଷମ ସଦସ୍ୟ ନଥିଲେ କିମ୍ବା ଅଚେତ କର୍ମଚାରୀଙ୍କ ଆର୍ଥିକ ଅବସ୍ଥା ଏପରି ନଥିଲା ଯେ ପରିବାର ତାଙ୍କୁ ଚିକିତ୍ସା କରାଇପାରିବେ। ଅନେକ ଥର ଏପରି ମଧ୍ୟ ଘଟିଥିଲା ଯେ କ୍ଷତିପୂରଣ ପାଇବା ପାଇଁ ପୀଡିତଙ୍କ ପରିବାର ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏପରି ସଫେଇ କର୍ମଚାରୀଙ୍କ ପାଇଁ ନମସ୍ତେ ଯୋଜନା କାର୍ଯ୍ୟକାରୀ କରାଯାଇଛି। କର୍ମଚାରୀମାନଙ୍କୁ ପଞ୍ଜିକରଣ କରିବା କାର୍ଯ୍ୟ ଚାଲିଛି, ଯାହା ଦ୍ୱାରା ଅଧିକରୁ ଅଧିକ କର୍ମଚାରୀ ଏହି ଯୋଜନାର ଲାଭ ଉଠାଇପାରିବେ। ଏହି ନିଗମରେ ପ୍ରାୟ ୧୯୨ ଜଣ କର୍ମଚାରୀ ଅଛନ୍ତି ଯେଉଁମାନେ ମ୍ୟାନହୋଲ କିମ୍ବା ସେପ୍ଟିକ ଟ୍ୟାଙ୍କ ସଫା କରିବା କାମ କରନ୍ତି, ଯେଉଁମାନଙ୍କ ମଧ୍ୟରୁ ଅଧିକାଂଶ ପଞ୍ଜିକୃତ। ପଞ୍ଜୀକରଣ ପରେ, କର୍ମଚାରୀଙ୍କ ପରିଚୟପତ୍ର ପ୍ରସ୍ତୁତ ହୋଇଯିବ, ଯିଏ ଚିକିତ୍ସା କିମ୍ବା ଆର୍ଥିକ ସହାୟତା ପାଇବେ।

# ରାଷ୍ଟ୍ରପତିଙ୍କ ବୈଶାଖୀ ଶୁଭେଚ୍ଛା



ନୂଆଦିଲ୍ଲୀ,୧୩।୪:ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୈଶାଖୀ ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ନେତାମାନେ ଏହାକୁ ଏକତା, ସମୃଦ୍ଧି ଏବଂ ନୂତନ ଆରମ୍ଭର ପର୍ବ ଭାବରେ ବର୍ଣ୍ଣନା କରିଥିଲେ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କ X ହ୍ୟାଣ୍ଡେଲରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏହି ବର୍ଷ, ବୈଶାଖୀ ୧୩ ଏପ୍ରିଲରେ ପାଳନ କରାଯାଉଛି । ଏହାକୁ ବୈଶାଖୀ ମଧ୍ୟ କୁହାଯାଏ, ଏହି ପର୍ବ ପଞ୍ଜାବୀ ଏବଂ ଶିଖ ନବବର୍ଷର ଆରମ୍ଭକୁ ଚିହ୍ନିତ କରେ ଏବଂ ଏହା ମୁଖ୍ୟତଃ ଉତ୍ତର ଭାରତରେ, ବିଶେଷକରି ପଞ୍ଜାବରେ ପାଳନ କରାଯାଏ । ଏହା ଫସଲ ଋତୁର ଆରମ୍ଭକୁ ମଧ୍ୟ ସୂଚିତ କରେ। ରାଷ୍ଟ୍ରପତି ତାଙ୍କ ବାର୍ତ୍ତାରେ ଏହି ପର୍ବ ଗୁଡ଼ିକୁ ସାଂସ୍କୃତିକ ଏକତା ଏବଂ ଖୁସିର ପ୍ରତୀକ ଭାବରେ ବର୍ଣ୍ଣନା କରିଛନ୍ତି । ଦେଶର ବିଭିନ୍ନ ସ୍ଥାନରେ ଫସଲ ଅମଳ ସମୟରେ ପାଳିତ ଏହି ପର୍ବଗୁଡ଼ିକ ଆମର ସାମାଜିକ ପରମ୍ପରା ଏବଂ ବିବିଧତା ମଧ୍ୟରେ ଏକତାର ପ୍ରତୀକ । ଏହି ପର୍ବଗୁଡ଼ିକ ମାଧ୍ୟମରେ ଆମେ ଖାଦ୍ୟ ଯୋଗାଣକାରୀଙ୍କ ପ୍ରତି ଆମର କୃତଜ୍ଞତା ଏବଂ ସମ୍ମାନ ପ୍ରକାଶ କରୁ । ଏହି ପର୍ବଗୁଡ଼ିକ ଆମକୁ ପ୍ରକୃତିର ସଂରକ୍ଷଣ ଏବଂ ଭାରତର ସାଂସ୍କୃତିକ ଐତିହ୍ୟର ପ୍ରସାର କରିବାର ବାର୍ତ୍ତା ମଧ୍ୟ ଦିଅନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ବାର୍ତ୍ତାରେ ଲେଖିଛନ୍ତି, "ସମସ୍ତଙ୍କୁ ବୈଶାଖୀର ବହୁତ ବହୁତ ଶୁଭକାମନା ! ଏହି ପର୍ବ ଆପଣଙ୍କ ଜୀବନରେ ନୂତନ ଆଶା, ସୁଖ ଏବଂ ସମୃଦ୍ଧି ଆଣିଦେଉ। ଆମେ ସର୍ବଦା ଏକତା, କୃତଜ୍ଞତା ଏବଂ ନବୀକରଣର ଭାବନା ପାଳନ କରୁ । ଏହି ସମସ୍ତ ପର୍ବ ଦେଶର ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ନାମ ଏବଂ ପରମ୍ପରା ସହିତ ପାଳନ କରାଯାଏ। ପଞ୍ଜାବରେ ଶିଖ ସମ୍ପ୍ରଦାୟର ମୁଖ୍ୟ ପର୍ବ ବୈଶାଖୀ ହୋଇଥିବା ବେଳେ, ଆସାମର ବୋହାଗ ବିହୁ, ତାମିଲନାଡୁର ପୁଥାଣ୍ଡୁ ଏବଂ ପଶ୍ଚିମବଙ୍ଗର ପୋଇଲା ବୈଶାଖ ନୂତନ ବର୍ଷର ଆରମ୍ଭକୁ ଚିହ୍ନିତ କରନ୍ତି।

# ପଶ୍ଚିମବଙ୍ଗରେ ହିଂସା ଜାରି ୧୫୦ରୁ ଉର୍ଦ୍ଧ୍ୱ ଗିରଫ



ପଶ୍ଚିମବଙ୍ଗ,୧୩।୪: ୱାକଫ୍ ସଂଶୋଧନକୁ ନେଇ ପଶ୍ଚିମବଙ୍ଗରେ ତୀବ୍ର ହିଂସା ଦେଖିବାକୁ ମିଳିଛି। ଏଥିରେ କିଛିଲୋକ ପ୍ରାଣ ହରାଇଥିବା ବେଳେ ଅନେକ ଆହତ ହୋଇଛନ୍ତି। ବିରୋଧୀ ମୁଖ୍ୟ ତଥା ବିଜେପି ନେତା ଶୁଭେନ୍ଦୁ ଅଧିକାରୀ ଦାବି କରିଛନ୍ତି ଯେ, ମୁର୍ଶିଦାବାଦ ଜିଲ୍ଲାରେ ଅନେକ ହିନ୍ଦୁ ପଳାୟନ କରିଛନ୍ତି। ଏହି ଘଟଣାକୁ ନେଇ ସାମ୍ନାକୁ ଆସିଥିବା ଭିଡିଓରେ ଦେଖିବାକୁ ମିଳୁଛି, ଜୀବନ ବଞ୍ଚାଇବାକୁ ଲୋକମାନେ ପିଲା ଛୁଆଙ୍କୁ ଧରି ସୁରକ୍ଷା ପାଇଁ ନଦୀ ପାର ହୋଇ ମାଲଦା ଜିଲ୍ଲାକୁ ଚାଲିଯାଉଛନ୍ତି। ଶୁଭେନ୍ଦୁ କହିଛନ୍ତି, "ଧାର୍ମିକ ଭାବନାରେ ଅନ୍ଧ ଲୋକଙ୍କ ଭୟରେ ମୁର୍ଶିଦାବାଦର ଧୂଳିଆନ୍ ରୁ ୪୦୦ ରୁ ଅଧିକ ହିନ୍ଦୁ ନଦୀ ପାର ହୋଇ ପଳାଇବାକୁ ଏବଂ ଲାଲପୁର ହାଇସ୍କୁଲ, ଦେଓନାପୁର-ସୋଭାପୁର ପଂଚାୟତ, ବୈଷ୍ଣବନଗର, ମାଲଦାରେ ଆଶ୍ରୟ ନେବାକୁ ବାଧ୍ୟ ହୋଇଛନ୍ତି। ଟିଏମସିର ତୁଷ୍ଟିକରଣ ରାଜନୀତି ମୌଳବାଦୀ ତତ୍ତ୍ୱମାନଙ୍କୁ ଉତ୍ସାହିତ କରିଛି। ହିନ୍ଦୁମାନଙ୍କୁ ଶିକାର କରାଯାଉଛି, ଆମର ଲୋକମାନେ ନିଜ ନିଜ ଭୂମିରେ ନିଜ ଜୀବନ ପାଇଁ ଦୌଡୁଛନ୍ତି! ଆଇନ ଶୃଙ୍ଖଳାର ଏହି ଭଙ୍ଗକୁ ଅନୁମତି ଦେବା ପାଇଁ ରାଜ୍ୟ ସରକାରଙ୍କୁ ଲଜ୍ଜା ଲାଗୁଛି। ମୁଁ ଜିଲାରେ ନିୟୋଜିତ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ, ରାଜ୍ୟ ପୋଲିସ ଏବଂ ଜିଲା ପ୍ରଶାସନକୁ ଏହି ବିସ୍ଥାପିତ ହିନ୍ଦୁମାନଙ୍କର ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ସୁନିଶ୍ଚିତ କରିବାକୁ ଏବଂ ଏହି ଜିହାଦୀ ଆତଙ୍କବାଦରୁ ସେମାନଙ୍କ ଜୀବନକୁ ରକ୍ଷା କରିବାକୁ ଅନୁରୋଧ କରୁଛି।" ଶୁକ୍ରବାର ପ୍ରାର୍ଥନା ପରେ ଆରମ୍ଭ ହୋଇଥିବା ହିଂସା ଦ୍ୱିତୀୟ ଦିନ ପର୍ଯ୍ୟନ୍ତ ଜାରି ରହିଛି। ପୋଲିସ ନିଶ୍ଚିତ କରିଛି ଯେ ସଂଘର୍ଷରେ ଅତି କମରେ ତିନି ଜଣଙ୍କର ମୃତ୍ୟୁ ହୋଇଛି। ରବିବାର, କର୍ତ୍ତୃପକ୍ଷ ରାତିସାରା ଚଢାଉ ପରେ ଆଉ ବାର ଜଣଙ୍କୁ ଗିରଫ କରିଛନ୍ତି, ଯାହା ଫଳରେ ମୋଟ ଗିରଫ ସଂଖ୍ୟା ୧୫୦କୁ ବୃଦ୍ଧି ପାଇଛି।

# ସିକ୍ରେଟ ଡିଲ୍ କରି ଧୋକାଦେଲା ଶ୍ରୀଲଙ୍କା



କଲମ୍ବୋ,୧୩।୪: ଆମର ଦକ୍ଷିଣ ପଡ଼ୋଶୀ ଶ୍ରୀଲଙ୍କା ଏକ ଛୋଟ ଦେଶ। କିନ୍ତୁ, ସମୁଦ୍ର ମଧ୍ୟଭାଗରେ ଅବସ୍ଥିତ ହୋଇଥିବାରୁ ଏହାର ମୂଲ୍ୟ ସର୍ବଦା ଅଧିକ ରହିଆସିଛି। ଏହା ମଧ୍ୟ ଏହାର ଶକ୍ତି। ଭାରତ ଏହି ଦେଶକୁ ହୃଦୟରୁ ଭଲ ପାଏ। ଭାରତ ଏହି ଦେଶର ସ୍ଥିରତା ଏବଂ ଶାନ୍ତି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରେ। ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶ୍ରୀଲଙ୍କା ଗସ୍ତ କରିଛନ୍ତି, ଯାହାକୁ ନେଇ ବହୁ ଚର୍ଚ୍ଚା ବି ହୋଇଥିଲା। ପ୍ରଧାନମନ୍ତ୍ରୀ ମୋଦି ତାଙ୍କ ଗସ୍ତ ସମୟରେ ଭାରତର ସହଯୋଗରେ ନିର୍ମିତ କୋଟି କୋଟି ଟଙ୍କାର ପ୍ରକଳ୍ପର ଉଦଘାଟନ କରିଥିଲେ। କିନ୍ତୁ, ଏହି ଦେଶ ବିଶ୍ୱସ୍ତ ନୁହେଁ। ଗତ ଆର୍ଥିକ ସଙ୍କଟ ସମୟରେ ମଧ୍ୟ ଭାରତ ତାଙ୍କୁ ପୂର୍ଣ୍ଣ ହୃଦୟରେ ସାହାଯ୍ୟ କରିଥିଲା।

ଗତ ଦୁଇ ଦଶନ୍ଧି ମଧ୍ୟରେ, ଭାରତ ପ୍ରତି ଏହି ଦେଶର ଆଚରଣ ବହୁତ ଭଲ ହୋଇନାହିଁ। ଦୀର୍ଘ ସମୟ ଧରି ସେଠାରେ ସରକାରରେ ଥିବା ପୂର୍ବତନ ରାଷ୍ଟ୍ରପତି ମହିନ୍ଦା ରାଜାପାକ୍ଷେ ଭାରତର ସ୍ୱାର୍ଥ ବିରୁଦ୍ଧରେ ଅନେକ ପଦକ୍ଷେପ ନେଇଥିଲେ। ସେ ଚାଇନା ସହିତ ଏପରି ଅନେକ ଚୁକ୍ତି କରିଥିଲେ ଯାହା ସିଧାସଳଖ ଭାରତର ରଣନୈତିକ ସ୍ୱାର୍ଥ ବିରୁଦ୍ଧରେ ଥିଲା। ଏଥିରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ଥିଲା ହମ୍ବନଟୋଟା ବନ୍ଦରକୁ ଚାଇନାକୁ ଲିଜ ଦେବା। ତଥାପି, ଏବେ ଶ୍ରୀଲଙ୍କାରେ ଏକ ନୂଆ ସରକାର ଅଛି। ଶ୍ରୀଲଙ୍କାର ନୂଆ ରାଷ୍ଟ୍ରପତି ଅନୁରା କୁମାର ଦିସାନାୟକେ କହିଛନ୍ତି ଯେ ସେ ଭାରତର ସ୍ୱାର୍ଥ ବିରୁଦ୍ଧରେ କିଛି କରିବେ ନାହିଁ। ଏହି ସମୟରେ, ଶ୍ରୀଲଙ୍କା ଏକ ବଡ଼ କାମ କରିଛି। ପ୍ରକୃତରେ, ଶ୍ରୀଲଙ୍କା ମଧ୍ୟ ଏହାର ବାୟୁସେନାକୁ ଅପଗ୍ରେଡ କରୁଛି। ଏଥିପାଇଁ ସେ ଯୁଦ୍ଧ ବିମାନର ଏକ ଚୁକ୍ତି କରିଛନ୍ତି। ଏଥିପାଇଁ ତାଙ୍କୁ ଭାରତର ଯୁଦ୍ଧ ବିମାନ ତେଜସ ଏମ୍‌କେ-୧ କିଣିବାକୁ କୁହାଯାଇଥିଲା। ତାଙ୍କ ପାଖରେ ଚାଇନାର ଯୁଦ୍ଧ ବିମାନ ଜେଏଫ୍ -୧୭ର ବିକଳ୍ପ ମଧ୍ୟ ଥିଲା। ଏହା ଇସ୍ରାଏଲ ସହିତ ଏକ ବଡ଼ ଚୁକ୍ତି କରିଛି, ଯାହା ଫଳରେ ତେଜସ ଏମ୍‌କେ-୧ ଉପରେ ଭାରତ ସହିତ ଦୀର୍ଘ ସମୟ ଧରି ଚାଲିଥିବା ଆଲୋଚନା ଅସମ୍ପୂର୍ଣ୍ଣ ରହିଛି। ଚାଇନା କିମ୍ବା ଭାରତରୁ ଯୁଦ୍ଧ ବିମାନ କିଣିବା ପରିବର୍ତ୍ତେ, ସେମାନେ ସେମାନଙ୍କର ବିଦ୍ୟମାନ ଯୁଦ୍ଧ ବିମାନ ଫ୍ଲିଟ୍‌କୁ ଅପଡେଟ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଶ୍ରୀଲଙ୍କା ପାଖରେ ବର୍ତ୍ତମାନ Kfir ଯୁଦ୍ଧ ବିମାନ ଅଛି। ଏହି ଯୁଦ୍ଧ ବିମାନଗୁଡ଼ିକ ଇସ୍ରାଏଲୀ ଯୁଦ୍ଧ ବିମାନ। ଏହି ଲଢ଼ୁଆ ବିମାନଗୁଡ଼ିକୁ ଅପଡେଟ କରିବା ପାଇଁ, ଇସ୍ରାଏଲୀ ଏରୋସ୍ପେସ ଇଣ୍ଡଷ୍ଟ୍ରିଜ ସହିତ ୪୯ ନିୟୁତ ଡଲାର ମୂଲ୍ୟର ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ବର୍ତ୍ତମାନ ତାଙ୍କ ପାଖରେ ପାଞ୍ଚଟି ଜେଟ ବିମାନ ଅଛି। ଏହି ଚୁକ୍ତି ପରେ ଆଲୋଚନା ହେଉଛି କି ଶ୍ରୀଲଙ୍କା ଭାରତକୁ 'ଧୋକା' ଦେଇଛି।

# ବାଣ କାରଖାନାରେ ବିସ୍ଫୋରଣ, ୮ ମୃତ



ଅମରାବତି,୧୩।୪: ଆନ୍ଧ୍ରପ୍ରଦେଶର ଆନାକାପାଲି ଜିଲାରେ ଏକ ବାଣ କାରଖାନାରେ ବିସ୍ଫୋରଣ ଘଟିଛି। ବିସ୍ଫୋରଣର ଶବ୍ଦ ଏତେ ଜୋରରେ ଥିଲା ଯେ ଲୋକମାନେ ଏହାକୁ ଅନେକ କିଲୋମିଟର ଦୂର ପର୍ଯ୍ୟନ୍ତ ଶୁଣିପାରିଥିଲେ। ଏହି ବିସ୍ଫୋରଣରେ କାରଖାନାରେ କାମ କରୁଥିବା ୮ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା। ଆନାକାପାଲି ପୋଲିସ ଅଧୀକ୍ଷକ ତୁହିନ ସିହ୍ନା ଏ ସମ୍ପର୍କରେ ସୂଚନା ଦେବା ସହିତ ଘଟଣା ଘଟିଥିବା ନିଶ୍ଚିତ କରିଛନ୍ତି। ଆନ୍ଧ୍ର ପ୍ରଦେଶର ମୁଖ୍ୟମନ୍ତ୍ରୀ ଏନ ଚନ୍ଦ୍ରବାବୁ ନାଇଡୁ ଆନାକାପାଲି ଜିଲାର କୋଟାଭୁରୁତଲାରେ ଏକ ବାଣ ତିଆରି ୟୁନିଟରେ ବିସ୍ଫୋରଣରେ ୮ଜଣ ଶ୍ରମିକଙ୍କ ମୃତ୍ୟୁ ଉପରେ ଶୋକ ପ୍ରକାଶ କରିଛନ୍ତି। ଘଟଣା ବିଷୟରେ ସୂଚନା ସଂଗ୍ରହ କରିବା ପାଇଁ ମୁଖ୍ୟମନ୍ତ୍ରୀ ଜିଲା କଲେକ୍ଟର, ପୋଲିସ ଅଧୀକ୍ଷକ ଏବଂ ରାଜ୍ୟ ଗୃହମନ୍ତ୍ରୀ ଅନିତାଙ୍କ ସହ ଫୋନରେ କଥା ହୋଇଥିଲେ। ଆହତମାନଙ୍କୁ ଚିକିତ୍ସା ସେବା ଯୋଗାଇବା ନିଶ୍ଚିତ କରିବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ପୀଡିତ ପରିବାରକୁ ସରକାର ସମର୍ଥନ କରିବେ ବୋଲି ଆଶ୍ୱାସନା ଦେଇଥିଲେ ଏବଂ ସେମାନଙ୍କୁ ଦୃଢ଼ ରହିବାକୁ ଅନୁରୋଧ କରିଥିଲେ। ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ତାଙ୍କୁ ଏକ ରିପୋର୍ଟ ପ୍ରଦାନ କରିବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆହତ ଶ୍ରମିକଙ୍କ ମଧ୍ୟରୁ ଦୁଇ ଜଣଙ୍କ ଅବସ୍ଥା ଗୁରୁତର ଥିବା ଅଧିକାରୀମାନେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଥିଲେ।

# ବିବାହର ପ୍ରତିଶ୍ରୁତି ଦେଇ ମହିଳା ଡାକ୍ତରଙ୍କୁ ବଳାତ୍କାର ଆଇପିଏସ୍ ଅଧିକାରୀଙ୍କ ବିରୋଧରେ ମାମଲା



ନାଗପୁର,୧୩।୪: ମହାରାଷ୍ଟ୍ରର ନାଗପୁରରେ ମହିଳା ଡାକ୍ତରଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ବଳାତ୍କାର କରିବା ଅଭିଯୋଗରେ ଜଣେ ୩୦ ବର୍ଷୀୟ IPS ଅଧିକାରୀଙ୍କ ବିରୁଦ୍ଧରେ ମାମଲା ରୁଜୁ କରିଛି ପୋଲିସ। ଶୁକ୍ରବାର (ଏପ୍ରିଲ ୧୧) ୨୮ ବର୍ଷୀୟ ମହିଳା ନାଗପୁରର ଇମାମୱାଡା ପୋଲିସ ଷ୍ଟେସନରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଯୁବତୀ ଜଣକ ପୋଲିସ ଅଧିକାରୀଙ୍କ ସହିତ ନଭେମ୍ବର ୨୦୨୨ ରେ ସୋସିଆଲ ମିଡିଆ ପ୍ଲାଟଫର୍ମ ଇନଷ୍ଟାଗ୍ରାମ ମାଧ୍ୟମରେ ସମ୍ପର୍କରେ ଆସିଥିଲେ। ଅଭିଯୁକ୍ତ ସେତେବେଳେ ୟୁନିଅନ ପବ୍ଲିକ୍ ସର୍ଭିସ କମିଶନ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ, ଯେତେବେଳେ ମହିଳା ଜଣକ ଏମ୍‌ବିବିଏସ୍ ପାଠ୍ୟକ୍ରମ କରୁଥିଲେ, ପୋଲିସ କହିଛି। ସେମାନଙ୍କର ଅନଲାଇନ୍ କଥାବାର୍ତ୍ତା ଶୀଘ୍ର ଫୋନ୍ କଲରେ ପରିଣତ ହୋଇଥିଲା। ବନ୍ଧୁ ହେବା ପରେ, ଅଭିଯୁକ୍ତ ମହିଳାଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ଏବଂ ତାଙ୍କ ସହିତ ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲେ,। ତେବେ ଭାରତୀୟ ପୋଲିସ ସେବା ଆଇପିଏସ୍ ପାଇଁ ଚୟନ ହେବା ପରେ, ଅଭିଯୁକ୍ତ ଅଣଦେଖା କରିବା ଆରମ୍ଭ କରିଥିଲେ ଏବଂ ତାଙ୍କୁ ବିବାହ କରିବାକୁ ମନା କରିଥିଲେ। ପୁରୁଷଙ୍କ ପରିବାର ମଧ୍ୟ ମହିଳାଙ୍କ କଥାର କୌଣସି ଉତ୍ତର ଦେଇ ନଥିଲେ, ଯାହା ଫଳରେ ସେ ବାଧ୍ୟ ହୋଇ ଇମାମୱାଡା ପୋଲିସ ନିକଟରେ ଅଭିଯୋଗ କରିଥିଲେ। ମହିଳା ଡାକ୍ତରଙ୍କ ଅଭିଯୋଗକୁ ଆଧାର କରି ଶନିବାର ଆଇପିଏସ ଅଧିକାରୀଙ୍କ ବିରୁଦ୍ଧରେ ବଳାତ୍କାର ଅଭିଯୋଗରେ ଏକ ମାମଲା ରୁଜୁ କରାଯାଇଛି ଏବଂ ଅଧିକ ତଦନ୍ତ ଚାଲିଛି ବୋଲି ପୋଲିସ କହିଛି।

# ନାବାଳିକାକୁ ଯୌନ ନିର୍ଯାତନା, ୮ ଗିରଫ

ନୂଆଦିଲ୍ଲୀ,୧୩।୪:ସିକିମ୍‌ର ଗ୍ୟାଲସିଂ ଜିଲ୍ଲାରେ ଏକ ଅଭାବନୀୟ ଘଟଣା ଘଟିଛି । ଜଣେ ୧୩ ବର୍ଷୀୟା ଝିଅକୁ ମାସ ମାସ ଧରି ବଳାତ୍କାର କରିବା ଅଭିଯୋଗରେ ଚାରି ପୁଅ ସମେତ ଆଠ ଜଣଙ୍କୁ ଗିରଫ କରାଯାଇଛି । ଏନେଇ ପୋଲିସ ଆଜି ଏହି ସୂଚନା ଦେଇଛି । ଶୁକ୍ରବାର ଦିନ ପୀଡିତାଙ୍କ ସ୍କୁଲ ତାଙ୍କ ଅବସ୍ଥା ବିଷୟରେ ଜଣାଇବା ପରେ ଶିଶୁ କଲ୍ୟାଣ କମିଟି ଦ୍ୱାରା ଦାଖଲ କରାଯାଇଥିବା ଅଭିଯୋଗ ଆଧାରରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। କାଉନସେଲିଂ ସମୟରେ ଜଣା ପଡିଛି ଝିଅଟି ସବୁବେଳେ ଅସୁସ୍ଥ ଏବଂ ଶ୍ରେଣୀରେ ଦୁର୍ବଳ ରହୁଥିଲା । ସେ ତାଙ୍କ ଅଞ୍ଚଳର ଜଣେ ମହିଳାଙ୍କ ନାମ କହିଥିଲେ ଯିଏ ତାଙ୍କୁ ନିୟମିତ ଭାବରେ ଘରକାମରେ ସାହାଯ୍ୟ କରିବା ପାଇଁ ଫୋନ୍ କରୁଥିଲେ । ପୋଲିସ କହିଛି ଯେ ମହିଳା ଜଣକ ତାଙ୍କୁ ଅସଦାଚାରଣ କାମ କରିବାକୁ କହୁଥିଲେ ଯେଉଁଥିରେ ତାଙ୍କ ସ୍ୱାମୀ ମଧ୍ୟ ସାମିଲ ଥିଲେ । ତେବେ ତଦନ୍ତ ସମୟରେ ଜଣା ପଡିଛି କି ଅନ୍ୟ ଦୁଇଜଣ ପୁରୁଷଙ୍କୁ ମଧ୍ୟ ଅଣାଯାଇଥିଲା ଏବଂ ଟଙ୍କା ବିନିମୟରେ ଝିଅଟିକୁ ସେମାନଙ୍କ ସହିତ ଯୌନ ସମ୍ପର୍କ ରଖିବାକୁ ବାଧ୍ୟ କରାଯାଇଥିଲା ବୋଲି ଅଭିଯୋଗ ହୋଇଛି । ସେ କହିଛନ୍ତି ଯେ ପୀଡିତା ଗତ ଏକ ବର୍ଷ ମଧ୍ୟରେ ତାଙ୍କ ସହିତ ଯୌନ ନିର୍ଯାତନା କରିଥିବା ଚାରି ଜଣ ପୁଅଙ୍କ ନାମ ନେଇଛନ୍ତି । ତାଙ୍କ ବୟାନକୁ ଆଧାର କରି ପୋଲିସ ମହିଳା, ତାଙ୍କ ସ୍ୱାମୀ ଏବଂ ଦୁଇ ଜଣ ପୁରୁଷଙ୍କୁ ଗିରଫ କରିଥିଲା ଏବଂ ଚାରି ଜଣ କିଶୋରଙ୍କୁ ଅଟକ ରଖିଥିଲା ।

# ମା'ବାପା ଦିନମଜୁରିଆ, ଝିଅ ପ୍ରଥମ ଆଦିବାସୀ ଏୟାରହୋଷ୍ଟେସ

ଥିରୁବନନ୍ତପୁରମ୍,୧୩।୪: ଯଦି ଜଣେ ବ୍ୟକ୍ତିର ମନୋବଳ ଦୃଢ଼ ଥାଏ, ତେବେ ପ୍ରତିକୂଳ ପରିସ୍ଥିତିକୁ ଆଡେଇ ସଫଳତାର ଶୀର୍ଷରେ ପହଞ୍ଚିଥାଏ। ପ୍ରତିକୂଳ ପରିସ୍ଥିତିରେ ପ୍ରାପ୍ତ ସଫଳତା ସମାଜ ଏବଂ ରାଜ୍ୟ ପାଇଁ ପ୍ରେରଣାର ବିଷୟ ପାଲଟିଥାଏ। କେରଳର ଗୋପିକା ଗୋବିନ୍ଦ ଏପରି ସଫଳତାର ଏକ ଉଦାହରଣ ସାଜିଛନ୍ତି। ହେତୁ ପାଇବା ଦିନରୁ ଗୋପିକା ସ୍ୱପ୍ନ ଦେଖିଥିଲେ। ସେହି ସ୍ୱପ୍ନକୁ ସାକାର କରିବାରେ ନାନାଦି ଅସୁବିଧାର ସମ୍ମୁଖୀନ ହୋଇଥିଲେ ମଧ୍ୟ ସେ କେରଳର ପ୍ରଥମ ଆଦିବାସୀ ଏୟାର ହୋଷ୍ଟେସ ପାଲଟିଛନ୍ତି। ଗୋପିକା ଗୋବିନ୍ଦ କେରଳର ପ୍ରଥମ ଆଦିବାସୀ ଏୟାର ହୋଷ୍ଟେସ ହୋଇ ଇତିହାସ ରଚିଛନ୍ତି। ଏହା କେବଳ ତାଙ୍କର ସଫଳତା ନୁହେଁ ବରଂ କେରଳ ପାଇଁ ଗର୍ବର ବିଷୟ। ଗୋପିକା କେରଳର ଆଲାକୋଡ ନିକଟସ୍ଥ କାଭୁଙ୍କୁଡିର ଏସ୍‌ଟି କଲୋନୀରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାମାତା ହେଉଛନ୍ତି ପି. ଗୋବିନ୍ଦନ ଏବଂ ଭି.ଜି. ଯିଏ ଦିନ ମଜୁରିଆ ଭାବରେ କାମ କରୁଥିଲେ। ଗୋପିକା ହେଉଛନ୍ତି କରିମ୍ବା ଆଦିବାସୀ ସମ୍ପ୍ରଦାୟର ଜଣେ ଯୁବତୀ। ଗୋପିକାଙ୍କ ପିଲାଦିନ ଆର୍ଥିକ ଅସୁବିଧା ଏବଂ ସୀମିତ ସମ୍ବଳରେ ବିତିଛି। ତଥାପି ସେ କେବେବି ତାଙ୍କ ସ୍ୱପ୍ନକୁ ଛାଡି ନ ଥିଲେ ଏବଂ ଏହାକୁ ହାସଲ କରିବା ପାଇଁ କଠିନ ପରିଶ୍ରମ କରିଥିଲେ। ସେ ରସାୟନ ବିଜ୍ଞାନରେ ବିଏସ୍‌ସି. କରିଥିଲେ। ପରିବାରର ଆର୍ଥିକ ଅବସ୍ଥା ଯୋଗୁ ଏକ ସମୟ ଆସିଥିଲା ଯେତେବେଳେ ସେ ତାଙ୍କ ସ୍ୱପ୍ନକୁ ଛାଡିବାକୁ ନିଷ୍ପତ୍ତି ନେଇଥିଲେ। କିନ୍ତୁ ଦିନେ ଖବରକାଗଜରେ ଏୟାର ହୋଷ୍ଟେସ ୟୁନିଫର୍ମ ପିନ୍ଧିଥିବା ଜଣେ କ୍ୟାବିନ କ୍ରୁ ସଦସ୍ୟଙ୍କ ଫଟୋ ଦେଖିବା



ପରେ, ତାଙ୍କ ସ୍ୱପ୍ନ ପୁନର୍ଜୀବିତ ହୋଇଥିଲା। ଏହା ପରେ ଗୋପିକା ଜଣେ ଏୟାର ହୋଷ୍ଟେସ ହେବାକୁ ନିଷ୍ପତ୍ତି ନେଲେ। ଗୋପିକା ୱାୟାନାଡର କାଲପେଟାରେ ଥିବା ଡ୍ରିମ ସ୍କାଏ ଆଭିଏସନ ଟ୍ରେନିଂ ଏକାଡେମୀରେ ଏକ ବର୍ଷିଆ ଡିପ୍ଲୋମା କୋର୍ସ ପାଇଁ ନାମ ଲେଖାଇଥିଲେ। ପ୍ରଥମ ପ୍ରୟାସରେ ଗୋପିକା ମନୋନୀତ ହୋଇପାରିଲେ ନାହିଁ, କିନ୍ତୁ ଗୋପିକା ଆଶା ହରାଇ ନଥିଲେ। ଦ୍ୱିତୀୟ ପ୍ରୟାସରେ ସେ ସଫଳତା ପାଇଲେ। ତିନି ମାସର ତାଲିମ ପରେ ଗୋପିକା କନ୍ନୁରରୁ ଉପସାଗରୀୟ ଦେଶକୁ ତାଙ୍କର ପ୍ରଥମ ବିମାନ ଯାତ୍ରା କରିଥିଲେ।

### ଲକ୍ଷ୍ନୌ କର୍ମଶାଳାରେ ବର୍ଷିଲେ ଯୋଗୀ

# ୱାକଫ୍ ନାଁରେ ହିଂସା କରୁଛି କଂଗ୍ରେସ



ଲକ୍ଷ୍ନୌ,୧୩।୪: ବାବା ସାହେବ ଡକ୍ଟର ଭୀମରାଓ ଆମ୍ବେଦକର ସମ୍ମାନ ଅଭିଯାନ ଅଧୀନରେ ରବିବାର ଉତ୍ତର ପ୍ରଦେଶର ରାଜଧାନୀ ଲକ୍ଷ୍ନୌରେ ଏକ କର୍ମଶାଳା ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମଧ୍ୟ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ସେ କଂଗ୍ରେସ ଦ୍ୱାରା ବାବା ସାହେବଙ୍କୁ ଅପମାନିତ କରିବା ବିଷୟରେ କହିଥିଲେ। ମୁଖ୍ୟମନ୍ତ୍ରୀ ଯୋଗୀ କହିଛନ୍ତି ଯେ କଂଗ୍ରେସ ଦିଲ୍ଲୀରେ ଆମ୍ବେଦକରଙ୍କ ଶେଷକୃତ୍ୟ କରିବାକୁ ଦେଇ ନ ଥିଲା। ଏହି ପୁରୁଣା ଦଳ ଭାରତୀୟ ସମ୍ବିଧାନର ନିର୍ମାତାଙ୍କ ସ୍ମାରକୀ ନିର୍ମାଣ କରିବାକୁ ମନା କରିଦେଇଥିଲା। ଏମାନେ ସେହି ଲୋକ ଯେଉଁମାନେ ବାବା ସାହେବ ଆମ୍ବେଦକରଙ୍କୁ ନିର୍ବାଚନରେ ହାରିବାକୁ ଦେଇଥିଲେ। ତାଙ୍କ ପରଲୋକ ପରେ, ଏକ ସ୍ମାରକ ମଧ୍ୟ ନିର୍ମାଣ କରିବାକୁ ଅନୁମତି ଦିଆଗଲା ନାହିଁ। ଏତିକି ନୁହେଁ ମୁଖ୍ୟମନ୍ତ୍ରୀ ୱାକଫ ସଂଶୋଧନ ଆଇନକୁ ନେଇ ବିରୋଧୀଙ୍କୁ ମଧ୍ୟ ଟାର୍ଗେଟ କରିଥିଲେ। ସେ କହିଛନ୍ତି ଯେ ୱାକଫ ନାମରେ ହଜାର ହଜାର ଏକର ଜମି ଦଖଲ କରାଯାଇଛି। ୱାକଫ ପାଖରେ ଏହାର କୌଣସି ରାଜସ୍ୱ ରେକର୍ଡ ନାହିଁ। ଏବେ ଯେତେବେଳେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି,କେତେକ ଲୋକ ହିଂସାକୁ ଉସୁକାଉଛନ୍ତି। ପଶ୍ଚିମବଙ୍ଗରେ ତିନି ଜଣ ହିନ୍ଦୁଙ୍କୁ ଘରୁ ଟାଣି ନେଇ ହତ୍ୟା କରାଯାଇଥିଲା। ଆଜି ୟୁପିର ସେହି ଲୋକମାନେ ଦଳିତଙ୍କ ସମର୍ଥକ ହେବା ବିଷୟରେ କହୁଛନ୍ତି। ସେମାନଙ୍କ ଦଳ ସହିତ ଜଡିତ ଲୋକମାନେ ଗରିବ, ବଞ୍ଚିତ ଏବଂ ଦଳିତଙ୍କ ଅଧିକାଂଶ ଜମି ଦଖଲ କରିଛନ୍ତି।

# ପ୍ରଲୋଭନରେ ପଡ଼ି ଧର୍ମ ପରିବର୍ତ୍ତନ କରିବା ଅନୁଚିତ: ଭାଗବତ

ନୂଆଦିଲ୍ଲୀ,୧୩।୪: ଧର୍ମାନ୍ତରୀକରଣ ପ୍ରସଙ୍ଗରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ମୁଖ୍ୟ ମୋହନ ଭାଗବତ ଏକ ବଡ଼ ବୟାନ ଦେଇଛନ୍ତି। ସେ କହିଥିଲେ ଯେ ଯଦି ସମସ୍ତ ଧର୍ମ ଏକ ତେବେ ଧର୍ମ ପରିବର୍ତ୍ତନ କରିବାର ଆବଶ୍ୟକତା କ'ଣ? ମୋହନ ଭାଗବତ ଶନିବାର (ଏପ୍ରିଲ ୧୨) ଗୁଜରାଟର ଭଲସାଡ ଜିଲା ଗସ୍ତ କରିଥିଲେ। ଏହି ସମୟରେ, ସେ ଧରମପୁରର ବରୁମାଳ ଧାମରେ ଶ୍ରୀ ଭବଭବେଶ୍ୱର ମହାଦେବ ମନ୍ଦିରର ରୌପ୍ୟ ଜୟନ୍ତୀ କାର୍ଯ୍ୟକ୍ରମରେ ମଧ୍ୟ ଅଂଶଗ୍ରହଣ କରିଥିଲେ।

ଆରଏସଏସ ମୁଖ୍ୟ ମୋହନ ଭାଗବତ ତାଙ୍କ ଭାଷଣରେ କହିଥିଲେ, 'ଯଦି ସମସ୍ତ ଧର୍ମ ଏକ, ତେବେ ଧର୍ମାନ୍ତରୀକରଣର ଆବଶ୍ୟକତା କ'ଣ? ଧର୍ମାନ୍ତରୀକରଣ ପଛରେ ଉଦ୍ଦେଶ୍ୟ ହେଉଛି ଗୋଷ୍ଠୀର ଶକ୍ତି ବୃଦ୍ଧି କରି ଶକ୍ତି ହାସଲ କରିବା। ନିଜର ପ୍ରଭାବ ବୃଦ୍ଧି କରିବା, ନିଜର ଶକ୍ତି ବୃଦ୍ଧି କରିବା, ନିଜକୁ ବିସ୍ତାର କରିବା ଅର୍ଥ ଧର୍ମାନ୍ତରୀକରଣର ଭାବନା ସୃଷ୍ଟି କରିବା।'

ସେ ଆହୁରି କହିଲେ, 'ମୁଁ ମୋ ଈଶ୍ୱରଙ୍କୁ ବିଶ୍ୱାସ କରେ, ତୁମେ ତୁମର ଈଶ୍ୱରଙ୍କୁ ବିଶ୍ୱାସ କର, ସେ ତୁମ ଭିତରେ ଅଛନ୍ତି, କିନ୍ତୁ ଏହି ଦୁଇଟି ଭିନ୍ନ ନୁହଁନ୍ତି, ସେମାନେ ଏକ ଏବଂ ସମାନ। ତେଣୁ ଧର୍ମ ପରିବର୍ତ୍ତନର କୌଣସି ଆବଶ୍ୟକତା ନାହିଁ।' ଏକ ଉଦାହରଣ ଦେଇ ସେ କହିଲେ, 'ଖ୍ରୀଷ୍ଟିଆନ କିମ୍ବା ମୁସଲମାନ ହେବାର ଅର୍ଥ କ'ଣ? ଯଦି ଆପଣ ଜଣେ ହିନ୍ଦୁ, ତେବେ ଆପଣଙ୍କୁ ହିନ୍ଦୁ ରହିବା ଉଚିତ।'

ଆରଏସଏସ ମୁଖ୍ୟ କହିଛନ୍ତି, 'ଲୋକମାନେ କୌଣସି ଲୋଭ କିମ୍ବା ଭୟର ପ୍ରଭାବରେ କୌଣସି ପରିସ୍ଥିତିରେ ସେମାନଙ୍କର ଧର୍ମ ପରିବର୍ତ୍ତନ କରିବା ଉଚିତ ନୁହେଁ। ଜୀବନରେ ଲୋଭ କିମ୍ବା ପ୍ରଲୋଭନ ଲୋକଙ୍କୁ ସେମାନଙ୍କ ଧର୍ମରୁ ଦୂରେଇ ନେଇପାରେ, କିନ୍ତୁ କେବଳ ଧର୍ମ



ସମସ୍ତଙ୍କୁ ଖୁସି ଆଡ଼କୁ ନେଇପାରିବ।' ସେ କହିଥିଲେ, 'ଆମେ କିପରି ଏକତା ପାଇବାକୁ ହୁଏ ତାହା ଜାଣୁ ଏବଂ ଏକତା ପାଇବାକୁ ଚାହୁଁ। ଆମେ କାହା ସହିତ ଲଢ଼ିବାକୁ ଚାହୁଁନାହୁଁ। କିନ୍ତୁ ଆଜି ଏପରି ଅନେକ ଶକ୍ତି ଅଛି ଯେଉଁମାନେ ଆମକୁ ନିଜକୁ ପରିବର୍ତ୍ତନ କରିବାକୁ ଚାହାଁନ୍ତି। ତେଣୁ ଆମକୁ ଏପରି ଶକ୍ତିଠାରୁ ନିଜକୁ ରକ୍ଷା କରିବାକୁ ପଡିବ।'

# ଆସାମକୁ ବ୍ୟାପିଲା ୱାକଫ ନିଆଁ: ପୁଲିସର ଲାଠିଚାର୍ଜ



ଗୁଆହାଟୀ,୧୩।୪: ପଶ୍ଚିମବଙ୍ଗରେ ଲାଗିଥିବା ୱାକଫ ଆଇନ ବିରୋଧୀ ଆନ୍ଦୋଳନର ନିଆଁ ରବିବାର ଆସାମକୁ ବ୍ୟାପିଛି। କେନ୍ଦ୍ର ସରକାରଙ୍କ ଏହି ସଂଶୋଧିତ ଆଇନ ବିରୋଧରେ ଜିଲାର ଚମରାଗୁଡ଼ମ୍, ବେରେଙ୍ଗା ଆଦି ସ୍ଥାନରେ ମୁସଲମାନ ସମ୍ପ୍ରଦାୟର ୪୦୦ରୁ ଉର୍ଦ୍ଧ୍ୱ ଲୋକ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବେରେଙ୍ଗାରେ ଶତାଧିକ ଲୋକ ପ୍ରଶାସନର ବିନା ଅନୁମତିରେ ବିକ୍ଷୋଭ କରୁଥିବା ବେଳେ ପୋଲିସ ସେମାନଙ୍କୁ ହଟିବାକୁ କହିଥିଲା। କେତେଜଣ ବ୍ୟକ୍ତି ଭାଜପା ସରକାର ବିରୋଧରେ ସ୍ଲୋଗାନ ଦେବା ସହ ପୋଲିସକୁ କଳାପତାକା ଦେଖାଇ ଟେକାମାଡ଼ କରିବାରୁ ପୋଲିସ ଲାଠିଚାର୍ଜ କରିଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରିଛି। ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ୱାକଫ ଆଇନକୁ ନେଇ ସନ୍ତୋଷ ବ୍ୟକ୍ତ କରିବାର ଦିନକ ପରେ ଆସାମରେ ଏହି ବିକ୍ଷୋଭ ମୁଣ୍ଡ ଟେକିଛି।

# ପୁଣି ମ୍ୟାନମାରରେ ଜୋରଦାର ଭୂକମ୍ପ



ନାପିଦାଉ,୧୩।୪: ରବିବାର ପ୍ରତ୍ୟୁଷରେ ଭାରତର ପଡ଼ୋଶୀ ଦେଶ ମ୍ୟାନମାରରେ ଏକ ଶକ୍ତିଶାଳୀ ଭୂମିକମ୍ପ ଅନୁଭୂତ ହୋଇଥିଲା। ଏହି ଭୂମିକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୫.୧ ତୀବ୍ରତା ମାପ କରାଯାଇଛି। ମାର୍ଚ୍ଚ ୨୮, ୨୦୨୫ରେ ଏଠାରେ ହୋଇଥିବା ଭୂମିକମ୍ପ ସମଗ୍ର ଦେଶରେ ବିନାଶ ସୃଷ୍ଟି କରିଥିଲା, ଯେଉଁଥିରେ ତିନି ହଜାରରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା। ନ୍ୟାସନାଲ ସେଣ୍ଟର ଫର୍ ସିସମୋଲୋଜି ଅନୁଯାୟୀ, ୧୩ ଏପ୍ରିଲ ୨୦୨୫ ସକାଳ ୦୭:୫୪:୫୮ ରେ ମ୍ୟାନମାରରେ ଭୂମିକମ୍ପ ଅନୁଭୂତ ହୋଇଥିଲା। ଭୂମିକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୫.୧ ମାପ କରାଯାଇଥିଲା। ଏହି ଭୂମିକମ୍ପର କେନ୍ଦ୍ରସ୍ଥଳ ଭୂପୃଷ୍ଠରେ ୧୦ କିଲୋମିଟର ଗଭୀରତାରେ ଥିଲା। ବର୍ତ୍ତମାନ ଏହି ଭୂମିକମ୍ପ ଯୋଗୁ କୌଣସି ଜୀବନ କିମ୍ବା ସମ୍ପତ୍ତି କ୍ଷତିର ଖବର ନାହିଁ। ଏହି ଭୂମିକମ୍ପରେ ମୋବାଇଲ ଯୋଗାଯୋଗ ବ୍ୟବସ୍ଥାକୁ ମଧ୍ୟ ଗୁରୁତର କ୍ଷତି ପହଞ୍ଚାଇଛି। 'ଦି ମିରର' ଅନୁଯାୟୀ, ଭୂମିକମ୍ପ ଯୋଗୁଁ ମୋଟ ୬,୭୩୦ ଯୋଗାଯୋଗ ଷ୍ଟେଶନ କ୍ଷତିଗ୍ରସ୍ତ ହୋଇଥିଲା, ଯେଉଁଥିରୁ ପ୍ରାୟ ଛଅ ହଜାର ମରାମତି କରାଯାଇଛି।

# ଘଣ୍ଟାକରେ ୨ଥର ଥରିଲା ତାଜିକିସ୍ତାନ

ତାଜିକିସ୍ତାନ,୧୩।୪: ରବିବାର ତାଜିକିସ୍ତାନରେ ଗୋଟିଏ ଘଣ୍ଟା ମଧ୍ୟରେ ୨ଟି ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଛି। ଯାହା ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଛି। ପ୍ରଥମ ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୬.୧ ରେକର୍ଡ କରାଯାଇଥିଲା, ଯାହାକୁ ବହୁତ ଶକ୍ତିଶାଳୀ ବୋଲି କୁହାଯାଉଛି। ଭୂକମ୍ପର ଝଟ୍‌କା ଅନୁଭୂତ ହେବା ମାତ୍ରେ ଲୋକମାନେ ଭୟଭୀତ ହୋଇ ଘରୁ ବାହାରକୁ ବାହାରି ଆସିଥିଲେ। ତଥାପି କୌଣସି ବଡ଼ କ୍ଷୟକ୍ଷତି କିମ୍ବା ଜୀବନହାନି ବିଷୟରେ ଏପର୍ଯ୍ୟନ୍ତ କୌଣସି ସୂଚନା ମିଳିନାହିଁ। ଭୂମ୍ପର କେନ୍ଦ୍ରସ୍ଥଳ ତାଜିକିସ୍ତାନର ପାର୍ବତ୍ୟାଞ୍ଚଳ ବୋଲି କୁହାଯାଉଛି। ବାରମ୍ବାର ଭୂକମ୍ପର ଝଟ୍‌କା ଲୋକଙ୍କୁ ଚିନ୍ତାରେ ପକାଇଛି। ଶନିବାର ୧୨:୩୦ ସମୟରେ ତାଜିକିସ୍ତାନରେ ୪.୨ ତୀବ୍ରତାର ଏକ ଭୂକମ୍ପ ମଧ୍ୟ ଅନୁଭୂତ ହୋଇଥିଲା। ଗତକାଲି ହୋଇଥିବା ଭୂକମ୍ପର କେନ୍ଦ୍ରସ୍ଥଳ ଆଫଗାନିସ୍ତାନ-ତାଜିକିସ୍ତାନ ସୀମାରେ ଥିଲା। ଆଜିର ଭୂକମ୍ପରେ କୌଣସି ଜୀବନ କିମ୍ବା ସମ୍ପତ୍ତି କ୍ଷତିର ଖବର ନାହିଁ। ୨୪ ଘଣ୍ଟା ମଧ୍ୟରେ ଦୁଇଟି ଭୂକମ୍ପ ଯୋଗୁ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି।

# ତଦନ୍ତରେ ସହଯୋଗ କରୁନି ରାଣା



ନୂଆଦିଲ୍ଲୀ,୧୩।୪: ଦିଲ୍ଲୀରେ ଜାତୀୟ ତଦନ୍ତ ସଂସ୍ଥା (ଏନ୍‌ଆଇଏ) ର ହେପାଜତରେ ତହଉର ରାଣା କିପରି ଦିନ ବିତାଉଛନ୍ତି, ଏହା ଏପରି ଏକ ପ୍ରଶ୍ନ ଯାହା ଉପରେ ସମସ୍ତଙ୍କ ନଜର ଅଟକି ରହିଛି। ୨୬/୧୧ ମୁମ୍ବାଇ ଆକ୍ରମଣର ଏହି ଅଭିଯୁକ୍ତ ଷଡ଼ଯନ୍ତ୍ରକାରୀଙ୍କ ମୁହଁରେ କିଛି ପଶ୍ଚାତାପ ଅଛି ନା ସେ ତଦନ୍ତକାରୀଙ୍କ ପ୍ରଶ୍ନର ଶାନ୍ତ ଭାବରେ ସମ୍ମୁଖୀନ ହେଉଛନ୍ତି? ଏନ୍‌ଆଇଏ ସୂତ୍ର ଅନୁଯାୟୀ, ରାଣାଙ୍କ ମନୋଭାବ ସହଯୋଗପୂର୍ଣ୍ଣ ନୁହେଁ ଏବଂ ସେ ଅନେକ ପ୍ରଶ୍ନର ଉତ୍ତର ଦେବାକୁ ରାଜି ହେଉନାହାଁନ୍ତି। ଏବେ ଏନ୍‌ଆଇଏ ହେପାଜତରୁ ଏକ ଆଶ୍ଚର୍ଯ୍ୟଜନକ ଖବର ଆସିଛି। ପ୍ରକୃତରେ, ସେ ହେପାଜତରେ ୩ଟି ଜିନିଷ ଦାବି କରୁଛନ୍ତି। ଏହି ଦାବି ଜାଣିବା ପରେ ଆପଣ ମଧ୍ୟ ଆଶ୍ଚର୍ଯ୍ୟ ହୋଇଯିବେ। ରାଣା କୁରାନ, କଲମ ଏବଂ କାଗଜ ଦାବି କରିଛନ୍ତି। ୨୬/୧୧ ମୁମ୍ବାଇ ଆକ୍ରମଣର ଷଡଯନ୍ତ୍ରକାରୀ ତହଉର ହୁସେନ ରାଣାଙ୍କୁ ଏନଆଇଏ ଲଗାତାର ଦ୍ୱିତୀୟ ଦିନ ପାଇଁ ପଚରାଉଚରା କରିଛି। ଯାହା ଦ୍ୱାରା ୨୦୦୮ ମସିହାର ସମନ୍ୱିତ ଆକ୍ରମଣର ବଡ଼ ଷଡ଼ଯନ୍ତ୍ରର ପର୍ଦ୍ଦାଫାସ ହୋଇପାରିବ। ରାଣାଙ୍କୁ ନୂଆଦିଲ୍ଲୀର ସିଜିଓ କମ୍ପ୍ଲେକ୍ସରେ ଥିବା ଏନଆଇଏ ମୁଖ୍ୟାଳୟର ଏକ ଉଚ୍ଚ-ସୁରକ୍ଷା ସେଲରେ ରଖାଯାଇଛି। ଏଠାରେ ସୁରକ୍ଷା କର୍ମୀମାନେ ଦିନରାତି ଜଗି ରହିଛନ୍ତି। ହିନ୍ଦୁସ୍ତାନ ଟାଇମ୍ସର ଏକ ରିପୋର୍ଟ ଅନୁଯାୟୀ, ଜଣେ ଅଧିକାରୀ କହିଛନ୍ତି ଯେ ରାଣାଙ୍କୁ 'ଅନ୍ୟ ଗିରଫ ବ୍ୟକ୍ତିଙ୍କ ପରି ବ୍ୟବହାର କରାଯାଉଛି। ତାଙ୍କୁ କୌଣସି ବିଶେଷ ସୁବିଧା ଦିଆଯାଉନାହିଁ'। ତାଙ୍କ ଅନୁରୋଧ କ୍ରମେ ତାଙ୍କୁ କୋରାନର ଏକ କପି ଦିଆଯାଇଛି ଏବଂ ଏଜେନ୍ସି ମୁଖ୍ୟାଳୟରେ ଥିବା ତାଙ୍କ ପ୍ରକୋଷ୍ଠରେ ଦିନକୁ ପାଞ୍ଚ ଥର ନମାଜ ପଢୁଥିବାର ଦେଖାଯାଇଛି।

# ବଦଳିପାରେ ଦିନିକିଆରେ ଦୁଇ ନୂଆ ବଲ୍ ନିୟମ

**ନୂଆଦିଲ୍ଲୀ,୧୨।୪:** ଦିନିକିଆ କ୍ରିକେଟ ବ୍ୟାଟରଙ୍କୁ ଅତ୍ୟଧିକ ସୁହାଉଥିବାରୁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ୫୦ ଓଭରିଆ ଫର୍ମାଟରେ ଦୁଇ ନୂଆ ବଲର ବ୍ୟବହାର ନିୟମରେ ପରିବର୍ତ୍ତନ କରିପାରେ। ଦିନିକିଆ ଫର୍ମାଟରେ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ହେଲା ଦୁଇ ନୂଆ ବଲ ବ୍ୟବହାର କରାଯାଉଛି। ଭାରତର ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କ ନେତୃତ୍ୱାଧୀନ ଆଇସିସି କ୍ରିକେଟ କମିଟି ଦିନିକିଆରେ ଗୋଟିଏ ବଲ ବ୍ୟବହାର କରିବାକୁ ସୁପାରିସ କରିଛି। ଏହି ସୁପାରିସକୁ ପ୍ଲେଇଂ କଣ୍ଡିଶନରେ ସାମିଲ କରିବା ପାଇଁ ଆଇସିସି ବୋର୍ଡ ଅଫ ଡାଇରେକ୍ଟର୍ସଙ୍କ ମଞ୍ଜୁରୀ ଦରକାର। ଆଇସିସି ବୋର୍ଡ ସଦସ୍ୟ ହରାରେରେ ରବିବାର ଏ ସଂକ୍ରାନ୍ତରେ ଆଲୋଚନା କରିବେ।

ପର୍ଯ୍ୟନ୍ତ ଦିନିକିଆରେ ଦୁଇଟି ନୂଆ ଧଳା କୁକାବୁରା ବଲ ବ୍ୟବହାର କରାଯାଉଛି। ବୋଲରମାନେ ଉଭୟ ଏଣ୍ଡରୁ ଭିନ୍ନ ଭିନ୍ନ ନୂଆ ବଲ ବ୍ୟବହାର କରୁଥିବାରୁ ବଲ ମ୍ୟାଚ ଶେଷ ହେବା ପର୍ଯ୍ୟନ୍ତ ହାର୍ଡ ରହୁଛି। ଏହା ବ୍ୟାଟରଙ୍କୁ ମୁକ୍ତ ଭାବେ ସ୍କୋର କରିବାକୁ ସୁଯୋଗ ଦେଉଛି। ୩୦ ୟାର୍ଡ ସର୍କଲ ବାହାରେ ମାତ୍ର ୪ ଖେଳାଳିଙ୍କୁ ଅନୁମତି ଥିବାରୁ ବୋଲରଙ୍କ ଅପେକ୍ଷା ବ୍ୟାଟରମାନେ ଅଧିକ ଫାଇଦାରେ ରହୁଛନ୍ତି। ଏପରି କି କ୍ରିକେଟ ଆଇକନ ସଚିନ ତେନ୍ଦୁଲକର ମଧ୍ୟ ଦୁଇ ନୂଆ ବଲ ବ୍ୟବହାରକୁ ନାପସନ୍ଦ କରିଥିଲେ। ଦୁଇ ନୂଆ ବଲର ବ୍ୟବହାର ଯୋଗୁ ରିଭର୍ସ ସ୍ୱିଙ୍ଗ ଦେଖିବାକୁ ମିଳୁନାହିଁ। କାରଣ ରିଭର୍ସ ସ୍ୱିଙ୍ଗ ହେବା ଲାଗି ବଲକୁ ଅତିକମ୍‌ରେ ୩୫ ଓଭର ପୁରୁଣା ହେବା ଦରକାର। ବଲ ପୂରା ମ୍ୟାଚରେ ହାର୍ଡ ରହୁଥିବାରୁ ସ୍ପିନରମାନେ ବି ସଂଘର୍ଷ କରୁଛନ୍ତି।

କ୍ରିକେଟ କମିଟି ୩ଟି ନିୟମରେ ପରିବର୍ତ୍ତନ କରିବାକୁ ସୁପାରିସ କରିଛି। ଦିନିକିଆ କ୍ରିକେଟରେ ଗୋଟିଏ ଧଳା ବଲର ବ୍ୟବହାର। ଟେଷ୍ଟରେ ଓଭର ହାର ଯାଞ୍ଚ କରିବା ପାଇଁ କ୍ଲକ ଟାଇମର ବ୍ୟବହାର ଓ ୧୯ ବର୍ଷରୁ କମ୍ ବିଶ୍ୱକପ୍‌କୁ ୫୦ ଓଭର ବଦଳରେ ଟି୨୦ ଫର୍ମାଟରେ ଖେଳାଯିବା ଲାଗି ସୁପାରିସ କରିଛି" ବୋଲି ଆଇସିସି ବୋର୍ଡ ସଦସ୍ୟ କହିଛନ୍ତି। ଦୁଇଟି ବଲ ୨୫ତମ ଓଭର ପର୍ଯ୍ୟନ୍ତ ବ୍ୟବହାର କରାଯିବାର ସମ୍ଭାବନା ରହିଛି। ତା' ପରେ ବୋଲିଂ ଦଳକୁ ଦୁଇ ବଲ ମଧ୍ୟରୁ ଗୋଟିଏ ବାଛିବାକୁ ବିକଳ୍ପ ଦିଆଯାଇପାରେ, ଯେଉଁଥିରେ ଦଳ ମ୍ୟାଚ ଶେଷ ପର୍ଯ୍ୟନ୍ତ ବୋଲିଂ କରିବ।

## ମୋହନ ବାଗାନ ସୁପର ଜାଏଣ୍ଟ୍ସ ଚାମ୍ପିୟନ




କୋଲକାତା, ୧୨।୪ : ମୋହନବାଗାନ ସୁପର ଜାଏଣ୍ଟ୍ସ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍) ୨୦୨୪-୨୫ ସିଜନର ଟାଇଟଲ ବିଜେତା ହୋଇଛି। ସ୍ଥାନୀୟ ଯୁବ ଭାରତୀ କ୍ରୀଡ଼ାଙ୍ଗନରେ ଶନିବାର ଅନୁଷ୍ଠିତ ଫାଇନାଲରେ ଦଳ ୨-୧ ଗୋଲ୍‌ରେ ବେଙ୍ଗାଲୁରୁ ଏଫ୍‌ସିକୁ ପରାସ୍ତ କରିଛି। ସଂଘର୍ଷପୂର୍ଣ୍ଣ ଫାଇନାଲର ପ୍ରଥମାର୍ଦ୍ଧ ଖେଳ ଗୋଲଶୂନ୍ୟ ରହିଥିଲା। ତେବେ ଦ୍ୱିତୀୟାର୍ଦ୍ଧ ଖେଳ ତଥା ଖେଳର ୪୯ତମ ମିନିଟ୍‌ରେ ମୋହନ ବାଗାନର ଅଲବର୍ଟୋ ରୋଡ୍ରିଗ୍ସଙ୍କ ଆତ୍ମଘାତୀ ଗୋଲ୍‌ରେ ବେଙ୍ଗାଲୁରୁ ଏଫ୍‌ସି ୧-୦ରେ ଅଗ୍ରଣୀ ଲାଭ କରିଥିଲା। ପରେ ୭୨ତମ ମିନିଟ୍‌ରେ ଜାସନ କୁମିଙ୍ଗ୍ସ ପେନାଲ୍ଟିକୁ ଗୋଲରେ ପରିଣତ କରି ମ୍ୟାଚ୍‌କୁ ୧-୧ ସ୍ତରକୁ ନେଇ ଆସିଥିଲେ। ନିର୍ଦ୍ଧାରିତ ସମୟ ଖେଳ ଅମୀମାଂସିତ ରହିବାରୁ ଅତିରିକ୍ତ ସମୟ ଖେଳ ହୋଇଥିଲା। ଏଥିରେ ଖେଳର ୯୬ତମ ମିନିଟ୍‌ରେ ଅଷ୍ଟ୍ରେଲୀୟ ଫରଓ୍ୱାର୍ଡ ଜେମି ମ୍ୟାକଲରେନଙ୍କ ଗୋଲ୍ ବଳରେ ମୋହନ ବାଗାନ ଦଳ ବିଜୟ ଲାଭ କରିଥିଲା। ଶନିବାର ଏହି ବିଜୟ ଦ୍ୱାରା ମୋହନ ବାଗାନ ଏଥର ଉଭୟ ଆଇଏସ୍ଏଲ୍ ଶିଲ୍ଡ ଓ ଆଇଏସ୍ଏଲ୍ ଟ୍ରଫି ହାସଲ କରିବାର ଗୌରବ ଅର୍ଜନ କରିଛି।

### ସର୍ବଭାରତୀୟ ପୁଲିସ ହକି

## ବୃହତ୍ ବିଜୟ ସହ ସେମିରେ ଓଡ଼ିଶା ମହିଳା ଦଳ

**ଭୁବନେଶ୍ୱର,୧୩।୪:** କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ୭୩ତମ ସର୍ବଭାରତୀୟ ପୋଲିସ ହକି ପ୍ରତିଯୋଗିତାର ମହିଳା ବର୍ଗରେ ଶନିବାର ଆୟୋଜକ ଓଡ଼ିଶା ପୁଲିସ ମହିଳା ଦଳ ବୃହତ୍ ବିଜୟ ହାସଲ କରିବା ସହ ସେମିଫାଇନାଲ୍‌ରେ ପ୍ରବେଶ କରିଛି। ପୂର୍ବାହ୍ନରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଓଡ଼ିଶା ପୁଲିସର ମହିଳା ଦଳ ବିଏସ୍ଏଫ୍‌କୁ ଏକତରଫା ଭାବେ ୧୧-୦ରେ ପରାସ୍ତ କରିଛି। ଓଡ଼ିଶା ପୁରୁଷ ଦଳର ପଦକ ଆଶା ମଉଳିଯିବା ପରେ ମହିଳା ଦଳ ଏବେ ଆୟୋଜକ ଓଡ଼ିଶା ପୁଲିସ୍‌ର ସମ୍ମାନ ରଖିବା ଆଶା ରହିଛି। ସେମିଫାଇନାଲ୍‌ରେ ଓଡ଼ିଶା ଗତ ଥରର ବିଜେତା ସର୍ଭିସେସ୍‌କୁ ଭେଟିବ। ଶନିବାର ଅନ୍ୟ ଏକ ମହିଳା ମ୍ୟାଚ୍‌ରେ ତାମିଲନାଡୁ ୪-୦ ଗୋଲ୍‌ରେ ମହାରାଷ୍ଟ୍ରକୁ ହରାଇଛି। ଶନିବାର ପୁରୁଷ ବର୍ଗର କ୍ୱାର୍ଟରଫାଇନାଲ୍ ମ୍ୟାଚ୍‌ଗୁଡ଼ିକ ଖେଳାଯିବ। ସକାଳେ ପଞ୍ଜାବ-କର୍ଣ୍ଣାଟକ, ବିଏସ୍ଏଫ୍-ୟୁପି ଏବଂ ଅପରାହ୍ଣ ଓ ସଂଧ୍ୟାରେ ସିଆରପିଏଫ୍-ମଣିପୁର, ସିଆଇଏସ୍ଏଫ୍-ଆଇଟିବିପି ମୁକାବିଲା ହେବ। ଶନିବାର ପୁରୁଷ ବର୍ଗର ଅନ୍ତିମ ଲିଗ୍ ମ୍ୟାଚ୍ ଗୁଡ଼ିକରେ ମଧ୍ୟପ୍ରଦେଶ ରୋମାଞ୍ଚକ ଭାବେ ୩-୨ ଗୋଲ୍‌ରେ ତ୍ରିପୁରାକୁ , ତାମିଲନାଡୁ ୧୨-୨ରେ ପୁଡୁଚେରୀକୁ, ରାଜସ୍ଥାନ ୫-୦ରେ ଉତ୍ତରାଖଣ୍ଡ ପୁଲିସକୁ ମାତ୍ ଦେଇଥିଲା। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ତଥା ଆୟୋଜନ କମିଟିର ଉପସଭାପତି ଦୟାଳ ଗଙ୍ଗୱାର, ଆଇଜି (ତାଲିମ) ତଥା ଆୟୋଜନ କମିଟିର ସମ୍ପାଦକ ଅନୁପ କୁମାର ସାହୁ, ଡିଆଇଜି (ପ୍ରୋଭିଜନିଂ) ଚରଣ ସିଂ ମିନା, ଡିଆଇଜି (କାର୍ମିକ) ଯୁଗଳ କିଶୋର ବନୋଥ ପ୍ରମୁଖ ମ୍ୟାଚ୍‌ଗୁଡ଼ିକରେ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।



### ବିଜୁ ପଟ୍ଟନାୟକ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ଫାଓ ବିଜେତା, ଆର୍ଏସ୍ଏ ଉପବିଜେତା

**ରାଉରକେଲା, ୧୩।୪:** ସର୍ବଭାରତୀୟ ବିଜୁ ପଟ୍ଟନାୟକ ସ୍ମାରକୀ ଫୁଟବଲ ପ୍ରତିଯୋଗିତାରେ ଫାଓ ଏକାଦଶ(କଟକ) ବିଜେତା ହୋଇଛି। ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚ୍‌ରେ ଦଳ ୧-୦ ଗୋଲରେ ରାଉରକେଲା ସ୍ପୋର୍ଟ୍ସ ଆସୋସିଏସନ(ଆର୍ଏସ୍ଏ)କୁ ପରାସ୍ତକରି ଚାମ୍ପିଅନ ହୋଇଛି। ଶନିବାର ସନ୍ଧ୍ୟାରେ ସ୍ଥାନୀୟ ବିର୍ସା ମୁଣ୍ଡା ଆଥ୍‌ଲେଟିକ୍ ଷ୍ଟାଡିୟମରେ ଖେଳାଯାଇଥିବା ଫାଇନାଲ ମ୍ୟାଚ୍ ବେଶ୍ ଉତ୍କଣ୍ଠାପୂର୍ଣ୍ଣ ହୋଇଥିଲା।




ମ୍ୟାଚ୍ ଆରମ୍ଭରୁ ଉଭୟ ଦଳର ଖେଳାଳି ଆକ୍ରମଣାତ୍ମକ ଶୈଳୀ ଆପଣେଇଥିଲେ ମଧ କେହି କାହାରିକି ଗୋଲ୍ ଦେବାରେ ସକ୍ଷମ ହୋଇନଥିଲେ। ତେବେ ମ୍ୟାଚ୍‌ର ୫୨ତମ ମିନିଟ୍‌ରେ ଫାଓ ବାଜିମାରିନେଇଥିଲା। ଦଳର ରାହୁଲ ମୁଖୀ ଏକ ଆକର୍ଷଣୀୟ ଗୋଲ୍ ଦେଇ ଦଳକୁ ୧-୦ ଗୋଲ୍‌ରେ ଆଗୁଆ କରିଥିଲେ। ଗୋଲ୍ ପରିଶୋଧ ପାଇଁ ଆର୍ଏସ୍ଏ ଆକ୍ରମଣକୁ ଶାଣିତ କରିଥିଲା। ତେବେ ଫାଓ ଏକାଦଶର ଖେଳାଳି ସମସ୍ତ ପ୍ରୟାସକୁ ବିଫଳ କରି ବିଜୟଲାଭ କରିଥିଲେ। ଫାଇନାଲ ମ୍ୟାଚ୍‌କୁ ଶିବଶଙ୍କର ପଣ୍ଡା, ଦିଲୀପ ରାଉତ, ଲିଙ୍ଗରାଜ ପ୍ରଧାନ ଓ ରୋଶନ ଖାନ ପରିଚାଳନା କରିଥିଲେ। ରାହୁଲ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି, ରୋଶନ ପାନ୍ନା(ଫାଓ ଏକାଦଶ) ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି, ଅମତି ତନ୍ତୀ(ଆର୍ଏସ୍ଏ) ଶ୍ରେଷ୍ଠ ଗୋଲ୍ ରକ୍ଷକ, ଆଡୱିନ ତିର୍କି(ଆର୍ଏସ୍ଏ) ଶ୍ରେଷ୍ଠ ସ୍କୋରର୍ ପୁରସ୍କାର ପାଇଛନ୍ତି। ଆରମ୍ଭରୁ ଉଭୟ ଦଳର ଖେଳାଳି ଆକ୍ରମଣାତ୍ମକ ଶୈଳୀ ଆପଣେଇଥିଲେ ମଧ କେହି କାହାରିକି ଗୋଲ୍ ଦେବାରେ ସକ୍ଷମ ହୋଇନଥିଲେ। ତେବେ ମ୍ୟାଚ୍‌ର ୫୨ତମ ମିନିଟ୍‌ରେ ଫାଓ ବାଜିମାରିନେଇଥିଲା। ଦଳର ରାହୁଲ ମୁଖୀ ଏକ ଆକର୍ଷଣୀୟ ଗୋଲ୍ ଦେଇ ଦଳକୁ ୧-୦ ଗୋଲ୍‌ରେ ଆଗୁଆ କରିଥିଲେ।

ସ୍ୱତନ୍ତ୍ର ଅତିଥି ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ପୂର୍ବତନ ଭାରତୀୟ ମହିଳା ଫୁଟବଲ ଖେଳାଳି ଭାରତୀ ମିଶ୍ର, ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାୟ, ଆର୍ଏସ୍‌ପିର ପୂର୍ବତନ ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଯୋଗଦେଇ ବିଜେତା ଦଳକୁ ଟ୍ରଫିସହ ୧ ଲକ୍ଷ ଟଙ୍କା ଓ ଉପବିଜେତା ଦଳକୁ ଟ୍ରଫି ସହ ୫୦ ହଜାର ଟଙ୍କା ପ୍ରଦାନ କରିଥିଲେ। ଆୟୋଜକ ଆର୍ଏସ୍ଏର ସଭାପତି ମିହିର ରାୟ, ସାଧାରଣ ସମ୍ପାଦକ ସୁବାଷ ଚନ୍ଦ୍ର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା।




## 'ଶତ୍ରୁ'ଙ୍କ ପ୍ରେମରେ ପ୍ରୀତି ଜିଣ୍ଟା

ନୂଆଦିଲ୍ଲୀ,୧୩।୪: 'ଶତ୍ରୁ'ଙ୍କ ପ୍ରେମରେ ପଡ଼ିଯାଇଛନ୍ତି ଚୁଲବୁଲି ପ୍ରୀତି ଜିଣ୍ଟା। ଆପଣ ଭାବୁଥିଲେ କାହିଁକି ଏବଂ କିଭଳି ? କାରଣ ଶତ୍ରୁଜଣଙ୍କ ଏପରି ଏକ କାମ କରିଛନ୍ତି ଯେ ତାଙ୍କୁ ସେ ଅଣଦେଖା କରିପାରି ନାହାନ୍ତି। ଆମେ ଅଭିଷେକ ଶର୍ମାଙ୍କ କଥା କହୁଛୁ, ଯିଏ ଏପ୍ରିଲ ୧୨ରେ ପ୍ରୀତି ଜିଣ୍ଟାଙ୍କ ଦଳ ପଞ୍ଜାବ କିଙ୍ଗ୍ସ ବିପକ୍ଷରେ ବିସ୍ଫୋରକ ଇନିଂସ ଖେଳିଥିଲେ। ଯଦିଓ ସେ ବିରୋଧୀ ଟିମ୍‌ରୁ ଆସିଥିଲେ, ତଥାପି ସେ ପ୍ରୀତି ଜିଣ୍ଟାଙ୍କ ମନ ଜିଣି ନେଇଥିଲେ। ଅଭିଷେକ ସନରାଇଜର୍ସ ହାଇଦ୍ରାବାଦ ପାଇଁ ଏକ ବିସ୍ଫୋରକ ଇନିଂସ ଖେଳିଥିଲେ, ଯାହା ପଞ୍ଜାବ କିଙ୍ଗ୍ସକୁ ପରାଜୟ ମୁଖକୁ ଠେଲି ଦେଇଥିଲା। କିନ୍ତୁ ଏସବୁ ଭିତରେ ଶତକ ହାସଲ କରିବା ପରେ ତାଙ୍କର ସେଲିବ୍ରେଶନକୁ କେହି କିପରି ଭୁଲିପାରିଥାନ୍ତା ? ଅଭିଷେକଙ୍କ ସିଗ୍ନେଚର ସେଲିବ୍ରେଶନ ଦେଖି ପ୍ରୀତି ଜିଣ୍ଟା ତାଙ୍କର ଫ୍ୟାନ ହୋଇଯାଇଥିଲେ ଏବଂ ମ୍ୟାଚ ପରେ କିଛି ସମୟ ପାଇଁ ତାଙ୍କ ସହିତ ଗପସପ କରୁଥିବାର ଦେଖାଯାଇଥିଲା। ମ୍ୟାଚ ପରେ, ପ୍ରୀତି ଜିଣ୍ଟାଙ୍କୁ କେବଳ ପଡ଼ିଆରେ ଅଭିଷେକ ଶର୍ମାଙ୍କୁ ଭେଟିବାର ଦେଖାଯାଇ ନ ଥିଲା ବରଂ ସେ ନିଜେ ତାଙ୍କର ସିଗ୍ନେଚର ସେଲିବ୍ରେସନ ମଧ୍ୟ କରିଥିଲେ। ପଡ଼ିଆରେ ଦେଖାଯାଇଥିବା ସେହି ଦୃଶ୍ୟର ଫଟୋ ଏବଂ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ତେବେ ପଞ୍ଜାବ କିଙ୍ଗସ ବିପକ୍ଷ ମ୍ୟାଚ୍‌ରେ ଅଭିଷେକ ଶର୍ମା ୫୫ ବଲରେ ୧୪୧ ରନ କରିଥିଲେ। ୨୫୬.୩୬ ଷ୍ଟ୍ରାଇକ ରେଟ୍‌ରେ ସେ ଖେଳିଥିଲେ। ତାଙ୍କ ଇନିଂସରେ ୧୦ଟି ଛକା ଏବଂ ୧୪ଟି ଚୌକା ଥିଲା। ଏହି ଇନିଂସରେ ସେ ମାତ୍ର ୪୦ ବଲରେ ତାଙ୍କର ଶତକ ପୂରଣ କରିଥିଲେ, ଯାହା ଏସ୍ଆରଏଚ୍ ର ଯେକୌଣସି ବ୍ୟାଟ୍ସମ୍ୟାନଙ୍କ ଦ୍ୱାରା ଲଗାଯାଇଥିବା ଦ୍ୱିତୀୟ ଦ୍ରୁତତମ ଶତକ ଥିଲା। ଏହା ଆଇପିଏଲ୍ ୨୦୨୫ ରେ ଲଗାଯାଇଥିବା ତୃତୀୟ ଶତକ। ଏହା ଅଭିଷେକ ଶର୍ମାଙ୍କ ଆଇପିଏଲ୍ କ୍ୟାରିୟରର ପ୍ରଥମ ଶତକ।

### ଭାରତୀୟ ଭାବେ ଆଇପିଏଲରେ ସର୍ବାଧିକ ରନ୍‌ର ରେକର୍ଡ

## ୪୦ ବଲରେ ଶତକ ମାରିଲେ ଅଭିଷେକ ଶର୍ମା

**ନୂଆଦିଲ୍ଲୀ, ୧୩।୪:** ଆଇପିଏଲରେ ଇତିହାସ ରଚିଲେ ଅଭିଷେକ ଶର୍ମା। ମାତ୍ର ୪୦ ବଲରେ ଶତକ ମାରି କଲେ ରେକର୍ଡ। ୧୪ ଚୌକା ଓ ୧୦ ଛକା ସହ ୧୪୧ ରନ କରିଛନ୍ତି। ଆଇପିଏଲରେ ପ୍ରଥମ ବ୍ୟକ୍ତିଗତ ଶତକ ମାରିଛନ୍ତି। ଭାରତୀୟ ଭାବେ ଆଇପିଏଲରେ ସର୍ବାଧିକ ରନ କରିବାର ରେକର୍ଡ କରିଛନ୍ତି। ଶତକ ମାରିବା ପରେ ଏକ ଚିଟ୍ ବାହାର କରି ଦେଖାଇଥିଲେ ଅଭିଷେକ। ଯେଉଁଥିରେ ଲେଖାଥିଲା THIS ONE IS FOR ORANGE ARMY। ଆଇପିଏଲରେ ସର୍ବାଧିକ ସ୍କୋର କରିବାର ରେକର୍ଡ କ୍ରିସ୍ ଗେଲଙ୍କ ନାଁରେ ରହିଛି। ସେ ୧୭୫ ରନ କରିଥିଲେ। ପଞ୍ଜାବ ବିପକ୍ଷରେ ଅଭିଷେକ ଶର୍ମାଙ୍କ ୧୪୧ ସ୍କୋର ଆଇପିଏଲରେ ଯେକୌଣସି ବ୍ୟାଟସମ୍ୟାନଙ୍କ ଦ୍ୱାରା ତୃତୀୟ ସର୍ବାଧିକ ସ୍କୋର। ୨୦୧୩ରେ କ୍ରିସ୍ ଗେଲଙ୍କ ୧୭୫* ଏବଂ ୨୦୦୮ରେ ବ୍ରେଣ୍ଡନ ମ୍ୟାକକୁଲମଙ୍କ ୧୫୮* ରନ୍ ପଛରେ ସେ ରହିଛନ୍ତି। ଅଭିଷେକଙ୍କ ୧୪୧ ରନ୍ ହେଉଛି ଆଇପିଏଲରେ ଜଣେ ଭାରତୀୟଙ୍କ ଦ୍ୱାରା ସର୍ବାଧିକ ବ୍ୟକ୍ତିଗତ ସ୍କୋର, ଯାହା ୨୦୨୦ରେ ଆରସିବି ବିପକ୍ଷରେ କେଏଲ ରାହୁଲଙ୍କ ୧୩୨* ରନ୍ ରେକର୍ଡ ପଛରେ ପକାଇଦେଇଛି। ମ୍ୟାଚ୍ ପରେ ଅଭିଷେକ ଯୁବରାଜ ସିଂହ ଓ ଟି-ଟ୍ୱେଣ୍ଟି ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କୁ ମଧ୍ୟ ଧନ୍ୟବାଦ ଦେଇଥିଲେ। ଆଇପିଏଲର ୨୨ତମ୍ ଲିଗ୍ ମ୍ୟାଚରେ ମୁହାଁମୁହିଁ ହୋଇଥିଲେ ପଞ୍ଜାବ କିଙ୍ଗସ୍ ଓ ସନରାଇଜର୍ସ ହାଇଦ୍ରାବାଦ। ପ୍ରଥମେ ବ୍ୟାଟିଂ କରି ପଞ୍ଜାବ କିଙ୍ଗସ ଦମଦାର ଆରମ୍ଭ କରିଥିଲା ଦଳ। ଦୁଇ ଓପନର ପ୍ରିୟାଂଶ ଆର୍ଯ୍ୟ ଓ ପ୍ରଭସିରନ ସିଂହ ୪ ଓଭରରେ ୬୬ ରନ କରିଥିଲେ। ଅଧିନାୟକ ଶ୍ରେୟସ ଆୟର ବିସ୍ଫୋରକ ବ୍ୟାଟିଂ କରି ସ୍କୋର ୨୦୦ ପାର କରାଇଥିଲେ। ୩୬ ବଲରେ ୮୨ ରନ୍‌ର ପାଳି ଖେଳିଥିଲେ। ଯେଉଁଥିରେ ୬ ଚୌକା ଓ ୬ ଛକା ସାମିଲ ଥିଲା। ପ୍ରଥମେ ବ୍ୟାଟିଂ କରି ହାଇଦ୍ରାବାଦ ଆଗରେ ୨୪୬ ରନର ଟାର୍ଗେଟ ରଖିଥିଲା ପଞ୍ଜାବ। ଅଭିଷେକ ଶର୍ମା ଧୂଆଁଧାର ଇନିଂସ ଖେଳିଥିଲେ। ୯ଟି ବଲ୍ ବାକିଥାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା ହାଇଦ୍ରାବାଦ।



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଛି ଛି ଛିରେ...

ମଦ, ମାଂସ ଦିଆଯିବା ସହ ମାରଣାସ୍ତ୍ରରେ ସଜ୍ଜିତ କରାଯାଇଥିଲା। କୁହାଯାଇଥିଲା ଯଦି ବିଧାୟକ ଆସିବେ, ତେବେ ଆଉ ଆରୁହା ଖଣି ଖୋଲିବନି। ଖଣି ଖୋଲା ଲୋଭରେ ରକ୍ତମୁଖା ହୋଇଥିଲେ ମାଫିଆ। ତେବେ ଏହାର ସୁରାକ ପାଇଲା ପରେ ଶ୍ରୀ ବଳବନ୍ତରାୟ ଯାଜପୁର ଏସ୍‌ପିଙ୍କୁ ସୂଚନା ଦେଇଥିଲେ। ପୁଲିସ୍ ବି ଘଟଣାସ୍ଥଳରେ ପହଞ୍ଚିଥିଲା। ହେଲେ ଶ୍ରୀ ବଳବନ୍ତରାୟଙ୍କ ଗାଡ଼ି ଉପରେ ମାରଣାସ୍ତ୍ରରେ ଆକ୍ରମଣ ସମୟରେ ପୁଲିସ୍ ନିରବ ଦର୍ଶକ ସାଜିଥିଲା। ପୂର୍ବତନ ବିଧାୟକ କହିଛନ୍ତି ସମସ୍ତ ଅକ୍ରମଣକାରୀ ହେଉଛନ୍ତି ଲିକୁ ସାହୁ ଓ ବିଜେପି ସମର୍ଥକ। ହାତରେ କାତି, ଠେଙ୍ଗା ଧରି ମାରି ଗୋଡାଉଥିବା ସମସ୍ତଙ୍କ ଫଟୋ ବିଧାୟକ ଲିକୁ ସାହୁ ଓ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ସହିତ ରହିଛି। ଏମାନେ ବିଜେପିରେ ଯୋଗଦେବା ସମୟରେ ଉଠିଥିବା ଅନେକ ଫଟୋରେ ରହିଛନ୍ତି। ଏହି ଆକ୍ରମଣ ଘଟଣାକୁ ନେଇ ସ୍ଥାନୀୟ ଲୋକଙ୍କ ସହ ପୂର୍ବତନ ବିଧାୟକଙ୍କ ସମର୍ଥକଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି କରିଥିଲା। ଆରୁହା ଗ୍ରାମବାସୀ ଆସି ପୂର୍ବତନ ବିଧାୟକଙ୍କୁ ଉଦ୍ଧାର କରିଥିଲେ। ସୂଚନା ପାଇ ଜେନାପୁର ଥାନା ଆଇଆଇସି ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ପରେ କାର୍ଯ୍ୟସୂଚୀ ଅନୁଯାୟୀ ଶ୍ରୀ ବଳବନ୍ତରାୟ ଯଜ୍ଞସ୍ଥଳରେ ପହଞ୍ଚି ମା'ଙ୍କ ଦର୍ଶନ କରି ଫେରିଥିଲେ। ପୂର୍ବରୁ ମଧ୍ୟ ଗତ ୧୭ ଅକ୍ଟୋବର ୨୦୨୪ରେ ପ୍ରଣବଙ୍କ ଗାଡି ଉପରକୁ ଅଣ୍ଡାମାଡ ହୋଇଥିଲା। ଲକ୍ଷ୍ମୀପୂଜା ଦେଖି ଫେରିବା ସମୟରେ ଧର୍ମଶାଳାର କୁରିକଣାଠାରେ ଏହି ଅଣ୍ଡାମାଡ଼ ହୋଇଥିଲା। ଏହି ଘଟଣାରେ ସେତେବେଳେ ବିଧାୟକ ଲିକୁ ଓ ତାଙ୍କ ସମର୍ଥିତ କର୍ମୀଙ୍କୁ ଦୋଷ ଦେଇଥିଲେ ପ୍ରଣବ। ଆଜିର ଏହି ଘଟଣାରେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ସେ କହିଛନ୍ତି ଯେ ଧର୍ମଶାଳାର ପୂର୍ବତନ ବିଧାୟକ ତଥା ବିଜେଡିର ଯୁବ ନେତାଙ୍କ ଉପରେ ସ୍ପଷ୍ଟ ଦିବାଲୋକରେ ସଂଘବଦ୍ଧ ଆକ୍ରମଣ ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ଦର୍ଶାଉଛି। ଜନପ୍ରତିନିଧମାନେ ଯଦି ରାଜ୍ୟରେ ଅସୁରକ୍ଷିତ, ତେବେ ସାଧାରଣ ଲୋକଙ୍କ ସୁରକ୍ଷା ଉପରେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଅସାମାଜିକ ବ୍ୟକ୍ତି ତଥା କାର୍ଯ୍ୟକଳାପକୁ ରୋକିବାରେ ରାଜ୍ୟ ସରକାରଙ୍କ ନିଷ୍କ୍ରିୟତା, ସ୍ଥାଣୁ ତଥା ଏକପାଖିଆ ମନୋଭାବ ଏପରି ଘଟଣାକୁ ଆହୁରି ପ୍ରୋତ୍ସାହିତ କରୁଛି। ସରକାର ରାଜନୈତିକ ହିଂସାକୁ ପ୍ରୋତ୍ସାହିତ ନକରି ତୁରନ୍ତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନବୀନ ଦାବି କରିଛନ୍ତି।ବିଜେପି ସମର୍ଥିତ ଲିକୁଙ୍କର ଏଭଳି କାଣ୍ଡ ଏବେ ଯାଜପୁର ଓ ରାଜ୍ୟ ବିଜେପି ନେତାଙ୍କ ଟେନ୍‌ସନ୍ ବଢ଼ାଇ ଦେଇଛି। କାରଣ ଅଣ୍ଡା ମାଡଠାରୁ ଆରମ୍ଭ କରି ସ୍ପଷ୍ଟ ଦିବାଲୋକରେ ଖଣ୍ଡା, ଲାଠିରେ ଆକ୍ରମଣ ଯୋଗୁଁ ସାଧାରଣରେ ବିଜେପି ପ୍ରତି ଲୋକଙ୍କ ମନରେ ବିରକ୍ତି ଭାବ ବଢୁଥିବା ବେଳେ ବିଜେଡିର ପୂର୍ବତନ ବିଧାୟକଙ୍କ ପ୍ରତି ସମବେଦନା ପ୍ରକାଶ ପାଉଛି। ବିଜେଡି ପାଇଁ ଏହା ଧିରେ ଧିରେ ବଳ ଗୋଟାଇବାରେ ସହାୟକ ହେଉଛି । ଅଣ୍ଡାମାଡ ଘଟଣା ପରେ ଲିକୁଙ୍କୁ ବିଜେପି ପକ୍ଷରୁ ତାଗିଦ୍ କରାଯିବା ପରେ ସେ ଘଟଣା ପାଇଁ ଦୁଃଖ ପ୍ରକାଶ କରିବା ସହ ଭିଡିଓ ଜାରି କରିଥିଲେ। ଏହାକୁ ନେଇ ବିଜେପି ନେତାମାନେ ସାମାନ୍ୟ ଆଶ୍ୱସ୍ତ ହୋଇଥିଲେ। କିନ୍ତୁ ନିକଟରେ ଧର୍ମଶାଳା ପିଇଓ ସ୍ମିତାରାଣୀ ବିଶ୍ୱାଳଙ୍କ ହତ୍ୟାକାଣ୍ଡ ଅଭିଯୁକ୍ତ ରୂପେଶ ଭଦ୍ରାଙ୍କ ସହ ସର୍ବସାଧାରଣରେ ଲିକୁ ଦେଖାଯିବା ଓ ଆଜି ପ୍ରଣବଙ୍କ ଉପରେ ତାଙ୍କ ସମର୍ଥକଙ୍କ ପୁଣି ଆକ୍ରମଣ ଘଟଣା ବିଜେପି ନେତାଙ୍କ ଚିନ୍ତାକୁ ବହୁଗୁଣିତ କରିଛି।

### ବିଜେଡିର...

ପାଇନଥିଲେ। ଘଟଣାର ୨ ଘଣ୍ଟା ପୂର୍ବରୁ ମଧ୍ୟ ସେ ଏପରି ଆଶଙ୍କା ବ୍ୟକ୍ତ କରି ନେଇ ଏସ୍‌ପିଙ୍କୁ ଅବଗତ କରାଇଥିଲେ। ଆଜିକୁ ମିଶାଇ ଶ୍ରୀ ବଳବନ୍ତରାୟଙ୍କ ଉପରେ ବିଧାୟକ ଶ୍ରୀ ସାହୁଙ୍କ ସମର୍ଥକମାନେ ପଞ୍ଚମ ଥର ମରଣାନ୍ତକ ଆକ୍ରମଣ କରିଛନ୍ତି। ପୂର୍ବରୁ ତାଙ୍କ ଗାଡ଼ି, ଘର ଓ ଦଳୀୟ କାର୍ଯ୍ୟାଳୟ ଉପରେ ମଧ୍ୟ ବହୁବାର ଆକ୍ରମଣ ହୋଇଥିଲେ ହେଁ ସ୍ଥାନୀୟ ପୁଲିସ୍ ହାତବାନ୍ଧି ବସିଛି। ଆଜିର ଆକ୍ରମଣ ଘଟଣାରେ ବିଧାୟକଙ୍କର ସହଯୋଗୀ ଖଣି ମାଫିଆ ମନୋଜ ସାମଲ ଓ ରତିକାନ୍ତ ଜେନାଙ୍କର ଯୋଜନା ଓ ନେତୃତ୍ୱରେ ରଚାଯାଇଥିଲା ବୋଲି ଶ୍ରୀ ବକ୍ସିପାତ୍ର ଅଭିଯୋଗ କରିଛନ୍ତି। ଏଥିସହ ଏହି ଘଟଣା ସହ ଜଡ଼ିତ ଆକ୍ରମଣକାରୀମାନଙ୍କୁ ଆଗାମୀ ୪୮ ଘଣ୍ଟା ମଧ୍ୟରେ ଗିରଫ କରାନଗଲେ ଦଳ ଡିଜିପିଙ୍କୁ ଭେଟି ସ୍ମାରକପତ୍ର ଦେବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ବରିଷ୍ଠ ନେତା ତଥା ବିଜେଡି ସମନ୍ୱୟ କମିଟି ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର ଦାବି କରିଛନ୍ତି।

### ମାସରେ...

ଦେଇଥିଲେ ବିଜେପିର ସଙ୍ଗଠନ ମହାମନ୍ତ୍ରୀ ବିଏଲ ସନ୍ତୋଷ, ସହସଙ୍ଗଠନ ମନ୍ତ୍ରୀ ଭି. ସତୀଶ ଓ ସଙ୍ଗଠନ ସାଧାରଣ ସମ୍ପାଦକ ସୁନୀଲ ବଂଶଲ। ସେମାନେ କହିଥିଲେ, ୨୦୩୬ ପାଇଁ ବିଜେପି ସରକାର ଯେଉଁ ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତୁତ କରିଛନ୍ତି, ତାକୁ ସଫଳ କରିବାକୁ ଦଳ କ୍ଷମତାରେ ରହିବା ଦରକାର। ଏମିତି କାମ କର ତୁମେ କ୍ଷମତାରେ ଥାଅ କି ନଥାଅ ଦଳ କ୍ଷମତାରେ ରହୁ। ଏଥିସହ ଦାଦନ ଓ ସାମାଜିକ ଅଭିବୃଦ୍ଧି ନେଇ ଏକ ସେସନରେ ୟୁପି ମଡେଲ୍ ଦେଖାଇ କହିଥିଲେ, ରାଜ୍ୟ ଡେଭଲପମେଣ୍ଟ ପ୍ଲାନ ଭଳି ବିଧାୟକମାନେ ବି ନିଜ ନିଜ ନିର୍ବାଚନମଣ୍ଡଳୀର ଡେଭଲପମେଣ୍ଟ ପ୍ଲାନ ପ୍ରସ୍ତୁତ କରନ୍ତୁ। ପ୍ରତି ୩ ମାସରେ ଥରେ ସମୀକ୍ଷା କରି ରିପୋର୍ଟ ତିଆରି କରନ୍ତୁ। ସଙ୍ଗଠନକୁ ଗୁରୁତ୍ୱ ଦେଇ କହିଥିଲେ, ଜନପ୍ରତିନିଧି ଓ ସଙ୍ଗଠନ ଗୋଟିଏ ସରଳ ରେଖାରେ ରହିବା ଦରକାର। ସଙ୍ଗଠନ ଓ ନିର୍ବାଚିତ ପ୍ରତିନିଧିଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବା ନିହାତି ଆବଶ୍ୟକ। ୮ଟି ସେସନ୍ ବାଦ୍ ନେତାଙ୍କ ଭିତରେ ସମନ୍ୱୟ ଓ ଭଲ ବଣ୍ଡିଂ ରଖିବାକୁ ବି ପ୍ରଶିକ୍ଷଣ ବର୍ଗରେ ବିଭିନ୍ନ ପ୍ରକାର ଖେଳର ଆୟୋଜନ ହୋଇଥିଲା। ଭଲି ବଲ୍, କବାଡ଼ି ଓ ଯୋଗ ଶିକ୍ଷା ମାଧ୍ୟମରେ ଏକାଠି ରହିବାକୁ ବାର୍ତ୍ତା ଦିଆଯାଇଥିଲା।

### ବଦଳିବ...

ତାକୁ ଦେଖିବାର କଥା। କାରଣ ଏକଥା ସ୍ପଷ୍ଟ ଯେ କାର୍ତ୍ତିକେୟନ ପାଣ୍ଡିଆନ ହିଁ ପରଦା ପଛରେ ରହି ସବୁ ନିଷ୍ପତ୍ତି ନେବେ ଆଉ ରାଜନୈତିକ ଗୋଟି ଚାଳନା କରିବେ। ନାଁକୁ ନବୀନ ସେଇ ନିଷ୍ପତ୍ତିରେ କେବଳ ମୋହର ମାରିବେ। ବିଜେଡି ରାଜନୀତିରେ ଦ୍ୱିତୀୟ କ୍ଷମତା କେନ୍ଦ୍ର ବିଷୟରେ ସବୁବେଳେ ଶୁଣିଛେ। ଏହାକୁ ନେଇ ବିଭିନ୍ନ ରାଜନୈତିକ ବିବାଦ ମଧ୍ୟ ହୋଇଛି। ବିଜେଡିରେ ଦ୍ୱିତୀୟ କ୍ଷମତା କେନ୍ଦ୍ର ଅର୍ଥାତ୍ ଦଳର ମୁଖିଆଙ୍କ ପରେ ସବୁଠୁ ଶକ୍ତିଶାଳୀ ନେତା। କୁହାଯାଉଛି, ବିଜେଡିର ସାଙ୍ଗଠନିକ ସ୍ତରରେ ବଡ଼ ଧରଣର ଅଦଳବଦଳ ହେବାକୁ ଯାଉଛି। ଚର୍ଚ୍ଚାରେ ଯେଉଁ ନେତାଙ୍କ ନାଁ ଆଗକୁ ଆସୁଛି, ସେମାନେ ହେଲେ ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର, ନବୀନଙ୍କ ରାଜନୈତିକ ସଚିବ ସଂତୃପ୍ତ ମିଶ୍ର, ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ବରିଷ୍ଠ ବିଧାୟକ ପ୍ରତାପ ଦେବ ଓ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ପ୍ରମୁଖ। ନବୀନ ପଟ୍ଟନାୟକ, ଯିଏ ୧୯୯୭ ମସିହାରୁ ବିଜେଡିର ସଭାପତି ଏବଂ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ରହିଛନ୍ତି, ସେ ଏବେ ବି ଦଳର ଏକମାତ୍ର ପ୍ରମୁଖ ନେତା ଭାବେ ରହିଛନ୍ତି। ନବୀନଙ୍କ ପରେ ଦଳର ନେତୃତ୍ୱ ନେଇ ବିଭିନ୍ନ ନାଁ ଆଲୋଚନାରେ ରହିଛି। ପୂର୍ବରୁ ପାଣ୍ଡିଆନଙ୍କୁ ନବୀନଙ୍କ ଉତ୍ତରାଧିକାରୀ ଭାବେ ଦେଖାଯାଉଥିଲା, କିନ୍ତୁ ୨୦୨୪ରେ ନବୀନ ସ୍ପଷ୍ଟ କରିଥିଲେ ଯେ ଓଡ଼ିଶାର ଜନତା ମୋ ପରେ ନେତା ନିର୍ଦ୍ଧାରଣ କରିବେ। ବରିଷ୍ଠ ନେତା ପ୍ରଣବ ପ୍ରକାଶ ଦାସ, ଯିଏ ପୂର୍ବରୁ ସାଙ୍ଗଠନିକ ସଚିବ ଥିଲେ, ତାଙ୍କୁ ଗୁରୁତ୍ୱପୂର୍ଣ୍ଣ ନେତା ଭାବେ ଦେଖାଯାଉଛି। ତେବେ ଏହାରି ଭିତରେ ବିଜେଡି ନେତା ଭୂପିନ୍ଦର ସିଂ କହିଛନ୍ତି ଯେ ନବୀନ ହିଁ ଏକମାତ୍ର ନେତା ଏବଂ ଦଳ ବାହାର ଲୋକଙ୍କୁ ନେତୃତ୍ୱ ଦେବାକୁ ଗ୍ରହଣ କରିବ ନାହିଁ। ଚର୍ଚ୍ଚା ହେଉଛି, ବିଜେଡି ଗଠନ ସମୟରେ ଯେଉଁ ଢାଞ୍ଚା ତିଆରି ହୋଇଥିଲା, ଏଥର ମଧ୍ୟ ସେହିଭଳି ଦଳରେ ରାଜନୈତିକ ବ୍ୟାପାର କମିଟି ପରି ଏକ ଉଚ୍ଚକ୍ଷମତା ସମ୍ପନ୍ନ କମିଟି ରହିପାରେ। କିଛି ବରିଷ୍ଠ ନେତାଙ୍କୁ ନେଇ ଏହି କମିଟି ଗଠନ ହେବ। ଏହି କମିଟି ଦଳୀୟ ବ୍ୟାପାର ବୁଝି ସଭାପତିଙ୍କୁ ରିପୋର୍ଟ ପ୍ରଦାନ କରିବ। ଦଳର ଆଭ୍ୟନ୍ତରୀଣ ବ୍ୟାପାରରେ ବି ଏହି କମିଟିର ହସ୍ତକ୍ଷେପ ରହିବ।

### ଆଉ...

ଯାତ୍ରୀମାନଙ୍କୁ ଆଶ୍ୱସ୍ତ ହେବା ସକାଶେ ପାଇଲଟ ବିମାନଟି ଏୟାର ବକେଟରେ ପଡିଛି, ଡରିବାର କିଛି ବି ନାହିଁ ବୋଲି ଆଶ୍ୱାସନା ଦେଇଥିଲେ। କିନ୍ତୁ ଏହା ଯାତ୍ରୀଙ୍କ ମନରେ ଥିବା ଭୟଭାବକୁ ରୋକିପାରିନଥିଲା। ବିମାନରେ ତ୍ରୁଟି ଦେଖାଯିବାରୁ ସେମାନେ ଏପରି ଭାବେ ଭୟଭୀତ ହୋଇପଡ଼ିଥିଲେ ଯେ ଆଉ ବଞ୍ଚିବା ସମ୍ଭବ ନୁହେଁ ବୋଲି ଧରିନେଇଥିଲେ। ତେଣୁ କେତେକ ଯାତ୍ରୀ କାନ୍ଦବୋବାଳି ଛାଡ଼ିବା ସହ ହନୁମାନଙ୍କୁ ସ୍ମରଣ କରିଥିଲେ। ଭୟରେ ବ୍ୟବସାୟୀ ବିଜେଡି ନେତା ଜଣଙ୍କ ପ୍ୟାଣ୍ଟ୍‌ରେ ମଳମୂତ୍ର ବି ତ୍ୟାଗ କରିଦେଇଥିଲେ। ବିମାନ ଭିତରେ ପ୍ରଚଣ୍ଡ ଦୁର୍ଗନ୍ଧ ହେଉଥିଲେ ବି ତାକୁ ଖାତିର ନକରି ଯାତ୍ରୀମାନେ ବଞ୍ଚିବା ପାଇଁ ଠାକୁରଙ୍କୁ ଡାକିଥିଲେ। ବିଜେପି ନେତା ଜଣଙ୍କର ଉଡାଣ ଅଭିଜ୍ଞତା ଥିବାରୁ ସିଏ ବିମାନ ସେବା ଉପରେ ରକ୍ତଚାଉଳ ଚୋବାଇବା ସହ ଦାନ୍ତ କାମୁଡି ବସିରହିଥିଲେ। ଏତିକିବେଳେ ଜଣେ ଯାତ୍ରୀଙ୍କ ଆର୍ତ୍ତଚିତ୍କାର ଓ କାନ୍ଦ ଶୁଣି ତାଙ୍କ ପାଖରେ ବସିଥିବା ଆଉ ଜଣେ ଯାତ୍ରୀ ମୂର୍ଚ୍ଛା ଯାଇଥିଲେ। ତାଙ୍କୁ ପାଣି ଛିଞ୍ଚି ସାଷ୍ଟାଙ୍ଗ କରାଯାଇଥିଲା। ତେବେ ଏହାରି ଭିତରେ ପାଇଲଟ ଉପସ୍ଥିତ ବୁଦ୍ଧି ଖଟାଇ ବିମାନଟିକୁ ଭୁବନେଶ୍ୱର ଫେରାଇ ଆଣିବା ସହିତ ସୁରୁଖୁରୁରେ ଅବତରଣ କରାଇଥିଲେ। ତେବେ ବିମାନରେ ଦାନ୍ତକାମୁଡ଼ି ବସିରହିଥିବା ବିଜେପି ନେତା ଜଣଙ୍କ ବିମାନରୁ ଓହ୍ଲାଇବା ମାତ୍ରେ କ୍ରୋଧରେ ଲାଲ୍ ପଡ଼ିଯାଇଥିଲେ ଓ ବିମାନ ଆଗରେ ଛିଡ଼ା ହୋଇ କାନଫଟା ଶୋଧା ଆରମ୍ଭ କରିଦେଇଥିଲେ। ବିମାନ ପରିଚାଳନା କମ୍ପାନୀର ଚଉଦ ପୁରୁଷ ଉଦ୍ଧାରିବା ପରେ ଆଉ ଏଇ ଚଢ଼େଇ ମାର୍କା ବିମାନରେ ଚଢ଼ିବେ ନାହିଁ ବୋଲି ପ୍ରତିଜ୍ଞା କରିଥିଲେ। ତେବେ ଏହି ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି ।

### ରାସ୍ତା ଉପରେ...

ଦେଖାଯାଉଛି। ପ୍ରାୟତଃ ସନ୍ଧ୍ୟା ସମୟରେ ଏହି ଦୋକାନକୁ ଆସୁଥିବା ଗ୍ରାହକମାନେ ସେମାନଙ୍କ ଦୁଇ/ଚାରିଚକିଆ ଯାନକୁ ରାସ୍ତା ଉପରେ ପାର୍କିଂ କରୁଥିବାରୁ ସେଠାରେ ଟ୍ରାଫିକ ସମସ୍ୟା ଗୁରୁତର ହେଉଛି। ଏହା ଅନେକ ସମୟରେ ଦୁର୍ଘଟଣାର କାରଣ ମଧ୍ୟ ହେଉଛି। କଟକ ମହାନଗର ନିଗମ(ସିଏମ୍‌ସି) ଓ ପୁଲିସ ପ୍ରଶାସନ ପକ୍ଷରୁ ବେଆଇନ ଜବରଦଖଲ ଉଚ୍ଛେଦ ହେଉଥିଲେ ହେଁ ବଡ଼ ବଡ଼ ବ୍ୟବସାୟ ପ୍ରତିଷ୍ଠାନ ଖୁଲମଖୁଲ୍ଲା ରାସ୍ତା ଅବରୋଧ କରି ବ୍ୟବସାୟ କରୁଥିବା ସେମାନଙ୍କ ନଜରକୁ କିପରି ଆସୁନାହିଁ, ତା' ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ସିଏମ୍‌ସି ଅଧିକାରୀ ଓ କର୍ମଚାରୀମାନେ ହାତଗୁଞ୍ଜା ନେଇ ବେଆଇନ ଜବରଦଖଲକୁ ପ୍ରଶ୍ରୟ ଦେଉଥିବା ଅଭିଯୋଗ ହେଉଛି। ଏସସିବି ମେଡିକାଲ, ରେଭେନ୍ସା ବିଶ୍ୱବିଦ୍ୟାଳୟ ଓ ଅନେକ ବଡ଼ ବଡ଼ ଶିକ୍ଷାନୁଷ୍ଠାନକୁ ସଂଯୋଗ କରୁଥିବା କଲେଜ ଛକଠାରୁ ରାଣୀହାଟ ରାସ୍ତା ଉପରେ କ୍ରମଶଃ ଜବରଦଖଲ ବଢୁଥିବାରୁ ଏହି ରାସ୍ତା ଦେଇ ଲୋକେ ଯିବାଆସିବା ପାଇଁ ଭୟ କଲେଣି। କାରଣ ଜବରଦଖଲ କାରଣରୁ ଏହି ରାସ୍ତାରେ ଅଧିକାଂଶ ସମୟରେ ଦୁର୍ଘଟଣା ଘଟୁଛି। କେତେଦିନ ସିଏମ୍‌ସି ଆଖିରେ ଅନ୍ଧପୁଟୁଳି ବାନ୍ଧି ଏପରି ଜବରଦଖଲକୁ ବରଦାସ୍ତ କରୁଥିବ, ତାହା ଏବେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ମୁଖ୍ୟ ଚର୍ଚ୍ଚାର ବିଷୟ ହୋଇଛି।

### ଶକ୍ତିଶାଳୀ...

ଏନର୍ଜି ସିଷ୍ଟମ୍‌ସ ଏଣ୍ଡ୍ ସାଇନ୍ସେସ୍ (ଚେସ୍) ପକ୍ଷରୁ କରାଯାଇଥିବା ବେଳେ ଏଥିରେ ଏଲ୍‌ଆର୍‌ଡିଇ, ଆଇଆର୍‌ଡିଇ, ଡିଏଲ୍‌ଡିଆର୍ ସହ ଏକାଧିକ ଏକାଡେମି ପ୍ରତିଷ୍ଠାନ ଓ ଭାରତୀୟ ଶିଳ୍ପ ସହଯୋଗ କରିଛନ୍ତି। ଏହି ପରୀକ୍ଷଣ ସମୟରେ ଏମ୍‌କେ-୨ ଅସ୍ତ୍ରର ସମସ୍ତ କ୍ଷମତା ପ୍ରଦର୍ଶନ କରାଯାଇଛି। ଏହି ଅସ୍ତ୍ର ତା'ର ଇନ୍‌ବିଲ୍ଟ ଇଲେକ୍ଟ୍ରୋ ଅପ୍‌ଟିକ୍ ସିଷ୍ଟମ୍ ମାଧ୍ୟମରେ ରାଡାର ଦ୍ୱାରା କୌଣସି ଡ୍ରୋନ୍‌କୁ ଠାବ କରିପାରିବ। ଏହି ଅସ୍ତ୍ରର ଉପଯୋଗ ଦ୍ୱାରା ଯୁଦ୍ଧକ୍ଷେତ୍ରରେ ଦାମୀ ଅସ୍ତ୍ରଶସ୍ତ୍ରର ଉପଯୋଗ ଓ ଅନ୍ୟାନ୍ୟ କ୍ଷୟକ୍ଷତିକୁ ଏଡ଼ାଇ ଦିଆଯାଇପାରିବ ବୋଲି ଡିଆର୍‌ଡିଓ ପକ୍ଷରୁ କୁହାଯାଇଛି।

### ଆଶା ଦିଦି...

ସେବା ପାଇପାରିବେ। ଆଗାମୀ ତିନି ମାସ ମଧ୍ୟରେ ସମସ୍ତ ହିତାଧିକାରୀଙ୍କ ପାଖରେ କାର୍ଡ ପହଞ୍ଚାଇବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ମାଧ୍ୟମରେ ରାଜ୍ୟର ୧.୩ କୋଟି ପରିବାରର ପାଖାପାଖି ସାଢ଼େ ୩ କୋଟି ଲୋକ ମାଗଣାରେ ଚିକିତ୍ସା ସୁବିଧା ପାଇବେ। ଦେଶସାରା ଯେଉଁଠି ଥିଲେ ବି ଏହି ଯୋଜନାର ହିତାଧିକାରୀମାନଙ୍କୁ ଚିକିତ୍ସା ସୁବିଧା ମିଳିପାରିବ। ଦେଶର ୨୯ ହଜାର ହସ୍ପିଟାଲରେ ଏହି ସୁବିଧା ମିଳିବ।

# ବେଆଇନ ମାଟି ଚାଲାଣ, ୧୦ ଟ୍ରାକ୍ଟର ଜବତ



**କାକଟପୁର/ଅସ୍ତରଙ୍ଗ, ୧୩।୪ (ସଂଚାର ବ୍ୟୁରୋ) :** ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ମାଟି ଚୋରା ଚାଲାଣ ବୃଦ୍ଧି ପାଇବା ଫଳରେ ସାଧାରଣ ଲୋକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦିନରାତି ଅହରହ ସରକାରୀ ଓ ଗୋଚର ଜମିରୁ ମାଫିଆମାନେ ମାଟି ଲୁଟ କରୁଥିବା ବେଳେ ଗ୍ରାମ ରାସ୍ତା ଓ ମୁଖ୍ୟ ରାସ୍ତା ଗୁଡିକ ନଷ୍ଟ ହୋଇଗଲାଣି। ଅନ୍ୟ ପକ୍ଷରେ ଏହି ବେଆଇନି କାରବାର ଯୋଗୁଁ ସରକାର ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହରାଉଛନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ତହସିଲ ଅଞ୍ଚଳରେ ଚୋରା ମାଟି ଚାଲଣ କରୁଥିବା ବେଳେ ପୁଲିସ ୧୦ଟି ଟ୍ରାକ୍ଟରକୁ ଜବତ କରିଛି। ସୂଚନା ମୁତାବକ ପୁରୀ ଜିଲ୍ଲା ଅସ୍ତରଙ୍ଗ ତହସିଲ ଅଞ୍ଚଳର ବିଭିନ୍ନ ଗ୍ରାମରେ ଦିନକୁ ଦିନ ମାଟି ମାଫିଆଙ୍କ ପାଦୁର୍ଭାବ ବୃଦ୍ଧି ପାଉଥିବା ବେଳେ ରବିବାର ଛୁଟି ଦିନର ସୁଯୋଗ ନେଇ ଅସ୍ତରଙ୍ଗ ଅଞ୍ଚଳରେ ନିଜକୁ ପ୍ରଭାବଶାଳୀ ମନେ କରି ଅସ୍ତରଙ୍ଗରୁ ନୂଆଗଡ ମୁଖ୍ୟ ରାସ୍ତା ପାର୍ଶ୍ୱରୁ ବେଆଇନ ଭାବେ ଚୋରା ମାଟି ଚାଲାଣ କରୁଥିବା ବେଳେ ଅସ୍ତରଙ୍ଗ ପୁଲିସ ତତ୍ପରତା ସହିତ ମଧ୍ୟାହ୍ନ ସମୟରେ ପୁଲିସ ତରଫରୁ ଚଢ଼ାଉ କରାଯାଇ ୯ଟି ମାଟି ବୋଝେଇ ଟ୍ରାକ୍ଟର ସହ ଏକ ଖାଲି ଟ୍ରାକ୍ଟର ଜବତ କରିଛି ପୁଲିସ। ଏ ନେଇ ଅସ୍ତରଙ୍ଗ ଥାନାଅଧିକାରୀ ରାଜେଶ ବଳିୟାର ସିଂ କହିଛନ୍ତି ତହସିଲଦାର ଉକ୍ତ ଟ୍ରାକ୍ଟର ବେଆଇନ ମାଟି ଚାଲାଣ କରୁଥିବା ଅଭିଯୋଗରେ ଫାଇନ ଲଗାଇବା ସହ ଏହି ଘଟଣାକୁ ନେଇ ତଦନ୍ତ ଜାରି ରହିଛି। କିନ୍ତୁ ସ୍ଥାନୀୟ ଅଞ୍ଚଳ କିଛି ପ୍ରଭାବଶାଳୀ ପ୍ରଶାସନ ଆଖିରେ ଧୂଳିଦେଇ ମାଟି ଚୋରା ଚାଲାଣ କରୁଛନ୍ତି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି ଉକ୍ତ ଟ୍ରାକ୍ଟର ଗାଡି ଚାଳକଙ୍କ ଲାଇସେନ୍ସ ଯାଞ୍ଚ ସହ ଗାଡି କାଗଜ ପତ୍ର ଯାଞ୍ଚ କରିବାକୁ ଦାବି କରିଛନ୍ତି।

# ରାଷ୍ଟ୍ରୀୟ ପୋଷଣ ପକ୍ଷ ପାଳନ



**ଗୋପ, ୧୩।୪ (ସଂଚାର ବ୍ୟୁରୋ) :** ଓଡ଼ିଆ ପକ୍ଷ ପାଳନ ଅବସରରେ ୭ମ ରାଷ୍ଟ୍ରୀୟ ପୋଷଣ ପକ୍ଷ ତଥା ଆମ ରୁଚି ଆମ ଖାଦ୍ୟ ଗୋପ ବ୍ଲକ ସଭାଗୃହ ରେ ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମଟିକୁ ଗୋପ ବ୍ଲକ ଉପାଧକ୍ଷ ବନରଞ୍ଜନ ପଟନାୟକ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ । ରାଷ୍ଟ୍ରୀୟ ପୋଷଣ ପକ୍ଷ ଅବସରରେ ଆମ ରୁଚି ଆମ ଖାଦ୍ୟ ପରିବେଷଣ କରଯାଇଥିଲା। ଗୋପ ବ୍ଲକର ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠି, ଅଙ୍ଗନବାଡ଼ି କର୍ମୀ, ବିପିଏମ, ଓଏଲଏମ ଏବଂ ସିଆରପି ମହିଳା ମାନଙ୍କ ଦ୍ୱାରା ବିଭିନ୍ନ ପିଠା ପଣା ସହିତ ଓଡ଼ିଆ ଘରର ଖାଦ୍ୟ ତଥା ଆରିସା ପିଠା କାକରା, ଚକୁଳି, ମଣ୍ଡା ପିଠା, ପୋଡ ପିଠା, ଚିତଉ ପିଠା ଏବଂ ମାଣ୍ଡିଆରେ ତିଆରି ବିଭିନ୍ନ ପ୍ରକାରର ସୁଖାଦ୍ୟ, ପୃଷ୍ଟିକର ଫଳ ଏବଂ ପନିପରିବା ମହିଳା ମାନଙ୍କ ଦ୍ୱାରା ପଦର୍ଶନ କରଯାଇଥିଲା । ଓଡ଼ିଆ ଦେଶୀ ପୋଷଣ ଘର ରୋଷେଇ ଖାଦ୍ୟ ଖାଇବା ଦ୍ୱାରା ଶରୀର ସୁସ୍ଥ ରହିଥାଏ ସେଥିପାଇଁ ପିଲାମାନଙ୍କୁ ବାହାର ଖାଦ୍ୟ ନଦେଇ ଓଡ଼ିଆର ପୋଷଣ ଖାଦ୍ୟ ଖାଇଲେ ଶିଶୁ ମାନଙ୍କ ଶାରୀରିକ ତଥା ମାନସିକ ବୃଦ୍ଧି ପାଇବା ସହିତ ସୁସ୍ଥ ଜୀବନ ଏବଂ ସୁସ୍ଥ ପରିବେଶ ସୃଷ୍ଟି ହୋଇପାରିବ ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ ବୋଲି ମା ମାନଙ୍କୁ ସଚେତନତା କରାଇଥିଲେ ଗୋପ ବ୍ଲକ ଉପାଧକ୍ଷା ବନରଞ୍ଜନ ପଟନାୟକ। ଏହି କାର୍ଯ୍ୟକ୍ରମଟିକୁ ଗୋପ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ମିନାକ୍ଷୀ ସାହୁ ପରିଚାଳନା କରିଥିବା ବେଳେ ଡଭାର ପଞ୍ଚାୟତ ସରପଞ୍ଚ ଜଗବନ୍ଧୁ ବରାଳ ଏବଂ ଗୋପ ବ୍ଲକର ସମସ୍ତ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଶେଷରେ ଅତିଥି ମାନେ ମହିଳା ମାନଙ୍କ ଦ୍ୱାରା ପରିବେଷଣ କରାଯାଉଥିବା ବିଭିନ୍ନ ପିଠା ଖାଇବା ପରେ ସ୍ୱାଦିଷ୍ଟ ଖାଦ୍ୟ ପାଇଁ ମହିଳା ମାନଙ୍କୁ ବ୍ଲକ ପ୍ରଶାସନ ତରଫରୁ ସମ୍ବର୍ଦ୍ଧିତ କାରଯିବା ସହ ଟ୍ରଫି ପ୍ରଦାନ କରଯାଇଥିଲା।

# ବିଜେପିର ଗାଁକୁ ଚାଲ ଅଭିଯାନ ଆରମ୍ଭ



**କେନ୍ଦ୍ରାପଡା, ୧୩।୪ (ସଂଚାର ବ୍ୟୁରୋ) :** କେନ୍ଦ୍ରାପଡା ଜିଲ୍ଲା ୭ ନମ୍ବର ଜୋନ ପଥରକଣୀ ମଣ୍ଡଳ ଗାଙ୍ଗପଡା ର ପୋଇପାଟ ଗ୍ରାମ ୧୦୨ ନମ୍ବର ବୁଥ୍ ରେ ବିଜେପି ଗାଁ କୁ ଚାଲ ଅଭିଯାନ କାର୍ଯ୍ୟକ୍ରମ ଜିଲ୍ଲା ପରିଷଦ ପ୍ରାର୍ଥୀ ରଞ୍ଜନ କୁମାର ସାହୁଙ୍କ ନେତୃତ୍ୱରେ ଆରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡା ନିର୍ବାଚନ ମଣ୍ଡଳୀର ନେତ୍ରୀ ଗୀତାଞ୍ଜଳି ସେଠୀ ଓ ଜିଲ୍ଲା ମହିଳାମୋର୍ଚ୍ଚା ସାଧାରଣ ସଂପାଦିକା ଝିଲ୍ଲୀ ଦାସ ଜୋନ ସଭାପତି ବିଭୁ ପ୍ରସାଦ ଧଳ, ଶେଶଦେବ ପଧାନ ଓ ବୁଥ୍ ପ୍ରମୁଖ ବିଜୟ କୁମାର ପ୍ରଧାନଙ୍କ ସହିତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ପରେ ଦଳର ନିଷ୍ପତ୍ତି ଅନୁସାରେ ଅପରାହ୍ନରେ ବୁଥ୍ କମିଟିର ୧୨ ଜଣ ପୁରୁଷ ଓ ମହିଳାଙ୍କ ସହିତ ବୈଠକ କରାଯାଇ କମିଟି ସଦସ୍ୟଙ୍କ କାର୍ଯ୍ୟ ଓ ଦାୟିତ୍ୱ ବିଷୟରେ ବୁଝାଇଥିଲେ । କାର୍ଯ୍ୟକ୍ରମ ଶେଷରେ ଗାଙ୍ଗପଡା ପଞ୍ଚାୟତ ଭରସିଂହ ଗାଁର ସଂଖ୍ୟାଲଘୁ ସେଲର ଦୁଇଜଣ ସେକ୍ ସୋଲୋ ଓ ରିଜୁଆନ୍ ଖାନ୍ ବିଜେପିରେ ଯୋଗ ଦେଇଛନ୍ତି । ଅନ୍ୟ ମାନଙ୍କ ମଧ୍ୟରେ ବୁଥ୍ ସଂପାଦକ ପ୍ରଶାନ୍ତ କୁମାର ପଣ୍ଡା, ଅନୁସୁୟା ସାହୁ, ମଞ୍ଜୁଲତା ରାଉତ, ବାସନ୍ତୀ ପ୍ରଧାନ, ଅର୍ଣପୁର୍ଣା ପଣ୍ଡା,ରୁବିନା ପ୍ରଧାନ,ଗାୟତ୍ରୀ ମହାନ୍ତି, ଅନିତା ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ମହିଳାଙ୍କ ପେଟରୁ ବାହାରିଲା ୮ କିଲୋ ଓଜନର ଟ୍ୟୁମର

**ବାଲିଅନ୍ତା, ୧୩।୪ (ସଂଚାର ବ୍ୟୁରୋ) :** ବାଲିଅନ୍ତା ବ୍ଲକ ଅଧୀନ ବେଣ୍ଟପୁର ଶାସନ ସ୍ଥିତ ଜୟଦେବ ହେଲଥକେୟାରରେ ଆଜି ଜଣେ ମହିଳାଙ୍କ ଗର୍ଭାଶୟରେ ବଢୁଥିବା ଟ୍ୟୁମରର ସଫଳ ଅସ୍ତ୍ରୋପଚାର କରାଯାଇଛି। ପିପିଲି ଅଞ୍ଚଳର ସସ୍ମିତା ଭୋଇ (୪୭)ଙ୍କ ପେଟରୁ ୭ କିଲ ଓଜନର ଟ୍ୟୁମର ବାହାରିଛି। ସୂଚନା ଅନୁସାରେ ସସ୍ମିତା ଦୀର୍ଘଦିନ ଧରି ପେଟଯନ୍ତ୍ରଣାରେ ପୀଡ଼ିତ ଥିଲେ। ସେ ପେଟର ଅଲଟ୍ରାସାଉଣ୍ଡ କରିବାରୁ ଗର୍ଭମୁଣାରେ ଟ୍ୟୁମର ଥିବା ଜଣାପଡ଼ିଥିଲା। ଆଜି ସସ୍ମିତା ଜୟଦେବ ହେଲଥ କେୟାରରେ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡାକ୍ତର ପ୍ରତାପ ଚନ୍ଦ୍ର ଦାସ ଓ ଆନାସ୍ଥେସିଆ ଡାକ୍ତର ତପନ କୁମାର ସାହୁ ଓ ଜୟଦେବ ହେଲଥକେୟାର ଏମଡି ଡ. ତାପସ ରଞ୍ଜନ ଦାଶ ଦୀର୍ଘ ୩ଘଣ୍ଟା ଧରି ଅସ୍ତ୍ରୋପଚାର କରିଥିଲେ।

# ମାହାଙ୍ଗା ନିର୍ବାଚନମଣ୍ଡଳୀରେ ସକ୍ରିୟ ହେଲେଣି ମାଟି ମାଫିଆ

**ନିଶ୍ଚିନ୍ତକୋଇଲି, ୧୩।୪ (ସଂଚାର ବ୍ୟୁରୋ) :** ସମଗ୍ର ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ଉଭୟ ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ମାଟି ମାଫିଆ ମାନେ ସକ୍ରିୟ ହୋଇଯାଇଥିବା ବେଳେ ନଦୀ, ନାଳ, ଗୋଚର, ବିଲ ବାଡି ଏପରିକି ଠାକୁର ଜମିକୁ ଅତ୍ୟନ୍ତ ଦୟନୀୟ ଭାବେ ଖୋଳି ତାଡି ଉକ୍ତ ମାଟିକୁ ଟ୍ରାକ୍ଟର ଯୋଗେ ଚାଲାଣ କରି ମାଲମାଲ୍ ହେଉଛନ୍ତି। ସେପଟେ ତହସିଲ ପ୍ରଶାସନ ଠାରୁ ଆରମ୍ଭ କରି ପୁଲିସ ପ୍ରାସାସନ ଓ ରାଜସ୍ୱ ନିରିକ୍ଷକମାନେ ମାଟି ମାଫିଆ ମାନଙ୍କ ଠାରୁ ମୋଟା ଅଙ୍କର ହାତ ଗୁଂଜା ନେଇ ସବୁ ଦେଖି ଜାଣି ନିରବଦ୍ରଷ୍ଟା ସାଜିଥିବା କଥା ସାଧାରଣରେ ଆଲୋଚନା ହେଉଛି।

ବିଶେଷ କରି ମହାଙ୍ଗାର ହଳଦିଆ ଗ୍ରାମପଞ୍ଚାୟତ ଅଞ୍ଚଳରେ ମାଟି ମାଫିଆ ମାନେ ବେଶ୍ ସକ୍ରିୟ ହୋଇ



ଦୈନନ୍ଦିନ ଶହ ଶହ ଟ୍ରିପ୍ ମାଟି ଚୋରା ଚାଲାଣ କରୁଥିବା ବେଳେ ଏବେ ପୁଣୀ ଦିନ ଦ୍ୱିପ୍ରହରରେ ନିଶ୍ଚିନ୍ତକୋଇଲି ବ୍ଲକ ସୁକରପଡା ଗ୍ରାମପଞ୍ଚାୟତ ରାଣୀପଡାର କଟକ ଚାନ୍ଦବାଲି ରାସ୍ତା କଡ ଡ୍ରେନ୍ ଖୋଳା ଓ କଂକ୍ରିଟ କାର୍ଯ୍ୟ ନାମରେ ଠିକାଦାର ଜଣଙ୍କ ଜେସିପି ମେସିନ୍ ଦ୍ୱାରା ଟ୍ରାକ୍ଟର ଯୋଗେ ମାଟି ଚାଲାଣ ହେଉଥିବା ଦେଖିବା ମିଳୁଛି।

ତେବେ ଏହି ମାଟି ମାତ୍ର କିଛି ଦୂରତାରେ ଏକ ସ୍ଥାନରେ ମହଜୁଦ୍ ହୋଇ ରହୁଥିବା ବେଳେ ଦାୟିତ୍ୱରେ ଥିବା କର୍ମଚାରିଙ୍କୁ ପଚାରିବାରୁ ଯାହାର ମାଟି ଆବଶ୍ୟକ ଏଠାରୁ ଟ୍ରାକ୍ଟର ଯୋଗେ ମାଟି ବିକ୍ରୟ କରାଯାଉଥିବା କଥା ମତ ପ୍ରକାଶ କରିଥିଲେ। ତେବେ ଠାକୁର ଦେଖାକୁ କଦଳି ବିକା ସଦୃଶ ଠିକାଦାର ଜଣଙ୍କ ସରକାରୀ କାର୍ଯ୍ୟ କରି ପିସି ଗୋଟାଉ ଥିବା ସ୍ଥଳେ ଆରପଟେ ମାଟି ବିକି ମାଲେମାଲ୍ ହେବା କଥା ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି।

# ଆବର୍ଜନାମୟ ନିଶ୍ଚିନ୍ତକୋଇଲି ବଜାରସ୍ଥ ୮ନଂ କେନାଲ

**ନିଶ୍ଚିନ୍ତକୋଇଲି, ୧୩।୪ (ସଂଚାର ବ୍ୟୁରୋ):** ସରକାର ସ୍ୱଚ୍ଛ ଭାରତ ଅଭିଯାନରେ ପରିବେଶ ସୁରକ୍ଷା ପାଇଁ କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। ଏପରିକି ଗାଁ ଠାରୁ ସହର ପର୍ଯ୍ୟନ୍ତ ପରିବେଶ ସୁରକ୍ଷା ପାଇଁ ପ୍ଲାଷ୍ଟିକ ତଥା ବର୍ଯ୍ୟବସ୍ତୁକୁ ନଷ୍ଟ କରିବା ପାଇଁ ଏଣେ ତେଣେ ନ ପକାଇ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଆବର୍ଜନା କୁଣ୍ଡ ମାନ ନିର୍ମାଣ କରୁଛନ୍ତି।ଫଳରେ ଆବର୍ଜନା ନଷ୍ଟ ହୋଇପାରିବା ସହ ପରିବେଶ ସୁସ୍ଥ ହୋପାରିବ। କିନ୍ତୁ ନିଶ୍ଚିନ୍ତକୋଇଲି ମୁଖ୍ୟ ବଜ଼ାରରେ ଏହାର ବ୍ୟତିକ୍ରମ ହେବା ଘଟଣା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନିଶ୍ଚିନ୍ତକୋଇଲି ବଜ଼ାର ବ୍ୟବସାୟୀ ସଙ୍ଘ ନିଜର ବ୍ୟବସାୟ ପ୍ରତି ଧ୍ୟାନ ଦେଉଥିବା ବେଳେ ପରିବେଶ ସୁସ୍ଥତା ପ୍ରତି ଅଣଦେଖା କରୁଥିବା ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।ନିଶ୍ଚିନ୍ତକୋଇଲି ବଜ଼ାରରେ ପ୍ରାୟ ପାଞ୍ଚଶହରୁ ଉର୍ଦ୍ଧ ବ୍ୟବସାୟୀ ଅଛନ୍ତି। ବ୍ୟବସାୟର ବର୍ଯ୍ୟବସ୍ତୁ କିଛି ବ୍ୟବସାୟୀ ନଷ୍ଟ ପାଇଁ ବିଭିନ୍ନ ପଦକ୍ଷେପ



ନେଉଥିବା ବେଳେ ବହୁ ବ୍ୟବସାୟୀ ସେମାନଙ୍କର ଦୋକାନର ଜରି ଅଇଁଠା ପ୍ଲେଟ ଅନ୍ୟାନ୍ୟ ଦ୍ରବ୍ୟ ସିଧା ସଳଖ ନିଶ୍ଚିନ୍ତକୋଇଲି ବଜ଼ାରସ୍ଥ ୮ନମ୍ବର କେନାଲରେ ପକାଉଥିବା ଦେଖିବାକୁ ମିଳୁଛି। ଫଳରେ ନିଶ୍ଚିନ୍ତକୋଇଲି ବଜ଼ାର କେନାଲ ପାଖ ଆବର୍ଜନା ଦୁର୍ଗନ୍ଧରେ ନର୍କକୁଣ୍ଡ ପାଲଟିଛି। ଏଥିପ୍ରତି ନିଶ୍ଚିନ୍ତକୋଇଲି ବଜ଼ାର ବ୍ୟବସାୟୀ ସଂଘର ନିଘା ନଥିବା ବେଳେ ପ୍ରଶାସନର ଦୃଷ୍ଟି ପଡୁନାହିଁ। ନିଶ୍ଚିନ୍ତକୋଇଲି ବଜାର କମିଟି କେବଳ ବ୍ୟବସାୟୀ ମାନଙ୍କ ଠାରୁ ଦୈନଦିନ ଅର୍ଥ ଆଦାୟ କରି କେବଳ ଦଶହରା ସମୟରେ ମେଢ଼ କରି ସାଂସ୍କୃତିକ କାର୍ଯ୍ୟକ୍ରମ କରିବା ଜାଣିଥିବା ବେଳେ ପରିବେଶ ସୁରକ୍ଷା ତଥା ବଜ଼ାର ପରିବେଶ ସୁସ୍ଥ ପ୍ରତି ଧ୍ୟାନ ନାହିଁ ବୋଲି ଜନସାଧାରଣରେ କୁହାକୁହି ହେଉଛନ୍ତି । ନିଶ୍ଚିନ୍ତକୋଇଲି ବଜ଼ାରରେ ଆବର୍ଜନା କୁଣ୍ଡ ଆବଶ୍ୟକ ଥିବାବେଳେ ବ୍ୟବସାୟୀ ସଙ୍ଘ ଦାବି କରୁନଥିବା ବେଳେ ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଯାଇଛି। ନିଶ୍ଚିନ୍ତକୋଇଲି ବଜ଼ାର ନିକଟରେ ଏକ ଆବର୍ଜନା କୁଣ୍ଡ ନିର୍ମାଣ ପାଇଁ ଦାବି ହେଉଥିବା ବେଳେ ବଜ଼ାର ପରିବେଶ ସୁସ୍ଥତା ପାଇଁ ବ୍ୟବସାୟୀ ସଙ୍ଘ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଜଳ ସମ୍ପଦ ବିଭାଗ ଅଧିନରେ ଥିବା ୮ନଂ କେନାଲର ରକ୍ଷଣା ବେକ୍ଷଣ ପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜିବୀ ମହଲରେ ଦାବି ହୋଇଛି।

## କାରରୁ ୫ଲକ୍ଷ ଟଙ୍କା ଜବତ ଘଟଣା

# ଜେଲ୍ ଗଲେ ସହକାରୀ ନିର୍ବାହୀ ଯନ୍ତ୍ରୀ



**ବୋରିଗୁମ୍ମା/ଜୟପୁର, ୧୩।୪ (ସଂଚାର ବ୍ୟୁରୋ) :** ପାଖାପାଖି ୫ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ନେଇ ଭୁବନେଶ୍ୱର ଯାଉଥିବା ବେଳେ ଶୁକ୍ରବାର ଜୟପୁର ଭିଜିଲାନ୍ସ ହାତରେ ଧରାପଡ଼ିଥିବା ଚିତ୍ରକୋଣ୍ଡା ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ ପବିତ୍ର ମୋହନ ପାଣିଗ୍ରାହୀଙ୍କୁ ଆଜି କୋର୍ଟଚାଲାଣ କରାଯାଇଛି। ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ତାଙ୍କର ଜାମିନ ଆବେଦନର ଶୁଣାଣିକୁ ଆସନ୍ତା ୧୪ଦିନ ପର୍ଯ୍ୟନ୍ତ ସ୍ଥଗିତ ରଖାଯିବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ନିର୍ବାହୀ ଯନ୍ତ୍ରୀ ଶ୍ରୀ ପାଣିଗ୍ରାହୀ ଗତକାଲି ନିଜର ଜଣେ ସହଯୋଗୀ କନିଷ୍ଠ ଯନ୍ତ୍ରୀଙ୍କ ସହ କାର୍‌ରେ ଭୁବନେଶ୍ୱର ଯାଉଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ମାଲକାନଗିରି ଜିଲ୍ଲା ଗୋବିନ୍ଦପାଲ୍ଲୀ ଛକଠାରେ ଅଟକାଇ ଯାଞ୍ଚ କରିଥିଲେ । ଯାଞ୍ଚ ବେଳେ କାର୍‌ରୁ ୫ଲକ୍ଷ ୭ ହଜାର ଟଙ୍କା ଥିବା ଏକ ବ୍ୟାଗ୍ ଜବତ ହୋଇଥିଲା। ପରେ ଭିଜିଲାନ୍ସ ଅଭିଯୁକ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ସମେତ ସାଥିରେ ଥିବା କନିଷ୍ଠ ଯନ୍ତ୍ରୀଙ୍କୁ ଜୟପୁର ଭିଜିଲାନ୍ସ ଏସପିଙ୍କ କାର୍ଯ୍ୟାଳୟକୁ ନେଇଥିଲେ। ଅପରପକ୍ଷେ, ଭିଜିଲାନ୍ସ ଆୟ ବହିର୍ଭୂତ ସଂପରି ଠୁଳ ସନ୍ଦେହରେ ଶ୍ରୀ ପାଣିଗ୍ରାହୀଙ୍କ ଚିତ୍ରକୋଣ୍ଡାସ୍ଥିତ ବାସଭବନ ଓ ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଥାନା ଡମଣା ନନ୍ଦାଦେବୀ ଆପାର୍ଟମେଣ୍ଟସ୍ଥିତ ତାଙ୍କ ବାସଭବନ ଉପରେ ଚଢ଼ଉ କରିଥିଲେ । ଚଢ଼ଉ ବେଳେ ଭୁବନେଶ୍ୱର ବାସଭବନରୁ ୧୩ଲକ୍ଷ ୪ ହଜାର୨ ଶହ ଟଙ୍କା ଜବତ ହୋଇଥିଲା । ସେହିପରି ଭୁବନେଶ୍ୱରଠାରେ ୧୫୦୦ବର୍ଗଫୁଟର ଏକ ଘର ଏବଂ ଭୁବନେଶ୍ୱରସ୍ଥିତ ନାମୀଦାମୀ ଅଞ୍ଚଳରେ ୨ଟି, ବରଗଡ଼ଠାରେ ଗୋଟିଏ ଏବଂ ଗଞ୍ଜାମ ଜିଲ୍ଲା ଆସିକା ସହରରେ ଗୋଟିଏକୁ ମିଶାଇ ସମୁଦାୟ ୪ଟି ପ୍ଲଟ, ୨୭୦ ଗ୍ରାମ ଓଜନର ସୁନାଅଳଙ୍କାର, ଗୋଟିଏ କାର୍ ଭିଜିଲାନ୍ସ ଠାବ କରିଥିଲା। ଏସବୁ ସଂପତ୍ତିର ମୂଲ୍ୟ ୧ କୋଟିରୁ ଉର୍ଦ୍ଧ୍ୱ ହେବ ବୋଲି ଭିଜିଲାନ୍ସ ଆକଳନ କରିଛି। ଏହାସହ ତାଙ୍କର ଓ ତାଙ୍କ ପରିବାର ସଦସ୍ୟଙ୍କ ନାମରେ ୭୨ଲକ୍ଷ ୨୦ହଜାର ଟଙ୍କାର ଜୀବନ ବୀମା ରହିଥିବା ଭିଜିଲାନ୍ସ ଜାଣିବାକୁ ପାଇଛି। ତେବେ ତାଙ୍କ ସହ କାରରେ ଉପସ୍ଥିତ କନିଷ୍ଠ ଯନ୍ତ୍ରୀ ଜଗନ୍ନାଥ ବେହେରାଙ୍କ କୌଣସି ସମ୍ପୃକ୍ତି ନଥିବା ଯୋଗୁଁ ଭିଜିଲାନ୍ସ ତାଙ୍କୁ ଛାଡି ଦେଇଥିବା ଜଣାପଡିଛି।

# ବିଜେପି ପକ୍ଷରୁ ଡ଼ଃ ବାବା ସାହେବ ଆମ୍ବେଦକର ଜୟନ୍ତୀ ଉପଲକ୍ଷେ ଦୀପଦାନ ଓ ସଫେଇ

**କେନ୍ଦ୍ରାପଡା, ୧୩।୪ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ନିର୍ବାଚନ ମଣ୍ଡଳୀ ବିଜେପି ପକ୍ଷରୁ ଭାରତରତ୍ନ ସମ୍ବିଧାନ ପ୍ରଣେତା ଡ଼ଃ ବାବା ସାହେବ ଆମ୍ବେଦକରଙ୍କ ଜୟନ୍ତୀ ଉପଲକ୍ଷେ ସାମୁହିକ ଦୀପଦାନ ଓ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡା ବିଧାନସଭା ପ୍ରାର୍ଥୀ ଗୀତାଞ୍ଜଳି ସେଠୀଙ୍କ ନେତୃତ୍ୱରେ ପୁରୁଣା ବସଷ୍ଟାଣ୍ଡ ଓ ହାଇସ୍କୁଲ ପଡିଆ ନିକଟସ୍ଥ ବାବା ସାହେବ ଆମ୍ବେଦକରଙ୍କ ପରିସରରେ ସ୍ୱଚ୍ଛ ଭାରତ ଅଭିଯାନ କରାଯିବା ସହ ଦୀପଦାନ




କରାଯାଇ ଥିଲା । ଏଥିରେ ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀ, ରାଷ୍ଟ୍ରୀୟ ପରିଷଦ ସଦସ୍ୟ ବୈଦ୍ୟନାଥ ଚାଟାର୍ଜୀ, ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ଝିଲି ଦାସ, ଜିଲ୍ଲା ସାଧାରଣ ସମ୍ପାଦକ ଅମିତାଭ ସୁଆର, ନଗର ସଭାପତି ପ୍ରଭାତ ମହାନ୍ତି, ରାଜେନ୍ଦ୍ର ପ୍ରସାଦ ପତି, ଲକ୍ଷ୍ମୀକାନ୍ତ ସାହୁ, ନାରାୟଣ ପ୍ରସାଦ ସିଂ, ଲୋକନାଥ ଦାସ, ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଦୀପକ କୁମାର ପୁଷ୍ଟି ପ୍ରମୁଖ ବହୁ ବିଜେପି କର୍ମୀ ଅଂଶ ଗ୍ରହଣ କରିଥିଲେ ।

# ସିଦ୍ଧ ବଳଦେବଜୀଉଙ୍କ ବଡ଼ଦାଣ୍ଡରେ ରାମଲୀଳା



**କେନ୍ଦ୍ରାପଡା, ୧୩।୪ (ସଂଚାର ବ୍ୟୁରୋ) :** ପ୍ରଭୁ ଶ୍ରୀ ସିଦ୍ଧ ବଳଦେବଜୀଉ ଙ୍କ ଇଛାପୁର ସ୍ଥିତ ମନ୍ଦିର ସମ୍ମୁଖରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ଶ୍ରୀରାମ ନବମୀ ଠାରୁ ରାମଲୀଳା ମଂଚସ୍ଥ ହୋଇ ଆସୁଛି । ଶ୍ରୀ ବଳଦେବଜୀଉ ରାମଲୀଳା ସମିତି ପକ୍ଷରୁ ଚଳିତ ବର୍ଷ ନୂତନ ଶୈଳୀରେ ଆଧୁନିକ ସାଜସଜ୍ଜା, ଉନ୍ନତମାନ ର ଆଲୋକ ବ୍ୟବସ୍ଥା ମଧ୍ୟରେ ନାଟ୍ୟ ପରିବେଷଣ ଦର୍ଶକ ମାନଙ୍କୁ ଆମୋଦିତ କରୁଥିବା ଦେଖିବାକୁ ମିଳିଛି । ମନ୍ଦିର ସମ୍ମୁଖସ୍ଥ ଶ୍ରୀରାମ ଟୁଙ୍ଗିରେ ଜୀଉଙ୍କ ଚଳନ୍ତି ବିଗ୍ରହ ବିରାଜମାନ କଲାପରେ ଯାତ୍ରା ପରିବେଷଣ କରା ଯାଇଥାଏ । ମହାପ୍ରଭୁ ଶ୍ରୀ ବଳଦେବଜୀଉ ନିଜେ ପ୍ରମୁଖ ଦର୍ଶକ ହୋଇଥିବାରୁ ଇଛାପୁରର ରାମଲୀଳାର ମହତ୍ୱ ଅନ୍ୟ ରାମଲୀଳା ଠାରୁ ସ୍ୱତନ୍ତ୍ର ବୋଲି ସ୍ଥାନୀୟ ଅଂଚଳରେ ମର୍ଯ୍ୟାଦା ଲାଭ କରିଛି ।

# ଶ୍ରୀରାମଙ୍କ ଦାଣ୍ଡ ଶୋଭାଯାତ୍ରା

**ଡେରାବିଶ, ୧୩।୪ (ସଂଚାର ବ୍ୟୁରୋ) :** ଡେରାବିଶ ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ମୁକୁନ୍ଦପୁର ଗ୍ରାମର ଶ୍ରୀ ରଘୁନାଥଜୀଉ କୃପା ପରିଷଦ ଆନୁକୂଲ୍ୟରେ ଗତ ଶ୍ରୀରାମ ନବମୀ ଠାରୁ ଅନୁଷ୍ଠିତ ହୋଇ ଆସୁଥିବା ନିର୍ବାକ ରାମଗାଥା ଅଭିନୟର ଶ୍ରୀରାମଙ୍କ ଦାଣ୍ଡଶୋଭାଯାତ୍ରା ଗତକାଲି ଚୈତ୍ରପୂର୍ଣ୍ଣିମା ତିଥିରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ପରି ବାଜାବାଣ, ନାମ ସଂକୀର୍ତ୍ତନରେ ମୁକୁନ୍ଦପୁର ରଘୁନାଥଜୀଉ ମନ୍ଦିରରୁ ପ୍ରଭୁ ଶ୍ରୀରାମ, ଲକ୍ଷ୍ମଣ, ସୀତା ଓ ହନୁମାନଙ୍କ ଚଳନ୍ତି ପ୍ରତିମା ବିମାନରୁଢ଼ ହୋଇ ଚାନ୍ଦୋଳର ମା ବୁଢ଼ୀ ଜାଗୁଲାଇ ଠାକୁରାଣୀଙ୍କ ନିକଟକୁ ଆସିଥାନ୍ତି। ଏଥିସହିତ ରାମଗାଥା ଅଭିନୟରେ ଅଭିନୟ କରୁଥିବା ରାମ, ଲକ୍ଷ୍ମଣ, ସୀତା ଓ ହନୁମାନ ଏକ ସୁସଜ୍ଜିତ ରଥରେ ଏବଂ ଅନ୍ୟ ଏକ ରଥରେ ରାବଣ ଏହି ପଟୁଆରରେ ଯୋଗ ଦେଇଥାନ୍ତି। ଚାନ୍ଦୋଳ ହାଟରେ ଥିବା ମା ଜାଗୁଲାଇଙ୍କ ମନ୍ଦିର ନିକଟରେ ପହଞ୍ଚିବା ପରେ ପ୍ରଭୁ ଶ୍ରୀରାମଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା ଏବଂ ସେଠାରେ ଉପସ୍ଥିତ ଦର୍ଶକଙ୍କୁ ରାମାୟଣର ଲଙ୍କାକାଣ୍ଡରେ ଥିବା ହନୁମାନଙ୍କୁ ଇନ୍ଦ୍ରଜିତଙ୍କ ଦ୍ୱାରା ନାଗପାଶ ବନ୍ଧନର ଦୃଶ୍ୟ ପ୍ରଦର୍ଶନ କରାଯାଇଥିଲା। ଏଥିସହିତ ମା କାଳୀଙ୍କ ନୃତ୍ୟ ଓ ରାବଣ ନୃତ୍ୟ ପ୍ରଦର୍ଶିତ କରାଯାଇଥିଲା। ଏହି ଯାତ୍ରାରେ ବହୁ ଦୂରଦୂରାନ୍ତରୁ ହଜାର ହଜାର ଦର୍ଶକ ଆସି ଉପଭୋଗ କରିଥିଲେ। ସେହିପରି ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁର ଗ୍ରାମର ଶ୍ରୀରାମ ମନ୍ଦିରରୁ ଶ୍ରୀରାମଙ୍କ ଦାଣ୍ଡଶୋଭାଯାତ୍ରା ଚାନ୍ଦୋଳ ପଞ୍ଚାୟତର ଖରିଦାସାହି ସ୍ଥିତ ମା ଦୁର୍ଗାଦେବୀଙ୍କ ମଣ୍ଡପକୁ ବାଜା, ବାଣ, ରୋଷଣୀରେ ଆସିଥିଲା।



## ଗଙ୍ଗେଶ୍ୱର ମହାଦେବଙ୍କ ପୀଠରେ ପାଟୁଆ ଯାତ୍ରା

# ମାନସିକଧାରୀ ଝାମୁ ଜାଳିଲେ



**ସାଲେପୁର, ୧୩।୪ (ସଂଚାର ବ୍ୟୁରୋ) :** ପ୍ରତିବର୍ଷ ପରି ଚଳିତ ବର୍ଷ ପ୍ରଭୁ ଗଙ୍ଗେଶ୍ୱର ମହାଦେବଙ୍କ ପୀଠରେ ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସକାଳୁ ପ୍ରଭୁଙ୍କର ସ୍ୱତନ୍ତ୍ର ମାର୍ଜନା କରାଯାଇ ସ୍ୱତନ୍ତ୍ର ବେଶ କରାଯାଇ ରୀତିନୀତିରେ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ବହୁ ଭକ୍ତ ପାଟୁଆ ବେଶ ଧାରଣକରି ନିଜର ମାନସିକ ପୂରଣପାଇଁ ଉପବାସ ରହି ପାଟୁଆଯାତ୍ରାରେ ସାମିଲ ହୋଇଥିଲେ। ଜିଲ୍ଲା ଓ ଜିଲ୍ଲା ବାହାରୁ ବହୁ ମାନସିକଧାରୀ ପାଟୁଆ ହୋଇ ପାଟୁଆ ଯାତ୍ରାରେ ସାମିଲ ହୋଇଥାନ୍ତି। ଏଠାରେ କଣ୍ଟାପାଟୁଆ, ଅଗ୍ନିପାଟୁଆ, ବେତପାଟୁଆ, ଖଣ୍ଡାପାଟୁଆ ବେଶରେ ଭକ୍ତମାନେ ନିଜର ମାନସିକ ପୂରଣ ହେଲାପରେ ପ୍ରଭୁଙ୍କ ନିକଟରେ ନିଜକୁ ସମର୍ପିତ କରିଥାନ୍ତି। ଜଣେ ମାନସିକ ପାଟୁଆ ପ୍ରବଳ ଖରା ସତ୍ତ୍ୱେ ନିଜର ମାନସିକ ପୂରଣ ହେବା ପାଇଁ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ରାସ୍ତାରେ ଗଡ଼ି ଗଡ଼ି ମହାପ୍ରଭୁଙ୍କ ମନ୍ଦିର ନିକଟକୁ ଯାଉଥିବାର ଦୃଶ୍ୟ ଉପସ୍ଥିତ ଭକ୍ତମାନଙ୍କୁ ଭାବ ବିହ୍ୱଳିତ କରିଥିଲା। ଏହି ଅବସରରେ ବହୁ ଦୂରଦୂରାନ୍ତରରୁ ଭକ୍ତମାନେ ଆସି ଉପବାସ ରହି ନିଜର ମାନସିକ ପୂରଣ ପାଇଁ ଝାମୁ ଜାଳି ପ୍ରଭୁକୃପା ଲାଭ କରିଥାନ୍ତି। ଗଙ୍ଗେଶ୍ୱର ମହାଦେବଙ୍କ ପୀଠରେ ପାଟୁଆଯାତ୍ରା ଓଡ଼ିଶା ପ୍ରସିଦ୍ଧ ପାଟୁଆଯାତ୍ରା ବୋଲି ପରିଗଣିତ ହେଉଥିବାବେଳେ ପ୍ରାୟ ୫ଦିନ ଧରି ମହାଦେବଙ୍କ ପୀଠରେ ଏହି ଯାତ୍ରା ଅନୁଷ୍ଠିତ ହୋଇଥାଏ। ବହୁ ଦୂରଦୂରାନ୍ତରରୁ ଭକ୍ତମାନେ ଆସି ଏହି ଯାତ୍ରାରେ ସାମିଲହେବା ସହ ମହାପ୍ରଭୁଙ୍କ ପୂଜାର୍ଚ୍ଚନା କରି ପ୍ରଭୁକୃପା ଲାଭକରିଥାନ୍ତି। ଏହି ଅବସରରେ ଆଜି ଭକ୍ତମାନେ ମନ୍ଦିରରେ ପହଞ୍ଚି ମାଟି ସରାରେ ଘିଅ, ଝୁଣା, କର୍ପୁର ସହ ଝାମୁ ଜାଳି ନିଜର ପରିବାରର ଶୁଭ, ସୁଖ, ଶାନ୍ତି କାମନା କରିଥାନ୍ତି।

## ଉଦ୍‌ଘାଟନକୁ ୫ ମାସ ବିତିନି

# ଉମରକୋଟ ରକ୍ତଭଣ୍ଡାରରେ ସଙ୍କଟ

**ନବରଙ୍ଗପୁର, ୧୩।୪ (ସଂଚାର ବ୍ୟୁରୋ) :** ଉମରକୋଟ ଉପଖଣ୍ଡ ଡାକ୍ତରଖାନାର ନୂଆ ରକ୍ତଭଣ୍ଡାରର ଉଦ୍‌ଘାଟନକୁ ୫ ମାସ ଯାଇନି, ରକ୍ତର ଘୋର ଅଭାବ ଦେଖାଦେଇଛି। କେବଳ ରୋଗୀ ସଂପର୍କୀୟଙ୍କ ରକ୍ତ ଅଦଳବଦଳରେ ଚାଲିଛି ଏହି ରକ୍ତଭଣ୍ଡାର। ଏଭଳି ସ୍ଥିତିରେ ଗ୍ରୀଷ୍ମଋତୁ ପାଇଁ ରକ୍ତଦାନ ଶିବିର ହୋଇପାରୁନି। ଅନ୍ୟପଟେ ନୂଆ ରକ୍ତଭଣ୍ଡାର ପାଇଁ ଆବଶ୍ୟକ କର୍ମଚାରୀ ପଦ ବି ପୂରଣ କରାଯାଉନି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ଏହି ରକ୍ତଭଣ୍ଡାରରେ ୩୦୦ ୟୁନିଟ୍ ପର୍ଯ୍ୟନ୍ତ ରକ୍ତ ଗଚ୍ଛିତ ରଖିବା ଲାଗି ଭିତ୍ତିଭୂମି ରହିଛି। ବର୍ତ୍ତମାନ ରକ୍ତଭଣ୍ଡାରରେ ଓ-ପଜିଟିଭ୍ ୪, ବି-ପଜିଟିଭ ଗୋଟିଏ ଓ ଏ-ପର୍ଜିଟିଭ ୨ଟି ୟୁନିଟ୍‌କୁ ମିଶାଇ ମୋଟ ୭ ୟୁନିଟ୍ ରକ୍ତ ରହିଛି। ସେହିପରି ରକ୍ତଭଣ୍ଡାର ପରିଚାଳନା କରିବା ପାଇଁ ୧୨ଜଣ କର୍ମଚାରୀ ସ୍ଥାନରେ ଅଛନ୍ତି ମାତ୍ର ୪ଜଣ। ଏଥିପାଇଁ ରକ୍ତଦାନ ଶିବିର ପରିଚାଳନା କରିବା କଷ୍ଟକର ହୋଉଥିବା ଓଡ଼ିଶା ରକ୍ତ




କେନ୍ଦ୍ର ଓ ଉପଖଣ୍ଡ ଚିକିତ୍ସାଳୟ, ଉମରକୋଟ, ନବରଙ୍ଗପୁର କର୍ମଚାରୀମାନେ କହିଛନ୍ତି। ଉପଖଣ୍ଡ ମେଡିକାଲରେ ପ୍ରତିଦିନ ୨ରୁ ୧୦ଜଣଙ୍କ ରକ୍ତର ଆବଶ୍ୟକ ପଡ଼ୁଛି। ଏଭଳି ସ୍ଥିତିରେ ରୋଗୀଙ୍କ ସଂପର୍କୀୟମାନେ ଆବଶ୍ୟକ ବିଗ୍ରୁପ୍ ରକ୍ତଦାତାଙ୍କୁ ଖୋଜି ଆଣିବା ପରେ ରକ୍ତ ସଂଗ୍ରହ କରି ରୋଗୀଙ୍କୁ ଚଢାଯାଉଛି। ଏ ସମ୍ପର୍କରେ ରକ୍ତଭଣ୍ଡାର ଅଧିକାରୀ ଡାକ୍ତର ସବ୍ୟସାଚୀ ଦାସଙ୍କୁ ପଚାରିବାରୁ କହିଛନ୍ତି, ରକ୍ତଦାତାଙ୍କ ରକ୍ତଦାନରେ ଏହି ରକ୍ତଭଣ୍ଡାର ଚାଲୁଛି। ଏଥିଲାଗି ଲୋକଙ୍କୁ ରକ୍ତଦାନ ପାଇଁ ସଚେତନ କରାଯାଉଛି। ଅନ୍ୟପକ୍ଷରେ ଗ୍ରୀଷ୍ମଋତୁ ଯୋଗୁ ରକ୍ତଦାନ ଶିବିର ହୋଇପାରୁନି। ତଥାପି ଉଦ୍ୟମ ଜାରି ରହିଛି।

ସୂଚନାଥାଉ କି, ଦୀର୍ଘ ୭ ବର୍ଷ ଧରି ସ୍ଥାନୀୟ ଉପଖଣ୍ଡ ଡାକ୍ତରଖାନାରେ ରକ୍ତଭଣ୍ଡାର ପ୍ରତିଷ୍ଠା ପାଇଁ ଉଦ୍ୟମ କରାଯାଇଥିଲା। ଶେଷରେ ବହୁ ପ୍ରତିକ୍ଷୀତ ରକ୍ତଭଣ୍ଡାର ପ୍ରତିଷ୍ଠା ହୋଇଛି। ଏହି ରକ୍ତଭଣ୍ଡାର ଉପରେ ବିଶେଷକରି ସୀମାନ୍ତ ରାଇଘର, ଚନ୍ଦାହାଣ୍ଡି, ରାଇଘର ଓ ଉମରକୋଟବାସୀ ଉପକୃତ ହେବା ପାଇଁ ଆଶା ରଖିଛନ୍ତି। କିନ୍ତୁ ରକ୍ତଭଣ୍ଡାରେ ଆବଶ୍ୟକ ରକ୍ତ ଗଚ୍ଛିତ ରଖିବା ଲାଗି ବଦାନ୍ୟ ବ୍ୟକ୍ତି ବିଶେଷ ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁଉଦ୍ୟମ ଜରୁରି ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

# ସଡ଼କ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**ନାଉଗାଁ, ୧୩।୪ (ସଂଚାର ବ୍ୟୁରୋ) :** ଜଗତସିଂହପୁର ଜିଲ୍ଲା ନାଉଗାଁ ଥାନା ଅନ୍ତର୍ଗତ ବ୍ଲକଛକ-କଣ୍ଟୁଣିଆ ମୁଖ୍ୟରାସ୍ତାର ଛତିଆନା ପୋଲ ନିକଟରେ ରବିବାର ମଧ୍ୟାହ୍ନରେ ଦୁର୍ଘଟଣାରେ ଜଣେ ଯୁବକଙ୍କର ମୃତ୍ୟୁ ଘଟିଛି। ଯୁବକ ଜଣକ ହେଲେ ଜାମୁଗାଁ (ଦଣ୍ଡାସାହି) ଗ୍ରାମର ଅରୁଣ ଭୋଇଙ୍କ ପୁତ୍ର ଚନ୍ଦ୍ରକାନ୍ତ ଭୋଇ(୨୨)। ଚନ୍ଦ୍ରକାନ୍ତଙ୍କ ସାନଭାଇଙ୍କ କହିବା ମୁତାବକ ସେ କୌଣସି କାର୍ଯ୍ୟରେ ନାଉଗାଁ ବ୍ଲକଛକ ଆସିଥିଲେ। ବ୍ଲକଛକରୁ ଫେରିବା ବାଟରେ କେହି ଅଜଣା ଗାଡି ତାଙ୍କ ପଛପାର୍ଶ୍ୱରୁ ବାଡେଇ ଥିବା ଅନୁମାନ କରାଯାଉଛି। ଚନ୍ଦ୍ରକାନ୍ତଙ୍କ ବାଇକ (ନମ୍ବର-ଓଡି ୨୧ଆର ୧୨୧୩)ର ସମ୍ମୁଖ ପାର୍ଶ୍ୱ ଭାଙ୍ଗି ଯାଇଥିବା ବେଳେ ତାଙ୍କ ମୁଣ୍ଡର ଖପୁରି ଚାରିଆଡେ ଖଣ୍ଡ ବିଖଣ୍ଡିତ ହୋଇ ପଡ଼ିଥିବାର ଦେଖାଯାଇଥିଲା। ମଧ୍ୟାହ୍ନ ସମୟ ହୋଇଥିବା ବେଳେ ନିଛାଟିଆ ରାସ୍ତାରେ କିପରି ଦୁର୍ଘଟଣା ଘଟିଛି ତାହା ଜଣାପଡୁନାହିଁ। ସେହି ବାଟ ଦେଇ ଗ୍ରାମର କିଛି ଲୋକ ଯାଉଥିବା ବେଳେ ଚନ୍ଦ୍ରକାନ୍ତ ପଡ଼ିଥିବାର ଦେଖି ତାଙ୍କ ପରିବାରକୁ ଖବର ଦେବା ସହ ତାଙ୍କୁ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାସ୍ଥଳରେ ଥାନା ପକ୍ଷରୁ ଏସଆଇ ନିଳମଣୀ ନାୟକ ପହଞ୍ଚି ତଦନ୍ତ କରିବା ସହ ବାଇକଟିକୁ ଥାନାକୁ ଆଣିଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ଏସଆଇ ନାୟକ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ ଉକ୍ତ ରାସ୍ତାଟି ପୂର୍ତ୍ତ ବିଭାଗ ଅଧିନରେ ରହିଥିବା ବେଳେ ରାସ୍ତା ପାର୍ଶ୍ୱ ସମ୍ପ୍ରସାରଣ ପାଇଁ ରାସ୍ତା ପାର୍ଶ୍ୱରେ ଥିବା ଢଳେଇ ଖୋଳାଯାଇଛି। ଦୀର୍ଘଦିନ ହେବ ଏହା ଖୋଳା ଯାଇଥିବା ବେଳେ ତାହା ଏପର୍ଯ୍ୟନ୍ତ କାର୍ଯ୍ୟ କରାଯାଇନାହିଁ। ଯାହାଫଳରେ ଅନେକ ସମୟରେ ଜନସାଧାରଣ ପଡ଼ି ଖଣ୍ଡିଆ ଖାବରା ହେଉଥିବା ସ୍ଥାନୀୟ ଲୋକ ପ୍ରକାଶ କରିଛନ୍ତି।

ସଂଚାର THE SANCHAR




## ଧର୍ମାଶୋକ ଏବେ ଚଣ୍ଡାଶୋକ

ଧର୍ମାଶୋକ ଏବେ ହଠାତ୍ ଚଣ୍ଡାଶୋକ ପାଲଟି ଯାଇଛନ୍ତି। ଦିନେ ବିଜେଡି ମୁଖିଆଙ୍କ ନୟନ ପିତୁଳା ଥିବା ଧର୍ମାଶୋକଙ୍କର ହଠାତ୍ ଏଭଳି ପରିବର୍ତ୍ତନ ଚର୍ଚ୍ଚାର ବିଷୟ ପାଲଟିଛି। ବିଜେଡିରେ ଥିବାବେଳେ ସମସ୍ତ କ୍ଷମତା ଉପଭୋଗ କରିଥିଲେ। ସମ୍ପତ୍ତି ବଢାଇଥିଲେ। କ୍ଷମତାରେ ଥିବାବେଳେ ନିଇତି ମୁଖିଆଙ୍କ ସହିତ ଆଲୋଚନା କରୁଥିଲେ। ତେଣୁ ତାଙ୍କୁ ବିଜେଡି ମହଲରେ ଧର୍ମାଶୋକ ବୋଲି କୁହଯାଉଥିଲା। ହେଲେ ସେହି ଧର୍ମାଶୋକ ଏବେ ଚଣ୍ଡାଶୋକ ପାଲଟିଛନ୍ତି। ପ୍ରତିଷ୍ଠାତା ସଦସ୍ୟଙ୍କ ମେଳିର ନେତୃତ୍ୱ ନେବାକୁ ସକ୍ଷମ ବୋଲି ଜଣାଇଛନ୍ତି। ସବୁଠାରୁ ବଡ କଥା ହେଲା ତାଙ୍କର ଏଭଳି ସ୍ୱଭାବ ଜାଣିବାପରେ ମୁଖିଆ ତାଙ୍କୁ ଫୋନ୍ କରିଥିଲେ। ହେଲେ ସେତେବେଳର ଧର୍ମାଶୋକ କୁଆଡେ ସଫା ସଫା ଶୁଣାଇଦେଲେ, ପୋଷିଥିବା ଦୁଇଟା ଜନ୍ତୁଙ୍କୁ ବିଦା ନକଲେ ସେଠାକୁ ଆଉ ଯିବାର ନାହିଁ। ମୁଖିଆଙ୍କ ଧର୍ମାଶୋକଙ୍କ ଠାରୁ ଏଭଳି ଉତ୍ତର ଶୁଣିବେ ବୋଲି ଆଶା କରିନଥିଲେ। ଏଣେ ମୁଖିଆଙ୍କୁ ଏଭଳି ଜବାବ ଦେଇ ଅସନ୍ତୁଷ୍ଟଙ୍କ ନେତୃତ୍ୱ ନେବାକୁ ଚାହୁଁଥିବାବେଳେ ଅନ୍ୟପଟେ ମୁଖିଆ କି ପ୍ରକାର ପଦକ୍ଷେପ ଗ୍ରହଣ କରିବେ ତାହା ଉପରେ କିନ୍ତୁ ସମସ୍ତଙ୍କ ନଜର। ହେଲେ ଦୟାନଦୀ କୂଳରେ ଏକଦା ଚଣ୍ଡାଶୋକ ଧର୍ମାଶୋକ ପାଲଟିଥିବାବେଳେ ଏବେ ଧର୍ମାଶୋକ କିଭଳି ଦୟାନଦୀ କୂଳରେ ଚଣ୍ଡାଶୋକ ହୋଇଗଲେ ତାହାକୁ ନେଇ ରାଜନୈତିକ ମହଲରେ ଆଲୋଚନା ଚାଲିଥିବାବେଳେ ଏହା କୁଆଡେ ରାଜନୈତିକ ପ୍ରଦୂଷଣର ପ୍ରଭାବ ବୋଲି କୁହାଯାଉଛି।



## ରାଜାଙ୍କ ମାୟା କୋଇ ନେହିଁ ପାୟା

ବିଜୁ ଜନତା ଦଳରେ ଏବେ ଜଣେ ରାଜାଙ୍କୁ ନେଇ ଚର୍ଚ୍ଚା ଜୋର ଧରିଛି। ରାଜାଙ୍କର ନବୀନ ନିବାସରେ ଢେର ପ୍ରଭାବ ଥିବାରୁ ତାଙ୍କୁ ମୁଖିଆଙ୍କ ନିଜ ଲୋକ ବୋଲି ସମସ୍ତେ ଭାବୁଛନ୍ତି। ରାଜା ବି ତାଙ୍କ ଆନୁଗତ୍ୟ ପ୍ରଦର୍ଶନରେ କୌଣସି ଅବହେଳା କରୁନାହାନ୍ତି। ସବୁବେଳେ ମୁଖିଆଙ୍କ ପାଖେପାଖେ। ତେବେ ରାଜାଙ୍କର ଅତ୍ୟଧିକ ଆନୁଗତ୍ୟ ସଂକ୍ରାନ୍ତରେ ଖୋଳତାଡ କରିବାପାଇଁ ମୁଖିଆ ତାଙ୍କୁ ଗୁଇନ୍ଦା ବାହିନୀକୁ କିଛିଦିନ ତଳେ ନିର୍ଦ୍ଦେଶ ଦେଇଥିଲେ। ହେଲେ ଗୁଇନ୍ଦା ଯେଉଁ ଖବର ଦେଲେ ତାହା ଏବେ ମୁଖିଆଙ୍କ ନିଦ ହଜାଇ ଦେଇଛି। ଗୁଇନ୍ଦା ଖବର ଅନୁଯାୟୀ ରାଜା ବି ଡେଇଁବାକୁ ପ୍ରସ୍ତୁତ। ଯେହେତୁ ନିଜ ଅଞ୍ଚଳରେ ହାତର ପ୍ରଭାବ ଜୋର ରହିଛି ତେଣୁ ସିଏ ହାତଦଳକୁ ଯିବାପାଇଁ ଯୋଗାଯୋଗରେ ଅଛନ୍ତି। ସୁଯୋଗ ପାଇଲେ ପଳାଇବେ। ହେଲେ ରାଜା କୁଆଡେ ଅପେକ୍ଷା କରିଛନ୍ତି ଯଦି ଘାଇ ଭାଙ୍ଗି ସଂଖ୍ୟାଧିକ ପଦ୍ମ ଦଳକୁ ପଳାଇବେ ତେବେ ସେହି ମଉକାରେ ରାଜା ବି ଖସିବେ। ରାଜାଙ୍କର ପଦ୍ମଫୁଲ ଧରିବାକୁ ଭାରି ଇଚ୍ଛା। ହେଲେ ପଦ୍ମଫୁଲ ଦଳ କିନ୍ତୁ ରାଜାଙ୍କୁ ନେବାକୁ ରାଜି ନାହାନ୍ତି। କୌଣସି କାରଣରୁ ରାମମନ୍ଦିର ଅଫିସରରେ ରାଜାଙ୍କୁ ନେବାକୁ ଅଧିକାଂଶ ରାଜି ହେଉନାହାନ୍ତି। ତେଣୁ ରାଜା ମାଷ୍ଟରକ୍ୟାଣ୍ଟିନ ଆଡେ ଯୋଗାଯୋଗରେ ଅଛନ୍ତି। ଏହି ଗୁଇନ୍ଦା ସୂଚନା ପାଇଲା ପରେ ମୁଖିଆ ଏବେ କାହାକୁ ବିଶ୍ୱାସ କରିବେ ଜାଣିପାରୁ ନାହାନ୍ତି।



## ଦଳୀୟ କର୍ମୀଙ୍କୁ ବୁଝିପାରୁ ନାହାନ୍ତି ବିଧାୟକ

ନିର୍ବାଚନକୁ ବର୍ଷଟିଏ ପୂରିବାକୁ ବସିଥିବାବେଳେ ଶାସକଦଳର ବିଧାୟକ ନିଜ ଦଳର କର୍ମୀଙ୍କ ମନକଥା ଜାଣିପାରୁ ନାହାନ୍ତି। ଯାହାର ଫଳ ଦେଖିବାକୁ ମିଳିଛି ଜଗତ୍‌ସିଂହପୁର ଜିଲ୍ଲାରେ ଆୟୁଷ୍ମାନ ଭାରତ କାର୍ଯ୍ୟକ୍ରମକୁ ନେଇ। କାର୍ଯ୍ୟକ୍ରମରେ ଶାସକଦଳର ଅସନ୍ତୁଷ୍ଟ କର୍ମୀମାନେ ଏଭଳି ଚେୟାର ଉଡାଇଲେ ଯେ ତାଙ୍କୁ ରୋକିବାକୁ କେହି ସାହସ କରିପାରିଲେ ନାହିଁ। ସଭାରେ ଯୋଗଦେବାକୁ ଆସିଥିବା ଲୋକେ ଜୀବନ ନେଇ ଯିଏ ଯୁଆଡେ ଧାଇଁଲେ। ପ୍ରଥମେ ଭାବିଥିଲେ ବିରୋଧିଦଳର କର୍ମୀମାନେ ସରକାରଙ୍କୁ ବଦନାମ ପାଇଁ ଏଭଳି କଲେ। ହେଲେ ଯେତେବେଳେ ଚେୟାର ଫୋପାଡୁଥିବା ଲୋକେ ନିଜକୁ ଶାସକଦଳର କର୍ମକର୍ତ୍ତା ବୋଲି କହିଲେ ସେତେବେଳେ ଧାଉଁଥିବା ଲୋକେ ଟିକେ ସାହସ କରି ଅଟକିଗଲେ। ଯାହା ହେଉ ମାଡଟା ତାଙ୍କ ଉପରେ ପଡିବ ନାହିଁ ବୋଲି ନିଶ୍ଚିତ ହେଲେ। ତେବେ ଶାସକଦଳର ବାବୁ ଜଣଙ୍କ ଚିଲାଉଥାନ୍ତି ଆମକୁ ଯେଭଳି ଡାକିବାକଥା ସେଭଳି ହେଲା ନାହିଁ। ଦଳ ଆମର, ସଂଗଠନ ଆମର, ଆମେ ଭୋଟ ଦେଇ ଜିତାଇଲୁ। ହେଲେ ସଭାକୁ ଆମକୁ ଡାକିବ ନାହିଁ ? ଏମିତି ଚଳିବ ନାହିଁ ? ବର୍ଷେ ହେଲାଣି ବିଧାୟକ ହେଲେଣି ହେଲେ ଦଳର ଆଦବ କାଇଦା ବୁଝି ପାରିଲେନି। ଚେୟାର ଫୋପାଡୁଥିବା କର୍ମୀ ଜଣଙ୍କ ଏକା ନିଶ୍ୱାସରେ ଏଭଳି କହି ଚାଲିଥିବାବେଳେ ପାଖରେ ଥିବା ଜଣେ କର୍ମୀ କହିଲେ.. ନୂଆ ମୁସଲମାନ ନମାଜ ପଢିବା ଏଭଳି ଏବେ ଆମ ବିଧାୟକଙ୍କର ଅବସ୍ଥା। ସିଏ ତ ଅନ୍ୟ ଦଳରୁ ଆସିଛନ୍ତି। ତେଣୁ ଶିଖିବାକୁ ଆଉ କିଛିଦିନ ଲାଗିବ। ଏହାକୁ ଶୁଣିବାପରେ ଚେୟାର ଫୋପାଡୁଥିବା ବାବୁ ଜଣଙ୍କ ରାଗରେ ଗୋଟିଏ ବାଉଁଶ ଓପାଡିବାକୁ ଉଦ୍ୟମ କରିବାରୁ କିଛି ଲୋକ ତାଙ୍କୁ ବୁଝାଇବା ଆରମ୍ଭ କରୁଥିବା ଦେଖାଯାଉଥିଲା।



## ଗିନି ମାଡରେ କମ୍ପୁଛି ଭିଭିଆଇପି ଅଞ୍ଚଳ



ରାଜ୍ୟର ଭିଭିଆଇପି ଅଞ୍ଚଳ କୁହାଯାଉଥିବା ରାଜଭବନ ଆଖପାଖ ଅଞ୍ଚଳ ଏବେ ଗିନିମାଡରେ କମ୍ପୁଛି। ଭଜନ କୀର୍ତ୍ତନ ବି ହେଉଛି। ପୂର୍ବରୁ ଜଣେ ମନ୍ତ୍ରୀଙ୍କ ବାସଭବନରୁ ପହାଡ଼ିଆ ରାଧେ ରାଧେ ଭଜନ ହେଉଥିବାବେଳେ ଏବେ ଆଉ ଜଣେ ମନ୍ତ୍ରୀଙ୍କ ବାସଭବନରୁ ରାଧାକୃଷ୍ଣଙ୍କ ଭଜନ ଶୁଣିବାକୁ ମିଳୁଛି। ଏହାପରେ କୁଆଡେ ଆଉ ଜଣେ ଦୁଇଜଣ ନିଜ ନିଜ ସରକାରୀ ବାସଭବନରେ ପୂଜାପାଠ ପାଇଁ ବ୍ୟବସ୍ଥା କରୁଥିବା ଆଲୋଚନା ହେଉଛି। ଏହା ହୋଇଗଲେ ପୁରା ଅଞ୍ଚଳ ଭକ୍ତିରସରେ ବୁଡିଯିବ। ଏବେ ତ ପାହାନ୍ତିଆରୁ ଏହି ରାସ୍ତାରେ ଚାଲୁଥିବା ଲୋକେ ଏବେ ଭଜନ କୀର୍ତ୍ତନ ଶୁଣି ଘଡିଏ ଅଟକି ଯାଉଛନ୍ତି। ତେବେ ମନ୍ତ୍ରୀମାନଙ୍କ ଏଭଳି ହଠାତ୍ ଏଭଳି ପ୍ରଭୁଭକ୍ତିକୁ ନେଇ ରାଜଧାନୀରେ ଆଲୋଚନା ବି ଜୋର ଧରିଛି। କିଛିଦିନ ତଳେ ଜଣେ ମନ୍ତ୍ରୀ ଆନ୍ଧ୍ରପ୍ରଦେଶରୁ ଛୋଟ ପ୍ରଜାତିର ଗାଈ ଆଣି ପୂଜାପାଠ କରି ଘରେ ରଖିଥିଲେ। ଏବେ ଜଣେ ମନ୍ଦିର ତୋଳିଛନ୍ତି। ଆଗକୁ ଆଉ ଦୁଇ ତିନିଜଣ ଭିଭିଆଇପି ମନ୍ଦିର ତୋଳିବାପାଇଁ ଯୋଜନା ବି କରିଛନ୍ତି। ଏହାକୁ ନେଇ ଏକ ପ୍ରକାର ପ୍ରତିଯୋଗିତା ଆରମ୍ଭ ହୋଇଥିବାବେଳେ ଆଗାମୀ ଦିନରେ ଏଜି ରୁ ରାଜଭବନ ରାସ୍ତାର ନାମକୁ ଭକ୍ତିମାର୍ଗ ଭାବେ ନାମକରଣ ପାଇଁ ଦାବି କରାଯିବ ବୋଲି ଭକ୍ତିରସରେ ଭାସୁଥିବା ଭିଭିଆଇଙ୍କ ଚେଲାମାନେ ଏବେଠାରୁ ଯୋଜନା କଲେଣି।

## ରେକର୍ଡ କରିବେ ପୁଲିସ୍ ମୁଖିଆ



ରାଜ୍ୟ ପୁଲିସ୍ ମୁଖିଆ ଓଡିଶାରେ ନୂଆ ରେକର୍ଡ କରିବେ। ତାଙ୍କୁ ଓଡିଶାବାସୀ ସବୁଦିନ ପାଇଁ ମନେ ରଖିବେ। ତାଙ୍କ ନାଁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। ଦୁଇ ତିନି ଜଣ କଂଗ୍ରେସିଆଙ୍କ ଏଭଳି ଆଲୋଚନା ଶୁଣିବାପରେ ଆମେ ଟିକେ ଅଧିକ ଜାଣିବାପାଇଁ ଆଗ୍ରହ କଲୁ। ଲଙ୍କାରେ ହରିଶଦ୍ଧ ଭଳି କଂଗ୍ରେସିଆ କ'ଣ ପୁଲିସ୍ ମୁଖିଆଙ୍କର ପ୍ରଶଂସା କରୁଛନ୍ତି ବୋଲି ପଚାରିବାରୁ ଜଣେ କଂଗ୍ରେସିଆ ଯୁବନେତା କହିଲେ ଯେ ଆନ୍ଦୋଳନର ଅନେକ ସାକ୍ଷୀ ହେଉଛି ଗାନ୍ଧୀମାର୍ଗ। ଏଠାରେ ପ୍ରାୟତଃ ସବୁ ଦଳ ପକ୍ଷରୁ ବିକ୍ଷୋଭ, ଧର୍ମଘଟ ହୋଇଛି। ପୁଲିସ୍-କର୍ମୀ ବାଡିଆପିଟା ବି ହୋଇଛନ୍ତି। ମାମଲା ବି ହୋଇଛି। ହେଲେ କେବେ ଏକାଥରକେ ପାଞ୍ଚ ହଜାର କର୍ମୀଙ୍କ ନାଁରେ ମାମଲା ରୁଜୁ ହେବାର ନଜିର ନଥିଲା। ଏଥରର ପୁଲିସ ମୁଖିଆ କିନ୍ତୁ ପାଞ୍ଚ ହଜାର କଂଗ୍ରେସିଆଙ୍କ ନାଁରେ ମାମଲା ରୁଜୁ କରି ଯେଉଁ ରେକର୍ଡ କରିଛନ୍ତି ତାହା କେବେ ଭାଙ୍ଗିବାର ନାହିଁ। ଆଗାମୀ ଦିନରେ କୌଣସି ପୁଲିସ୍ ମୁଖିଆ ଏଭଳି କରିବେ କି ନାହିଁ ସନ୍ଦେହ। ଯଦି ଆକ୍କାଙ୍କ ନିର୍ଦ୍ଦେଶକରେ ପୁଲିସ୍ ମୁଖିଆ ଏଭଳି କରିଛନ୍ତି ତେବେ ମାମଲା ରୁଜୁ ସମୟରେ ଟିକେ ତାଙ୍କ ପଦବୀ ଓ ପୋଷାକକୁ ନଜରରେ ରଖିବାର ଥିଲା। ହେଲେ ସେ ତାହା କଲେ ନାହିଁ। ଓଡିଶା ଇତିହାସ ଲେଖାହେଲା ବେଳେ ଜଣେ ମାମଲା ଖୋର ପୁଲିସ୍ ମୁଖିଆ ଭାବେ ତାଙ୍କୁ ସମସ୍ତେ ମନେ ରଖବେ ନିଶ୍ଚୟ। ଏତକ ଶୁଣିବାପରେ ସବୁ ବୁଝିବା ଭଳି ମୁଣ୍ଡ ଟୁଙ୍ଗାରି ଆମେ ସେ ସ୍ଥାନ ଛାଡି ପଳାଇ ଆସିଲୁ।

## ଖଇରକାଠ ଚାଲାଣ: ମାଡ଼ି ବସିଲା ବନ ବିଭାଗ




ପଦ୍ମପୁର, ୧୩।୪ (ସଂଚାର ବ୍ୟୁରୋ) : ବରଗଡ଼ ଜିଲା ପଦ୍ମପୁର ବନ ବିଭାଗ ପକ୍ଷରୁ ଏକ ଖଇରକାଠ ବୋଝେଇ ବୋଲେରୋ ପିକଅପ(ଓଡି ୩୧ -୬୩୩୬ ) ଜବତ କରାଯାଇଛି। ବୋଲେରୋରେ ବେଆଇନ ଖଇରକାଠ ଚାଲାଣ ହେଉଥିବା ଖବର ପାଇ ବନ ବିଭାଗ କୁର୍ମା ଗୌଡ଼ମାଲ ରାସ୍ତାରେ ଅତର୍କିତ ଭାବେ ଚଢ଼ାଉ କରିଥିଲା। ଅଧିକାରୀମାନେ ଖଇର କାଠ ଭର୍ତ୍ତି ପିକଅପ ଜବତ କରିଛି। କାଠ ଚୋରା ଚାଲାଣ ଅଭିଯୋଗରେ କଂସର ଗ୍ରାମର ତପୋବନ୍ତ କନ୍ଧାଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। ଏହି ଚଢ଼ାଉରେ ଡେପୁଟି ରେଞ୍ଜର ସୁଦାମ ଜଗଦଲା, ଫରେଷ୍ଟର ରାଧାକାନ୍ତ କୁମ୍ଭାର, ଫରେଷ୍ଟ ଗାର୍ଡ ପୃଥିରାଜ ଭୋଇ, ସ୍କ୍ୱାର୍ଡ ରାଜା ଡନସେନା, ସ୍କ୍ୱାର୍ଡ ବଳରାମ ସାହୁ ସାମିଲ ଥିଲେ।

# ଓଡ଼ିଆ ନବବର୍ଷ କ୍ୟାଲେଣ୍ଡର ଉନ୍ମୋଚିତ



ପୁରୀ, ୧୩।୪ (ସଂଚାର ବ୍ୟୁରୋ) : ଓଡ଼ିଆ ନବବର୍ଷ ଅବସରରେ ପ୍ରକାଶ ପାଇଛି ଶ୍ରୀମନ୍ଦିର ପର୍ବପର୍ବାଣି ଓ ଯାନିଯାତ୍ରା କ୍ୟାଲେଣ୍ଡର । ପୂର୍ବରୁ ଏହି କ୍ୟାଲେଣ୍ଡର ମୁଦ୍ରଣ ପରେ ଦେବାର୍ପଣ ହୋଇଥିବା ବେଳେ ଆଜି ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ଏହା ଲୋକାର୍ପିତ ହୋଇଅଛି । ସେହିପରି ପ୍ରଥମ ଥର ଲାଗି ପ୍ରକାଶିତ ଶ୍ରୀମନ୍ଦିରର ସୁଦୃଶ୍ୟ ସୂଚନା ପୁସ୍ତିକାର ମଧ୍ୟ ଲୋକାର୍ପଣ ହୋଇଛି ।

ଏହି ଅବସରରେ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ପୁରୀ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ସହ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀ କର୍ମଚାରୀମାନେ ଉପସ୍ଥିତ ଥିଲେ ।

ବର୍ଷ ତମାମ ( ୨୦୨୫ ମସିହାର ମହାବିଷୁବ ସଂକ୍ରାନ୍ତି ଠାରୁ ୨୦୨୬ ମସିହା ରାମାଭିଷେକ ନୀତି ପର୍ଯ୍ୟନ୍ତ) ଶ୍ରୀମନ୍ଦିରରେ ପାଳିତ ହେବାକୁ ଥିବା ସମସ୍ତ ପର୍ବପର୍ବାଣି ଦିନ ତଥା ଯାନିଯାତ୍ରା ଦିବସଗୁଡିକର ସୂଚନା ଏହି ଆକର୍ଷଣୀୟ କ୍ୟାଲେଣ୍ଡରରେ ରହିଅଛି। ଶ୍ରୀମନ୍ଦିର ସେବକ ନିଯୋଗଗୁଡିକ ସହ ମୁକ୍ତିମଣ୍ଡପ ଏବଂ ରାଜ୍ୟର ପ୍ରମୁଖ ପାଂଜିକାରଙ୍କୁ ନେଇ ବିସ୍ତୃତ ଆଲୋଚନା ପରେ ଶ୍ରୀମନ୍ଦିରରେ ପାଳିତ ହେବାକୁ ଥିବା ପର୍ବପର୍ବାଣି ତିଥିଗୁଡିକ ସ୍ଥିରୀକୃତ ହୋଇଅଛି।ଶ୍ରୀମନ୍ଦିର ପ୍ରଶାସନର ସମସ୍ତ ସୂଚନା କେନ୍ଦ୍ରଗୁଡିକରେ ଏହି କ୍ୟାଲେଣ୍ଡର୍ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ସକାଶେ କ୍ରୟ ପାଇଁ ଉପଲବ୍ଧ ହେବ । ଏହାର ମୂଲ୍ୟ ୧୦୦ ଟଙ୍କା ରଖାଯାଇଛି। ଓଡ଼ିଆ ନବବର୍ଷ ଅବସରରେ ଭକ୍ତ ତଥା ଶ୍ରଦ୍ଧାଳୁଙ୍କୁ ଅଭିନନ୍ଦନ ଜଣାଇବା ସହ ମହାପ୍ରଭୁଙ୍କ ପାଦପଦ୍ମରେ ସମସ୍ତଙ୍କ ପାଇଁ ଆଶୀର୍ବାଦ ଭିକ୍ଷା କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ।

## ଫଳରସ, ବିସ୍କୁଟ ଦେଇ ଦୃଷ୍ଟି ବାଧିତ ମହିଳାଙ୍କ କୋଳରୁ ନେଇଗଲେ ଶିଶୁ ପୁତ୍ର



ଭୁବନେଶ୍ୱର, ୧୩।୪ (ସଂଚାର ବ୍ୟୁରୋ) : ରାଜଧାନୀରେ ପୁଣି ଏକ ଶିଶୁ ଚୋରି ଅଭିଯୋଗ ସାମ୍ନାକୁ ଆସିଛି। ଶନିବାର ରାତିର ଘଟଣା । ରାମମନ୍ଦିର ଆଗରୁ ଜନପଥରୁ ଦେଢ ବର୍ଷର ଶିଶୁକୁ ନେଇ ଫେରାର ମାରିଲେ। ଫଳରସ ବିସ୍କୁଟ ଦେଇ ଦୃଷ୍ଟି ବାଧିତ ମହିଳାଙ୍କ କୋଳରୁ ଶିଶୁ ପୁତ୍ରକୁ ନେଇ ଚାଲିଗଲେ । ଏଭଳି ଅଭିଯୋଗ ଆଣିଛନ୍ତି ମନ୍ଦିର ଆଗରେ ଭିକ୍ଷାବୃତ୍ତି କରୁଥିବା ଦୃଷ୍ଟି ବାଧିତ ମହିଳା ।

ତାଙ୍କ ଅଭିଯୋଗ ଅନୁଯାୟୀ ରାତି ପ୍ରାୟ ୩ଟା ବେଳେ ଘଟିଛି ଏହି ଘଟଣା । ରାମ ମନ୍ଦିର ସାମ୍ନାରେ ଶୋଇଥିଲେ ମହିଳା ଜଣକ। ଯେତେବେଳେ ତାଙ୍କ ନିଦ ଭାଙ୍ଗିଲା ପୁଅକୁ ଖୋଜିଥିଲେ ହେଲେ ସେ ପୁଅକୁ ପାଇ ନଥିଲେ । ପରେ ଶିଶୁପୁତ୍ର ନିଖୋଜ ଥିବା ନେଇ ଖାରବେଳ ନଗର ଥାନାରେ ଜଣାଇଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ସହ ଅସହାୟ ମହିଳାଙ୍କ ପୁଅକୁ ଖୋଜିବାକୁ ଛାନଭିନ ଆରମ୍ଭ କରିଛି ।

ତେବେ ନିଖୋଜ ପିଲାର ମା' ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି । ତାଙ୍କ ପିଲାକୁ ନେଇ କିଏ ନେଇ ଯାଇଥିବା ଏବଂ କିଛି ଟଙ୍କା ପାଇଁ କେହି ତାଙ୍କ ପିଲାର ଅଙ୍ଗ ତସ୍କରୀ ପାଇଁ କିଡନାପ କରିଥିବା କଥା କହିଛନ୍ତି ପିଲାର ମା'। ଦୁର୍ବୃତ୍ତମାନେ ନେଇ ଯାଉଥିବାର ଅନ୍ୟ ଜଣେ ଶିଶୁ ଦେଖିଥିବା କହିଛନ୍ତି ।

ତେବେ ଏକାଧିକ ସିସିଟିଭିକୁ ଯାଞ୍ଚ କରିବା ପରେ ଅଭିଯୋଗର ସତ୍ୟତା ରହିଥିବା ଜାଣିବାକୁ ପାଇଛି ପୋଲିସ । ଦୁର୍ବୃତ୍ତମାନେ ଦେଢ଼ ବର୍ଷର ଶିଶୁ ପୁତ୍ରକୁ ନେବା ପରେ ଏକ ଗାଡ଼ିରେ ଖାରବେଳ ନଗର ଥାନା ଅଞ୍ଚଳ ଦେଇ ଯାଉଥିବା ଦେଖିବାକୁ ମିଳିଛି । ଏହି ସିସିଟିଭିକୁ ଅନୁଧ୍ୟାନ କରି ପୋଲିସ ଅଧିକ ତଦନ୍ତ ଚଳାଇଛି।

## କନେଷ୍ଟବଲଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

କାକଟପୁର, ୧୩।୪ (ସଂଚାର ବ୍ୟୁରୋ) : ଅସ୍ତରଙ୍ଗ ସାମୁଦ୍ରିକ ଥାନାରେ କାର୍ଯ୍ୟରତ କନେଷ୍ଟବଳ ସନ୍ତୋଷ କୁମାର ସେଠୀଙ୍କ ଆତ୍ମହତ୍ୟା । ଗତକାଲି ରାତିରେ ନିଜ ପୈତୃକ ଘରେ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଘର ଭିତରୁ ତାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ବେକରେ ଶାଢ଼ୀ ବାନ୍ଧି ଫ୍ୟାନରେ ଝୁଲି ପଡ଼ିଥିଲେ । ସୂଚନା ମୁତାବକ, ଗତକାଲି ରାତିରେ ଗାଁ ନିକଟରେ ଯାତ୍ରା ଦେଖିବାକୁ ପରିବାର ସହ ଯାଇଥିଲେ ସନ୍ତୋଷ। ଯାତ୍ରା ଅଧାରୁ ଘରକୁ ଫେରି ଆସିଥିଲେ । ସକାଳେ ପରିବାର ଲୋକ ଫେରି ଘର ଭିତର ପଟୁ ବନ୍ଦ ଥିବା ଦେଖିବାକୁ ପାଇଥିଲେ । କବାଟ ଭାଙ୍ଗି ଘରେ ପଶିବା ପରେ ସନ୍ତୋଷଙ୍କ ମୃତଦେହ ଫ୍ୟାନରେ ଝୁଲିଥିବା ଦେଖିବାକୁ ପାଇଥିଲେ । ଅସ୍ତରଙ୍ଗ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ତେବେ ଆତ୍ମହତ୍ୟା କାହିଁକି କଲେ ସେ ନେଇ କିଛି ସ୍ପଷ୍ଟ ହୋଇ ନାହିଁ ।

## ସନ୍ଦେହଜନକ ଅବସ୍ଥାରେ ୨ୟ ଶ୍ରେଣୀ ଛାତ୍ରୀଙ୍କ ଶବ ଉଦ୍ଧାର




ଉଦଳା, ୧୩।୪ (ସଂଚାର ବ୍ୟୁରୋ) : ମାତ୍ର ୩ ଫୁଟ ଉଚ୍ଚରେ ଥିବା ବାଉଁଶରୁ ଝୁଲନ୍ତା ଅବସ୍ଥାରେ ଦ୍ୱିତୀୟଶ୍ରେଣୀ ଛାତ୍ରର ମୃତଦେହ ଉଦ୍ଧାର । ଘଟଣା ଯେତିକି ପ୍ରଶ୍ନବାଚୀ ସେତିକି ବିସ୍ମୟକର। ଏଭଳି ଘଟଣା ଘଟିଛି ଉଦଳା ଥାନା ଶାଳଖୁଣ୍ଟା ଏସଏସଡି. ଆଶ୍ରମ ବିଦ୍ୟାଳୟରେ। ବିଦ୍ୟାଳୟର ହଷ୍ଟେଲରେ ରହୁଥିବା ଦ୍ୱିତୀୟଶ୍ରେଣୀ ଛାତ୍ରୀ କାନ୍ଦରୀ ମଢେଇ । ଆଜି ମଧ୍ୟାହ୍ନରେ ହଷ୍ଟେଲ ଛାତ୍ରୀମାନେ ଖାଇବା ପାଇଁ ଯିବା ସମୟରେ କାନ୍ଦରୀଙ୍କ ସାଙ୍ଗ ବାହାରକୁ ପରିସ୍ରା କରିବା ନିମନ୍ତେ ଆସିଥିଲେ। ଏହି ସମୟରେ ସେ ବିଦ୍ୟାଳୟ ପଛରେ ୩ ଫୁଟ ଉଚ୍ଚରେ ଥିବା ବାଉଁଶରେ ଝୁଲନ୍ତା ଅବସ୍ଥାରେ ଥିବା ଅନ୍ୟ ଛାତ୍ରୀମାନେ ଦେଖି ମେଟ୍ରୋନ ଏବଂ ଅନ୍ୟମାନଙ୍କୁ ଜଣାଇଥିଲେ। ତାଙ୍କୁ ତୁରନ୍ତ ଉଦ୍ଧାର କରି ଉଦଳା ମେଡିକାଲ କୁ ଚିକିତ୍ସା ନିମନ୍ତେ ଆଣିଥିବା ବେଳେ ତାର ମୃତ୍ୟୁ ହୋଇଥିବ। ଡାକ୍ତର କହିଥିଲେ। ଖବର ପାଇ ଉଦଳା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ମାତ୍ର ୩ ଫୁଟ ଉଚ୍ଚରେ ଛାତ୍ରୀଙ୍କ ମୃତଦେହ ଝୁଲିବା ପୁରା ଘଟଣା କୁ ଅଧିକ ସନ୍ଦେହ ଭିତରକୁ ନେଇଛି। ଏହା ଆତ୍ମହତ୍ୟା ବୋଲି କହିବା କଷ୍ଟକର ହୋଇଥିବା ବେଳେ ପୋଲିସ ତଦନ୍ତ ଜାରି ରଖିଛି ।

## ନକଲି ମହିଳା ପୁଲିସ୍ ଠକିନେଲେ ୮.୭୫ ଲକ୍ଷ



ଭୁବନେଶ୍ୱର, ୧୩।୪ (ସଂଚାର ବ୍ୟୁରୋ) : ଫେସବୁକରେ ବନ୍ଧୁତା କରୁଥିଲେ ସାବଧାନ । ବନ୍ଧୁତ୍ୱ ଆଳରେ ଟଙ୍କା ଠକିଥିବା ମହିଳା ଗିରଫ । ନିଜକୁ ପୋଲିସ କହି ୮ଲକ୍ଷ ୭୫ହଜାର ଠକେଇ ଅଭିଯୋଗରେ ସଂଯୁକ୍ତା ଭୂୟାଁଙ୍କୁ ଗିରଫ କଲା ଭୁବନେଶ୍ୱର ସାଇବର ଥାନା ପୋଲିସ । ଅନ୍ଧାରୁଆ ଗାଁର ବିଷ୍ଣୁ ପ୍ରସାଦ ମୁଦୁଲିଙ୍କ ସହ ଫେସବୁକ୍ ରେ ବନ୍ଧୁତା କରି ଲକ୍ଷ ଲକ୍ଷ ଟଙ୍କା ଠକି ନେଇଥିଲା ଅଭିଯୁକ୍ତ । ନିଜ ଡିପିରେ ପୋଲିସ ଫଟୋ ରଖି ବିଷ୍ଣୁଙ୍କ ଠାରୁ ଲକ୍ଷ ଲକ୍ଷ ଟଙ୍କା ନେଇଥିଲେ । ଯେତେବେଳେ ବିଷ୍ଣୁ ଟଙ୍କା ମାଗିଥିଲେ , ସଂଯୁକ୍ତା ଧମକ ଦେଇ ଥିଲେ । ଦୁଷ୍କର୍ମ ମାମଲାରେ ଫସାଇ ଦେବେ କହି ଧମକ ଦେଇଥିବା ଅଭିଯୋଗ ହୋଇଥିଲା । ଏହାକୁ ନେଇ ସାଇବର ଥାନାରେ ଅଭିଯୋଗ ହୋଇଥିଲା ।

## ସମ୍ବଲପୁରରେ ପୁଣି ଏନକାଉଣ୍ଟର



ସମ୍ବଲପୁର, ୧୩।୪ (ସଂଚାର ବ୍ୟୁରୋ) : ସମ୍ବଲପୁରରେ ପୁଣି ଏନକାଉଣ୍ଟର । କୁଖ୍ୟାତ ଅପରାଧୀ ସୀତାରାମ ଷଡ଼ଙ୍ଗୀକୁ ଗୁଳି। ଭୋର ପ୍ରାୟ ୫ଟା ୧୫ରେ ରଙ୍ଗିଆଟିକ୍ରା ଗୋବିନ୍ଦପୁରରେ ମୁହାଁମୁହିଁ ହୋଇଥିଲେ ପୋଲିସ ଓ ଅପରାଧୀ । ପୋଲିସକୁ ଦେଖି ପ୍ରଥମେ ଗୁଳି ଚଳାଇଥିଲା ସୀତାରାମ । ଜବାବରେ ପୋଲିସ ମଧ୍ୟ ପାଲଟା ଗୁଳି ଚାଳନା କରିଥିଲା । ତା ବାମ ଗୋଡ଼ରେ ଗୁଳି ବାଜିଛି । ଭୀମସାର ମେଡିକାଲରେ ଭର୍ତ୍ତି କରାଯାଇଛି । ତା ନିକଟରୁ ଗୋଟି ଦେଶୀ ପିସ୍ତଲ, ଗୁଳି, ବାଇକ ଓ ୧ ଲକ୍ଷ ଟଙ୍କା ଜବତ ହୋଇଛି । ସୀତାରାମ ନାଁରେ ୨୫ରୁ ଅଧିକ ଅପରାଧିକ ମାମଲା ରହିଛି। ସମ୍ବଲପୁର, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାରେ ମାମଲା ରହିଥିବା ସମ୍ବଲପୁର ଅତିରିକ୍ତ ଏସପି ଶଶାଙ୍କ ଶେଖର ବେଉରା ସୂଚନା ଦେଇଛନ୍ତି ।

## ରାଉରକେଲାରେ ଯୁବକଙ୍କୁ ନିର୍ମମ ହତ୍ୟା

ରାଉରକେଲା , ୧୩।୪ (ସଂଚାର ବ୍ୟୁରୋ) : ଅଶାନ୍ତ ଷ୍ଟିଲସିଟି । ପୁଣି ଯୁବକଙ୍କୁ ନିର୍ମମ ହତ୍ୟା । ବେକ କଟା ଅବସ୍ଥାରେ ଯୁବକଙ୍କ ମୃତଦେହ ଉଦ୍ଧାର । ରାଉରକେଲା ଏସ୍ ଟିଆଇ ଛକ ରେଳବାଇ ଫାଟକ ସମ୍ମୁଖରୁ ମୃତଦେହ ଉଦ୍ଧାର ହୋଇଛି । ମୃତ ଯୁବକଙ୍କ ପରିଚୟ ଅସ୍ପଷ୍ଟ ରହିଛି । କିଏ ଓ କଣ ପାଇଁ ହତ୍ୟା କଲା କାରଣ ଅସ୍ପଷ୍ଟ ରହିଛି । ଘଟଣାସ୍ଥଳରେ ରଘୁନାଥପାଲି ଥାନା ପୋଲିସର ତଦନ୍ତ ଜାରି ରହିଛି । ଦିନକୁ ଦିନ ଅଶାନ୍ତ ହେବାରେ ଲାଗିଛି ରାଉରକେଲା। ଗତକାଲି ଉଦିତନଗର ଥାନା ଅଞ୍ଚଳରେ ହତ୍ୟା ହୋଇଥିଲା। ଦୁଇ ଲାଇନ ମଧ୍ୟରେ ବିବାଦକୁ ନେଇ ଭୋଲା ସିଂଙ୍କୁ ହତ୍ୟା କରିଥିଲେ ମୁକେଶ ଖେଡ଼ିଆ।

## ସମ୍ବଲପୁର କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ବିରୋଧରେ ବଡ଼ ଅଭିଯୋଗ

# ବିକ୍ରି ହେଉଛି ଚାକିରି

ସମ୍ବଲପୁର,୧୩।୪(ସଂଚାର ବ୍ୟୁରୋ): ସମ୍ବଲପୁର ଜିଲ୍ଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କରେ ଚାକିରି ବିକ୍ରି ଅଭିଯୋଗ । ଆଉଟ ସୋର୍ସିଂ କର୍ମଚାରୀଙ୍କ ମଧ୍ୟରେ କିଏ ୨ ଲକ୍ଷ ତ ଆଉ କିଏ ୫୦ ହଜାର ଦେଇ ବ୍ୟାଙ୍କରେ ଚାକିରି ପାଇଥିଲେ। ଯେବେ ନୂଆ ବୋର୍ଡ ଗଠନ ହେଲା, ନୂଆ ସଭାପତି ପୁଣି ୭୦ ହଜାର ଟଙ୍କା ଦାବି କଲେ। ଯେଉଁମାନେ ଦେବାକୁ ମନା କଲେ ସେମାନଙ୍କୁ ଚାକିରିରୁ ବିଦା କରିଦିଆଯାଇଥିବା ଅଭିଯୋଗ ହୋଇଛି।

ଆଶ୍ଚର୍ଯ୍ୟର କଥା ଯେ ୨୦୨୪ ଅଗଷ୍ଟରେ ଡାଟା ଏଣ୍ଟ୍ରି ଅପରେଟର(ଡିଇଓ)ଙ୍କୁ ବିନା କାରଣରେ ଚାକିରିରୁ ବାହାର କରିଦିଆଗଲା। ଆଉ ଯେଉଁମାନେ ବ୍ୟାଙ୍କ ସଭାପତି ନରେନ୍ଦ୍ର ପ୍ରଧାନଙ୍କ କଥାରେ ରାଜି ହେଲେ, ସେମାନଙ୍କୁ ସପୋର୍ଟ ଷ୍ଟାଫ୍ ଭାବେ ନିଯୁକ୍ତି ଦିଆଯାଇଥିବା ଅଭିଯୋଗ କରିଛନ୍ତି କିଛି ଛଟେଇ ହୋଇଥିବା କର୍ମଚାରୀ। ଏପଟେ ଆଉଟସୋର୍ସିଂ କର୍ମଚାରୀଙ୍କ ପାଇଁ ହେଉଥିବା ଟେଣ୍ଡର ପ୍ରକ୍ରିୟାରେ ମଧ୍ୟ ଗୋଳମାଳ କରାଯାଇଥିବା ଅଭିଯୋଗ ହେଉଛି।

କିଛି ବର୍ତ୍ତମାନର କର୍ମଚାରୀ ଓ ଆଉ କିଛି ଅବସରପ୍ରାପ୍ତ କର୍ମଚାରୀଙ୍କଠାରୁ ସଭାପତି କେମିତି ପିସି ନେଇଛନ୍ତି ଶୁଣିଲେ ମୁଣ୍ଡରେ ହାତ ଦେବେ। ସପ୍ତମ ବେତନ କମିଶନର ଏରିୟର ଟଙ୍କା ମିଳିଲା ବେଳକୁ ତଥାକଥିତ ୟୁନିୟନର ସଭାପତି ତଥା ଯୋଗ୍ୟତା ନଥାଇ ବ୍ୟାଙ୍କର ବଡ଼ ପଦବୀ ମଣ୍ଡନ କରିଥିବା ଅବିନାଶ ପତି କୁଆଡ଼େ ଏରିୟର ଟଙ୍କାରୁ ୧୦ ପ୍ରତିଶତ କ୍ୟାସ୍ ନ ଦେଲେ ଏରିୟର ଟଙ୍କା ରିଲିଜ୍ କରାଯିବ ନାହିଁ ବୋଲି ଧମକାଇଥିଲେ। ଯାହା ଫଳରେ ସମସ୍ତ କର୍ମଚାରୀ କଷ୍ଟ ଅର୍ଜିତ ଏରିୟର ଟଙ୍କାରୁ ୧୦ ପର୍ସେଣ୍ଟ ଶ୍ରୀ ପତି ଓ ଅନ୍ୟ କେତେକ ଅଧିକାରୀଙ୍କୁ ଦେଇଥିଲେ। ସେହିପରି ଅବସରପ୍ରାପ୍ତ କର୍ମଚାରୀଙ୍କ ଏରିୟର ଟଙ୍କାରୁ ୟୁନିଅନ ନାଁରେ ୨ ପର୍ସେଣ୍ଟ କାଟିଥିଲେ। ଏପରିକି ଅବସରପ୍ରାପ୍ତ କର୍ମଚାରୀଙ୍କ ପିଏଫ୍ ଏରିୟର ଟଙ୍କାରୁ ମଧ୍ୟ ପର୍ସେଣ୍ଟେଜ୍ ଛାଡ଼ିନାହାଁନ୍ତି ଏହି ବାବୁମାନେ। ଏଥିରୁ ମଧ୍ୟ ୧୨ ପର୍ସେଣ୍ଟ ଟଙ୍କା ନେଇ ମାଲାମାଲ୍ ହୋଇଛନ୍ତି ବୋଲି ଅଭିଯୋଗ କରିଛନ୍ତି କିଛି ଅବସରପ୍ରାପ୍ତ କର୍ମଚାରୀ। ବ୍ୟାଙ୍କର କମ୍ପ୍ୟୁଟର ସେଲ୍ ପାଇଁ ସିଷ୍ଟମ ମ୍ୟାନେଜର ନିଯୁକ୍ତ ହୁଅନ୍ତି। ଯେଉଁଥିପାଇଁ ବିଧିବଦ୍ଧ ପୋଷ୍ଟ ବାହାରେ, ପରୀକ୍ଷା ଦିଅନ୍ତି ଓ ନିଯୁକ୍ତ ହୁଅନ୍ତି। ବରଗଡ଼ରେ ଦୁଇ ଜଣ କମ୍ପ୍ୟୁଟର ସେଲ୍ ପାଇଁ ନିଯୁକ୍ତ ମଧ୍ୟ ହୋଇଥିଲେ। ହେଲେ ସେଲରେ ଶ୍ରୀ ପତିଙ୍କୁ ବସାଇବା ପାଇଁ ସେମାନଙ୍କ ମଧ୍ୟରୁ ଜଣଙ୍କୁ ଏକ ବ୍ରାଞ୍ଚକୁ ବଦଳି କରିଦିଆଗଲା। ଆଉ ଏବେ ଯୋଗ୍ୟତା ନ ଥାଇ ତଥାକଥିତ ୟୁନିୟନର ପ୍ରେସିଡେଣ୍ଟ ଶ୍ରୀ ପତି ହେଉଛନ୍ତି କମ୍ପ୍ୟୁଟର ସେଲ ମୁଖିଆ।

### ଲାଞ୍ଚ ନଦେବାରୁ ଡିଇଓଙ୍କ ଛଟେଇ




Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର






# ଆଜିର ସୁନା ଦର

ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୯୫, ୬୭୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୮୭ ହଜାର ୭୦୦ ଟଙ୍କା ଛୁଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୫ ହଜାର ୬୭୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୮୭ ହଜାର ୭୦୦ ଟଙ୍କାକୁ ପହଞ୍ଚିଛି। ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୫, ୬୭୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୮୭ ,୭୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୫, ୮୨୦ ଟଙ୍କା ଓ ୨୨ କ୍ୟାରେଟ୍ ୮୭,୮୫୦ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୫, ୬୭୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୮୭,୭୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୫, ୬୭୦ ଓ ୮୭ ,୭୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୧୦,୦୦ ଟଙ୍କା ହୋଇଛି।



# ଆଜିର ପେଟ୍ରୋଲ, ଡିଜେଲ ଦର

ଯଦି ଆପଣ ଗାଡ଼ିରେ ତେଲ ପକାଇବାକୁ ଯାଉଛନ୍ତି, ତେବେ ଟାଙ୍କି ଭରିବା ପୂର୍ବରୁ ଜାଣନ୍ତୁ ଆଜିର ନୂଆ ଦର। କାରଣ ସାରା ଦେଶରେ ପେଟ୍ରୋଲ ଏବଂ ଡିଜେଲର ନୂତନ ମୂଲ୍ୟ ପ୍ରକାଶ ପାଇଛି। ଅଶୋଧିତ ତୈଳର ଆନ୍ତର୍ଜାତୀୟ ମୂଲ୍ୟ ଅନୁଯାୟୀ ଭାରତରେ ଇନ୍ଧନ ମୂଲ୍ୟ ସ୍ଥିର ହୋଇଛି। ଦେଶର କିଛି ସ୍ଥାନରେ ତୈଳ ଦର ସ୍ଥିର ରହିଥିବା ବେଳେ ଅନ୍ୟ କିଛି ସ୍ଥାନରେ ତୈଳଦରରେ ପରିବର୍ତ୍ତନ ହୋଇଛି। ଭୁବନେଶ୍ୱର ପେଟ୍ରୋଲ ଦରରେ ମଧ ନୂଆ ଦର ଜାରି ହୋଇଛି। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧. ୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ .୬୯ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

### ଟାରିଫ୍ ବିବାଦ ମଧ୍ୟରେ ଟ୍ରମ୍ପଙ୍କ ବଡ଼ ଘୋଷଣା

# ସ୍ମାର୍ଟଫୋନ୍, ଲାପ୍‌ଟପ୍, ଚିପ୍ ପାଲଟା ଶୁଳ୍କରୁ ବାଦ୍

**ୱାସିଂଟନ୍,୧୩।୪:** ଟ୍ରମ୍ପ ପ୍ରଶାସନ ଆଜି ଏକ ବଡ଼ ନିଷ୍ପତ୍ତି ନେଇଛି। ଲାପ୍‌ଟପ୍, ସ୍ମାର୍ଟଫୋନ, ଚିପ୍ ସମେତ ୨୦ଟି ସାମଗ୍ରୀ ଉପରେ ପାଲଟା ଶୁଳ୍କକୁ ଆମେରିକା ପ୍ରଶାସନ ବାଦ୍ ଦେଇଛି। ପାଲଟା ଶୁଳ୍କ ଫଳରେ ଆମେରିକାରେ ସାମଗ୍ରୀ ମହଙ୍ଗା ହେବ ବୋଲି ବଡ଼ ବଡ଼ ଆମେରିକୀୟ ପ୍ରଯୁକ୍ତି କମ୍ପାନି ଆଶଙ୍କା ବ୍ୟକ୍ତ କରିବା ପରେ ଟ୍ରମ୍ପ ପ୍ରଶାସନ ଏଭଳି ପଦକ୍ଷେପ ନେଇଛି। ପାଲଟା ଶୁଳ୍କରୁ ୨୦ଟି ସାମଗ୍ରୀକୁ ବାଦ୍ ଦିଆଯାଇଛି। ଏଥିରୁ ଅଧିକାଂଶ ସାମଗ୍ରୀ ଆମେରିକାରେ କ୍ୱଚିତ୍ ଉତ୍ପାଦନ ହୋଇଥାଏ। ଆମେରିକାର ସୀମା ଶୁଳ୍କ ଏବଂ ସୀମା ସୁରକ୍ଷା ବିଭାଗର ଏକ ନୋଟିସ୍ ଅନୁଯାୟୀ, ଏହି ଉତ୍ପାଦଗୁଡ଼ିକ ଚୀନ୍ ଉପରେ ଲାଗୁ ହୋଇଥିବା ବର୍ତ୍ତମାନର ୧୪୫ ପ୍ରତିଶତ ଶୁଳ୍କ କିମ୍ବା ଅନ୍ୟ କୌଣସି ଦେଶ ପାଇଁ ଲାଗୁ ୧୦ ପ୍ରତିଶତ ସର୍ବନିମ୍ନ ଶୁଳ୍କ ପରିସରଭୁକ୍ତ ହେବ ନାହିଁ। ଏହା ଆମେରିକାରେ ପ୍ରବେଶ କରୁଥିବା କିମ୍ବା ଏପ୍ରିଲ୍ ୫ ତାରିଖ ସୁଦ୍ଧା ଗୋଦାମରୁ ହଟାଯାଇଥିବା ଉତ୍ପାଦଗୁଡ଼ିକ ପାଇଁ ପ୍ରଯୁଜ୍ୟ। ବଡ଼ ପ୍ରଯୁକ୍ତି କମ୍ପାନି ଗୁଡ଼ିକ ଗେଜେଟ୍‌ର ମୂଲ୍ୟ ଆକାଶ ଛୁଆଁ ହେବ ବୋଲି ଚିନ୍ତା ପ୍ରକଟ କରିଥିବାବେଳେ ଏହି ସମୟରେ ଟ୍ରମ୍ପ୍ ପ୍ରଶାସନର ଏଭଳି ଘୋଷଣା ନିଶ୍ଚିତ ଭାବେ ଆପଲ୍, ସାମସଙ୍ଗ୍ ଏବଂ ଏନଭିଡିଆ ଭଳି ଚିପ୍ ନିର୍ମାତାଙ୍କୁ ଲାଭ ଦେବ। ତେବେ ନୋଟିସ୍‌ରେ ଟ୍ରମ୍ପ ପ୍ରଶାସନର ଏଭଳି ପଦକ୍ଷେପ ସଂକ୍ରାନ୍ତରେ କୌଣସି ବିସ୍ତୃତ ସୂଚନା ନାହିଁ।

ଏକ ଆମେରିକୀୟ ଏଜେନ୍ସିର ଆକଳନ ଅନୁଯାୟୀ ଆପଲ୍‌ର ଆଇଫୋନ ଉତ୍ପାଦନ ଏବଂ ଆସେମ୍ବଲିର ପ୍ରାୟ ୮୦ ପ୍ରତିଶତ ଚୀନରେ ହୋଇଥାଏ ଏବଂ ବାକି ୨୦ ପ୍ରତିଶତ ଭାରତରେ ତିଆରି ହୋଇଥାଏ। ଟେଲିକମ୍ ଉପକରଣ, ଚିପ୍ ତିଆରି ଯନ୍ତ୍ରପାତି, ରେକର୍ଡିଂ ଡିଭାଇସ୍, ଡାଟା ପ୍ରକ୍ରିୟାକରଣ ମେସିନ୍ ଏବଂ ପ୍ରିଣ୍ଟେଡ୍ ସର୍କିଟ୍ ବୋର୍ଡ ଆସେମ୍ବଲି ଭଳି ଅନ୍ୟାନ୍ୟ ଟେକ୍ନୋଲୋଜି ଉତ୍ପାଦଗୁଡ଼ିକୁ ମଧ ଶୁଳ୍କରୁ ବାଦ୍



ଦିଆଯାଇଛି। ବିଶେଷଜ୍ଞମାନେ ସୂଚିତ କରିଛନ୍ତି ଯେ ଏହି ଉତ୍ପାଦଗୁଡ଼ିକର ଘରୋଇ ଉତ୍ପାଦନ ସୁବିଧା ସ୍ଥାପନ କରିବାକୁ ଆମେରିକାକୁ କିଛି ବର୍ଷ ଲାଗିବ। ଉଲ୍ଲେଖଯୋଗ୍ୟ ଯେ ଆମେରିକା ସହିତ ବାଣିଜ୍ୟ ଅସନ୍ତୁଳନ ଅଭିଯୋଗ ଆଣି ଟ୍ରମ୍ପ ବିଶ୍ୱର ବିଭିନ୍ନ ଦେଶ ଉପରେ ବ୍ୟାପକ ପାଲଟା ଶୁଳ୍କ ଘୋଷଣା କରିଥିଲେ। ଏପ୍ରିଲ ୯ ତାରିଖରେ, ଶୁଳ୍କ ଲାଗୁର ମାତ୍ର ୧୩ ଘଣ୍ଟା ପରେ, ସେ ଚୀନ୍ ବ୍ୟତୀତ ଅନ୍ୟ ଦେଶ ପାଇଁ ୯୦ ଦିନ ପର୍ଯ୍ୟନ୍ତ ଏହାକୁ ସ୍ଥଗିତ ରଖିଥିଲେ। ଟ୍ରମ୍ପ ପ୍ରଶାସନ ଚୀନ୍‌ରୁ ହେଉଥିବା ଆମଦାନୀ ଉପରେ ୧୪୫ ପ୍ରତିଶତ ଉଚ୍ଚ ଶୁଳ୍କ ଘୋଷଣା କରିଛି। ଅନ୍ୟପକ୍ଷରେ ଚୀନ୍ ମଧ ଆମେରିକାର ଆମଦାନୀ ଉପରେ ୧୨୫ ପ୍ରତିଶତ ଶୁଳ୍କ ଘୋଷଣା କରିଛି। ଏହାଦ୍ୱାରା ବିଶ୍ୱର ଦୁଇ ବୃହତ୍ ଅର୍ଥନୀତି ମଧ୍ୟରେ ବାଣିଜ୍ୟ ଯୁଦ୍ଧ ଆରମ୍ଭ ହୋଇଛି। ତେବେ ଅନ୍ୟ ରାଷ୍ଟ୍ରଗୁଡ଼ିକ ପାଇଁ ଆମେରିକା ୧୦ ପ୍ରତିଶତ ମୂଳ ଶୁଳ୍କ ବଜାୟ ରଖିଛି।

# ସୁପରଷ୍ଟାର ରାମ ଚରଣ କାମ୍ପାର ନୂତନ ବ୍ରାଣ୍ଡ ଆମ୍ବାସଡର




ବେଙ୍ଗାଲୁରୁ, ୧୩।୪: ଦେଶର ଲୋକପ୍ରିୟ ଥଣ୍ଡା ପାନୀୟ କାମ୍ପାକୋଲା ଦକ୍ଷିଣ ଭାରତୀୟ ସୁପରଷ୍ଟାର ରାମ ଚରଣ ଏହାର ନୂତନ ବ୍ରାଣ୍ଡ ଆମ୍ବାସଡର ହେବା ନେଇ ଘୋଷଣା କରିଛି। କାମ୍ପା ପୂର୍ବରୁ ଯୁବପିଢ଼ିଙ୍କ ପ୍ରିୟ ରହିଛି ଏବଂ ରାମ ଚରଣଙ୍କ ଯୋଡ଼ି ହେବ ସହିତ ଏହାର ନୂତନ ଅଭିଯାନ ହେଉଛି - କାମ୍ପା ୱାଲା ଜିଦ୍। ଏହା ସେହି ଜିଦର କାହାଣୀ ଯାହା ଜଣଙ୍କୁ ସାଧାରଣରୁ ବିଶେଷ କରିପାରେ। ଏହା ସେହି ଯୁବପିଢ଼ିଙ୍କ କାହାଣୀ ଯେଉଁମାନେ ପ୍ରତିଦିନ ଆହ୍ୱାନ ସହିତ ଲଢ଼ିଥାନ୍ତି, ପଡ଼ିଥାନ୍ତି, ଉଠିଥାନ୍ତି ଏବଂ ତା'ପରେ ଜିଦର ସହିତ ଆଗକୁ ବଢ଼ିଥାନ୍ତି। କାମ୍ପାର ଏହି ନୂତନ ଅଭିଯାନ ସେମାନଙ୍କ ଏହି ମନୋଭାବକୁ ସଲାମ କରୁଛି। ମାକେନ ୱାର୍ଲ୍ଡ ଗ୍ରୁପ୍ ଇଣ୍ଡିଆର ଅଧକ୍ଷ ଏବଂ ସିଇଓ ପ୍ରସୂନ ଜୋଶୀ କୁହନ୍ତି, " 'କାମ୍ପା ୱାଲି ଜିଦ୍' ଅଭିଯାନ ମାଧମରେ, ଆମେ ଏଭଳି ଏକ ସତ୍ୟ ଉପସ୍ଥାପନ କରିବାକୁ ଚାହୁଁଥିଲୁ ଯାହା ଆମ ଯୁବପିଢ଼ିଙ୍କ ହୃଦୟର ନିକଟତର ରହିବ। ରାମ ଚରଣ ମଧ ଏହି ଯୁବପିଢ଼ିଙ୍କ ପରି - ଏକ ଏହିଭଳି ଶକ୍ତି ଯାହାକୁ ଅଟକାଇବା ସମ୍ଭବ ନୁହେଁ।" ଏହି ଅଭିଯାନର ଆତ୍ମା ହେଉଛି ଏକ ବ୍ରାଣ୍ଡ ଫିଲ୍ମ ଯେଉଁଥିରେ ରାମ ଚରଣ କୌଣସି ଚରିତ୍ରରେ ନୁହେଁ ବରଂ ତାଙ୍କ ବାସ୍ତବ ଜୀବନର ସ୍ୱରୂପରେ ଆସିଛନ୍ତି। କ୍ୟାମେରା ସାମ୍ନାରେ, ସେ କୌଣସି ସଂଳାପ କହିନାହାନ୍ତି କିମ୍ବା କୌଣସି କାଳ୍ପନିକ ଦୃଶ୍ୟରେ ନାହାନ୍ତି - ସେ କେବଳ ତାଙ୍କ ଜୀବନରେ ଯେଉଁଭଳି ବଞ୍ଚିଛନ୍ତି ତାହା ଦେଖାଇଛନ୍ତି : କଠିନ ପରିଶ୍ରମ, ସଂଘର୍ଷ ଏବଂ ବିଜୟର ଏକ ସତ୍ୟ କାହାଣୀ। ଫିଲ୍ମରେ ତାଙ୍କର ଅସଲ ଷ୍ଟଣ୍ଟ, ଦମଦାର ଆକ୍ସନ ଏବଂ ଆତ୍ମବିଶ୍ୱାସଭରା ଭାବନା ଆମକୁ କହୁଛି ଯେ ସଫଳତା ସହଜରେ ମିଳେ ନାହିଁ, କିନ୍ତୁ ଯଦି ଆପଣ ଦୃଢ଼ ସଂକଳ୍ପ ବା ଜିଦ ରହିଛି, ତେବେ କିଛି ମଧ ଅସମ୍ଭବ ନୁହେଁ।

### ଟାରିଫ ବିବାଦ: ସତର୍କ ଘଣ୍ଟି ବଜାଇଲେ ଜାତିସଂଘର ଶୀର୍ଷ ଅର୍ଥଶାସ୍ତ୍ରୀ

# ୩% ପର୍ଯ୍ୟନ୍ତ କମିବ ବିଶ୍ୱ ବ୍ୟାପାର

ଜେନେଭା ୧୩।୪: ଜାତି ସଂଘ ଶୀର୍ଷ ଅର୍ଥଶାସ୍ତ୍ରୀ ପାମେଲା କୋକ-ହେମିଲ୍ଟନ ଚେତାବନୀ ଦେଇଛନ୍ତି ଯେ ଆମେରିକା ଦ୍ୱାରା ଲାଗୁ ନୂଆ ଟାରିଫ ଯୋଗୁ ବିଶ୍ୱ ବାଣିଜ୍ୟରେ ୩% ପର୍ଯ୍ୟନ୍ତ ହ୍ରାସ ଦେଖା ଯାଇପାରେ। ସେହିପରି ରପ୍ତାନୀ ପାଟର୍ଣ୍ଣରେ ମଧ୍ୟ ବଡ଼ ପରିବର୍ତ୍ତନର ସେ ଆଶଙ୍କା କରିଛନ୍ତି। କହିଛନ୍ତି ଯେ ଏହି ପରିବର୍ତ୍ତନରେ ଚୀନ ବଜାରରୁ ଆମେରିକା ନିଜ ବ୍ୟବସାୟ ବାନ୍ଧି ଭାରତ, କାନାଡା ଅଥବା ବ୍ରାଜିଲ ଭଳି ଦେଶଙ୍କ ବଜାରକୁ ସ୍ଥାନାନ୍ତରିତ ହୋଇପାରେ। ଜାତିସଂଘର ଶୀର୍ଷ ଅର୍ଥଶାସ୍ତ୍ରୀ ତଥା ଅନ୍ତର୍ଜାତୀୟ ବାଣିଜ୍ୟ କେନ୍ଦ୍ର (ଆଇଟିସି)ର କାର୍ଯ୍ୟକାରୀ ନିର୍ଦ୍ଦେଶିକା ପାମେଲା କୋକ-ହେମିଲ୍ଟନ ଜେନେଭାରେ କହିଛନ୍ତି ଯେ ଏହି ଟାରିଫର ପ୍ରଭାବ ବିଶ୍ୱ ବାଣିଜ୍ୟରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଦେଖାଯିବ। ଉଦାହରଣ ରୂପେ ମେକ୍ସିକୋର ରପ୍ତାନୀ ଯାହା ଏପର୍ଯ୍ୟନ୍ତ ଆମେରିକା, ଚୀନ ଓ ୟୁରୋପ ଭଳି ବଜାର ଉପରେ ନିର୍ଭର ଥିଲା ତାହା କ୍ରମେ କାନାଡା, ବ୍ରାଜିଲ ଓ କିଛିକାଂଶରେ ଭାରତ ପର୍ଯ୍ୟନ୍ତ ସମ୍ପ୍ରସାରିତ ହୋଇପାରେ।

ସେହିପରି ଭିଏତନାମର ରପ୍ତାନୀ ମଧ୍ୟ ଆମେରିକା ଚୀନ୍ ରୁ ହଟି ମଧ୍ୟପ୍ରାଚ୍ୟ, ଉତ୍ତରଆଫ୍ରିକା, ୟୁରୋପ ଓ କୋରିଆ ଭଳି ବଜାରକୁ ଯାଉଛି। ଏଥିରେ ହାମିଲ୍ଟନ କହିଛନ୍ତି ଯେ ଏପରି ଏକ ପରିସ୍ଥିତି ସୃଷ୍ଟି ହେବାକୁ ଯାଉଛି ଯାହା ଭାରତକୁ ଅଧିକ ଲାଭାନ୍ୱିତ କରିବ। ଏଣୁ ଭାରତ ଭଳି ଏକ ବିକାଶଶୀଳ ଦେଶ ପାଇଁ ଏହା ଏକ ସୁଯୋଗ ହୋଇପାରେ। ଫ୍ରାନସିସି ଅର୍ଥଶାସ୍ତ୍ର ଗବେଷଣା ସଂସ୍ଥା ଓ ସିଇପିଆଇଆଇଙ୍କ ପ୍ରାରମ୍ଭିକ ଅନୁମାନ ଅନୁସାରେ ଏହି ଟାରିଫ ଓ ଜବାବୀ ପଦକ୍ଷେପ ଯୋଗୁ ୨୦୪୦ ସୁଦ୍ଧା ବୈଶ୍ୱିକ ଜିଡିପିରେ ୦.୭% ପ୍ରତିଶତ ହ୍ରାସ ହୋଇପାରେ। ମେକ୍ସିକୋ, ଚୀନ, ଥାଇଲ୍ୟାଣ୍ଡ ଓ ଦକ୍ଷିଣ ଆଫ୍ରିକା ଭଳି ଦେଶଙ୍କ ସହିତ ଆମେରିକାକୁ ବି ଏହାର କ୍ଷତି ସହିବାକୁ ପଡିପାରେ। ଶୀର୍ଷ ଅର୍ଥ ଶାସ୍ତ୍ରୀ କହିଛନ୍ତି ଯେ ଭାରତ ଭଳି ବିକାଶଶୀଳ ଦେଶଙ୍କ ଲାଗି ଅନିଶ୍ଚିତତାର ଏହି ସମୟ ଲାଭଦାୟକ ହୋଇପାରେ। ହାମିଲ୍ଟନ ବସ୍ତ୍ର ଉଦ୍ୟୋଗର ଉଦାହରଣ ଦେଇ କହିଛନ୍ତି ଯେ ଏହି ଉଦ୍ୟୋଗ ବିକାଶଶୀଳ ଦେଶଙ୍କ ଲାଗି ଆର୍ଥିକ ଗତିବିଧି ଓ ରୋଜଗାରର ବଡ଼ ସ୍ରୋତ। ସେ କହିଛନ୍ତି ବାଂଲାଦେଶ ଆଜିବି ସାରା ବିଶ୍ୱରେ ଦ୍ୱିତୀୟ ସର୍ବ ବୃହତ୍ତ ବସ୍ତ୍ର ରପ୍ତାନୀକାରୀ ଦେଶ। ତାକୁ ୩୭% ଜବାବୀ ଟାରିଫର ସମ୍ମୁଖୀନ ହେବାକୁ ପଡିପାରେ। ଯଦି ଏହି ଟାରିଫ ଲାଗୁ ହେଲା ତେବେ ୨୦୨୯ ସୁଦ୍ଧା ବାଂଲାଦେଶକୁ ଆମେରିକା ରପ୍ତାନୀ ମହଙ୍ଗା ପଡିବ। ତାର ୩.୩ବିଲିୟନ ଡଲାରର ରପ୍ତାନୀ କ୍ଷତି ହୋଇପାରେ। ଚୀନ୍ କୁ ଲକ୍ଷ କରି ଲଗାଯାଇଥିବା ଟାରିଫ ଯୋଗୁ ଆପଲ ପ୍ରଥମ ଥର ଆମେରିକାରେ ଆଇଫୋନ ତିଆରି ପାଇଁ ବାଧ୍ୟ ହେବ। ଗତ ୧୮ ବର୍ଷ ହେଲା ସେ ଅଧିକାଂଶ ଆଇଫୋନ ଚୀନ୍ ରେ ତିଆରି କରିଛି। ଏଣୁ କମ୍ପାନୀକୁ ନିଜ ଦେଶର ଉତ୍ପାଦକୁ ଦେଶକୁ ମଗାଇବା ପାଇଁ ୧୪୫%ଟାରିଫ ସହିତ ମଗାଇବାକୁ ପଡିବ। ଏଥିରେ ଜଟିଳ ଯୋଗାଣ ଶୃଙ୍ଖଳା ବାଧାପ୍ରାପ୍ତ ହେବା ସହ ଆପଲ ଆଇଫୋନ ମୂଲ୍ୟକୁ ୩ ଗୁଣା ଅଧିକ ବଢାଇବାକୁ ପଡିବ। ଏଣୁ ବିକ୍ରି ପ୍ରଭାବିତ ହେବ। ଟାରିଫ ଉପରେ ଏସିୟା ସୋସାଇଟି ପଲିସି ଇନଷ୍ଟିଚ୍ୟୁଟ ଉପାଧ୍ୟକ୍ଷ ଭେଣ୍ଡି କଟଲର କହିଛନ୍ତି ଯେ ଏହି ଯୁଦ୍ଧରେ ଚୀନ୍ ପଛକୁ ହଟିବ ନାହିଁ, ବରଂ ଦ୍ୱିପାକ୍ଷୀୟ ବ୍ୟବସାୟ ବନ୍ଦ ହୋଇଯାଇପାରେ। ବିଶେଷଜ୍ଞ ଡାନିୟେଲ ରସେଲ କହିଛନ୍ତି ଯେ ଚୀନ୍ ଦୀର୍ଘ କାଳୀକ ରଣନୀତି ଉପରେ କାର୍ଯ୍ୟ କରୁଛି। ଏଣୁ ସି ଜିନପିଙ୍ଗ ଙ୍କ କହିବା କଥା ହେଲା ଟାରିଫ ନୀତି ଆମେରିକା ବଜାର ପ୍ରଭାବରେ ନିଜକୁ ନିଜେ ଦୁର୍ବଳ ହୋଇପଡିବ।

# କମ୍ପାନିଙ୍କୁ ବିଇଇର ନିର୍ଦ୍ଦେଶ: କମ୍ ବିଜୁଳି ଖର୍ଚ୍ଚ ହେଉଥିବା ଏସି, ଫ୍ରିଜ୍ ନିର୍ମାଣ କର

**ନୂଆଦିଲ୍ଲୀ, ୧୩।୪:** ଦେଶରେ ବିଜୁଳି ବ୍ୟବହାର କ୍ଷେତ୍ରରେ ଅନ୍ତର୍ଜାତୀୟ ସ୍ତରର ଏସି ଓ ଫ୍ରିଜ୍ ନିର୍ମାଣ କରିବା ପାଇଁ ବ୍ୟୁରୋ ଅଫ ଏନର୍ଜି ଏଫିସିଏନ୍ସି (ବିଇଇ) ପକ୍ଷରୁ ଇଲେକ୍ଟ୍ରୋନିକ୍ସ କମ୍ପାନିଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଏସବୁ ବୈଦ୍ୟୁତିକ ଉପକରଣ ବ୍ୟବହାର ଦ୍ୱାରା ଅଧିକ ବିଜୁଳି ଖର୍ଚ୍ଚ ହୋଇଥାଏ। ବିଶେଷକରି ଖରାଦିନେ ଏହାର ବ୍ୟବହାର ବଢ଼ିଯାଇଥାଏ। ଭାରତରେ ବିକ୍ରି ହେଉଥିବା ଏସି ଓ ଫ୍ରିଜ୍ ବିଜୁଳି ବ୍ୟବହାର ଦୃଷ୍ଟିରୁ ଯେଭଳି ଚୀନ ଓ ସିଙ୍ଗାପୁର ସହ ସମାନ ହେବ ତାହା ଉପରେ ବିଇଇ ଗୁରୁତ୍ୱାରୋପ କରିଛି। ବିଇଇ ପକ୍ଷରୁ ଯେଉଁସବୁ ପ୍ରସ୍ତାବ ଦିଆଯାଇଛି ତାହାକୁ ଦେଖିଲେ ବର୍ତ୍ତମାନ ବଜାରରେ ବିକ୍ରି ହେଉଥିବା ୫ ଷ୍ଟାର୍ ଏସି କେବଳ ୧ ଷ୍ଟାର୍ ମାନ୍ୟତା ପାଇବ। ଉଲ୍ଲେଖଯୋଗ୍ୟ, ୨୦୦୬ରେ ଷ୍ଟାର୍ ମାନ୍ୟତା ଥିବା ବୈଦ୍ୟୁତିକ ଉପକରଣ ବିକ୍ରି ହେବାଠାରୁ ଏହା ହେବ ବଡ଼ ପରିବର୍ତ୍ତନ। ତେବେ କମ୍ପାନିଗୁଡ଼ିକର କହିବାନୁଯାୟୀ, ପ୍ରତ୍ୟେକ ଷ୍ଟାର୍ ରେଟିଂ ପରିବର୍ତ୍ତନ ପାଇଁ ୬୦୦ କୋଟିର ନିବେଶ ଗବେଷଣା ଓ ବିକାଶ କ୍ଷେତ୍ରରେ ବିନିଯୋଗ ହେବା ଆବଶ୍ୟକ। ପ୍ରସ୍ତାବିତ ଷ୍ଟାର୍ ରେଟିଂ ପରିବର୍ତ୍ତନ ପାଇଁ ଏହି ଶିଳ୍ପ ପାଇଁ ଉତ୍ପାଦନଭିତ୍ତିକ ପ୍ରୋତ୍ସାହନ ଯୋଜନାରେ ଯେତିକି ରାଶି ଦେଉଛନ୍ତି ତାହା ଯଥେଷ୍ଟ ହେବନାହିଁ। କାରଣ ନୂଆ ବ୍ୟବସ୍ଥା ପାଇଁ ପର୍ଯ୍ୟାପ୍ତ ନିବେଶର ଆବଶ୍ୟକତା ରହିଛି। ୨୦୨୩-୨୪ରେ ହୋଇଥିବା ଏକ ଅଧ୍ୟୟନ ଅନୁଯାୟୀ, ଭାରତରେ ଉତ୍ପାଦନ ହେଉଥିବା ସ୍ପ୍ଲିଟ୍ ଏସିର ଶକ୍ତି ଦକ୍ଷତା ମାନରେ ୪୬ ପ୍ରତିଶତ ଉନ୍ନତି ଅଣାଗଲେ ହିଁ ତାହା ବିଶ୍ୱର ଶ୍ରେଷ୍ଠ ବର୍ଗରେ ଆସିପାରିବ। ଶକ୍ତି ମନ୍ତ୍ରାଳୟ ଅଧୀନରେ ଆସୁଥିବା ବିଇଇ ଲକ୍ଷ୍ୟ ରଖିଛି ଯେ ୨୦୨୭ ସୁଦ୍ଧା ପ୍ରସ୍ତାବିତ ନୂଆ ନିୟମ କାର୍ଯ୍ୟକାରୀ ହେବ। ଏଥିପାଇଁ ଉତ୍ପାଦ ନିର୍ମାତାମାନଙ୍କୁ ସମୟ ହେଉଛି। ଶିଳ୍ପଗୁଡ଼ିକ ସହିତ ଗତ ଜାନୁଆରି ମାସରୁ ଆଲୋଚନା ଆରମ୍ଭ ହୋଇଛି। ସିଙ୍ଗାପୁରରେ ବୈଦ୍ୟୁତିକ ଉପକରଣର ମାନ ଶକ୍ତି ଦକ୍ଷତା କ୍ଷେତ୍ରରୁ ଯାହା ରହିଛି ତାହା ହେବାକୁ ହେଲେ ଭାରତରେ ବିକ୍ରି ହେଉଥିବା ଉତ୍ପାଦର ଶକ୍ତି ଦକ୍ଷତାରେ ୫୨ ପ୍ରତିଶତ ଉନ୍ନତି ଆଣିବାର ଆବଶ୍ୟକତା ରହିଛି। କମ୍ପାନିଗୁଡ଼ିକ ଗ୍ରାହକଙ୍କୁ ଷ୍ଟାର୍ ମାନର ଉତ୍ପାଦ କିଣିବା ପାଇଁ ଉତ୍ସାହିତ କରିବାକୁ କୁହାଯାଉଛି।

### ୯.୧୯ କୋଟିରୁ ଅଧିକ ଆୟକର ରିଟର୍ଣ୍ଣ ଦାଖଲ

# ୧୦,୧୮୪ ଜଣଙ୍କ ଆୟ ୧୦ କୋଟିରୁ ଅଧିକ

**ନୂଆଦିଲ୍ଲୀ,୧୩।୪:** ୨୦୨୪-୨୫ ଆର୍ଥିକବର୍ଷ ପାଇଁ ମାର୍ଚ୍ଚ ୩୧ ସୁଦ୍ଧା ୯.୧୯ କୋଟିରୁ ଅଧିକ ଆୟକର ରିଟର୍ଣ୍ଣ ଦାଖଲ ହୋଇଛି। ଏଥିରୁ ୮.୬୪ କୋଟି ଆୟକର ରିଟର୍ଣ୍ଣର ଇ-ଯାଞ୍ଚ କରାଯାଇଛି। ଗତ ୩ ବର୍ଷର ତଥ୍ୟ ଉପରେ ନଜର ପକାଇଲେ ଜଣାଯାଏ ଯେ ଆୟକର ରିଟର୍ଣ୍ଣ ଦାଖଲ ସଂଖ୍ୟା ବୃଦ୍ଧି ଘଟିଛି। ୨୦୨୨-୨୩ରେ ଏହି ସଂଖ୍ୟା ୭.୭୮ କୋଟି ଥିବାବେଳେ ୨୦୨୩-୨୪ରେ ୮.୫୨ କୋଟିରେ ପହଞ୍ଚିଥିଲା। ୨୦୨୪-୨୫ରେ ଏହା ୯.୧୯ କୋଟିରେ ପହଞ୍ଚିଛି। ୨୦୨୩-୨୪ ତୁଳନାରେ ୨୦୨୪-୨୫ରେ ଉକ୍ତ ସଂଖ୍ୟାରେ ୭ ପ୍ରତିଶତ ବୃଦ୍ଧି ଘଟିଛି। ରାଜ୍ୟଗୁଡ଼ିକ ଅନୁସାରେ ଦେଖିଲେ ମହାରାଷ୍ଟ୍ରରୁ ସର୍ବାଧିକ ଆୟକର ରିଟର୍ଣ୍ଣ ଦାଖଲ ହୋଇଛି। ମହାରାଷ୍ଟ୍ରରେ ଏହି ସଂଖ୍ୟା ୧.୩୯ କୋଟି ରହିଛି। ଉତ୍ତରପ୍ରଦେଶରେ ୯୧.୩୮ ଲକ୍ଷ, ଗୁଜରାଟରେ ୮୮.୫୮ ଲକ୍ଷ, ରାଜସ୍ଥାନରେ ୫୯.୭୭ ଲକ୍ଷ, ତାମିଲନାଡୁରେ ୫୭.୨୭ ଲକ୍ଷ, କର୍ଣ୍ଣାଟକରେ ୫୩.୬୨ ଲକ୍ଷ ଆୟକର ରିଟର୍ଣ୍ଣ ଦାଖଲ ହୋଇଛି। ଦେଶରେ ୧ କୋଟିରୁ ଅଧିକ ଆୟ ଥିବା ୩.୨୪ ଲକ୍ଷ ଲୋକ ଆୟକର ରିଟର୍ଣ୍ଣ ଦାଖଲ କରିଛନ୍ତି। ସେଥିରୁ ୨.୯୭ ଲକ୍ଷ ଲୋକଙ୍କ ଆୟ ୧ କୋଟିରୁ ୫ କୋଟି ମଧରେ ବୋଲି ଜଣାଯାଇଛି।

# ଭାରତର କଡ଼ା ପଦକ୍ଷେପ: ସଙ୍କଟରେ ବାଂଲାଦେଶର ସର୍ବବୃହତ ଶିଳ୍ପ

**ଢାକା, ୧୩।୪:** ମହମ୍ମଦ ୟୁନୁସ୍‌ଙ୍କ ମନ୍ତବ୍ୟ ଭାରତ ଏବଂ ବାଂଲାଦେଶ ମଧ୍ୟରେ ସମ୍ପର୍କକୁ ବହୁତ ଖରାପ କରିଦେଇଛି । ଗତ ବର୍ଷ ଅଗଷ୍ଟ ମାସରୁ ବାଂଲାଦେଶ ପକ୍ଷରୁ ଭାରତ ବିରୁଦ୍ଧରେ ବହୁତ କିଛି କୁହାଯାଇଛି, ଭାରତ ବିରୁଦ୍ଧରେ ଅନେକ ନିଷ୍ପତ୍ତି ନିଆଯାଇଛି ଏବଂ ଏବେ ଭାରତର ପାଳି ପଡ଼ିଛି। ଭାରତର ଗୋଟିଏ ନିଷ୍ପତ୍ତି ବାଂଲାଦେଶର ସବୁଠାରୁ ବଡ଼ ଶିଳ୍ପ ପାଇଁ ସଙ୍କଟ ସୃଷ୍ଟି କରିଛି। ଏହା ଦ୍ୱାରା ଦେଶର ହଜାର ହଜାର ଲୋକ ବେକାର ହେବାର ଆଶଙ୍କା ଦେଖାଦେଇଛି।

ଗତ ସପ୍ତାହରେ ପ୍ରଥମ ଥର ପାଇଁ ଏକ କଠୋର ନିଷ୍ପତ୍ତି ନେଇ, ଭାରତ ବାଂଲାଦେଶକୁ ଦିଆଯାଇଥିବା ଟ୍ରାନ୍ସ-ସିପମେଣ୍ଟ ସୁବିଧା ପ୍ରତ୍ୟାହାର କରିନେଇଛି। ଟ୍ରାନ୍ସ-ସିପମେଣ୍ଟ ସୁବିଧା ମାଧମରେ, ବାଂଲାଦେଶ ଭାରତ ଦେଇ ମଧପ୍ରାଚ୍ୟ, ୟୁରୋପ, ନେପାଳ ଏବଂ ଭୁଟାନ ଭଳି ଦେଶ ସହିତ ବାଣିଜ୍ୟ କରୁଥିଲା। ତଥାପି, ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ଯୁକ୍ତି ଦେଇଛି ଯେ, ଏହି ନିଷ୍ପତ୍ତି ନିଆଯାଇଛି କାରଣ ଏହା ଭାରତୀୟ ବନ୍ଦର ଏବଂ ବିମାନବନ୍ଦରରେ ପରିଚାଳନାଗତ ସମସ୍ୟା ସୃଷ୍ଟି କରୁଥିଲା। ବାଂଲାଦେଶୀ ଗଣମାଧମ ରିପୋର୍ଟ ଅନୁସାରେ, ଭାରତର ଟ୍ରାନ୍ସ-ସିପମେଣ୍ଟ ସୁବିଧା ପ୍ରତ୍ୟାହାର ହେବା ପରେ ଦେଶ ଉପରେ ପ୍ରଭାବ ପଡ଼ିଛି। ବାଂଲାଦେଶର ପୋଷାକ ଶିଳ୍ପ ସବୁଠାରୁ ଅଧିକ ପ୍ରଭାବିତ ହୋଇଛି। ପୋଷାକ ଶିଳ୍ପ ବାଂଲାଦେଶର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଶିଳ୍ପ ଏବଂ ଲକ୍ଷ ଲକ୍ଷ ଲୋକ ଏହା ସହିତ ଜଡିତ। ମୁଖ୍ୟତଃ ବ୍ରାଣ୍ଡେଡ୍ ରେଡିମେଡ୍ ପୋଷାକ



ଦିଲ୍ଲୀ ଏବଂ ମୁମ୍ବାଇ ବିମାନବନ୍ଦରରୁ ୟୁରୋପ ଏବଂ ଆମେରିକାକୁ ପଠାଯାଉଥିଲା। ବାଂଲାଦେଶୀ ବ୍ୟବସାୟୀମାନେ କୌଣସି ଅତିରିକ୍ତ ଶୁଳ୍କ ନ ଦେଇ ପଶ୍ଚିମ ଦେଶଗୁଡ଼ିକୁ ଦ୍ରୁତ ବିତରଣ ପାଇଁ ଉଚ୍ଚ ମୂଲ୍ୟର ଭାରତୀୟ ସୁବିଧା ବ୍ୟବହାର କରୁଥିଲେ। ପିସିଏଏସଡବ୍ଲୁଏ ସଚିବ କାର୍ତ୍ତିକ ଚକ୍ରବର୍ତ୍ତୀ ସମ୍ବାଦ ସଂସ୍ଥା ପିଟିଆଇକୁ କହିଛନ୍ତି, ଯଦି ଆପଣ ପାରମ୍ପରିକ ରାସ୍ତା ଦେଇ ସାମଗ୍ରୀ ପହଞ୍ଚାନ୍ତି, ତେବେ ବହୁତ ସମୟ ଲାଗୁଛି। ଅତ୍ୟଧିକ ଭିଡ଼ ଯୋଗୁ, ବିତରଣ ପାଇଁ ଲାଗୁଥିବା ସମୟ ବହୁତ ବଢ଼ିଯାଉଛି।

ତଥ୍ୟ ଅନୁଯାୟୀ, ପଶ୍ଚିମବଙ୍ଗର ଉତ୍ତର ୨୪ ପରଗଣା ଜିଲ୍ଲାର ପେଟ୍ରାପୋଲ ସ୍ଥଳ ବନ୍ଦରରୁ ୨୦୨୩-୨୪ ଏବଂ ୨୦୨୪-୨୫ ଆର୍ଥିକ ବର୍ଷ ମଧ୍ୟରେ ଭାରତ ଦେଇ ରପ୍ତାନି ପାଇଁ ବାଂଲାଦେଶରୁ ଟ୍ରାନ୍ସ-ସିପମେଣ୍ଟ କାର୍ଗୋରେ ୪୬ ପ୍ରତିଶତ ବୃଦ୍ଧି ରେକର୍ଡ କରାଯାଇଛି। ମହମ୍ମଦ ୟୁନୁସ୍‌ଙ୍କ ନେତୃତ୍ୱାଧୀନ ମଧ୍ୟବର୍ତ୍ତୀକାଳୀନ ସରକାରରେ ବଢୁଥିବା ଭାରତ ବିରୋଧୀ ମନୋଭାବ ବିରୁଦ୍ଧରେ ନୂଆଦିଲ୍ଲୀର ଏହି ପଦକ୍ଷେପ ଏକ ପ୍ରତିଶୋଧ ବୋଲି ଅନୁମାନ କରାଯାଉଛି। ମହମ୍ମଦ ୟୁନୁସ୍ ତାଙ୍କର ସାମ୍ପ୍ରତିକ ଚାରି ଦିନିଆ ଚୀନ୍ ଗସ୍ତ ସମୟରେ ଉତ୍ତର-ପୂର୍ବ ଭାରତକୁ ଏକ "ଭୂମିବେଷ୍ଟିତ" ଅଞ୍ଚଳ ଭାବରେ ବର୍ଣ୍ଣନା କରିଥିଲେ ଏବଂ କହିଥିଲେ ଯେ, ସମଗ୍ର ଅଞ୍ଚଳ ସମୁଦ୍ର ପ୍ରବେଶ ପାଇଁ ବାଂଲାଦେଶ ଉପରେ ନିର୍ଭରଶୀଳ। ସେ ବାଂଲାଦେଶକୁ 'ସମୁଦ୍ରର ରକ୍ଷକ' ଭାବରେ ବର୍ଣ୍ଣନା କରିଥିଲେ ଏବଂ ଭାରତର ଚିକେନ୍ ନେକ୍ ନିକଟରେ ଚୀନ୍‌କୁ ନିଜର ବ୍ୟବସାୟ ବିସ୍ତାର କରିବାକୁ ପ୍ରସ୍ତାବ ଦେଇଥିଲେ।

ଯାହା ପରେ, ଭାରତ ପକ୍ଷରୁ, ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର କଡ଼ା ପ୍ରତିକ୍ରିୟା ଦେଇ ବିମଷ୍ଟେକ ଶିଖର ସମ୍ମିଳନୀ ସମୟରେ କହିଥିଲେ ଯେ, ଭାରତର ଏକ ୬,୫୦୦ କିଲୋମିଟର ଲମ୍ବା ଉପକୂଳ ଅଛି ଏବଂ ବଙ୍ଗୋପସାଗରରେ ଏହା ସବୁଠାରୁ ବଡ଼। ଭାରତ କେବଳ ପାଞ୍ଚଟି ବିମସଟେକ୍ ସଦସ୍ୟଙ୍କ ସହିତ ସୀମା ଅଂଶୀଦାର ନୁହେଁ, ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କୁ ସଂଯୋଗ କରୁଛି, ବରଂ ଭାରତୀୟ ଉପମହାଦେଶ ଏବଂ ଏଏସଇଏଏନ ମଧ୍ୟରେ ବହୁ ସଂଯୋଗ ମଧ ପ୍ରଦାନ କରୁଛି। ଆମର ଉତ୍ତର-ପୂର୍ବ କ୍ଷେତ୍ର ବିଶେଷକରି ବିମସଟେକ୍ ପାଇଁ ଏକ ସଂଯୋଗ କେନ୍ଦ୍ର ଭାବରେ ଉଭା ହେଉଛି। ଯାହାର ଅଗଣିତ ରାସ୍ତା, ରେଳପଥ, ଜଳପଥ, ଗ୍ରୀଡ୍ ଏବଂ ପାଇପଲାଇନର ନେଟୱାର୍କ ରହିଛି ବୋଲି ଜୟଶଙ୍କର ଏକ ବିବୃତିରେ କହିଥିଲେ। ଭାରତ ହେଉଛି ବାଂଲାଦେଶର ଦ୍ୱିତୀୟ ବୃହତମ ବାଣିଜ୍ୟିକ ଅଂଶୀଦାର ଏବଂ ୮ ବିଲିୟନ ଆମେରିକୀୟ ଡଲାରର ବିକାଶ ପୋର୍ଟଫୋଲିଓ ସହିତ ସବୁଠାରୁ ପ୍ରମୁଖ ବିକାଶ ଅଂଶୀଦାର। ଢାକା ନିଜର ବିକାଶ ଏବଂ ଜୀବିକା ପାଇଁ ମୁଖ୍ୟତଃ ବିଦେଶୀ ପାଣ୍ଠି ଉପରେ ନିର୍ଭରଶୀଳ। କିନ୍ତୁ ବାଂଲାଦେଶରେ ଭାରତ ବିରୋଧୀ ଭାବନା ବୃଦ୍ଧି ପାଇବାରୁ, ଦିଲ୍ଲୀ ସୀମା ସୁରକ୍ଷାକୁ କଡ଼ାକଡ଼ି କରିଥିଲା ଏବଂ ଅନେକ ସୀମା ବନ୍ଦ କରିଦିଆଯାଇଥିଲା। ଯାହା ଫଳରେ ଦୁଇ ଦେଶ ମଧ୍ୟରେ ପୂର୍ବରୁ ସହଜ ବାଣିଜ୍ୟ ବାଧାପ୍ରାପ୍ତ ହୋଇଥିଲା। ଯାହା ଯୋଗୁ ବାଣିଜ୍ୟରେ ହ୍ରାସ ଘଟିଛି। ଏହା ବ୍ୟତୀତ, ଦୁଇ ଦେଶ ମଧ୍ୟରେ ସଂଯୋଗ ବୃଦ୍ଧି କରିବା ଲକ୍ଷ୍ୟରେ ଆରମ୍ଭ ହୋଇଥିବା ଅନେକ ପ୍ରକଳ୍ପକୁ ମଧ ବନ୍ଦ କରିଦିଆଯାଇଛି। ଗତ ଜୁନ୍ ମାସରୁ ଦୁଇ ଦେଶ ମଧ୍ୟରେ ସାଧାରଣ ପରିବହନ ମଧ ବନ୍ଦ ହୋଇଯାଇଛି। ଏହା କେବଳ ସୀମା ପାର ହୋଇ ସାମଗ୍ରୀ ପଠାଉଥିବା ବ୍ୟବସାୟୀମାନଙ୍କୁ କ୍ଷତି ପହଞ୍ଚାଇନାହିଁ, ବରଂ ଚିକିତ୍ସା ପାଇଁ ଭାରତ ଆସୁଥିବା ବାଂଲାଦେଶୀମାନଙ୍କ ପାଇଁ ମଧ ସମସ୍ୟା ସୃଷ୍ଟି କରିଛି।

### ଦୁର୍ଗମ ଅଞ୍ଚଳବାସୀଙ୍କ ଦୁଃଖ ସରୁନି

# ଭିତରପଣ୍ଡିରେ ବିକାଶ ଅପହଞ୍ଚ



**କଳାହାଣ୍ଡି, ୧୩।୪(ସଂଚାର ବ୍ୟୁରୋ):** ବଣପାହାଡ଼ ଘେରା କଳାହାଣ୍ଡି ଜିଲ୍ଲାର ଅନେକ ଗାଁକୁ ସବୁଦିନିଆ ରାସ୍ତାନାହିଁ । କେଉଁଠି ପାହାଡ଼ ଚଢ଼ିବାକୁ ପଡୁଛି ତ ଆଉ କେଉଁଠି ନଦୀନାଳ ପାରି ହେବାକୁ ପଡୁଛି। ଦୁର୍ଗମ ଅଞ୍ଚଳରେ ବିକାଶ ବାଟବଣା ହୋଇଛି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ଆଦିବାସୀ ବହୁଳ ଭିତରପଣ୍ଡି ଗାଁ।

ଜୟପାଟଣା ବ୍ଲକ ଅନ୍ତର୍ଗତ ଉକ୍ତ ଗାଁରେ ୨୨ ଆଦିବାସୀ ପରିବାର ବସବାସ କରୁଛନ୍ତି। ଜୟପାଟଣାରୁ ୧୧ କିମି ଆଗକୁ ଗଲେ ଜଙ୍ଗଲ ପାଦଦେଶରେ ଏହି ଭିତରପଣ୍ଡି ଗାଁ। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳ ଭଳି ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। କେବଳ ବିଜୁଳିକୁ ଛାଡ଼ିଦେଲେ ଆଉ କୌଣସି ସରକାରୀ ଯୋଜନା ପହଞ୍ଚି ପାରିନାହିଁ। ମୌଳିକ ସୁବିଧାରୁ ଗ୍ରାମର ୨୨ ପରିବାର ମୌଳିକ ସୁବିଧାରୁ ବଞ୍ଚିତ ରହିଛନ୍ତି। ନାଳ ବିକାଶରେ ବାଧକ ସାଜିଛି। ଚତୁପାର୍ଶ୍ୱରେ ନଦୀ, ନାଳ ଆଉ ଜଙ୍ଗଲ ରହିଛି। ନାଲି ମାଟିର କାନ୍ଥକୁ ଖପରା ଛପର ଘରେ ଲୋକେ ବସବାସ କରୁଛନ୍ତି। ଏ ଯାଏଁ ଏଠାକାର ଆଦିବାସୀ ପରିବାରକୁ ଆବାସ ଯୋଜନାରେ ଘର ଖଣ୍ଡେ ମିଳିନାହିଁ । ସବୁଠାରୁ ବଡ଼ ସମସ୍ୟା ହେଉଛିଗାଁକୁ ପକ୍କା ରାସ୍ତା ସଂଯୋଗ ନାହିଁ । ଲୋକେ ନାଳ ଡେଇଁ ୨ କିମି ପାଦଚଲା ଜଙ୍ଗଲ ରାସ୍ତାରେ ଯାତାୟାତ କରୁଛନ୍ତି। ବର୍ଷାଦିନରେ ବିପଦସଂକୁଳ ହେଉଛି ନାଳ । ତାକୁ ଦେଢ଼ କିମି ରାସ୍ତା କାଦୁଆ ରାସ୍ତାରେ ଯିବାକୁ ପଡୁଛି। ପିଡିଏସ ସାମଗ୍ରୀ ପାଇଁ ନଦୀରେ ପଶି ଗାଁରୁ ୫ କିମି ଦୂର ଧନସୁଲି ପଞ୍ଚାୟତକୁ ଯିବାକୁ ପଡୁଛି । ଶିକ୍ଷାର ବିକାଶ ପାଇଁ ଅଙ୍ଗନବାଡି କେନ୍ଦ୍ର କିମ୍ବା ସ୍କୁଲ ନାହିଁ। ଫଳରେ ଗାଁରେ ଥିବା ଥିବା ୩୦ରୁ ଅଧିକ ଛୋଟଛୋଟ ପିଲାଙ୍କ ଭବିଷ୍ୟତ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସ୍ୱାସ୍ଥ୍ୟ ଖରାପ ହେଲେ ଚେରମୂଳି ଓ କବିରାଜ ଭରସା। ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ସମସ୍ୟା ସମାଧାନ କରିବାକୁ ଦାବି ହୋଇଛି।

# ଓଡ଼ିଆ ପକ୍ଷ ପାଳନ ଉପଲକ୍ଷେ ରକ୍ତଦାନ ଶିବିର



**ବେତନଟୀ, ୧୩।୪(ସଂଚାର ବ୍ୟୁରୋ):** ଓଡ଼ିଆ ପକ୍ଷ ପାଳନ ଅବସରରେ ଭାରତୀୟ ଜନତା ପାର୍ଟି ବେତନଟୀ ମଣ୍ଡଳ କାର୍ଯ୍ୟାଳୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ବେତନଟୀ ମଣ୍ଡଳ ସଭାପତି ଜୀବନ ପଡିଆ ଙ୍କ ସଂଯୋଜନାରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଅତିଥି ଭାବରେ ବେତନଟୀ ଏସଡିପିଓ ମିନତୀ ବିଶ୍ୱାଳ ଯୋଗ ଦେଇ ଉଦଘାଟନ କରି ନିଜ ବକ୍ତବ୍ୟରେ ରକ୍ତ ଦାନ ଏକ ମହତ ଦାନ ବୋଲି କହିଥିଲେ ଓ ଏହି ମହତ କାର୍ଯ୍ୟ ପାଇଁ ଆୟୋଜକ କମିଟି କୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବରେ ଅବସରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରମାକାନ୍ତ ମହାନ୍ତ , ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଅମ୍ବିକା ବାରିକ, ବେତନଟୀ ସମିତି ସଭ୍ୟ ରଣଜିତ ସିଂ, ଯୁବ ସାମ୍ବାଦିକ ଶାନ୍ତନୁ ପଣ୍ଡା, ଦଳ ର ବରିଷ୍ଠ ସଦସ୍ୟ ମନୋରଞ୍ଜନ ରାଉତ, ବରିଷ୍ଠ ସଦସ୍ୟ ରବିନ୍ଦ୍ର ମହାନ୍ତି , ନିରଞ୍ଜନ ମହାନ୍ତି, ହିମାଂଶୁ କବାଟ, ମହିଳା ମୋର୍ଚ୍ଚା ସଭାପତି ମିନା ମହାନ୍ତି, ମହିଳା ମୋର୍ଚ୍ଚା ସଦସ୍ୟ ମନ୍ଦାକିନୀ ସାହୁ, ପଦ୍ମମାଳୀ ମହିଳା ସଂଗଠନ ର ସମ୍ପାଦିକା ପ୍ରଭାତି ମହାନ୍ତି, ଗିତାଞ୍ଜଳୀ ଭୂୟାଁ, ପିଙ୍କି ସ୍ୱାଇଁ, ରଶ୍ମିତା କର ପ୍ରମୁଖ ଯୋଗ ଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିବା ସହ ଭାରତୀୟ ଜନତା ପାର୍ଟି ବେତନଟୀ ମଣ୍ଡଳ କୁ ଏହି ପ୍ରୟାସ କୁ ପ୍ରଶଂସା କରିଥିଲେ । ବାରିପଦା ରକ୍ତ ଭଣ୍ଡାର ଅଧିକାରୀ ନିର୍ମଳ ଦାସ , ନର୍ସିଂ ଅଫିସର ଛବି ମହାନ୍ତି , ପ୍ରଫୁଲ୍ଲ ମାଝୀ, ସକୁନ୍ତଳା ମହାନ୍ତ , କରୁଣାକର ଜେନା ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ । ଏହି ଶିବିରରୁ ୪୨ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ରେ ଓକିଲ ରଣଜିତ ଗଡ଼ାୟତ, ଓକିଲ ଅର୍ଜୁନ ଘୋଷ, ବିରକିଶୋର ବିଶ୍ୱାଳ, ଭାଗିରଥୀ ମିସ୍ତ୍ରୀ, ଦିପ୍ତିକାନ୍ତ ସେଠୀ, ରାକେଶ କୁମାର ମହାନ୍ତ , କେଶବ ନାଥ, ସଂଜୀବ ଜେନା, ଶାନ୍ତିଶ ମହାନ୍ତ , ଗୌରବ ନାଥ, ଭୈରବ ନାଥ, ବ୍ରହ୍ମାନନ୍ଦ ରାଉତ, ସୁବ୍ରତ ବିଶୋଇ, ହେମନ୍ତ ମହାନ୍ତ , ଗୋପୀନାଥ ସିଂହ, ବ୍ରଜମୋହନ ଓଝା, ଶୁଭମ୍ ପଣ୍ଡା, ଶଶାଙ୍କ ଶେଖର ପଣ୍ଡା, ଜୟନ୍ତ କୁମାର ସାହୁ, ହେମନ୍ତ ମହାନ୍ତ , ଅନୁପ ରଞ୍ଜନ ଲେଙ୍କା, ରଞ୍ଜନ ପରିଡ଼ା , ଅଭିଜିତ ନାୟକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ଶେଷରେ ଯୁବ ସଂଗଠକ ଚନ୍ଦ୍ର ଶେଖର ବେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



● ପଞ୍ଚଲିଙ୍ଗେଶ୍ୱର ବନମହୋତ୍ସବର ତୃତୀୟ ସନ୍ଧ୍ୟା

## ପପୁ ପମପମଙ୍କ ଅଭିନୟ ଓ ଗୀତରେ ଝୁମିଲେ ଦର୍ଶକ

**ନୀଳଗିରି, ୧୩।୪(ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱର ସନ୍ନିକଟ ନୂତନ ବସଷ୍ଟାଣ୍ଡ ନିକଟରେ ୭ମ ବନ ମହୋତ୍ସବ ପାଳନ ହେଉଥିବା ବେଳେ ୩ୟ ସନ୍ଧ୍ୟାରେ କମିଟିର ସଭାପତି ଚିତ୍ତରଞ୍ଜନ ଷଡ଼ଙ୍ଗୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଉଦ୍ଘାଟିକା ଭାବେ ସ୍ଥାନୀୟ ତହସିଲଦାର ସୋନମ୍ ଦାସ,ମୁଖ୍ୟଅତିଥି ଭାବେ ଗଞ୍ଜାମ ଜିଲ୍ଲା ଛତ୍ରପୁର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ନାରାୟଣ ରେଡ୍ଡୀ, ମୁଖ୍ୟବକ୍ତା ଭାବେ ସମାଜସେବୀ ଯୁବନେତା ବିକ୍ରମ ପଣ୍ଡା, ସମ୍ମାନିତଅତିଥି ଆଇ. ଟି ଇଞ୍ଜିନିୟର ବିଜୟ କୁମାର ମହାରଣା, ପିତାମ୍ବର ଓତା, ମଞ୍ଜିତ୍ କୁମାର ବିଶ୍ୱାଳ ମଞ୍ଚାସିନ ରହି ଉତ୍ସବର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ସ୍ଥାନୀୟ ସରପଞ୍ଚ ପୁରୁଷୋତ୍ତମ ସେଠୀ ବିବରଣୀ ପଠନ କରିଥିଲେ। ପରେ ମଞ୍ଚରେ ଅତିଥିମାନେ ସେମାନଙ୍କର ଭାବଗର୍ଭକ ଅଭିଭାଷଣ ରଖିଥିଲେ। ପରେ ସ୍ଥାନୀୟ ଅଂଚଳର ଛୋଟବଡ କଳାକାର ସେମାନଙ୍କର କଳାନୈପୁଣ୍ୟ ପ୍ରଦର୍ଶନ କରିଥିଲେ। ଶେଷରେ ଓଡ଼ିଶାର ବହୁ ପ୍ରତିଷ୍ଠିତ ଓଡ଼ିଆ କଣ୍ଠଶିଳ୍ପୀ ଏବଂ ନୃତ୍ୟଶିଳ୍ପୀ ମଞ୍ଚରେ ଅଭିନୟ ଓ କଣ୍ଠଦାନ କରିଥିଲେ। ପରେ ଓଡ଼ିଆ ସିନେ ଅଭିନେତା ପପୁ ପମପମ୍ ଙ୍କ ହାସ୍ୟଅଭିନୟ ଓ ଗୀତରେ ଶହଶହ ଦର୍ଶକ ଝୁମିଥିଲେ।

### ମଙ୍ଗଳପୁରରେ ନୂତନ ସ୍ୱାସ୍ଥ୍ୟ ଉପକେନ୍ଦ୍ର ନିର୍ମାଣ ନେଇ ତେଜିଲା ବିବାଦ

# କେଳାପଦୀ ପଡ଼ିଆରେ ଏକାଠି ହେଲେ ପଞ୍ଚାୟତବାସୀ



**ଦଶରଥପୁର, ୧୩।୪(ସଂଚାର ବ୍ୟୁରୋ):** ଦଶରଥପୁର ବ୍ଲକ ଅନ୍ତର୍ଗତ ମଙ୍ଗଳପୁର ପଞ୍ଚାୟତରେ ଏକ ନୂତନ ସ୍ୱାସ୍ଥ୍ୟ ଉପକେନ୍ଦ୍ର (ଏଏନଏମ ସେଣ୍ଟର) ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ପ୍ରାୟ ୬୦ ଲକ୍ଷ ଟଙ୍କା ଅନୁଦାନ ରାଶି ମଞ୍ଜୁର ହୋଇଥିବା ବେଳେ ଏହି ନୂତନ ସ୍ୱାସ୍ଥ୍ୟ ଉପକେନ୍ଦ୍ର ପଞ୍ଚାୟତର କେଉଁ ସ୍ଥାନରେ ନିର୍ମାଣ ହେବ ଏହାକୁ ନେଇ ଏବେ ବିବାଦ ଦେଖାଦେଇଛି । ଏହାର ପ୍ରତିବାଦରେ ରବିବାର ଅପରାହ୍ନ ୪ଘଟିକା ସମୟରେ ମଙ୍ଗଳପୁର ପଞ୍ଚାୟତର କେଳାପଦୀ ପଡିଆ ଠାରେ ଦଳମତ ନିର୍ବିଶେଷରେ ପଞ୍ଚାୟତର ପ୍ରାୟ ୩ ସହରୁ ୪ ସହ ଜନସାଧାରଣ ଏକତ୍ରିତ ହୋଇଥିଲେ। ଏହି ପରିପ୍ରେକ୍ଷୀରେ ବରିଷ୍ଠ ଶିକ୍ଷାବିତ ଦାମୋଦର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମଙ୍ଗଳପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଶିଶିର କୁମାର ଧଳ, ଅଧର ଧଳ, ପରୀକ୍ଷିତ ରାୟ, ସମ୍ଭୁନାଥ ମଲିକ, ପୂର୍ବତନ ସରପଞ୍ଚ କୈଳାଶ ଯେନା, ଅଶୋକ କୁମାର ମଲ୍ଲିକ, ଅକ୍ଷୟ ପ୍ରସାଦ ମଲ୍ଲିକ, ପ୍ରଭାତ କୁମାର ମଲ୍ଲିକ ପ୍ରମୁଖଙ୍କ ସମେତ ସହ ସହ ପଞ୍ଚାୟତ ବାସୀ ଏକତ୍ରିତ ହୋଇ ନୂତନ ସ୍ୱାସ୍ଥ୍ୟ ଉପକେନ୍ଦ୍ର ନିର୍ମାଣ ପାଇଁ ସଠିକ ସ୍ଥାନ ଚିହ୍ନଟ କରାଯାଇନଥିବାରୁ ଅସନ୍ତୋଷ ପ୍ରକାଶ କରିବା ସହ ନୂତନ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଟିକୁ ପଞ୍ଚାୟତର କେଳାପଦୀ ପଡିଆ ଠାରେ ନିର୍ମାଣ କଲେ ମଙ୍ଗଳପୁର ପଞ୍ଚାୟତର ମୋଟ ୧୧ ଗୋଟି ୱାର୍ଡ ମଧ୍ୟରୁ ୭ ଗୋଟି ୱାର୍ଡର ଜନସାଧାରଣ ଉପକୃତ ହେବା ସହ ପଡ଼ୋଶୀ କନିକାପଡା ପଞ୍ଚାୟତର ୨ ଗୋଟି ୱାର୍ଡର ଜନସାଧାରଣ ଉପକୃତ ହୋଇପାରିବେ ବୋଲି ବୈଠକରେ ଆଲୋଚନା ହୋଇଥିଲା।ଏଥିସହ ପଞ୍ଚାୟତର ବଜରାପାଟ ରାଜସ୍ୱ ଗ୍ରାମର ବଉଳେଶ୍ୱର ମନ୍ଦିର ପଛପାଖରେ ଏହି ସ୍ୱାସ୍ଥ୍ୟ ଉପକେନ୍ଦ୍ର ନିର୍ମାଣ କରିବା ପାଇଁ ନିର୍ଦ୍ଦିଷ୍ଟ କିଛି ଲୋକ ଚେଷ୍ଟା କରୁଥିବା ବେଳେ ସେଠାରେ ଏହି ସ୍ୱସ୍ତ୍ୟ ଉପକେନ୍ଦ୍ର ନିର୍ମାଣ ହେଲେ ସେହି ସ୍ଥାନକୁ ଆମ୍ବୁଲାନ୍ସ ଯିବା ଆସିବାରେ ଅସୁବିଧା ସୃଷ୍ଟି ହେବା ସହ ଜନସାଧାରଣ ମାନେ ସେଠାକୁ ଯାଇ ଚିକିତ୍ସା ହେବାରେ ମଧ ବିଭିନ୍ନ ସମସ୍ୟା ସୃଷ୍ଟି ହେବ ବୋଲି ବୈଠକରେ ଆଲୋଚନା ହୋଇଥିଲା।ଏଠାରେ ପ୍ରକାଶ ଥାଉକି କେଳାପଦୀ ପଡିଆ ମଧ ବଜରାପାଟ ରାଜସ୍ୱ ଗ୍ରାମରେ ଅନ୍ତର୍ଭୁକ୍ତ ଅଟେ।ତେଣୁ ଏହି ନୂତନ ସ୍ୱାସ୍ଥ୍ୟ ଉପକେନ୍ଦ୍ରଟିକୁ କେଳାପଦୀ ପଡିଆ ଠାରେ ନିର୍ମାଣ କରିବା ପାଇଁ ପଞ୍ଚାୟତ ବାସୀ ଦାବି କରିବା ସହ ଏଥିନେଇ ପଞ୍ଚାୟତର ଜନସାଧାରଣ ମାନେ ଏହି ଦାବିରେ ଯାଜପୁର ଜିଲ୍ଲାପାଳ, ଉପଜିଲ୍ଲାପାଳ, ସିଡିଏମଓ, ଏଡିଏମ,ତହସିଲଦାର , ଆରାଇଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ଭେଟି ଏ ବିଷୟରେ ଲିଖିତ ଭାବେ ଜଣେଇବେ ବୋଲି ବୈଠକରେ ନିଷ୍ପତି ହୋଇଥିଲା। ସେହିପରି କେଳାପଦୀ ପଡିଆ ଠାରେ ସ୍ୱାସ୍ଥ୍ୟ ଉପକେନ୍ଦ୍ର ନିର୍ମାଣ ହେଲେ ଦିହୁଡିସାଇ, ବଜରାପାଟ, କର୍ଣ୍ଣଦାଣ୍ଡି, ନାଲମଲ୍ଲିକ ପାଟଣା, ଇସମାଇଲପୁର ଗ୍ରାମର ଜନସାଧାରଣ ମାନେ ଉପକୃତ ହୋଇପାରିବ ବୋଲି ଉପସ୍ଥିତ ଜନସାଧାରଣ ଦାବି କରିଥିଲେ।



## ପୂର୍ବତନ ସାଂସଦ ଗୟାଚାନ୍ଦ ଭୂୟାଁଙ୍କ ସ୍ମୃତିସଭା

**କେନ୍ଦ୍ରାପଡା, ୧୩।୪(ସଂଚାର ବ୍ୟୁରୋ):** ପୂର୍ବତନ ସାଂସଦ ଗୟାଚାନ୍ଦ ଭୂୟାଁଙ୍କ ୩୭ତମ ସ୍ମୃତି ଉତ୍ସବ ଜିଲ୍ଲା ପ୍ରତିଭା ପୂଜା ସଂସଦ ପକ୍ଷରୁ କେନ୍ଦ୍ରାପଡା ପୌରସଂସ୍ଥା ଟାଉନ ହଲ ଠାରେ ଅନୁଷ୍ଠିତ ହୋଇଯାଇଛି । ସଂସଦର ସଭାପତି ପ୍ରଦିପ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଏହି ସ୍ମୃତି ଉତ୍ସବରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡେଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସ୍ୱର୍ଗତ ଭୂୟାଁଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିବା ସହ ତତ୍‌କାଳୀନ ରାଜନୈତିକ ପରିସ୍ଥିତି ରେ ଓଡିଶାର ରାଜନୀତି ଓ ଗୟାଚାନ୍ଦ ଭୂୟାଁଙ୍କ ରାଜନୈତିକ କାର୍ଯ୍ୟକ୍ରମ ସଂପର୍କରେ ଆଲୋକପାତ କରିଥିଲେ । ବରିଷ୍ଠ ସାମ୍ବାଦିକ ସ୍ୱାଧିକାର ର ସଂପାଦକ ଅକ୍ଷୟ କୁମାର ପତି ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଡ଼ଃ ମୃତ୍ୟୁଞ୍ଜୟ ରଥ ମୁଖ୍ୟବକ୍ତା, କେନ୍ଦ୍ରାପଡା ଅର୍ବାନ ବ୍ୟାଙ୍କର ସଭାପତି ଗୁରୁପ୍ରସାଦ ମହାନ୍ତି, କବି ନିରାକାର ଦାସ, ପୂର୍ବତନ ବିଧାୟକ ଚିନ୍ମୟ ବେହୁରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସଂପାଦକ ଶୁଶିଲ କୁମାର ସାମଲ ସଂପାଦକୀୟ ବିବରଣୀ ପାଠ କରିଥିବା ବେଳେ ଗୋଲକ ଚନ୍ଦ୍ର ପଢିଆରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଓ ମୁକ୍ତାର ଖାନ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ବୁଦ୍ଧିଜୀବି ଓ ସ୍ଥାନୀୟ ଜନ ସାଧାରଣ ଯୋଗ ଦେଇଥିଲେ।

## କବୟିତ୍ରୀ ଡ଼ଃ ଅପର୍ଣ୍ଣା ମହାନ୍ତିଙ୍କୁ ନାଗରିକ ସମ୍ବର୍ଦ୍ଧନା




**କେନ୍ଦ୍ରାପଡା, ୧୩।୪ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡାର ଜିଲ୍ଲାର ଜଣାଶୁଣା କବୟିତ୍ରୀ ଡ଼ଃ ଅପର୍ଣ୍ଣା ମହାନ୍ତି ଚଳିତ ବର୍ଷ ମର୍ଯ୍ୟାଦାଜନକ 'ବିଷୁବ ପୁରସ୍କାର' ପାଇବେ ବୋଲି ପ୍ରଜାତନ୍ତ୍ର ପ୍ରଚାର ସମିତି ପକ୍ଷରୁ ଘୋଷଣା ହୋଇଛି । ଏହି ପୁରସ୍କାର ବାବଦକୁ ସେ ଏକ ଲକ୍ଷ ଟଙ୍କା ଓ ମାନପତ୍ର , ଅଙ୍ଗାଭରଣ ଦ୍ୱାରା ଆସନ୍ତା ୧୪ ତାରିଖ ଦିନ ସମ୍ବର୍ଦ୍ଧିତ ହେବେ । କେନ୍ଦ୍ରାପଡ଼ା ଜିଲ୍ଲା ସାହିତ୍ୟ ପରିଷଦ ପକ୍ଷରୁ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାର ସଭାପତିତ୍ୱ କରିଥିଲେ ଅଧାପକ ଅଜୟ କୁମାର ସାମଲ । ଓଡିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ବିଶିଷ୍ଟ କଥାକାର ରାମଚନ୍ଦ୍ର ବେହେରା ମୁଖ୍ୟଅତିଥି ଓ ମୁଖ୍ୟବକ୍ତା ଭାବେ ପ୍ରଫେସର ନନ୍ଦକିଶୋର ପରିଡା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଡ. ବାସୁଦେବ ଦାସ ଯୋଗ ଦେଇ କବି ଅପର୍ଣ୍ଣା ମହାନ୍ତିଙ୍କ କାବ୍ୟ ପ୍ରତିଭାର ଉଚ୍ଛସିତ ପ୍ରଶଂସା କରିଥିଲେ । ଏହି ସଭାରେ ଜିଲ୍ଲାର ବହୁ ବିଶିଷ୍ଟ କବି, କବୟିତ୍ରୀ ଉପସ୍ଥିତ ଥିଲେ । ଶେଷରେ ଡ଼ଃ କବି ନବଜ୍ୟୋତି ରାୟ ସଂଯୋଜନା କରିଥିଲା ବେଳେ ଅଧାପକ ପବିତ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।




### ଶ୍ରୀରାମଚରିତ ମାନସ ପାରାୟଣ ଭକ୍ତିମୟ ପରିବେଶ

## ଯୋଗଦେଲେ ରାଜ୍ୟ ଖଣିଜ ଓ ଗମନାଗମନ ମନ୍ତ୍ରୀ

**କାକଟପୁର/ଅସ୍ତରଙ୍ଗ,୧୩।୪ (ସଂଚାର ବ୍ୟୁରୋ):** ଶ୍ରୀରାମ ନବମୀ ପୂଜା କମିଟି ଆନୁକୂଲ୍ୟରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ନିକଟସ୍ତ ଅଣଚମ୍ପା, ହରିଣହୁଳା ନିକଟରେ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ମହାଯଜ୍ଞ ଅନୁଷ୍ଠିତ ହେଉଛି। ଏହି ଅବସରରେ ୮ ଦିନ ଧରି ଓଡ଼ିଶାର ଖ୍ୟାତନାମା ପ୍ରବଚକମାନେ ପ୍ରବଚନ ଦେଇଥିଲେ। ଏଥିରେ ରାମାୟଣ ବର୍ଣ୍ଣିତ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କ ମହାନ ଜୀବନ ଆଦର୍ଶ ମାତା ସୀତା ଏବଂ ଭକ୍ତ ହନୁମାନଙ୍କ ପୌରାଣିକ କଥାମୃତକୁ ନେଇ ୮ଦିନ ଧରି ଭକ୍ତିପୂତ ପ୍ରବଚନ ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ଅଷ୍ଟମ ଦିନ ଅବସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ରେ ସ୍ଥାନୀୟ ଅଞ୍ଚଳର ସମାଜସେବୀ ଦିବାକର ଛାଟୋଇ ଙ୍କ ସଭାପତିତ୍ୱ ରେ ମୁଖ୍ୟ ଅତିଥି ରାଜ୍ୟ ଖଣିଜ ଓ ଗମନାଗମନ ମନ୍ତ୍ରୀ ଶ୍ରୀଯୁକ୍ତ ବିଭୁତିଭୂଷଣ ଜେନା, ମୁଖ୍ୟବକ୍ତା ପୂର୍ବତନ ବିଧାୟକ ବାଇଧର ମଲ୍ଲିକ, ସଂମ୍ମାନିତ ଅତିଥି ଅସ୍ତରଙ୍ଗ ବ୍ଲକ ଅଧକ୍ଷା ଆରତୀ ନାଏକ, ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ଉପାଧକ୍ଷ ଦୃଜୟ ମିଶ୍ର, ମମତା ସାମନ୍ତରାୟ, କୁଳମଣି ବିଶ୍ୱାଳ, ଶ୍ରୀରାମ ନବମୀ ପୂଜା କମିଟି ସମ୍ପାଦକ ହେମନ୍ତ କୁମାର ବସ୍ତିଆ ପ୍ରମୁଖ ଉପସ୍ଥିତ ଥିବା ବେଳେ ମଞ୍ଚ ପରିଚାଳନା କରିଥିଲେ ଶିକ୍ଷାବିତି କାଳନ୍ଦୀ ଚରଣ ଛାଟୋଇ।ପବିତ୍ର ରାମନବମୀ ଅବସରରେ ରାମଚରିତ ମାନସର ନବାହ୍ନପାରାୟଣର ଗୁଞ୍ଜରିତ ପଂକ୍ତି ମନରେ ଭରି ଦେଉଥିଲା ପୁଲକ। ଶ୍ରୀରାମ ନବମୀ ଅବସରରେ ରାମଧୂନ ଗୁଞ୍ଜରିତ ହୋଇଥିଲା। ଦୀର୍ଘ ଆଠ ଦିନ ହେବ ଭକ୍ତ ମାନେ ଠାକୁରଙ୍କୁ ଦର୍ଶନ ପାଇଁ ଭିଡ଼ ଜମିଥିଲା।

# ପିଏଏମଇଜିପି ଯୋଜନା ଋଣ ଦେବାକୁ ବ୍ୟାଙ୍କ କୁନ୍ଥୁକୁନ୍ଥୁ

**ନବରଙ୍ଗପୁର,୧୩।୪ (ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନିଯୁକ୍ତି ସୃଜନ ଯୋଜନା(ପିଏମଇଜିପି)ରେ ଋଣ ଦେବାକୁ ବ୍ୟାଙ୍କ କୁନ୍ଥୁକୁନ୍ଥୁ। ୧୭ଜଣ ଆବେଦନକାରୀଙ୍କ ମଧ୍ୟରୁ ମାତ୍ର ୮୨ ଜଣଙ୍କୁ ପ୍ରମାଣ ପ୍ରଦାନ କରାଯାଇଛି । ଋଣ ପାଇଁ ବାରମ୍ବର ବ୍ୟାଙ୍କକୁ ଦୌଡ଼ି ଶେଷରେ ନିରାଶ ହେଉଛନ୍ତି ଆବେଦନକାରୀ। ଏଭଳି ଅଭିଯୋଗ କରିଛନ୍ତି ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ୍ ବଣିଆ ଗାଁର ଦିବ୍ୟାଙ୍ଗ ସୁକଦେବ ଅମାନାତ୍ୟ।

ସୁକଦେବ କହିଛନ୍ତି, ପ୍ରଧାନମନ୍ତ୍ରୀ ଏମ୍ପ୍ଲୟମେଣ୍ଟ ଜେନେରେସନ୍ ପ୍ରୋଗ୍ରାମ । ପ୍ରତି ମାଧମରେ ବେକାର ଯୁବକ ଯୁବତୀଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ଏହି ଯୋଜନା କରାଯାଇଛି। ସେମାନଙ୍କୁ ବିଭିନ୍ନ ଉଦ୍ୟୋଗ ସମେତ ଅନ୍ୟାନ୍ୟ ବ୍ୟବସାୟ ପାଇଁ ସବ୍‌ସିଡିରେ ସରକାର ବ୍ୟାଙ୍କ ଋଣ ଯୋଗାଇ ଦେବା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। କୌଣସି କାରଣ ନ ଦର୍ଶାଇ ଆବେଦନକାରୀଙ୍କୁ ବାରମ୍ବାର ବ୍ୟାଙ୍କକୁ ଦୌଡ଼ାଇ ସେମାନଙ୍କ ମନବଳକୁ ଭାଙ୍ଗି ଦେଉଛନ୍ତି। ଶେଷରେ ସେମାନେ ହତାଶ ହୋଇ ଫେରୁଛନ୍ତି । ସେ ଜଣେ ଦିବ୍ୟାଙ୍ଗ ହୋଇବି ବ୍ୟାଙ୍କକୁ ୧୦ରୁ ୧୫ଥର ଧାଇଁ ଧାଇଁ ନୟାନ୍ତ ହୋଇଛନ୍ତି। ଶେଷରେ ଏହି ଯୋଜନାରୁ ମୁହଁ ମୋଡ଼ି ଦେଇଛନ୍ତି। ତାଙ୍କ ବାପା ଆରପାରିରେ। ଘରେ ମା' ଓ ଭଉଣୀ ସହ ରହି ଆସୁଛନ୍ତି। ଆତ୍ମନିର୍ଭରଶୀଳ ହେବେ ବୋଲି ଆଶା କରିଥିଲେ। ତାହା ସଫଳ ହୋଇପାରିଲାନି ବୋଲି କ୍ଷୋଭ ପ୍ରକାଶ କରିଛନ୍ତି।

ଜିଲ୍ଲାରେ କେବଳ ସେ ଏକା ନୁହନ୍ତି, ୨୦୨୪-୨୫ ଅର୍ଥିକ ବର୍ଷରେ ଜିଲ୍ଲାରେ ୨୧୭ଜଣ ଆବେଦନକାରୀ ବିଭିନ୍ନ ଉଦ୍ୟୋଗ ଓ ବ୍ୟବସାୟ ପାଇଁ ଆବେଦନ କରିଥିଲେ। ୨୧୭ଜଣ ଆବେଦନକାରୀଙ୍କ ମଧ୍ୟରୁ ଜିଲ୍ଲା ଶିଳ୍ପ କେନ୍ଦ୍ର ପକ୍ଷରୁ ୬ କୋଟି ୫୩ ଲକ୍ଷ ପାଇଛନ୍ତି ମାତ୍ର ୮୨ ଆବେଦନକାରୀ। ତାଙ୍କ ଭାଗରେ ଦେଢ଼ ଏକର ଚାଷ ଜମି ରହିଛି। ସେ ଗାଁରେ ଏକ ସାଇବର କାଫେ କରିବାକୁ ଆଶା କରିଥିଲେ। ଏଥିପାଇଁ ଜିଲ୍ଲାଶିଳ୍ପ କେନ୍ଦ୍ରର ଅଧିକାରୀଙ୍କୁ ଯୋଗାଯୋଗ କରି ପିଏମ୍‌ଇଜିପିରେ ଆବେଦନ କରିଥିଲେ। ତାଙ୍କୁ ପ୍ରଥମେ ଏହି ଯୋଜନାରେ ଜିଲ୍ଲା ଶିଳ୍ପ କେନ୍ଦ୍ର ଋଣ ଦେବା ଲାଗି ବ୍ୟାଙ୍କ ଥରେ ନୁହେଁ ୧୫ଥର ବହୁ ଆବେଦନକାରୀଙ୍କୁ ସଚେତନ କରି ଜିଲ୍ଲାରେ ଚାହିଦା ଓ ଆବେଦନକାରୀଙ୍କ ଇଚ୍ଛା ଅନୁସାରେ ବିଭିନ୍ନ ଉଦ୍ୟୋଗ ଓ ବ୍ୟବସାୟ ପାଇଁ ସେମାନଙ୍କ ଯୋଜନାକୁ ମଞ୍ଜୁରି ଦେଇ ବ୍ୟାଙ୍କଗୁଡ଼ିକୁ ଋଣ ଦେବା ପାଇଁ ପଠାଉଛି। ବିଡ଼ମ୍ବନାର ବିଷୟ କୌଣସି ସୁଫଳ ମିଳିନି।

### ୧୫ ବର୍ଷରୁ କମ୍ ମୁଖ୍ୟମନ୍ତ୍ରୀ ଟ୍ରଫି ଇଣ୍ଟର କ୍ଲବ୍ ଫୁଟବଲ୍ ଚାମ୍ପିଅନସିପ

## ସପ୍ତମ ଦିବସ ଖେଳରେ ଚର୍ଦ୍ଧା ଦଳ ବିଜୟୀ




**ସୁବର୍ଣ୍ଣପୁର, ୧୩।୪ (ସଂଚାର ବ୍ୟୁରୋ):** ସୋନପୁର ଗାନ୍ଧୀ ଷ୍ଟାଡିୟମରେ ୧୫ ବର୍ଷରୁ କମ୍ ମୁଖ୍ୟ ମନ୍ତ୍ରୀ ଟ୍ରଫି ଇଣ୍ଟର କ୍ଲବ୍ ଜିଲ୍ଲା ସ୍ତରୀୟ ଫୁଟବଲ୍ ଚମ୍ପିଅନସିପ ୨୦୨୫ ର ସପ୍ତମ ଦିବସ ଗ୍ରୁପ ବି ରେ ତିନି ଗୋଟି ମ୍ୟାଚ ଅନୁଷ୍ଠିତ ହୋଇ ଯାଇଛି । ଆଜିର ବିଜେତା ଦଳ ଆସନ୍ତା କାଲି ସେମି ଫାଇନାଲ ଖେଳିବେ । ସୁବର୍ଣ୍ଣପୁର ଜିଲ୍ଲା କ୍ରିଡ଼ା ସଂଘ, ଫୁଟବଲ୍ ଆସୋସିଏସନ୍ ଓଡିଶା, ଯୁବ କ୍ରୀଡା ବିଭାଗ ଓଡ଼ିଶା ସରକାର ମିଳିତ ସହଯୋଗ ରେ ଅନୁଷ୍ଠିତ ଆଜିର ଏହି ଟର୍ଣ୍ଣାମେଣ୍ଟ କୁ ମୁଖ୍ୟ ଅତିଥି ଭାବରେ କଟକ ସ୍ପୋର୍ଟସ ହଷ୍ଟେଲ ଇନଚାର୍ଜ ତଥା ଅଣ୍ଡର ଫିଫ୍ଟିନ୍ ସିଲେକ୍ଟର ଗଙ୍ଗାଧର ବେହେରା, ସମ୍ମାନିତ ଅତିଥି ଭାବରେ ଜିଲ୍ଲା କ୍ରିଡ଼ା ଅଧିକାରୀ ଚିତ୍ତ ରଞ୍ଜନ ମିଶ୍ର , ସ୍ୱଚ୍ଛ ଭାରତ ସଙ୍ଗଠନ ସୋନପୁର ମନ ମୁଣ୍ଡା ର ଉପ ସଭାନେତ୍ରୀ ଇନ୍ଦୁ ମତି ପୁରୋହିତ, ଟ୍ରାକ୍ଟର ଏସୋସିଏସନ୍ ର ଉପଦେଷ୍ଟା ବୈକୁଣ୍ଠ ଶତପଥି, ଯୁବ ସାମ୍ବାଦିକ ତଥା ୱେବ୍ ମିଡିଆ ସଂଘ ସଭାପତି ପୀତାମ୍ବର ମହାପାତ୍ର, ଓଡ଼ିଶା ସାମ୍ବାଦିକ ସଂଘ ରାଜ୍ୟ ସାଂଗଠାନିକ ସଂପାଦକ ରାଜ କିଶୋର ତ୍ରୀପାଠୀ, ଡ୍ରାମା ଆର୍ଟିଷ୍ଟ ତଥା ଡାଇରେକ୍ଟର ହରି ହର ପଧାନ , କଳା ସଂସ୍କୃତି ଗବେଷକ ଚୌଧୁରୀ ବିଭାର ଯୋଗ ଦେଇ ମ୍ୟାଚ୍ କୁ ଉଦ୍ଘାଟନ କରି ଖେଳାଳୀ ଙ୍କୁ ପୁରସ୍କୃତ କରିଥିଲେ । ଜିଲ୍ଲା ର ସମସ୍ତ ବ୍ଲକ୍ ରୁ ୧୦ ଗୋଟି ଫୁଟବଲ୍ ଦଳ ଏଥିରେ ଭାଗ ନେଇ ଥିବା ବେଳେ ଆଜି ର ପ୍ରଥମ ମ୍ୟାଚ୍ ନାରାୟଣ ପୁର ଓ ରାମ ଧୂନ୍ କ୍ଲବ୍ (ସି ) ମଧ୍ୟରେ ଅନୁଷ୍ଠିତ ହୋଇ ଥିବା ବେଳେ ମା ଚର୍ଦ୍ଧେଇ କ୍ଲବ୍ ଚର୍ଦ୍ଧା ଓ ରାମ ଧୂନ୍ କ୍ଲବ୍ (ଏ ) ମଧ୍ୟରେ ଦ୍ୱିତୀୟ ମ୍ୟାଚ , ଏବଂ ରାମ ଧୂନ୍ କ୍ଲବ୍ (ଡି) ଓ ବି ଏମ୍ ପୁର ଇଲେଭେନ୍ ମଧ ରେ ତୃତୀୟ ମ୍ୟାଚ ଅନୁଷ୍ଠିତ ହୋଇ ଥିଲା । ପ୍ରଥମ ମ୍ୟାଚ୍ ଅମିମାଂସିତ ହୋଇ ଥିବା ବେଳେ ଦ୍ୱିତୀୟ ମ୍ୟାଚ୍ ରେ ୨-୦ ଗୋଲ ରେ ଚର୍ଦ୍ଧା ଦଳ ଓ ତୃତୀୟ ମ୍ୟାଚ ମଧ ୦-୦ ଗୋଲ ରେ ଅମିମାଂସିତ ରହିଛି। ସମସ୍ତ ମ୍ୟାଚ କୁ ମ୍ୟାଚ୍ କମିସନର ଭାବେ ଜିତେନ୍ଦ୍ର ଥନା ପତି, ମୁଖ୍ୟ ରେଫରୀ ଭାବେ ସାନୁଜ ବିଶ୍ୱାଳ, ଫୋର୍ଥ ଅଫିସିଆଲ୍ ଭାବେ ସଞ୍ଜୀବ ସାହୁ , ସହଯୋଗି ରେଫରି ଭାବେ ପ୍ରଶାନ୍ତ ସେଠି, ନରେଶ ମାଝୀ , ରାଜେଶ ଥନାପତି, ଅନିଲ ଭୋଇ ଅନିତା ମହାନନ୍ଦ ଖେଳ ପରି ଚାଳନା ରେ ସହଯୋଗ କରିଥିଲେ । ମନୋରଞ୍ଜନ ତ୍ରୀପାଠୀ ଖେଳ ର ଧାରା ବିବରଣୀ ପ୍ରଦାନ କରିଥିଲେ । ଜିଲ୍ଲା କ୍ରିଡ଼ା ସଂଘ ସଂପାଦକ ପୀୟୂଷ ପଣ୍ଡା ଙ୍କ ତତ୍ତ୍ୱାବଧାନ ରେ ଅନୁଷ୍ଠିତ ଏହି ଖେଳ ରେ ବିକାଶ ପଣ୍ଡା, ସନ୍ତୋଷ ପାଢ଼ୀ ଙ୍କ ସମେତ ଚନ୍ଦନ , ରଂଜୁ, ଅନିଲ, ଶିବ, ଚାହଦ, ରବି, ଚୈତ୍ୟନ୍ୟ, କିରଣ, ସଦା, ପୁରେନ, କଲିମ ପ୍ରମୁଖ ରାମ ଧୂନ୍ କ୍ଲବ୍ ଓ ଜିଲ୍ଲା କ୍ରୀଡ଼ା ସଂଘ ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

# ଗ୍ରାମୀଣ ଜଳଯୋଗାଣରେ ବ୍ୟତିକ୍ରମ ଧରିଛନ୍ତି ଏଜି



**ଭୁବନେଶ୍ୱର, ୧୩।୪:** ଗାଁ ଗହଳର ଲୋକଙ୍କୁ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟଜଳ ଯୋଗାଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବାବେଳେ ସମନ୍ୱୟର ଅଭାବ ଯୋଗୁଁ ଲୋକେ ପାଣି ପାଇପାରୁ ନାହାନ୍ତି । କେନ୍ଦୁଝର ଜିଲ୍ଲାର ଆନନ୍ଦପୁରରେ ଏଭଳି ବ୍ୟତିକ୍ରମକୁ ନମୁନା ଭାବେ ଧରିଛନ୍ତି ଓଡ଼ିଶାର ମହା ଲେଖାକାର।

ସିଏଜି ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି ଯେ ଓମ୍ବାଡିସ୍ ପାଣ୍ଡିରେ ଆନନ୍ଦପୁର ଠାରେ ନିର୍ମାଣ ହେଉଥିବା ଗ୍ରାମ୍ୟ ପାନୀୟଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲେ ମଧ ଲୋକେ ପାଣି ପାଇପାରୁ ନଥିଲେ । ଆନନ୍ଦପୁରର ସମସ୍ତ ୧୩ଟି ପ୍ରକଳ୍ପକୁ ଗ୍ରାମ ପଞ୍ଚାୟତକୁ ରକ୍ଷଣା ବେକ୍ଷଣ ପାଇଁ ହସ୍ତାନ୍ତର କରିଥିଲେ । କିନ୍ତୁ ଠିକାଦାରମାନଙ୍କୁ ପରିଚାଳନା ଓ ରକ୍ଷଣା ବେକ୍ଷଣ ମୂଲ୍ୟ ନମିଳିବାରୁ ସେମାନେ ଏହାର ରକ୍ଷଣାବେକ୍ଷଣ କରିନଥିଲେ। ସେହିଭଳି ଯାଜପୁର ଜିଲ୍ଲାରେ ଦୁଇଟି ପାଇପ୍ ଜଳ ପ୍ରକଳ୍ପ ଗ୍ରାମ ପଞ୍ଚାୟତଗୁଡିକୁ ହସ୍ତାନ୍ତର ହୋଇପାରିନଥିଲା ।

ସିଏଜିଙ୍କ ପକ୍ଷରୁ କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକର ମିଠିଗାଁଓ ସହିତ ଅନ୍ୟ ପାଞ୍ଚଟି ଗ୍ରାମରେ ସରଜମିନ ଯାଞ୍ଚ କରାଯାଇଥିଲା । ଯାଞ୍ଚ ସମୟରେ ଜଣାପଡିଥିଲା ଯେ ୧୩ଟି ପ୍ରକଳ୍ପ ମଧ୍ୟରୁ ୬ଟି ପ୍ରକଳ୍ପରେ ତିନି ଜଣ ପମ୍ପଚାଳକ ନିୟୋଜିତ ହୋଇଥିଲେ ମଧ ସେମାନଙ୍କୁ ଦେଢବର୍ଷ ଧରି ଦରମା ଦିଆଯାଇନଥିଲା। ମିଠିଗାଁଓର ଚାରି ପରିବାରକୁ ଜଳ ସଂଯୋଗ ହୋଇନଥିବାବେଳେ ପାଇପରୁ କିନ୍ତୁ ପାଣି ବାହାରି ରାସ୍ତାରେ ଭାସୁଥିଲା ।

ଯାଜପୁର ଜିଲ୍ଲାର ସୁକିନ୍ଦା ବ୍ଲକର ଦୁଇଟି ପାଇପ୍ ଜଳ ଯୋଗାଣ ପ୍ରକଳ୍ପର ଯାଞ୍ଚ ସମୟରେ ଦେଖାଯାଇଥିଲା ଯେ ଠିକାଦାର, ପମ୍ପ ପରିଚାଳକ, ଫିଟର, ସହାୟକ ଇତ୍ୟାଦି ଭଳି କୌଣସି କର୍ମଚାରୀ ଯୋଗାଯାଇନଥିଲା । ବମ୍ପିଲୋକ ଏବଂ ବନ୍ଧ ଗାଁ ଗ୍ରାମରେ ପମ୍ପଗୁଡିକ ଠିକଣା ଭାବେ କାମ କରୁନଥିଲା। ପମ୍ପଗୁଡିକ ୧୦ ରୁ ୧୧୫ ମିନିଟ୍ ଚାଲିବାପରେ ଜଳ ସ୍ତର ଖସିଯାଉଥିବାରୁ ଓଭରହେଡ୍ ଟାଙ୍କି ଭର୍ତ୍ତି ହୋଇପାରୁନଥିଲା କି ଗାଁର ଶେଷ ମୁଣ୍ଡରେ ପାଣି ପହଞ୍ଚି ପାରୁନଥିଲା । ବମ୍ପିଲୋରେ ଜଳ ବିଶୋଧନ ୟୁନିଟ୍ ନଥିବାରୁ ଗାଁ ଲୋକଙ୍କୁ ଆବଶ୍ୟକ ବିଶୋଧନ ବିନା ଜଳ ଯୋଗାଇ ଦିଆଯାଉଥିଲା । ତେଣୁ ଯାଜପୁର ଓ ଆନନ୍ଦପୁର ମଣ୍ଡଳରେ ୧୪କୋଟି ଟଙ୍କା ବ୍ୟୟରେ ନିର୍ମିତ ୧୫ଟି କ୍ଷୁଦ୍ର ପାଇପ୍ ଜଳଯୋଗାଣ ପ୍ରକଳ୍ପର ଦୀର୍ଘୟୁତା ଏବଂ ସ୍ଥାୟିତ୍ୱ ସନ୍ଦେହ ଜନକ ଥିବା ସିଏଜି ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଥିଲେ ।

ଆନନ୍ଦପୁର ଅଞ୍ଚଳରେ ବୃହତ୍ ଜଳଯୋଗାଣ ପ୍ରକଳ୍ପ କ୍ଷେତ୍ରରେ ମଧ ହୋଇଥିବା ଅନିୟମିତତାକୁ ସିଏଜି ଧରିଥିଲେ । ଏଜି ଦର୍ଶାଇଥିଲେ ଯେ ଓମ୍ବାଡିସ୍ ପାଣ୍ଡିରୁ ସୃଷ୍ଟି କୌଣସି ସ୍ଥାୟୀ କିମ୍ବା ଅର୍ଦ୍ଧସ୍ଥାୟୀ ସମ୍ପତ୍ତିର ନଥିପତ୍ର, ରକ୍ଷଣାବେକ୍ଷଣ ଏବଂ ବିସ୍ତୃତ ନିୟମ ଓ ସଂହିତା ଅନୁସାରେ ଏକ ସଂସ୍ଥା କିମ୍ବା ବିଭାଗ ଦ୍ୱାରା ସମୀକ୍ଷା କରାଯିବା ଉଚିତ୍। ହେଲେ ଯାଞ୍ଚ ସମୟରେ ଦେଖିବାକୁ ମିଳିଥିଲା ଯେ ଯାଜପୁର ପରିମଳ ମଣ୍ଡଳର ନିର୍ବାହୀ ଯନ୍ତ୍ରୀ ତିନି ସମ୍ପୂର୍ଣ୍ଣ ପ୍ରକଳ୍ପ ମଧ୍ୟରୁ ମାତ୍ର ଗୋଟିଏ ବୃହତ୍ ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ପାଇଁ ସମ୍ପତ୍ତି ରେଜିଷ୍ଟ୍ରାର ପରିଚାଳନା କରୁଥିଲେ । ସମ୍ପତ୍ତି ରେଜିଷ୍ଟ୍ରାର ତିଆରି ନହେବା ଫଳରେ ତଦାରଖ କରିବାକୁ କ୍ଷମତାପ୍ରାପ୍ତ ବିଭାଗ, ସଂସ୍ଥା ସମ୍ପତ୍ତିର ମୂଲ୍ୟ ଏବଂ ତାହାର ମୂଲ୍ୟହ୍ରାସ ଇତ୍ୟାଦି ତଥ୍ୟର ଅଭାବ ରହିଥିଲା । (ତଥ୍ୟ)

# ଓଡ଼ିଶୀକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନରେ ବିଳମ୍ବ



**ଭୁବନେଶ୍ୱର,୧୩।୪:** ଓଡ଼ିଶୀ ସଂଗୀତକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ ଲାଗି ଦୀର୍ଘ ବର୍ଷ ଧରି ରାଜ୍ୟର ସଙ୍ଗୀତଜ୍ଞ ଓ ସଙ୍ଗୀତପ୍ରେମୀ ଦାବି କରିଆସୁଥିବା ବେଳେ ଏହି ପ୍ରସଙ୍ଗରେ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ କିମ୍ବା ସଂସ୍କୃତି ମନ୍ତ୍ରାଳୟ ଅଦ୍ୟାବଧି କୌଣସି ଘୋଷଣା କରିନାହାନ୍ତି ।

ଗତ ୨୦୧୪ ମାର୍ଚ୍ଚ ୧୧ ତାରିଖରେ ଓଡ଼ିଆ ଭାଷାକୁ କେନ୍ଦ୍ର ସରକାର ଦେଶର ଷଷ୍ଠ ଶାସ୍ତ୍ରୀୟ ଭାଷା ଭାବେ ମାନ୍ୟତା ପ୍ରଦାନ କରିଥିଲେ । ଓଡ଼ିଆ ପୂର୍ବରୁ ତାମିଲ, ସଂସ୍କୃତ, କନ୍ନଡ, ତେଲଗୁ ଓ ମାଲାୟାଲମ୍ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇଥିଲା । ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବାର ପ୍ରାୟ ୧୦ ବର୍ଷ ପରେ ଅହମିଆ, ବଙ୍ଗଳା, ମରାଠୀ, ପାଲି ଓ ପ୍ରାକୃତ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ କରାଯାଇଛି ।

ଓଡ଼ିଶା ବିଧାନସଭାର ଗତ ବଜେଟ୍ ଅଧିବେଶନ ସମୟରେ ଏକ ପ୍ରଶ୍ନର ଉତ୍ତରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓଡ଼ିଆ ଭାଷାକୁ କେନ୍ଦ୍ର ସରକାରଙ୍କ ଦ୍ୱାରା ଶାସ୍ତ୍ରୀୟ ମାନ୍ୟତା ପ୍ରଦାନର ଉଲ୍ଲେଖ କରିଥିବା ବେଳେ ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ପ୍ରସଙ୍ଗରେ ଯାହା କହିଛନ୍ତି, ତାହା ଏବେ ସଂସ୍କୃତିପ୍ରେମୀଙ୍କ ମନକୁ ଆନ୍ଦୋଳିତ କରୁଛି। ସରକାରଙ୍କ ପକ୍ଷରୁ ଲିଖିତ ଉତ୍ତର ରଖି ମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶୀ ନୃତ୍ୟକୁ ଶାସ୍ତ୍ରୀୟ ନୃତ୍ୟ ହିସବାରେ ବିବେଚନା କରାଯାଉଛି, କିନ୍ତୁ ଏଥିନିମନ୍ତେ କୌଣସି ବିଧିବଦ୍ଧ ପ୍ରମାଣପତ୍ର ପ୍ରଦାନ କରାଯାଇନାହିଁ। କୌଣସି ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ ପାଇଁ କେନ୍ଦ୍ର ସରକାରଙ୍କ ପ୍ରାବଧାନ ନାହିଁ ବୋଲି ବିଭାଗୀୟ ମନ୍ତ୍ରୀ ତାଙ୍କର ଲିଖିତ ଉତ୍ତରରେ ରୋକ୍‌ଠୋକ୍ ଦର୍ଶାଇଛନ୍ତି । ଭାରତ ନାଟ୍ୟମ, କଥକ, କୁଚିପୁଡ଼ି, ଓଡ଼ିଶୀ, କଥକଲି, ସତ୍ରିୟା, ମଣିପୁରୀ ଓ ମୋହିନିଆଟ୍ୟମ୍‌କୁ କେନ୍ଦ୍ର ସଂଗୀତ ନାଟକ ଏକାଡେମୀ ଶାସ୍ତ୍ରୀୟ ନୃତ୍ୟ ଭାବେ ଘୋଷଣା କରିଥିବାବେଳେ ଛଉ ନୃତ୍ୟକୁ ସଂସ୍କୃତି ମନ୍ତ୍ରାଳୟ ଅନ୍ତର୍ଭୁକ୍ତ କରିଛି ବୋଲି ବାରମ୍ବାର କୁହାଯାଉଛି । ତେବେ ଓଡ଼ିଶୀ ନୃତ୍ୟକୁ ଶାସ୍ତ୍ରୀୟ ନୃତ୍ୟ ଘୋଷଣା ସଂକ୍ରାନ୍ତରେ କୌଣସି ବିଧିବଦ୍ଧ ପ୍ରମାଣପତ୍ର ପ୍ରଦାନ କରାଯାଇନଥିବା ସଂକ୍ରାନ୍ତରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ବକ୍ତବ୍ୟ ରଖିବା ପରେ ଏହି ପ୍ରମାଣପତ୍ର ହାସଲ ଓ ତାହାର ପ୍ରଦର୍ଶନ ପାଇଁ ଏବେ ଦାବି ଜୋର ଧରୁଛି।

ସେହିଭଳି ଓଡ଼ିଶୀ ସଙ୍ଗୀତ ଓଡ଼ିଶୀ ନୃତ୍ୟଠାରୁ ପୁରୁଣା ହୋଇଥିବା ଏବଂ ହିନ୍ଦୁସ୍ତାନୀ ଓ କର୍ଣ୍ଣାଟକୀ ଭଳି ଓଡ଼ିଶୀ ସଂଗୀତର ଗଣବତ୍ତା ଦେଶ ବିଦେଶରେ ପ୍ରଶଂସିତ ହେଉଥିବା ବେଳେ ଓଡ଼ିଶୀ ସଙ୍ଗୀତକୁ କାହିଁକି ଶାସ୍ତ୍ରୀୟ ମାନ୍ୟତା ଦିଆଯାଉନାହିଁ, ସେଥିଘେନି ମଧ୍ୟ ସଂସ୍କୃତିପ୍ରେମୀମାନେ ପ୍ରଶ୍ନ ଉଠାଉଛନ୍ତି।

ଓଡ଼ିଆ ଅସ୍ମିତା ପ୍ରସଙ୍ଗ ଗତ କିଛିଦିନ ଧରି ବେଶ୍ ଚର୍ଚ୍ଚାରେ ଥିବା ବେଳେ ଓଡ଼ିଶାରେ ଓଡ଼ିଆ ଭାଷାର ବିଶୁଦ୍ଧ ବ୍ୟବହାର କମିବା, ଓଡ଼ିଆକୁ ୧୯୫୪ ମସିହାରୁ ସରକାରୀ ଭାଷା ଭାବେ ଆଇନ୍‌ତଃ ଗ୍ରହଣ କରାଯାଇଥିବା ବେଳେ ୭୦ ବର୍ଷ ଧରି ସରକାରୀ ସ୍ତରରେ ଓଡ଼ିଆ ବ୍ୟବହାର ସନ୍ତୋଷଜନକ ହେଉନଥିବା ଏବଂ ସର୍ବୋପରି ପ୍ରାଥମିକ ବିଦ୍ୟାଳୟଠାରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଓଡ଼ିଆ ଭାଷା ଶିକ୍ଷାରମାନ ଶିକ୍ଷକ ମରୁଡ଼ି ଓ ଅନ୍ୟାନ୍ୟ କାରଣରୁ ହ୍ରାସ ପାଉଥିବା ଘେନି ବାରମ୍ବାର ଉଦ୍‌ବେଗ ପ୍ରକାଶ ପାଉଛି। ଏହି ସମସ୍ୟାର ସମାଧାନ ଲାଗି ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ଗଣଚେତନା ଜାଗରଣ ଲାଗି ଭାଷା ପ୍ରେମୀମାନେ ବାରମ୍ବାର କହି ଆସୁଛନ୍ତି ।

ଓଡ଼ିଶୀ ନୃତ୍ୟକୁ ଶାସ୍ତ୍ରୀୟ ନୃତ୍ୟ ହିସାବରେ ବିବେଚନା କରାଯାଉଥିବା ବେଳେ ଏହାର ବିଧିବଦ୍ଧ ପ୍ରମାଣପତ୍ର ହାସଲ କରିବା ଓ ଓଡ଼ିଶୀ ସଂଗୀତକୁ କିଭଳି ତୁରନ୍ତ ଶାସ୍ତ୍ରୀୟ ମାନ୍ୟତା ମିଳିବ ସେ ଦିଗରେ ଦଳମତ ନିର୍ବିଶେଷରେ ସମ୍ମିଳିତ ଉଦ୍ୟମ ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରତି ଆଗ୍ରହ ରଖିଥିବା ସଂଗଠନ ଓ ବ୍ୟକ୍ତି ବିଶେଷ ଦାବି ଉଠାଇବା ସ୍ୱାଭାବିକ । (ତଥ୍ୟ)

## ଚନ୍ଦନ ଯାତ୍ରା ପାଇଁ ନରେନ୍ଦ୍ର ପୁଷ୍କରିଣୀରୁ କଢ଼ାଗଲା ୫ ଡଙ୍ଗା



**ପୁରୀ, ୧୩।୪ (ସଂଚାର ବ୍ୟୁରୋ) :** ପରମ୍ପରା ଅନୁଯାୟୀ ଗତକାଲି ଚୈତ୍ର ପୂର୍ଣ୍ଣିମା ଅବସରରେ ନରେନ୍ଦ୍ର ପୁଷ୍କରିଣୀରେ ବର୍ଷ ସାରା ବୁଡ଼ି ରହିଥିବା ନନ୍ଦା ଓ ଭଦ୍ରା ଚାପ ଡଙ୍ଗା ସମେତ ଅନ୍ୟ ଡଙ୍ଗାକୁ ଭୋଇ ସେବାୟତ ବାହାର କରିଛନ୍ତି । ପରମ୍ପରା ଅନୁସାରେ ଗତବର୍ଷ ଚାପର ହଳଦୀ ପାଣି ନୀତି ପରେ ନରେନ୍ଦ୍ର ପୁଷ୍କରିଣୀରେ ବୁଡ଼ାଇ ଦିଆଯାଇଥିବା ନନ୍ଦା, ଭଦ୍ରା ଚାପର ୪ଟି ଓ ବୈଜୟନ୍ତୀ ଚାପ ଡଙ୍ଗାକୁ ଚୈତ୍ର ପୂର୍ଣ୍ଣମୀରେ ପାଣି ଭିତରୁ ବାହାର କରାଯାଇଛି । ୨୮ ଜଣ ଭୋଇ ସେବକ ଅତି ସତର୍କତା ଓ କଠିନ ପରିଶ୍ରମ କରି ଗୋଟିଏ ପରେ ଗୋଟିଏ ଡଙ୍ଗା ବାହାର କରି ଏହାକୁ ସଜାଇ ରଖିଥିଲେ। ଆସନ୍ତା ଏପ୍ରିଲ ୩୦ ତାରିଖରେ ପବିତ୍ର ଅକ୍ଷୟ ତୃତୀୟା ପାଳନ ହେବାକୁ ଯାଉଛି । ଏହି ଦିନ ରଥ ନିର୍ମାଣ ଶୁଭାରମ୍ଭ ସହ ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ଚନ୍ଦନ ଯାତ୍ରା ଆରମ୍ଭ ହୋଇଥାଏ । ମହାପ୍ରଭୁ ନରେନ୍ଦ୍ର ସରୋବରରେ ୨୧ ଦିନ ବ୍ୟାପୀ ଜଳକ୍ରୀଡା କରିବେ। ଗତକାଲି ନରେନ୍ଦ୍ର ପୁଷ୍କରିଣୀ ଜଳ ଭିତରେ ଥିବା ମହାପ୍ରଭୁଙ୍କ ଚାପ ଡଙ୍ଗାକୁ ଭୋଇ ସେବକମାନେ ବାହାର କରିଛନ୍ତି । ମହାରଣା ସେବକମାନେ ଏହାକୁ ମରାମତି କରିବା ପରେ ଚାପ ଡଙ୍ଗା ଗୁଡ଼ିକ ପ୍ରସ୍ତୁତ ହେବ । ସେପଟେ ଚନ୍ଦନ ଯାତ୍ରାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ଗତକାଲି ଭୋଇ ସର୍ଦ୍ଦାର ରବି ଭୋଇଙ୍କ ତତ୍ତ୍ୱାବଧାନରେ ଭୋଇ ସେବକ ନନ୍ଦା, ଭଦ୍ରା ଓ ବୈଜୟନ୍ତରୀ ସମୁଦାୟ ୫ଟି ଡଙ୍ଗାକୁ ପାଣି ଭିତରୁ କାଢ଼ିଛନ୍ତି । ଏହି ଡଙ୍ଗା ଗୁଡିକୁ ଖରାରେ ଶୁଖାଯିବା ପରେ ପିଚୁ ରାଳ ଦିଆଯାଇ ମରାମତି କରାଯିବ ।

## ପମ୍ପ ପୁନରୁଦ୍ଧାର କାର୍ଯ୍ୟରେ ଅନିୟମିତତା: ଭିଜିଲାନ୍ସ ତଦନ୍ତ ଦାବି

**ଛତ୍ରପୁର, ୧୩।୪ (ସଂଚାର ବ୍ୟୁରୋ) :** ନିମ୍ନମାନର କାମ ସହ ଆର୍ଜବେଷ୍ଟ ଉପରେ ସିମେଣ୍ଟ ପକାଇ ସରକାରୀ ଅର୍ଥକୁ ହରିଲୁଟ କରିଥିବା ଅଭିଯୋଗ ହୋଇଛି। ଏପରି ଘଟଣା ଦେଖିବାକୁ ମିଳିଛି ଖୋଦ ଗଞ୍ଜାମ ଜିଲା ସଦର ମହାକୁମା ଛତ୍ରପୁର ବ୍ଲକ୍ ଅନ୍ତର୍ଗତ ବରଙ୍ଗ ଗ୍ରାମ ନିକଟ ବଡ଼ ମାଧପୁର ୩ନଂ. ଉଠାଜଳସେଚନ ପମ୍ପ କାର୍ଯ୍ୟରେ।

ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ମଧୁ ଚନ୍ଦ୍ରିକା ଏବେ ପଦାରେ ପଡ଼ିଛି। କାର୍ଯ୍ୟ ନିମ୍ନମାନର ସହ ଅନିୟମିତତା ହୋଇଥିବା ଅଞ୍ଚଳର ଚାଷୀମାନେ କହିଛନ୍ତି। ଏନେଇ ସେମାନେ ବାରମ୍ବାର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଗୁହାରୀ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଫଳରେ ଚାଷୀମାନେ ବାଧ୍ୟ ହୋଇ ଭିଜିଲାନ୍ସ ତଦନ୍ତ ପାଇଁ ଦାବି କରିଛନ୍ତି।

ଅନ୍ୟପଟେ ବିଜରଙ୍ଗୀ ପାଣିପଞ୍ଚାୟତର କର୍ମକର୍ତ୍ତା ଓ ସଦସ୍ୟଙ୍କ ଅଜଣାତରେ ମଧ୍ୟ ଠିକାଦାର ଏବଂ ଯନ୍ତ୍ରୀ ମନମୁତାବକ କାମ କରିଛନ୍ତି ବୋଲି ପାଣିପଞ୍ଚାୟତର ସଭାପତି ମହନ୍ତର ନାହାକ ଏବଂ କୋଷାଧ୍ୟକ୍ଷ ପ୍ରଣୟ ପ୍ରଧାନ ଅଭିଯୋଗ କରିଛନ୍ତି। ସେମାନଙ୍କ କହିବା ଅନୁଯାୟୀ, ବରଙ୍ଗ ଗ୍ରାମରେ ଥିବା ବଡ଼ମାଧପୁର ୩ନଂ. ଉଠାଜଳସେଚନ ପ୍ରକଳ୍ପଟି ଫାଇଲିନ ବାତ୍ୟାରେ ଭାଙ୍ଗି ଯାଇଥିଲା। ଏନେଇ ଗ୍ରାମର ଚାଷୀମାନେ ବାରମ୍ବାର ଜିଲା ପ୍ରଶାସନଙ୍କୁ ଲିଖିତ ଭାବରେ ଜଣାଇବା ପରେ ୨୦୨୩ରେ ପମ୍ପଟିର ମରାମତି କରିବା ପାଇଁ ସରକାରଙ୍କ ତରଫରୁ ୧୩, ୭୨,୦୦୦ଟଙ୍କା ଆର୍ଥିକ ମଞ୍ଜୁର ହୋଇଥିଲା। ଏହାର ମରାମତି କାମ ସକାଶେ ଗ୍ରାମର ଚାଷୀ କିମ୍ବା ବଜରଙ୍ଗୀ ପାଣିପଞ୍ଚାୟତକୁ ନ ଜଣାଇ ଠିକାଦାର ସେଠାରେ ନିମ୍ନମାନର କାମ କରିଛନ୍ତି। ଏହାସହ ସମସ୍ତ ଅର୍ଥ ହରି ଲୁଟ କରିଛନ୍ତି। କାର୍ଯ୍ୟ ସ୍ଥଳକୁ ନ ଯାଇ ବିଭାଗୀୟ ଅଧିକାରୀମାନେ ବିଲ କରି ଦେଇଛନ୍ତି। ପମ୍ପଟି ୫ ବର୍ଷ ହେଲା ଅଚଳ ହୋଇ ପଡ଼ିଥିଲା। ଟିପିଏସ୍‌ଡିଓଏଲ ଅଧିକାରୀମାନେ ପୂର୍ବରୁ ସବୁ ବକେୟା ଏବଂ ଅଚଳ ଥିବା ସମୟରେ ବିଲ ମଧ୍ୟ ପକାଇଛନ୍ତି। ଯାହା ଚାଷୀଙ୍କୁ ଚିନ୍ତାରେ ପକାଇଛି। ଏହାର ସଠିକ ତଦନ୍ତକରି ଚାଷୀଙ୍କୁ ଉଚିତ ନ୍ୟାୟ ପ୍ରଦାନ କରାଯାଉ ବୋଲି ସେମାନେ ଦାବି କରିଛନ୍ତି।

## ବିଷାକ୍ତ ଜାମୁକୋଳି ଖାଇ ୫ ଶିଶୁ ଅସୁସ୍ଥ



**ନୀଳଗିରି, ୧୩।୪ (ସଂଚାର ବ୍ୟୁରୋ) :** ବିଷାକ୍ତ ଜାମୁକୋଳି ଖାଇ ୫ ଶିଶୁ ଅସୁସ୍ଥ । ବାଲେଶ୍ୱର ଭୋଗରାଇ ବ୍ଲକର ଉଲୁଡ଼ା ଅଞ୍ଚଳରୁ ଆସିଛି ଏଭଳି ଅଭିଯୋଗ । ଉଲୁଡ଼ା ଅଞ୍ଚଳର ବୁଦ୍ଧି ପଟାଇ ନାମକ ଜଣେ ମହିଳା ବାଡ଼ିରେ ଥିବା ଜାମୁକୋଳି ଗଛରେ ପୋକ ଲାଗିବାରୁ କୀଟନାଶକ ଔଷଧ ଦେଇଥିଲେ । କିଛି ସମୟ ପରେ ପରିବାରର ଛୋଟ ଛୋଟ ପିଲା ବାଡ଼ିରେ ଖେଳୁଥିବା ବେଳେ ଭୁଲବଶତଃ ସେଇ ଗଛରୁ ଜାମୁକୋଳି ତୋଳି ଖାଇଥିଲେ । କିଛି ସମୟ ପରେ ପିଲାଙ୍କ ଦେହ ଅସୁସ୍ଥ ହୋଇଥିଲା । ପରିବାର ଲୋକେ ସଙ୍ଗେ ସଙ୍ଗେ ପିଲାମାନଙ୍କୁ କମର୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ଅବସ୍ଥା ବିଗିଡ଼ିବାରୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଶିଶୁ ଭବନକୁ ପଠାଯାଇଛି ।

## ବନ୍ଧୁକ ଜବତ, ୧ ଗିରଫ

**ଭଞ୍ଜନଗର,୧୩।୪(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଭଞ୍ଜନଗର ପୋଲିସ ରବିବାର ବାଇବାଲିର ପଞ୍ଚାନନ ନାଇକଙ୍କୁ ଏକ ହତ୍ୟା ଧମକ ମାମଲାରେ ଗିରଫ କରିଛନ୍ତି। ଏଥିସହ ତାଙ୍କଠାରୁ ପୋଲିସ ଏକ ଦେଶୀ ବନ୍ଧୁକ ଜବତ କରିଛି। ସାରେ ପଞ୍ଚାନନଙ୍କୁ ଭଞ୍ଜନଗର କୋର୍ଟ ଚାଲାଣ କରାଯାଇଛି।



ଘଟଣାରୁ ପ୍ରକାଶ ଯେ, ବାଇବାଲିର ଉଦୟ ନାଇକ ଓ ପଞ୍ଚାନନ ମଧ୍ୟରେ ପୂର୍ବରୁ ଉଦୟ ରହୁଥିବା ଘରକୁ ନେଇ ବିବାଦ ଥିଲା। ଗତକାଲି ପଞ୍ଚାନନ ଉଦୟଙ୍କ ଘରକୁ ବନ୍ଧୁକ ଧରି ଯାଇ ତାକୁ ଏବଂ ତାଙ୍କ ପରିବାରର ସଦସ୍ୟମାନଙ୍କୁ ହତ୍ୟା ଧମକ ଦେଇଥିଲେ। ଏଥିସହ ଘରୁ ବାହାରି ଯିବାକୁ ଧମକ ଦେଇଥିଲେ। ଯାହାକୁ ନେଇ ଉଦୟ ପରିବାର ଆତଙ୍କିତ ଅବସ୍ଥାରେ ଥିଲେ। ଏହାପରେ ଗତକାଲି ରାତିରେ ଉଦୟ ଭଞ୍ଜନଗର ଥାନାରେ ଘଟଣା ସମ୍ପର୍କରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ୩୮୫/୨୫ରେ ଏକ ମାମଲା ରୁଜୁ କରି ରବିବାର ଅଭିଯୁକ୍ତ ପଞ୍ଚାନନଙ୍କୁ ଗିରଫ କରିଛି।

## ଦୁଇଦିନିଆ ଗବେଷଣା ପଦ୍ଧତି କର୍ମଶାଳା ଉଦ୍‌ଯାପିତ

**ଭୁବନେଶ୍ୱର,୧୩।୪(ସଂଚାର ବ୍ୟୁରୋ):** ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ-ସ୍ୱୟମ୍ ଓ ଭାରତୀୟ ଶିକ୍ଷା ମଣ୍ଡଳ, ଓଡ଼ିଶା ପଶ୍ଚିମ ପ୍ରାନ୍ତର ମିଳିତ ଆନୁକୁଲ୍ୟରେ ଏଠାରେ ଏକ ଦୁଇଦିନିଆ ଗବେଷଣା ପଦ୍ଧତି କର୍ମଶାଳା ଆଜି ଉଦ୍‌ଯାପିତ ହୋଇଛି। ଗତକାଲି ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ କର୍ମଶାଳାର ଉଦ୍‌ଘାଟନୀ ଉତ୍ସବରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ, ହାଇଦ୍ରାବାଦର ଆରଏମ୍ କଲେଜର ପୂର୍ବତନ ଅଧ୍ୟକ୍ଷ ଓ ଗବେଷଣା ନିର୍ଦ୍ଦେଶକ ପ୍ରଫେସର ଡି. କେ. ଲାଲଦାସ, ପ୍ରାନ୍ତ ପ୍ରଚାରକ, ଓଡ଼ିଶା-ପଶ୍ଚିମ ପ୍ରାନ୍ତ ଶଙ୍କର ପଣ୍ଡା ଓ ଏମ୍‌ଓଏସି ସଂଯୋଜକ ଏବଂ ବିସିଏନ୍‌ଆର୍ ଏବଂ ପ୍ରାଣୀ ବିଜ୍ଞାନ ବିଭାଗର ଭାରପ୍ରାପ୍ତ ମୁଖ୍ୟ ଡକ୍ଟର କାକୋଲି ବାନାର୍ଜୀ ଯୋଗଦେଇଥିଲେ।




କାର୍ଯ୍ୟକ୍ରମ ସଂଯୋଜକ ଡକ୍ଟର କାକୋଲି ବାନାର୍ଜୀ ସ୍ୱାଗତ ଭାଷଣ ଦେଇ କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥଇଲେ। ସେହିପରି ଶ୍ରୀ ପଣ୍ଡା ଗବେଷଣାକୁ ଏକ ସାମାଜିକ କାର୍ଯ୍ୟ ଭାବେ ବର୍ଣ୍ଣନା କରିବା ସହ ସେ ସ୍ୱାଧୀନତା ପୂର୍ବ ସମୟରୁ ବର୍ତ୍ତମାନ ଯୁଗକୁ ସାମାଜିକ କାର୍ଯ୍ୟର ସ୍ୱଭାବ କିପରି ପରିବର୍ତ୍ତନ ହୋଇଛି, ତାହାର ବିଶ୍ଳେଷଣ କରିଥିଲେ। ଆଜିକାଲି ଯଦି କେହି ଜଣେ ସମାଜସେବୀ ହୁଅନ୍ତି, ତେବେ ସମସ୍ତେ ତାଙ୍କର ରାଜନୀତିରେ ଯୋଗଦେବା ଏବଂ ନିର୍ବାଚନ ଲଢ଼ିବାର ମହତ୍ତ୍ୱାକାଂକ୍ଷା ଅଛି ବୋଲି ସନ୍ଦେହ କରନ୍ତି। ତେବେ କୁଳପତି ପ୍ରଫେସର ତ୍ରିପାଠୀଙ୍କ ନେତୃତ୍ୱରେ ବିଶ୍ୱବିଦ୍ୟାଳୟର ଛାତ୍ର-ଛାତ୍ରୀ ଓ ବିଦ୍ୱାନଙ୍କ ମଧ୍ୟରେ ସେବା ମାନସିକତା ସୃଷ୍ଟି ହୋଇପାରିବ ବୋଲି ସେ ଆଶା କରିଛନ୍ତି।

ସେହିପରି ପ୍ରଫେସର ଦାସ ସାମ୍ପ୍ରତିକ ପରିପ୍ରେକ୍ଷୀରେ ଗବେଷଣା କ୍ଷେତ୍ର ଭାରତ ଅନ୍ୟ ଦେଶ ତୁଳନାରେ ଯଥେଷ୍ଟ ପଛରେ ରହିଛି। ଜ୍ଞାନ ଓ ତାଲିମର ଅଭାବ ଯୋଗୁଁ ଭାରତୀୟ ଶିକ୍ଷାନୁଷ୍ଠାନଗୁଡ଼ିକରେ ଗବେଷଣାର ଗୁଣବତ୍ତା ସ୍ଥିତି ସେତେଟା ଉନ୍ନତ ନଥିବାରୁ ଏନେଇ ସେ ଚିନ୍ତା ପ୍ରକଟ କରିଥିଲେ। ସେହିପରି କୁଳପତି ପ୍ରଫେସର ତ୍ରିପାଠୀ ଉପନିବେଶବାଦ ପରବର୍ତ୍ତୀକାଳୀନ ଭାରତରେ ୟୁରୋପୀୟ ଆକ୍ରମଣ ଓ ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତି ଯୋଗୁଁ ଶିକ୍ଷା ଓ ଗବେଷଣା ସେତେଟା ଆଗକୁ ଯାଇପାରିନାହିଁ ବୋଲି କହିବା ସହ ପାଶ୍ଚାତ୍ୟ ସଂସ୍କୃତି ପଛରେ ଗୋଡ଼ାଇ ଆମେ ବହୁତ କିଛି ହରାଇଛୁ ବୋଲି କହିଛନ୍ତି। ଏପରି ସ୍ଥିତିରେ ଏକ ଉନ୍ନତ ସମାଜ ଗଠନ ପାଇଁ ଭାରତୀୟ ନୀତିରେ ନିହିତ ଗବେଷଣାରେ ନିୟୋଜିତ ହେବା ସକାଶେ ସେ ଆହ୍ୱାନ କରିଛନ୍ତି। ଏହି ଅବସରରେ ଭାରତୀୟ ଶିକ୍ଷା ମଣ୍ଡଳର ଉମେଶ ସିଂହଙ୍କୁ ସମ୍ମାନିତ କରାଯାଇଥିବା ବିଶ୍ୱବିଦ୍ୟାଳୟର ଲୋକସମ୍ପର୍କ ଅଧିକାରୀ ଡକ୍ଟର ଫଗୁନାଥ ଭୋଇ ସୂଚନା ଦେଇଛନ୍ତି। ସମାଜଶାସ୍ତ୍ର ବିଭାଗର ସହକାରୀ ପ୍ରଫେସର ଡକ୍ଟର ନୂପୁର ପଟ୍ଟନାୟକ ଧନ୍ୟବାଦ ପ୍ରସ୍ତାବ ଦେଇଥିବା ବେଳେ ହିନ୍ଦୀ ବିଭାଗ ସହକାରୀ ପ୍ରଫେସର ଡକ୍ଟର ମନୋଜ ସିଂହ ଉଦ୍‌ଘାଟନୀ ଅଧିବେଶନର ସଂଯୋଜନା କରିଥିଲେ।

ଏହା ପରେ ବୈଷୟିକ ଅଧିବେଶନଗୁଡ଼ିକରେ ପ୍ରଫେସର ଲାଲଦାସ, ପ୍ରଫେସର ଉମା ଶଙ୍କର ମିଶ୍ର, ଡିନ୍, ସ୍କୁଲ୍ ଅଫ୍ କମର୍ସ ଆଣ୍ଡ୍ ମ୍ୟାନେଜମେଣ୍ଟ ଷ୍ଟଡିଜ୍, ମୁଖ୍ୟ, ବ୍ୟବସାୟ ପରିଚାଳନା ବିଭାଗ, ରାଜସ୍ଥାନ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଡକ୍ଟର ଆମୋଦ ଗୁର୍ଜର, ସହାୟକ ପ୍ରଫେସର, ମାତୃ ସେବା ସଂଘ ସାମାଜିକ କାର୍ଯ୍ୟ ପ୍ରତିଷ୍ଠାନ, ବଜାଜ ନଗର, ନାଗପୁର, ପ୍ରଫେସର ଭରତ କୁମାର ପଣ୍ଡା, ପ୍ରଫେସର ଏବଂ ଏଚ୍‌ଓଡି, ଶିକ୍ଷା ବିଭାଗ, ସିୟୁଓ ଏବଂ ଡକ୍ଟର ପ୍ରଦୀପ କୁମାର, ସହାୟକ ପ୍ରଫେସର, ଡିଏସଟିଏଟି, ସିୟୁଓ ଦ୍ୱାରା ବକ୍ତୃତା ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ଦିନରେ ମଧ୍ୟ ବିଶିଷ୍ଟ ଅଧ୍ୟାପକଙ୍କ ଦ୍ୱାରା ଗବେଷଣାର ବିଭିନ୍ନ ଦିଗ ଉପରେ ବକ୍ତୃତା ପ୍ରଦାନ କରାଯାଇଥିଲା। କର୍ମଶାଳାରେ ୭୫ ଜଣ ଗବେଷଣା ବିଦ୍ୱାନ, ପିଜି ଛାତ୍ର ଏବଂ ବହୁ ସଂଖ୍ୟାରେ ଅଧ୍ୟାପକ ଅଂଶଗ୍ରହଣ କରିଥିଲେ।

## ଦମ୍ପତିଙ୍କୁ ବାନ୍ଧି ଲୁଟିନେଲେ ୫ ଲକ୍ଷ ଟଙ୍କା



**ସୋର, ୧୩।୪ (ସଂଚାର ବ୍ୟୁରୋ) :** ଦମ୍ପତିଙ୍କୁ ବାନ୍ଧି ୫ ଲକ୍ଷ ଟଙ୍କା ଲୁଟିନେଲେ । ପୋଷ୍ଟ ମାଷ୍ଟରର ଘରୁ ଲୁଟ ଅଭିଯୋଗ ହୋଇଛି । ବାଲେଶ୍ୱର ଜିଲ୍ଲା ଅନନ୍ତପୁର ଫାଣ୍ଡି ତେଷ୍ଟେଇ ଗାଁର ପୋଷ୍ଟ ମାଷ୍ଟର ବାଟକୃଷ୍ଣ ମଳିକଙ୍କ ଘରୁ ଡକାୟତି । ଆଖିରେ ପଟି ବାନ୍ଧି ମୁଣ୍ଡରେ ଲୁହା ରଡ୍ ଲଗାଇ ୫ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି । ତା ସହ ସୁନା ହାର, ଦୁଇ ହଳ କାନଫୁଲ ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ପୋଷ୍ଟ ମାଷ୍ଟର ବାଟକୃଷ୍ଣ ଓ ସ୍ତ୍ରୀ ସୁରତୀଙ୍କ ହାତ ଓ ଆଖି ବାନ୍ଧିବା ପରେ ହତ୍ୟା ଧମକ ଦେଇ ଟଙ୍କା ଲୁଟି ନେଲେ । ଗତକାଲି ବିଳମ୍ବିତ ରାତିରେ ଚାରି ଜଣ ଡକାୟତ ମୁହଁରେ କପଡା ବାନ୍ଧି ଏହି ଲୁଟପାଟ କରିଥିଲେ ।

## ଅଗ୍ନିକାଣ୍ଡରେ ଜଳିଗଲା ୧୦ବଖରା



**କାମାକ୍ଷାନଗର, ୧୩।୪ (ସଂଚାର ବ୍ୟୁରୋ) :** ଅଗ୍ନିକାଣ୍ଡରେ ସବୁ କିଛି ହୋଇଗଲା ଛାରଖାର । ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବ୍ଲକ ସାରୁଆଳି ପଞ୍ଚାୟତ କୃଷ୍ଣପୁର ସାହିରେ ଘଟିଛି ଏଭଳି ଭୟାଭୟ ଅଗ୍ନିକାଣ୍ଡ । ଜଳିଗଲା ୧୦ବଖରାରୁ ଅଧିକ ଘର ସମେତ ଲକ୍ଷାଧିକ ଟଙ୍କା। ଗତକାଲି ବିଳମ୍ବିତ ରାତିରେ ଦୂଲ୍ଲବ ବିଶ୍ୱାଳଙ୍କ ପରିବାର ସମସ୍ତେ ଖାଇସାରି ଶୋଇବା ପରେ ତାଙ୍କରି ଘରୁ ପ୍ରଥମେ ନିଆଁ ଲାଗିଥିଲା । ଗାଁରେ ଦଣ୍ଡ କରୁଥିବା ଯୁବକ ମାନେ ପ୍ରଥମେ ନିଆଁକୁ ଦେଖି ସମସ୍ତଙ୍କୁ ଉଠାଇଥିଲେ । ଦେଖୁଦେଖୁ ପ୍ରମୋଦ ବିଶ୍ୱାଳ,ସଞ୍ଜୟ ବିଶ୍ୱାଳ ଓ ବିଜୟ ବିଶ୍ୱାଳଙ୍କ ଘର ପୋଡିଯାଇଥିଲା। ନିଆଁର ପ୍ରକୋପରୁ ନିଜ ଜୀବନ ବଞ୍ଚାଇବାକୁ ଯାଇ ସମସ୍ତ ଘରୁ ବାହରକୁ ପଳାଇ ଆସିଥିଲେ । ତେବେ ଧାନ,ଚାଉଳ,ଘରର ବିଭିନ୍ନ ସାମଗ୍ରି,ଘର ତିଆରି କରିବା ପାଇଁ ଥିବା ପଟା, ରୋଷେଇ ସାମଗ୍ରି ସବୁ ପୋଡି ପାଉଁଶ ହୋଇଯାଇଛି । ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳକୁ ୨ଘଣ୍ଟାପରେ ନିଆଁକୁ ଆୟତ କରିଥିଲେ ।

## ମୃତ୍ୟୁ ସହ ସଂଗ୍ରାମ କରୁଛି ନାଗୁଣୀ; ପେଟରୁ ବାହାରିଲା ୨୩ ଅକ୍ଷତ ଅଣ୍ଡା



**ଭୁବନେଶ୍ୱର, ୧୩।୪ (ସଂଚାର ବ୍ୟୁରୋ) :** ଜୀବନ ଓ ମୃତ୍ୟୁ ସହ ସଂଗ୍ରାମ କରୁଛି ଜେସିବି ବକେଟ ବାଜି ଗୁରୁତର ଆହତ ହୋଇଥିବା ନାଗୁଣୀ। ଯନ୍ତ୍ରଣାରେ ଛଟପଟ ହେଉଥିବା ନାଗୁଣୀକୁ ଉଦ୍ଧାର କରିଛି ସ୍ନେକ ହେଲ୍ପ ଲାଇନ। ଉଦ୍ଧାର ଗର୍ଭବତୀ ନାଗୁଣୀର ଓୟୁଏଟିରେ ଚିକିତ୍ସା ଚାଲିଛି। ଓୟୁଏଟି ଭେଟନାରୀ କଲେଜ ସର୍ଜରି ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡାକ୍ତର ବିଶ୍ୱଦୀପ ଜେନାଙ୍କ ନେତୃତ୍ୱରେ ଟିମ ଅପରେସନ କରି ନାଗୁଣୀ ପେଟରୁ ୨୩ଟି ଅଣ୍ଡା ବାହାର କରିଛନ୍ତି।

## ସାର୍କ ମାଛ ମାରି ପଶ୍ଚିମବଙ୍ଗ ଚାଲାଣ, ୨ଅଟକ



**ବ୍ରହ୍ମଗିରି, ୧୩।୪ (ସଂଚାର ବ୍ୟୁରୋ) :** ସାର୍କ ମାଛକୁ ମାରି ପଶ୍ଚିମବଙ୍ଗ ଚାଲାଣ କରୁଥିଲେ । ମାଡ଼ି ବସିଲା ବନ ବିଭାଗ । ବ୍ରହ୍ମଗିରି ବନବିଭାଗ ଚଢ଼ଉ କରି ସାର୍କ ମାଛ ଜବତ କରିବା ସହ ଗାଡ଼ି ଓ ଦୁଇ ଜଣଙ୍କୁ ଅଟକ ରଖିଛି । ଏକ ମହିନ୍ଦ୍ରା ପିକପ୍ ଗାଡ଼ିରେ ଚାଲାଣ ହେଉଥିଲା । ସାର୍କ ମାଛକୁ ଅରଖକୁଦା ମୁହାଣ ନିକଟରୁ ଧରାଯାଇଥିଲା । ବାହାରକୁ ଚାଲାଣ କରିବାକୁ ବ୍ୟବସ୍ଥା କରାଯାଉଥିଲା । ସାମୁଦ୍ରିକ ମାଛକୁ କାଟି ବରଫ ପେଟିରେ ୧୨ ଖଣ୍ଡ କରି ରଖାଯାଇଥିଲା । ଖବର ପାଇ ବ୍ରହ୍ମଗିରି - ଅରଖକୁଦା ସହଦେବପୁର ରାସ୍ତାରୁ ଗାଡ଼ି ଓ ମାଛ ଜବତ କରିଥିଲା ବନ ବିଭାଗ । ତେବେ ସାର୍କ ମାଛର ମୁଣ୍ଡକୁ ଦୁର୍ବୃତ୍ତମାନେ ଗାଏବ କରିଦେଇଛନ୍ତି । ଚାଲାଣ ହେଉଥିବା ମାଛର ନମୁନା ସଂଗ୍ରହ କରାଯାଇଛି। ଘଟଣାରେ ଅଧିକ ତଦନ୍ତ କରୁଛି ବନ ବିଭାଗ ।

## ପରିବେଶକୁ ପ୍ରଦୂଷିତ କରୁଛି ଚିଙ୍ଗୁଡ଼ି ଘେରି



**କେନ୍ଦ୍ରାପଡା, ୧୩।୪ (ସଂଚାର ବ୍ୟୁରୋ) :** ପରିବେଶ ପ୍ରଦୂଷିତ କରୁଛି କି ଚିଙ୍ଗୁଡି ଚାଷ ? କିଏ କହୁଛି ସତ ? ଚାଷୀ ନା ପରିବେଶବିତ୍ତ ? ଚିଙ୍ଗୁଡି ଚାଷ ଦ୍ୱାରା ପରିବେଶ ପ୍ରଦୂଷିତ ହେବା ସହ ଚାଷ ନଷ୍ଟ ହେଉଥିବା ଅଭିଯୋଗ ହୋଇଆସୁଛି । କେନ୍ଦ୍ରାପଡାରେ ଥିବା ୯ଟି ବ୍ଲକ ମଧ୍ୟରୁ ତିନୋଟି ବ୍ଲକରେ ହେଉଛି ପର୍ଯ୍ୟାପ୍ତ ପରିମାଣର ଚିଙ୍ଗୁଡ଼ି ଚାଷ। ସମୁଦ୍ରର ଲୁଣା ପାଣି ସାଙ୍ଗକୁ ନଦୀ ଓ ନାଳ ପାଣି ନେଇ ଚିଙ୍ଗୁଡ଼ି ଚାଷ କରାଯାଉଥିବା ବେଳେ ଏହି ଚିଙ୍ଗୁଡ଼ି ଚାଷ ଘେରିରୁ ବାହାରୁଥିବା ପାଣି ନଦୀ ଓ ସମୁଦ୍ରରେ ମିଶିବା ଦ୍ୱାରା ପରିବେଶ ପ୍ରଦୂଷିତ ହେଉଛି। ତେବେ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ପ୍ରଶାସନ ଉଚ୍ଛେଦ କରୁଥିବା ବେଳେ ଏହି ଉଚ୍ଛେଦ ବେଳେବେଳେ ପ୍ରହସନ ପାଲଟିଥିବା ଅଭିଯୋଗ ହେଉଛି। ଅନ୍ୟପଟେ ବାହାର ରାଜ୍ୟକୁ ଦାଦନ ଶ୍ରମିକ ଭାବେ ଯାଇ କାମ କରି ଜୀବନ ହାରିବା ଅପେକ୍ଷା ନିଜ ଜମିରେ ଚିଙ୍ଗୁଡ଼ି ଚାଷ କରି ନିଜେ ଆତ୍ମନିର୍ଭର ହେବା ସହ ପରିବାର ଓ ଅନ୍ୟମାନଙ୍କୁ ନିଯୁକ୍ତି ଦିଆ ଯାଇପାରୁଥିବା କୁହନ୍ତି ଚିଙ୍ଗୁଡ଼ି ଚାଷୀ।

# ଭୂତଳ ଜଳ ଉତ୍ତୋଳନ, ଦେଖିବାକୁ କେହି ନାହିଁ

**ଭୁବନେଶ୍ୱର,୧୩।୪:** ଭୂତଳ ଜଳ ଶୋଷିବାପାଇଁ କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡ ଅନୁମତି ପ୍ରଦାନ କରୁଛନ୍ତି । ଅନୁମତିପତ୍ର ଦାଖଲ କରି ବିଲଡରମାନେ ରାଜଧାନୀରେ ବଡ ବଡ ଆପାର୍ଟମେଣ୍ଟ ଛିଡା କରିବା ସହିତ ମନଇଚ୍ଛା ଜଳ ଶୋଷଣ କରୁଛନ୍ତି । ଏମାନଙ୍କ ଦେଖିବାକୁ କେହି ନାହିଁ କିମ୍ବା ଅଭିଯୋଗ ବି ହେଉନାହିଁ। ଅଭିଯୋଗ ହେଲେ କାର୍ଯ୍ୟାନୁଷ୍ଠାନର ବ୍ୟବସ୍ଥା ଥିବା ଦର୍ଶାଇ ସରକାରୀ କଳ ବି ଚୁପ୍ ହୋଇ ବସିଯାଉଛନ୍ତି।



ରାଜଧାନୀରେ ଆପାର୍ଟମେଣ୍ଟ ନିର୍ମାଣ ପାଇଁ ନକ୍ସା ଅନୁମୋଦନ ପାଇବାକୁ ହେଲେ ବିଲଡରମାନଙ୍କୁ ପାନୀୟଜଳ ସଂଯୋଗ ପାଇଁ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ ବିଭାଗରୁ ଆପତ୍ତି ବିହୀନ ପ୍ରମାଣପତ୍ର ଦାଖଲ କରିବାକୁ ହୋଇଥାଏ । ଯେଉଁଠାରେ ପାନୀୟଜଳ ସଂଯୋଗ ନଥାଏ ସେଠାରେ କେନ୍ଦ୍ରୀୟ ଭୂତଳ ଜଳ କର୍ତ୍ତୃପକ୍ଷଙ୍କ ଠାରୁ ଭୂତଳ ଜଳ ଉତ୍ତୋଳନ ଅନୁମତି ଆଣି ଦାଖଲ କରିବାକୁ ହୋଇଥାଏ । ଏହି ଅନୁମତି ନଥିଲେ ବିଲଡରମାନଙ୍କର ଆପାର୍ଟମେଣ୍ଟ ନକ୍ସା ଅନୁମୋଦନ ହୋଇପାରିବ ନାହିଁ ।

ଇତି ମଧ୍ୟରେ ବିଡିଏ କର୍ତ୍ତୃପକ୍ଷ ୧୮୨୨ଟି ଆପାର୍ଟମେଣ୍ଟକୁ ଅନୁମତି ଦେଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ଏମାନଙ୍କ ମଧ୍ୟରୁ ଅଧିକାଂଶ ଭୂତଳ ଜଳ ଅନୁମତିପତ୍ର ଦାଖଲ କରିଛନ୍ତି । ତେବେ ଏମାନେ ଦାଖଲ କରିଥିବା ଅନୁମତି ଅନୁଯାୟୀ ଜଳ ଉତ୍ତୋଳନ କରୁଛନ୍ତି କି ଅଧିକ ଜଳ ଉତ୍ତୋଳନ କରୁଛନ୍ତି ତାହାର ନିରୀକ୍ଷଣ ହେଉନାହିଁ । ଫଳରେ ଶହ ଶହ ଆପାର୍ଟମେଣ୍ଟ ମନଇଚ୍ଛା ଭୂତଳ ଜଳ ଶୋଷିବାରେ ଲାଗିଛନ୍ତି । ଏପରିକି କେତେକ ଆପାର୍ଟମେଣ୍ଟ କର୍ତ୍ତୃପକ୍ଷ ଯୋଗାଉଥିବା ଜଳ ପାଇଁ ହିତାଧିକାରୀଙ୍କ ଠାରୁ ଅର୍ଥ ଆଦାୟ କରୁଥିବାରୁ ଜଳ ଉତ୍ତୋଳନ ଓ ବ୍ୟବହାର ଉପରେ ସେଭଳି କୌଣସି କଟକଣା ନାହିଁ ।

ରାଜ୍ୟର କେତେକ ପ୍ରମୁଖ ୟୁନିଟ୍, ବରମୁଣ୍ଡା, ଚନ୍ଦ୍ରଶେଖରପୁର, ଗାଡକଣ, ରସୁଲଗଡ, ଲକ୍ଷ୍ମୀସାଗର ଆଦି ଅଞ୍ଚଳକୁ ବାଦ ଦେଲେ ଜନସ୍ୱାସ୍ଥ୍ୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ପାଇପ୍ ଜଳ ଯୋଗାଣ ଅନ୍ୟାନ୍ୟ ସ୍ଥାନକୁ ସେଭଳି ସମ୍ପ୍ରସାରଣ ହୋଇନାହିଁ। ସହରର ପରିସୀମା ଯେଭଳି ଭାବେ ବୃଦ୍ଧି ପାଉଛି ସେଠାକୁ ଏତେଶୀଘ୍ର ପାଇପ୍ ଜଳ ଯୋଗାଣ କରିବା ବି ସମ୍ଭବପର ନୁହେଁ। ହଜାର ହଜାର ଆପାର୍ଟମେଣ୍ଟ ଭୂତଳ ଜଳ ଉପରେ ନର୍ଭରଶୀଳ ହେବା ସହିତ ମନଇଚ୍ଛା ଜଳ ଶୋଷଣ କରୁଛନ୍ତି।

କେବଳ ଆପାର୍ଟମେଣ୍ଟ ନୁହନ୍ତି, ଘରୋଇ ଲୋକେ ମଧ୍ୟ ଜଳ ସୁରକ୍ଷା ଦୃଷ୍ଟିରୁ ନିଜ ନିଜ ଘରେ ଭୂତଳ ଜଳ ଉତ୍ତୋଳନ ପାଇଁ ବୋରିଂ କରୁଛନ୍ତି ଏବଂ ଉଚ୍ଚ କ୍ଷମତାସମ୍ପନ୍ନ ମୋଟର ଲଗାଉଛନ୍ତି। ସରକାରଙ୍କ ନଜର ହଟାଇବାପାଇଁ ପାନୀୟଜଳ ସଂଯୋଗ ନେଉଛନ୍ତି । ଏହିସବୁ ଘରୋଇ ଲୋକେ ବି ମନଇଚ୍ଛା ଭୂତଳ ଜଳ ଶୋଷଣ କରୁଛନ୍ତି ।

ରାଜ୍ୟରେ ଯେଉଁ କେତୋଟି ହାତଗଣତି ଅଞ୍ଚଳରେ ଭୂତଳ ଜଳସ୍ତର ଦ୍ରୁତ ବେଗରେ ହ୍ରାସ ପାଇବାରେ ଲାଗିଛି ତାହା ଭିତରେ ଭୁବନେଶ୍ୱର ଓ ଜଟଣୀ ବ୍ଲକ ରହିଛି, ଯେଉଁଠାରେ ପ୍ରତିଦିନ ନୂଆ ନୂଆ ଆପାର୍ଟମେଣ୍ଟ ଓ ଘର ତିଆରି ହେଉଛି ଏବଂ ଭୂତଳ ଜଳ ଉତ୍ତୋଳନ ପାଇଁ କୂପ ଖନନ ଚାଲିଛି । ତେଣୁ ଏହା ଉପରେ ଯଦି କର୍ତ୍ତୃପକ୍ଷ ସତର୍କ ଦୃଷ୍ଟି ନରଖିବେ ତେବେ ଆଉ ବର୍ଷ କେଇଟାରେ ରାଜଧାନୀ ଓ ଏହାର ଆଖପାଖ ଅଞ୍ଚଳରେ ଭୂତଳ ଜଳସ୍ତର ହ୍ରାସ ପାଇବା ସହିତ ହା ହା କାର ଅବସ୍ଥା ସୃଷ୍ଟି ହେବ। ଉଚ୍ଚକ୍ଷମତା ସମ୍ପନ୍ନ ମୋଟର ପାଣି ଉଠାଇବାକୁ ସକ୍ଷମ ହେବେନାହିଁ ଓ ପାଣିପାଇଁ ରାଜଧାନୀରେ ମହାଭାରତ ସ୍ଥିତି ଉପୁଜିବି ବୋଲି ପରିବେଶବିଜ୍ଞାନୀମାନେ ଆକଳନ କରୁଛନ୍ତି । (ତଥ୍ୟ)